RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR

◆VOLUME- 43 ◆ISSUE-42 ◆TUESDAY ◆5 AUGUST 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୪୨ ◆ମଙ୍ଗଳବାର ◆୫ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




## ଓଭାଲରେ ରୋମାଞ୍ଚକ ଲଢ଼େଇ

■ ଓଭାଲ,ଲଣ୍ଡନ, ୪।୮ (ଏଜେନ୍ସି): ଇଂଲଣ୍ଡକୁ ୬ ରନ୍‌ରେ ହରାଇ ଭାରତ ଲଣ୍ଡନର କେନିଂଟନ ଓଭାଲରେ ସୋମବାର ଶେଷ ହୋଇଥିବା ରୋମାଞ୍ଚଭରା ୫ମ ଟେଷ୍ଟରେ ବିଜୟୀ ହୋଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୨-୨ରେ ବରାବର ରହିଛି। ଏହି ସିରିଜ୍‌ର ଲିଡ୍ସରେ ଅନୁଷ୍ଠିତ ପ୍ରଥମ ଓ ଲର୍ଡ୍ସରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଏଜ୍‌ବାଷ୍ଟନରେ ଅନୁଷ୍ଠିତ ଦ୍ୱିତୀୟ ଓ ଏଠାରେ ଅନୁଷ୍ଠିତ ୫ମ ଟେଷ୍ଟରେ ଭାରତ ବିଜୟୀ ହୋଇଛି।

### ଶେଷ ଟେଷ୍ଟ ଜିତି ସିରିଜ୍ ବରାବର କଲା ଭାରତ

**ସିରାଜ ପ୍ଲେୟାର ଅଫ୍ ଦି ମ୍ୟାଚ୍**

**ଗିଲ୍ ଓ ରୁଟ୍ ପ୍ଲେୟାର୍ ଅଫ୍ ଦି ସିରିଜ୍**

ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟର ଫଳାଫଳ ମିଳି ପାରି ନ ଥିଲା। ଶେଷଥର ଲାଗି ଇଂଲଣ୍ଡ ୨୦୧୮ ଘରୋଇ ଟେଷ୍ଟ ସିରିଜ୍‌ରେ ଭାରତକୁ ହରାଇଥିଲା। ଏହି ଟେଷ୍ଟ ବୋଲରଙ୍କ ନିୟନ୍ତ୍ରଣରେ ରହିଥିଲାବେଳେ ଭାରତ ଘରୋଇ ଦଳକୁ ଏହି ଟେଷ୍ଟ ଜିତିବା ଲାଗି ୩୭୪ ରନ୍‌ର ଟାର୍ଗେଟ ଦେଇଥିଲା। ଏହି ଟାର୍ଗେଟକୁ ପିଛା କରି ହ୍ୟାରୀ ବ୍ରୁକ୍ ଓ ଜୋ ରୁଟ୍ ୧୯୫ ରନ୍‌ର ପାର୍ଟନରସିପ୍ ବଳରେ ଦଳକୁ ବିଜୟର ନିକଟବର୍ତ୍ତୀ କରାଇଥିଲେ। କିନ୍ତୁ ଏମାନଙ୍କ ଆଉଟ ପରେ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩୬୭ ରନ୍ କରି ଅଲଆଉଟ ହେବା ଫଳରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ରୋମାଞ୍ଚଭରା ▶ପୃଷ୍ଠା-୭

# ପୁଣି ତେଜିଲା 'ବେଞ୍ଚ' ରାଜନୀତି

■ ଭୁବନେଶ୍ୱର, ୪।୮ (ସମିସ): ମହାରାଷ୍ଟ୍ରର କୋହ୍ଲାପୁରଠାରେ ଆଉ ଏକ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ଆସନ୍ତା ଅଗଷ୍ଟ ୧୮ ତାରିଖରୁ ଏହି ନୂଆ ବେଞ୍ଚ କାର୍ଯ୍ୟକ୍ଷମ ହେବ। ଏହାକୁ ମିଶାଇ ମହାରାଷ୍ଟ୍ରରେ ହାଇକୋର୍ଟର ବେଞ୍ଚ ସଂଖ୍ୟା ୪ରେ ପହଞ୍ଚିବ। ମହାରାଷ୍ଟ୍ରରେ ନୂଆ ବେଞ୍ଚ ପ୍ରତିଷ୍ଠାକୁ କେନ୍ଦ୍ର ଅନୁମତି ପରେ ପଶ୍ଚିମ ଓଡ଼ିଶାରେ ପୁଣିଥରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜନୀତି ଜୋର୍ ଧରିଛି। ଯଦି ମହାରାଷ୍ଟ୍ରରେ ନୂଆ ବେଞ୍ଚ ପ୍ରତିଷ୍ଠା ପାଇଁ ଅନୁମତି ଦିଆଗଲା, ତେବେ ଓଡ଼ିଶାରେ ଆଉ ଗୋଟାଏ ବେଞ୍ଚ ସ୍ଥାପନ ପାଇଁ କାହିଁକି ସରକାର ନିରବ ରହିଛନ୍ତି ବୋଲି ପଶ୍ଚିମଓଡ଼ିଶାର ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ମହାରାଷ୍ଟ୍ରରେ ଆଉ ଏକ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ରର ଅନୁମତି

**ଓକିଲଙ୍କ କୋର୍ଟକୁ ବଲ୍ ଗଡ଼ାଇଦେଲେ ରାଜସ୍ୱ ମନ୍ତ୍ରୀ**

**ସରକାରଙ୍କ ଆଭିମୁଖ୍ୟ ଦୁର୍ଭାଗ୍ୟଜନକ: ବିଜେଡି**

**ଜିଲ୍ଲା ମଧ୍ୟରେ ଲଢ଼େଇ ଲଗାଉଛନ୍ତି ସରକାର: କଂଗ୍ରେସ**



**ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ୨ ଥର ଚିଠି ଲେଖିଥିଲେ ନବୀନ**

ରାଜ୍ୟରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି। 'ବେଞ୍ଚ' ଦାବିରେ ପଶ୍ଚିମ ଓଡ଼ିଶାରେ ଦୀର୍ଘବର୍ଷ ଧରି ନିରବଚ୍ଛିନ୍ନ ଆନ୍ଦୋଳନ ମଧ୍ୟ ହୋଇଛି। କିନ୍ତୁ ଡିଜିଟାଲ ଯୁଗରେ ହାଇକୋର୍ଟ ବେଞ୍ଚରଆବଶ୍ୟକତା ନ ଥିବା ନେଇ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ଆଧାରରେ ଅତୀତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି କରାଯାଇଛି। ତେବେ ଗତ ନିର୍ବାଚନ ବେଳେ ରାଜ୍ୟରେ କ୍ଷମତାକୁ ଆସିଲେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି। ଏବେ ମହାରାଷ୍ଟ୍ରରେ ନୂଆ ବେଞ୍ଚ ସ୍ଥାପନ ପାଇଁ କେନ୍ଦ୍ରୀୟ ଅନୁମତି ମିଳିବା ପରେ ପଶ୍ଚିମ ଓଡ଼ିଶାରେ ଏହି ଦାବି ଜୋର୍ ଧରିଛି। ଗତକାଲି ବଲାଙ୍ଗୀର ଓକିଲ ସଂଘ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ ଉଠାଇଥିବାବେଳେ ଆଜି ସମ୍ବଲପୁରରେ ମଧ୍ୟ ଏ ସଂକ୍ରାନ୍ତରେ ଦାବି ହୋଇଛି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ବହୁ ପୁରୁଣା। ଦୀର୍ଘ ଦିନ ଧରି ସ୍ଥାନୀୟ ସାମାଜିକ ସଙ୍ଗଠନ, ଆଇନଜୀବୀ ଏହି ଦାବିକୁ ଦୋହରାଇ ଆସୁଛନ୍ତି। ପ୍ରତି ମାସର ଶେଷ ସପ୍ତାହରେ ଅଦାଲତ ବନ୍ଦ କରି ବେଞ୍ଚ ସ୍ଥାପନ ପାଇଁ ମଧ୍ୟ ଏକ ସମୟରେ ଦାବି କରାଯାଉଥିଲା। ସ୍ଥାନୀୟ ଜନସାଧାରଣ ଓ ଆଇନଜୀବୀଙ୍କ ଦାବିକୁ ଦୃଷ୍ଟିରେ ରଖି ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ସେପ୍ଟେମ୍ବର ୫ ଓ ୨୦୧୯ ଜାନୁଆରୀ ୧୧ ତାରିଖରେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ପଶ୍ଚିମ ଓଡ଼ିଶାରେ ବେଞ୍ଚ ସ୍ଥାପନ ପାଇଁ ଅନୁରୋଧ କରିଥିଲେ।

ବିଜେଡି ସାଂସଦମାନେ ଅତୀତରେ ଲୋକସଭା ଓ ରାଜ୍ୟସଭାରେ ମଧ୍ୟ ଏ ସଂକ୍ରାନ୍ତରେ ଦାବି ସହ ସରକାରଙ୍କ ଉତ୍ତର ଲୋଡିଥିଲେ। ମାତ୍ର ଏଯାଏ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ଏବେ ରାଜ୍ୟରେ ବେଞ୍ଚ ଦାବି ପୁଣି ଜୋର ଧରିବା ଆରମ୍ଭ କରିଥିବାବେଳେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସାପ ମରିବନି କି ବାଡ଼ି ଭାଙ୍ଗିବନି ପରି ରକ୍ଷଣାତ୍ମକ ମନ୍ତବ୍ୟ ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ସ୍ଥାୟୀ ବେଞ୍ଚ ଗଠନ ପାଇଁ ବିଭିନ୍ନ ରାଜ୍ୟରେ ଦାବି ହେଉଛି। ଏହା ସପକ୍ଷରେ ଆମେ କାଲି ଥିଲୁ; ଆଜି ମଧ୍ୟ ରହିଛୁ। ଓଡ଼ିଶାରେ ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳରେ ଏହି ବେଞ୍ଚ ପ୍ରତିଷ୍ଠା ପାଇଁ ମଧ୍ୟ ବଡ଼ ଆନ୍ଦୋଳନ ହୋଇଛି। ମାତ୍ର ଏଥିରେ ଯେଉଁ ବ୍ୟବସ୍ଥା ରହିଛି, ସେଥିରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ରାଜ୍ୟପାଳଙ୍କ ମତାମତର ବଡ଼ ଭୂମିକା ରହିଛି। ଯଦି ବେଞ୍ଚ ପ୍ରତିଷ୍ଠା ପାଇଁ ଏକ ସାମଗ୍ରିକ ପ୍ରସ୍ତାବ ଯାଆନ୍ତା, ତାହେଲେ କେନ୍ଦ୍ର ସରକାର ତାହାକୁ ବିଚାର କରନ୍ତେ। ମାତ୍ର ଏଯାଏଁ କେବେବି ଏକ ସାମଗ୍ରିକ ପ୍ରସ୍ତାବ ଯାଇନାହିଁ। ଯେଉଁ ଓକିଲ ସଂଘ ଅଛନ୍ତି, ସେମାନେ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା କଥା ନ କହି ସହମତି ଭିତ୍ତିରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ କଥା ଉଲ୍ଲେଖ କରନ୍ତେ, ତାହେଲେ ବେଞ୍ଚ ପ୍ରତିଷ୍ଠା ଆହୁରି ସୁବିଧା ହୁଅନ୍ତା। ମୁଁ ଏନେଇ ଉଭୟ ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାର ଓକିଲଙ୍କ ସହ ସମ୍ପର୍କରେ ଅଛି। କେଉଁଠାରେ ବେଞ୍ଚ ପ୍ରତିଷ୍ଠା ହେବ ସେନେଇ ଥରେ ସେମାନଙ୍କ ମଧ୍ୟରେ ସହମତି ଆସିଗଲେ, ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ▶ପୃଷ୍ଠା-୭

### ମହିଳା କର୍ମଚାରୀଙ୍କ ପାଇଁ ନୂଆ ମାର୍ଗଦର୍ଶିକା

# ସ୍ୱ-ଘୋଷଣାନାମା ଦେଇ କରିପାରିବେ ରାତି ଡ୍ୟୁଟି

■ ଭୁବନେଶ୍ୱର, ୪।୮ (ସମିସ): ଏଣିକି ରାଜ୍ୟରେ ମହିଳାମାନେ ରାତିରେ ନିଜ କାର୍ଯ୍ୟସ୍ଥଳରେ କାମ କରିବା ପାଇଁ 'ସ୍ୱ-ଘୋଷଣାନାମା' ଦେବେ। ରାତି ସିଫ୍ଟରେ କାମ କରିବାରେ ସେମାନଙ୍କୁ କେହି ବାରଣ କରିବେ ନାହିଁ; ମାତ୍ର ଏଥିପାଇଁ ସେମାନଙ୍କୁ ଘୋଷଣାନାମା ଦେବାକୁ ପଡ଼ିବ। ରାଜ୍ୟ ଶ୍ରମ ବିଭାଗ ଜାରି ହୋଇଥିବା ଏହି ମାର୍ଗଦର୍ଶିକାକୁ ନେଇ ଏବେ ସୃଷ୍ଟି ହୋଇଛି ବିବାଦ। ମହିଳାମାନଙ୍କୁ ସୁରକ୍ଷା ଦେବାରେ ସରକାର ଅସମର୍ଥ ହୋଇଛନ୍ତି ଓ ଏଥିପାଇଁ ସେମାନଙ୍କଠାରୁ ସ୍ୱ-ଘୋଷଣାନାମା ନେବା ବ୍ୟବସ୍ଥା କରାଯାଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ପୂର୍ବରୁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସନ୍ଧ୍ୟା ପରେ ମହିଳାମାନଙ୍କୁ କ୍ୟାମ୍ପସ ମନା ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଯଦିଓ ତାହାକୁ ପରେ ପ୍ରତ୍ୟାହାର କରାଯାଇଛି। ଏବେ ପୁଣି ନିଜ କାର୍ଯ୍ୟସ୍ଥଳରେ ମହିଳାମାନେ ସୁରକ୍ଷିତ ନୁହନ୍ତି ବୋଲି ସରକାର ନିଜେ ସ୍ୱୀକାର କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ଶ୍ରମ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ରାତି ସିଫ୍ଟରେ କାମ କରିବା ପାଇଁ ମହିଳା କର୍ମଚାରୀଙ୍କ ଲିଖିତ ସମ୍ମତି ନେବା ବାଧ୍ୟତାମୂଳକ। ଏହାସହିତ ଗୋଟିଏ ସିଫ୍ଟରେ ଅତି କମରେ ତିନିଜଣ ମହିଳା କର୍ମଚାରୀ ରହିବା ଦରକାର। ଏହାସହିତ ମହିଳାମାନଙ୍କୁ ସେମାନଙ୍କ ବାସସ୍ଥାନ ନିକଟରୁ ଆଣିବା ଓ ଛାଡ଼ିବା ପାଇଁ ଜିପିଏସ ଟ୍ରାକିଂ ସିଷ୍ଟମ୍ ସହିତ ସୁରକ୍ଷିତ ପରିବହନ ସୁବିଧା ▶ପୃଷ୍ଠା-୭



**ପୁରୁଷ ଓ ମହିଳାଙ୍କ ମଧ୍ୟରେ ତାରତମ୍ୟ କମିବ: ଶ୍ରମ ମନ୍ତ୍ରୀ**

**ଘୋଷଣାନାମାର ଅର୍ଥ ମହିଳା ନିଜ ସୁରକ୍ଷା ନିଜେ କରିବେ: ପ୍ରମିଳା**

# ପରଲୋକରେ ଦିଶୋମ୍ ଗୁରୁଜୀ

■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ରାଜ୍ୟସଭା ସାଂସଦ, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର ପ୍ରତିଷ୍ଠାତା ଶିବୁ ସୋରେନଙ୍କ ସୋମବାର ପରଲୋକ ହୋଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ବ୍ରେନ ଷ୍ଟ୍ରୋକ୍ ହେବା ପରେ ତାଙ୍କ ଶରୀରର ବାମ ପାର୍ଶ୍ୱ କାମ କରୁ ନ ଥିଲା। ସେ ଗତ ମାସେ ହେଲା ସେ ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ 'ଲାଇଫ ସପୋର୍ଟ ସିଷ୍ଟମ'ରେ ଥିଲେ। ସ୍ନାୟୁ ହୃଦ୍‌ରୋଗ ଏବଂ କିଡ୍‌ନୀ ରୋଗ ବିଶେଷଜ୍ଞଙ୍କ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଥିଲେ। ତେବେ ଆଜି ସକାଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପୂର୍ବରୁ ସୋରେନ ବୃକକ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ମଧୁମେହ ମଧ୍ୟ ଥିଲା। ତାଙ୍କ ହୃତ୍‌ପିଣ୍ଡର ବାଇପାସ୍ ସର୍ଜରୀ ମଧ୍ୟ କରାଯାଇଥିଲା।



**ଶିବୁ ସୋରେନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ**

**ନବୀନଙ୍କ ଶୋକ**

ସୋରେନଙ୍କ ପାର୍ଥିବ ଶରୀର ଦିଲ୍ଲୀରୁ ରାଞ୍ଚି ନିଆଯାଇଛି। ରାମଗଡ଼ ନମେରା ଗ୍ରାମରେ ଆସନ୍ତାକାଲି ତାଙ୍କ ଅନ୍ତିମ ସଂସ୍କାର ହେବ। ସୋରେନଙ୍କ ମୃତ୍ୟୁକୁ ନେଇ ଝାଡ଼ଖଣ୍ଡରେ ତିନି ଦିନିଆ ଶୋକ ଘୋଷଣା କରାଯାଇଛି।

ତାଙ୍କ ପରଲୋକ ଖବର ପାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହସ୍ପିଟାଲରେ ପହଞ୍ଚି ▶ପୃଷ୍ଠା-୭

**ସୌମ୍ୟାଶ୍ରୀ ଆତ୍ମଦାହ**

# ନିଜ ଖାତରେ ପଡ଼ିଲା ବିଜେପି ଛାତ୍ର ସଂଗଠନ

■ ଭୁବନେଶ୍ୱର, ୪।୮ (ସମିସ): ବହୁ ଚର୍ଚ୍ଚିତ ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଦୁଇଜଣ କାର୍ଯ୍ୟକର୍ତ୍ତାଙ୍କୁ ବାନ୍ଧିଛି କ୍ରାଇମ୍‌ବ୍ରାଞ୍ଚ। ଷଡ଼ଯନ୍ତ୍ର ଅଭିଯୋଗରେ ଏବିଭିପି ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ଛାତ୍ର ଶୁଭ୍ରସମ୍ବିତ ନାୟକ ଓ ଜ୍ୟୋତିପ୍ରକାଶ ବିଶ୍ୱାଳ ଗିରଫ ହୋଇଛନ୍ତି। ସେମାନଙ୍କ ଗିରଫଦାରୀ ଛାତ୍ରୀ ମୃତ୍ୟୁ ଘଟଣାରେ ଏବିଭିପିର ପ୍ରତ୍ୟକ୍ଷ ସମ୍ପୃକ୍ତିକୁ ପଦାରେ ପକାଇ ଦେଇଛି। ଫଳରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଜୋରସୋର୍‌ରେ ପ୍ରସ୍ତୁତି ଆରମ୍ଭ କରିବାକୁ ପ୍ରୟାସ କରୁଥିବା ଏହି ଛାତ୍ର ସଂଗଠନ ପାଇଁ ଶକ୍ତ ଧକ୍କା ଲାଗିଛି। ଛାତ୍ରୀଙ୍କ ଜୀବନକୁ ବାଜି ଲଗାଇ ନିର୍ବାଚନ ପାଇଁ ସଜବାଜ ହେଉଥିବା ଏବିଭିପି ନିଜେ ଖୋଳିଥିବା ଗାତରେ ପଡ଼ିଥିବା ଚର୍ଚ୍ଚା ଜୋର ଧରିଛି। ଏହାସହ ଛାତ୍ର ସଂସଦ ନିର୍ବାଚନର ଭାଗ୍ୟ ଅନ୍ଧାରକୁ ଠେଲି ହୋଇଯାଇଛି।

**ଘଟଣା ପଛରେ ପୁଲିସର ଷଡ଼ଯନ୍ତ୍ର: ଏବିଭିପି**

**ଆଶା-ଆଶଙ୍କାରେ ଛାତ୍ର ସଂସଦ ନିର୍ବାଚନ**

ଏବିଭିପିର ଦୁଇ କାର୍ଯ୍ୟକର୍ତ୍ତା ଗିରଫ ହେବା ପରେ ଓଡ଼ିଶା ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ଉପରେ ଖପ୍ପା ହୋଇଛି ସଂଗଠନ। ଦଳୀୟ ମନୋଭାବ ନେଇ କାର୍ଯ୍ୟ କରିବା ସହ ରାଜନୈତିକ ଗଡ଼ଫାଦରଙ୍କୁ ବଞ୍ଚାଇବାକୁ ପୁଲିସ ପ୍ରୟାସ କରୁଥିବା ଏବିଭିପି ଅଭିଯୋଗ ଆଣିଛି। ଏପରିକି ଘଟଣାରେ ସରକାର ଓ ପ୍ରଶାସନକୁ ଘଟଣା ପାଇଁ ସିଧାସଳଖ ଦାୟୀ କରିଛି। ଗିରଫଦାରୀକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛି। ହେଲେ ପୁଲିସକୁ ବ୍ୟବହାର କରି କେଉଁ ରାଜନୈତିକ ଦଳ ଏହି ଷଡ଼ଯନ୍ତ୍ରରେ ଲିପ୍ତ, ସେ ନେଇ ସ୍ପଷ୍ଟ କରିନାହିଁ। ପରୋକ୍ଷରେ ଏହା ଶାସକ ବିଜେପିକୁ ଏବିଭିପିର ନିଶାଣା ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଅପରପକ୍ଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ▶ପୃଷ୍ଠା-୭

## ଆତ୍ମଦାହ ପାଇଁ ପ୍ରବର୍ତ୍ତାଇଥିଲେ ଗିରଫ ଏବିଭିପି ନେତା

■ ବାଲେଶ୍ୱର, ୪।୮ (ସମିସ): ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ଗତରାତିରେ କ୍ରାଇମବ୍ରାଞ୍ଚ ୨ ଛାତ୍ରଙ୍କୁ ଗିରଫ କରିବା ପରେ ଘଟଣାରେ ନୂଆ ମୋଡ଼ ଆସିଛି। ଗିରଫଦ୍ୱୟ ହେଲେ, ସୌମ୍ୟାଶ୍ରୀଙ୍କୁ ଆତ୍ମଦାହ ବେଳେ ରକ୍ଷା କରିଥିବା ଛାତ୍ର ଜ୍ୟୋତି ପ୍ରକାଶ ବିଶ୍ୱାଳ ଓ ଅନ୍ୟ ଜଣେ ପୂର୍ବତନ ଛାତ୍ର ଶୁଭ୍ରସମ୍ବିତ ନାୟକ। ଦୁହେଁ ଏବିଭିପି ସଂଗଠନ ସହ ଜଡ଼ିତ। ସେମାନଙ୍କ ମଧ୍ୟରୁ ଶୁଭ୍ରସମ୍ବିତ ଏବିଭିପିର ରାଜ୍ୟ ଯୁଗ୍ମ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ରହିଛନ୍ତି। କ୍ରାଇମବ୍ରାଞ୍ଚ ଦୁହିଁଙ୍କୁ ଗତରାତିରେ ବାଲେଶ୍ୱର ଏସ୍‌ଡିଜେଏମ୍ ▶ପୃଷ୍ଠା-୭

**କୋର୍ଟରେ ନୂଆ ପ୍ରମାଣ ଦାଖଲ କଲା କ୍ରାଇମବ୍ରାଞ୍ଚ**

**ଲାବ୍ ଟେଷ୍ଟିଂ ପାଇଁ ମାଗିଲା ଅନୁମତି**

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

# ମହିଳା ଡାଟା ଏଣ୍ଟ୍ରି ଅପରେଟର୍‌ଙ୍କୁ ଜେରା

■ କଟକ, ୪।୮ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଅଧିକ ଅନୁସନ୍ଧାନ ଜାରି ରହିଛି। ଏହି ଘଟଣାରେ ବୋର୍ଡ ଉପସଭାପତି ନୀହାର ରଂଜନ ମହାନ୍ତିଙ୍କ ଗିରଫଦାରୀ ପରେ ଶ୍ରୀ ମହାନ୍ତିଙ୍କ ସହ ଗତ କିଛି ଦିନ ଧରି ବୋର୍ଡ କାର୍ଯ୍ୟାଳୟର ଆଉ କେଉଁମାନେ ଅଧିକ ସମ୍ପର୍କରେ ଥିଲେ, ତାହାର ଖୋଳତାଡ଼ ଜାରି ରହିଛି। ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ବୋର୍ଡ କାର୍ଯ୍ୟାଳୟର ଆଉ ଜଣେ ମହିଳା ଡାଟାଏଣ୍ଟ୍ରି ଅପରେଟରଙ୍କୁ ଜେରା କରାଯାଇଛି। ସମ୍ପୃକ୍ତ ମହିଳା ଡାଟାଏଣ୍ଟ୍ରି ଅପରେଟର୍‌ଙ୍କ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ କି ଭୂମିକା ରହିଥିଲା, ଉପ-ସଭାପତିଙ୍କ ଲାପଟପକୁ ସେ ବ୍ୟବହାର କରିଥିଲେ କି ନାହିଁ; ସେ ସମ୍ପର୍କରେ ତାଙ୍କୁ ପଚରାଉଚରା କରାଯାଇଛି। ଅପରପକ୍ଷେ, ପ୍ରଶ୍ନପତ୍ର ପ୍ରଘଟ ଘଟଣାର ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ନୀହାର ରଂଜନ ▶ପୃଷ୍ଠା-୭

**୩ଜଣଙ୍କୁ ରିମାଣ୍ଡରେ ଆଣି ଅଧିକ ଖୋଳତାଡ଼ କରିବ କ୍ରାଇମବ୍ରାଞ୍ଚ**

**ଉପସଭାପତିଙ୍କ ଅର୍ଥ କାରବାର ତଥ୍ୟ ଦେବାକୁ ୩ ବ୍ୟାଙ୍କକୁ ଚିଠି**

OTET

### ସନ୍ଦେହଘେରରେ ସଭାପତିଙ୍କ ଭୂମିକା

■ ଭୁବନେଶ୍ୱର, ୪।୮ (ସମିସ): ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଉପ-ସଭାପତିଙ୍କ ସମେତ ୮ ଜଣ ଗିରଫ ହୋଇଛନ୍ତି। ଏହି ସମୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଭେଟିଛନ୍ତି। ଲୋକସେବା ଭବନରେ ସୋମବାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ଆଲୋଚନା କରିଛନ୍ତି। ▶ପୃଷ୍ଠା-୭

### ହାତବାନ୍ଧି ବସିଛି ଗଣଶିକ୍ଷା ବିଭାଗ

■ ଭୁବନେଶ୍ୱର, ୪।୮ (ସମିସ): ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇଥିବା ଅଧିକାରୀ ଓ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ ବା ପ୍ରଶାସନିକ କାର୍ଯ୍ୟନୁଷ୍ଠାନ ଗ୍ରହଣରେ ଗଣଶିକ୍ଷା ବିଭାଗର ପଛଘୁଞ୍ଚାକୁ ନେଇ ପ୍ରଶ୍ନ ଉଠିଛି। ପ୍ରଶ୍ନପତ୍ର ପ୍ରଘଟ ହେବା ଜାଣିବା ପରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ହେବା କଥା। ହେଲେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏପରିକି ଗିରଫ ହୋଇ ଜେଲ ଯାଇଥିବା ସତ୍ତ୍ୱେ ଖୋଦ୍ ବୋର୍ଡ ଉପ-ସଭାପତି ଶ୍ରୀ ମହାନ୍ତିଙ୍କୁ ସରକାର ନିଲମ୍ବନ ମଧ୍ୟ କରାଯାଇ ନାହିଁ। ଅନୁରୂପ ଭାବେ ପରୀକ୍ଷା ପରିଚାଳନାରେ ମୁଖ୍ୟ ଦାୟିତ୍ୱରେ ଥିବା ବୋର୍ଡ ମୁଖିଆ ଶ୍ରୀକାନ୍ତ ତରାଇଙ୍କ ବିରୋଧରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏଣୁ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେଉନାହିଁ ଏବଂ କିଏ ଓ କାହିଁକି ଅଭିଯୁକ୍ତଙ୍କୁ ଘୋଡ଼ାଉଛି ବୋଲି ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି।

# ଦୋକାନୀଙ୍କୁ ବୋମାମାଡ଼ କରି ଲୁଟିଲେ ୧୦ ଲକ୍ଷର ଅଳଙ୍କାର

■ ନିଶ୍ଚିନ୍ତକୋଇଲି, ୪।୮ (ସମିସ): ସୋମବାର ବିଳମ୍ବିତ ରାତ୍ରିରେ ନିଶ୍ଚିନ୍ତକୋଇଲି ଥାନା ଅଧୀନ ଅସୁରେଶ୍ୱର ବଜାରରେ ଏକ ବଡ଼ଧରଣର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ବ୍ୟାଙ୍କ ଛକ ରାସ୍ତା ଉପରେ ଜଣେ ଗହଣା ବ୍ୟବସାୟୀଙ୍କୁ ଆକ୍ରମଣ କରିବା ସହ ବୋମାମାଡ଼ କରି ୧୦ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଗହଣା ଲୁଟି ନେଇଛନ୍ତି।

ସୂଚନାନୁଯାୟୀ, ଆଜି ରାତି ପ୍ରାୟ ୯ଟାରେ ଅସୁରେଶ୍ୱର ବଜାରରେ ଥିବା ମହାବୀର ଜୁଏଲାର୍ସର ମାଲିକ ନିରଞ୍ଜନ ସାହୁ ଦୋକାନ ବନ୍ଦ କରି ବାଇକ୍‌ରେ ଘରକୁ ଫେରୁଥିଲେ। ଦୋକାନଠାରୁ ୫ଶହ ମିଟର ଦୂରରେ ହଠାତ୍ ୪ ଜଣ ଦୁର୍ବୃତ୍ତ ତାଙ୍କ ଗାଡ଼ି ସମ୍ମୁଖକୁ ଚାଲି ଆସିଥିଲେ। ଦୁଇଜଣ ଦୁର୍ବୃତ୍ତ ଶ୍ରୀ ସାହୁଙ୍କୁ ମାଡ଼ିବସି ଆକ୍ରମଣ କରିଥିଲେ। ଅନ୍ୟ ୨ଜଣ ଦୁର୍ବୃର୍ତ୍ତ ଲୋକଙ୍କୁ ଭୟଭୀତ କରିବା ପାଇଁ ବଜାର ଉପରକୁ ବୋମାମାଡ଼ କରିଥିଲେ। ବୋମା ବିସ୍ଫୋରଣ ଶବ୍ଦ ଶୁଣି ବଜାରରେ ଥିବା ଅନ୍ୟ ବ୍ୟବସାୟୀମାନେ ଭୟରେ କେହି ବି ଶ୍ରୀ ସାହୁଙ୍କୁ ଉଦ୍ଧାର ପାଇଁ ଆସିପାରି ନଥିଲେ। ▶ପୃଷ୍ଠା-୭





ଚଳନ୍ତା ବସ୍‌ରେ ହୃଦ୍‌ଘାତ୍‌ରେ ମହିଳା ମୃତ

## ଦେହରେ ଲାଗିଥିଲା ୨୬ ଆଇ ଫୋନ୍

ସାଓପାଓଲୋ, ୪।୮ (ଏଜେନ୍ସି): ବ୍ରାଜିଲ ପରାନାର ଗୁଆରାପୁଆଭା ସହରରୁ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି । ବସ୍‌ରେ ଯାତ୍ରା କରୁଥିବା ଜଣେ ୨୦ ବର୍ଷୀୟା ମହିଳା ଅଚାନକ ଚେତା ହରାଇବାର କିଛି ସମୟ ପରେ ମୃତ୍ୟୁବରଣ କରିଛନ୍ତି । କିନ୍ତୁ ଏହାପରେ ଯାହା ହୋଇଥିଲା ତାହା ଅତ୍ୟନ୍ତ ରହସ୍ୟମୟ ଥିଲା । ମୃତ୍ୟୁ ପରେ ମହିଳାଙ୍କ ଶରୀର ଯାଞ୍ଚ କରାଯାଇଥିଲା ଓ ତାଙ୍କ ଶରୀରରେ ୨୬ଟି ଆଇ ଫୋନ୍ ଲାଗିଥିବାର ଦେଖି ଅଧିକାରୀ ମାନେ ଚକିତ ହୋଇଥିଲେ । ଜୁଲାଇ ୨୯ରେ ଏହି ଘଟଣା ଘଟିଥିଲା । ସେ ଏହି ଆଇ ଫୋନ୍‌ଗୁଡିକୁ କେତୋଟି ପ୍ୟାକେଟ୍‌ରେ ଟେପ୍ ଜରିଆରେ ଶରୀରରେ ଲଗାଇ ରଖିଥିଲେ । ପ୍ୟାକେଟଗୁଡିକୁ ଖୋଲିବା ପରେ ଆଇ ଫୋନ୍‌ଗୁଡିକୁ ଦେଖିବାକୁ ମିଳିଥିଲା । ଶରୀରର ଭିନ୍ନ ଭିନ୍ନ ଭାଗରେ ଆଇ ଫୋନ୍‌ଗୁଡିକ ଲାଗି ରହିଥିଲା । ପୁଣି ଏହି ମହିଳାଙ୍କ ବ୍ୟାଗରେ ଥିବା କେତୋଟି ମଦ ବୋତଲ ଜବତ କରାଯାଇଛି । ଏହି ମହିଳାଙ୍କ ପରିଚୟ ମିଳିପାରିନାହିଁ । ସେ ଏହି ଆଇ ଫୋନଗୁଡିକର ଚୋରା ଚାଲାଣ କରୁଥିଲେ ବୋଲି ପୁଲିସ ଅଧିକାରୀମାନେ ସନ୍ଦେହ କରୁଛନ୍ତି । ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି ।

## ୟୁକ୍ରେନ ସେନାରେ ମହିଳାଙ୍କ ସଂଖ୍ୟା ଦ୍ୱିଗୁଣିତ

କିଭ୍, ୪।୮ (ଏଜେନ୍ସି): ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଜାରି ରହିଥିବା ବେଳେ ୟୁକ୍ରେନ ସେନାରେ ମହିଳାଙ୍କ ଭାଗିଦାରୀ ଦ୍ରୁତଗତିରେ ବଢ଼ିଛି । ଗତ ସାଢ଼େ ୩ବର୍ଷରେ ସେନାରେ ମହିଳାଙ୍କ ସଂଖ୍ୟା ବୃଦ୍ଧିପାଇ ଏକ ଲକ୍ଷରେ ପହଞ୍ଚିଛି । ଯୁଦ୍ଧ ଆରମ୍ଭ ହେବା ପରେ ମହିଳାମାନେ ନିଜେ ସେନାରେ ଯୋଗ ଦେବାକୁ ଆଗେଇ ଆସିଛନ୍ତି । ରୁଷ୍ ବିପକ୍ଷ ଯୁଦ୍ଧରେ ଏବେ ୫ ହଜାର ମହିଳା ସମ୍ମୁଖରେ ଲଢ଼େଇ ଜାରି ରଖିଛନ୍ତି ବୋଲି ୟୁକ୍ରେନ ସେନାବାହିନୀ ତରଫରୁ କୁହାଯାଉଛି । ଏହି ମହିଳା ଯୋଦ୍ଧାମାନେ ଡ୍ରୋନ୍‌ଠାରୁ ଆରମ୍ଭ କରି ତୋପ ମଧ୍ୟ ସଞ୍ଚାଳନ କରୁଛନ୍ତି । ସେହିପରି ଏମାନେ ମେଡିକାଲ ସହାୟତା ଓ ଫ୍ରଣ୍ଟ ଲାଇନ୍ ଟ୍ରାନ୍ସପୋର୍ଟରେ ନିୟୋଜିତ ରହିଛନ୍ତି । ୨୦୨୨ରେ ରୁଷିଆର ଆକ୍ରମଣ ପୂର୍ବରୁ ୟୁକ୍ରେନ ସେନାରେ ୧୫ ପ୍ରତିଶତ ମହିଳା ଥିଲେ । ଏବେ ମହିଳାଙ୍କ ସଂଖ୍ୟା ଦୁଇଗୁଣା ଅର୍ଥାତ ୩୦ ପ୍ରତିଶତରେ ପହଞ୍ଚିଛି । ଯୁଦ୍ଧରେ ମହିଳାଙ୍କୁ ନୂଆ ଭୂମିକା ଦେବାକୁ ସେନା ପ୍ରସ୍ତୁତି କରୁଛି ବୋଲି କୁହାଯାଇଛି ।

## ଦିଲ୍ଲୀରେ କଂଗ୍ରେସ ସାଂସଦଙ୍କ ସୁନା ଚେନ୍ ଲୁଟ୍



ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଦିଲ୍ଲୀରେ କଂଗ୍ରେସ ସାଂସଦ ସୁଧା ରାମକ୍ରିଷ୍ଣନ୍‌ଙ୍କ ବେକରୁ ସୁନା ଚେନ୍ ଛଡାଇ ନେବାର ମାମଲା ସାମ୍ନାକୁ ଆସିଛି । ଏହି ଘଟଣା ସୋମବାର ସକାଳ ୬.୧୫ରୁ ୬.୨୦ ମଧ୍ୟରେ ତାମିଲନାଡୁ ଭବନ ନିକଟରେ ଘଟିଛି । ଚାଣକ୍ୟପୁରୀସ୍ଥିତ ପୋଲାଣ୍ଡ ଦୂତାବାସର ୩ ଓ ୪ ନଂ ଗେଟ୍ ସାମ୍ନାରେ ସୁଧା ଡିଏମ୍‌କେ ସାଂସଦ ରଜତୀଙ୍କ ସହ ପ୍ରାତଃଭ୍ରମଣ କରୁଥିବାବେଳେ ସ୍କୁଟିରେ ଆସି ଜଣେ ଲୁଟେରା ଏହି କାଣ୍ଡ ଘଟାଇଛି । ଲୁଟେରା ମୁହଁକୁ କପଡ଼ାରେ ଲୁଚାଇଥିଲା ଓ ହେଲମେଟ୍ ପିନ୍ଧିଥିଲା । ଚେନ୍ ଛଡାଇନେବା ବେଳେ ସାଂସଦଙ୍କ ଗଳାରେ ଆଘାତ ଲାଗିଛି । ଦିଲ୍ଲୀ ପୁଲିସ ମାମଲା ରୁଜୁ କରି ଏ ନେଇ ତଦନ୍ତ ଆରମ୍ଭ କରିଛି । ସୁଧା ଏ ନେଇ ପୁଲିସ୍, ବାଚସ୍ପତି, ଗୃହ ମନ୍ତ୍ରଣାଳୟକୁ ଲିଖିତି ଭାବେ ଅଭିଯୋଗ କରିଛନ୍ତି । ୩୨ ଗ୍ରାମ୍‌ର ଏକ ସୁନା ଚେନ୍ ମୋଠୁ ଛଡାଇ ନିଆଯାଇଛି ବୋଲି ସେ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖି ଜଣାଇଛନ୍ତି । ଦିଲ୍ଲୀରେ ମହିଳା ସୁରକ୍ଷିତ ନାହାନ୍ତି । ଏହି ଘଟଣା ମୋତେ ମାନସିକ ଭାବେ ଗଭୀର ଆଘାତ ଦେଇଛି ବୋଲି ସେ ଉଲ୍ଲେଖ କରିଛନ୍ତି । ୪୮ ବର୍ଷୀୟା ସୁଧା ତାମିଲନାଡୁର ମଇଲାଦୁଥୁରାୟୀ ନିର୍ବାଚନମଣ୍ଡଳୀରୁ କଂଗ୍ରେସର ସାଂସଦ ଅଛନ୍ତି । ଏବେ ସେ ସଂସଦର ମୌସୁମୀ ଅଧିବେଶନରେ ଯୋଗ ଦେବାକୁ ଦିଲ୍ଲୀରେ ରହିଛନ୍ତି । ଚାଣକ୍ୟପୁରୀ ଅଞ୍ଚଳରେ ତାଙ୍କଠାରୁ ଚେନ୍ ଛଡାଇ ନିଆଯାଇଥିଲା ଓ ଏହା ଦିଲ୍ଲୀର ସବୁଠାରୁ ସୁରକ୍ଷିତ ସ୍ଥାନ ଭାବେ ପରିଚିତ ।

# ସଂସଦରେ ଥମୁନି ବିହାର ତାତି

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ସଂସଦରେ ବିହାରକୁ ନେଇ ଆଜି ବି ଅଚଳାବସ୍ଥା ଜାରି ରହିଛି । ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ଚାଲିଥିବା ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର) ଉପରେ ଆଲୋଚନା ପାଇଁ ବିରୋଧୀ ଦଳର ସଭ୍ୟମାନେ ଜିଦ୍ ଧରିଥିବା ବେଳେ ସରକାର ଏହା ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ନୁହନ୍ତି । ଫଳରେ ଗୃହକାର୍ଯ୍ୟ ଚାଲିପାରୁ ନାହିଁ । ସଂସଦର ଚଳିତ ଅଧିବେଶନର ଆଜି ଏକାଦଶ ଦିବସ ଥିବା ବେଳେ କେବଳ ଦୁଇ ଦିନ ଅପରେସନ ସିନ୍ଦୂର ଉପରେ ଆଲୋଚନା ହୋଇଥିଲା । ଅବଶିଷ୍ଟ ୯ ଦିନ ବିନା କୌଣସି କାର୍ଯ୍ୟରେ ଧୋଇ ହୋଇଯାଇଛି ।

ଆଜି ଲୋକସଭା ବୈଠକ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳମାନେ ବିହାର ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା କରିବାକୁ ଦାବି କରି ହଟ୍ଟଗୋଳ କରିଥିଲେ । ଶୂନ୍ୟକାଳ ପରେ ଏହି ପ୍ରସଙ୍ଗ ଉଠାଇବା ଲାଗି ବାଚସ୍ପତି ଓମ୍ ବିର୍ଲା ସେମାନଙ୍କୁ ପରାମର୍ଶ ଦେଇଥିଲେ । କିନ୍ତୁ ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ଦୁଇଟା ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ । ଦୁଇଟା ପରେ ମଧ୍ୟ ପରିସ୍ଥିତିରେ କିଛି ସୁଧାର ଆସି ନ ଥିଲା । ଏହି ସମୟରେ ଗୃହରେ ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ୍ କହିଥିଲେ ଯେ ସରକାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବାକୁ ଚାହୁଁଛନ୍ତି, ଏଥିପାଇଁ ଶାନ୍ତ ରହିବାକୁ ସେ ପରାମର୍ଶ ଦେଇଥିଲେ । ଏହାସତ୍ତ୍ୱେ ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ । ଗୃହରେ ବିରୋଧୀଙ୍କର ଏଭଳି ଆଚରଣକୁ ସମାଲୋଚନା କରିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ । ସେ କହିଛନ୍ତି ଯେ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ସରକାର ଆଲୋଚନା କରିବାକୁ ଚାହୁଁଛନ୍ତି । କିନ୍ତୁ ବିରୋଧୀମାନେ କରାଇ ଦେଉ ନାହାନ୍ତି । ସରକାର ବାଧ୍ୟ ହୋଇ ବିନା ଆଲୋଚନାରେ ଏହାକୁ ପାସ୍ କରାଇଦେବେ ବୋଲି ସେ କହିଛନ୍ତି ।

**ଅପରେସନ ସିନ୍ଦୂର ପରେ ଅଚଳାବସ୍ଥା ଜାରି**

**ହଟ୍ଟଗୋଳ ପରେ ଲୋକସଭା ମୁଲତବୀ**

**ଜମ୍ମୁ-କଶ୍ମୀରକୁ ମିଳିପାରେ ରାଜ୍ୟ ମାନ୍ୟତା**

ଅନ୍ୟପକ୍ଷରେ ରାଜ୍ୟସଭାରେ ଆଜି ଜେଏମ୍ଏମ୍ ନେତା ଶିବୁ ସୋରେନଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି ।

ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ଜମ୍ମୁ-କଶ୍ମୀରକୁ ପୁଣି ରାଜ୍ୟ ମାନ୍ୟତା ପ୍ରଦାନ କରିବା ଲାଗି ସରକାର ଗୁରୁତର ସହିତ ବିଚାର କରୁଛନ୍ତି । ଏସଂପର୍କରେ ଆସନ୍ତାକାଲି ସଂସଦରେ ବିଲ୍ ଆଗତ କରାଯାଇପାରେ ବୋଲି କୁହାଯାଉଛି । ଗତକାଲି ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଭେଟିବା ପରେ ଜାତୀୟ ଗଣମାଧ୍ୟମରେ ଏହାକୁ ନେଇ ଆଲୋଚନା ଚାଲିଛି । କେନ୍ଦ୍ର ସରକାର ଏସଂପର୍କରେ ଜମ୍ମୁ-କଶ୍ମୀର ନେତାମାନଙ୍କ ସହିତ ଆଲୋଚନା ଚଳାଇଛନ୍ତି ।

ଆସନ୍ତାକାଲି କ୍ଷମତାସୀନ ଏନଡିଏ ସଂସଦୀୟ ଦଳର ବୈଠକ ମଧ୍ୟ ହେବାକୁ ଯାଉଛି । ଚଳିତ ସଂସଦ ଅଧିବେଶନ ଚାଲିଥିବା ବେଳେ ପ୍ରଥମ ଥର ଲାଗି ଏନ୍‌ଡିଏ ବୈଠକ ହେବ । ଏଥିରେ ସବୁ ଅଂଶୀଦାର ଦଳର ସାଂସଦ ଭାଗନେବେ ବୋଲି ଜଣାପଡ଼ିଛି ।

ପଞ୍ଜାବରେ ଜାଲ୍ ଏନ୍‌କାଉଣ୍ଟର

## ୩୨ ବର୍ଷ ପରେ ଅବସରପ୍ରାପ୍ତ ଏସ୍‌ଏସ୍‌ପି, ଡିଏସ୍‌ପି ସମେତ ୫ ଦୋଷୀ

ମୋହାଲି, ୪।୮ (ଏଜେନ୍ସି): ପଞ୍ଜାବରେ ଏକ ଜାଲ ଏନକାଉଣ୍ଟର ମାମଲାରେ ୩୨ ବର୍ଷ ପରେ ପୀଡିତଙ୍କୁ ନ୍ୟାୟ ମିଳିଛି । ୧୯୯୩ରେ ତରନତାରନଠାରେ ଏକ ଜାଲ ଏନକାଉଣ୍ଟର ମାମଲାରେ ସୋମବାର ସିବିଆଇର ସ୍ୱତନ୍ତ୍ର କୋର୍ଟ ଦଣ୍ଡ ଶୁଣାଇଛନ୍ତି । କୋର୍ଟ ଜଣେ ଅବସରପ୍ରାପ୍ତ ଏସ୍‌ଏସ୍‌ପି ଭୂପେନ୍ଦ୍ରଜିତ ସିଂହ, ଡିଏସ୍‌ପି ଦବିନ୍ଦର ସିଂହ, ଇନ୍ସପେକ୍ଟର ସୁବା ସିଂହ, ଏଏସଆଇ ଗୁଲବର୍ଗ ସିଂହ ଓ ଏଏସ୍‌ଆଇ ରଘୁବୀର ସିଂହଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ଅଧିକାରୀମାନଙ୍କ ୭ ଜଣଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚିଥିଲେ । ଭାରତୀୟ ନ୍ୟାୟ ସଂହିତା ଧାରା ୩୦୨ ଓ ୧୨୦-ବି ଅନୁସାରେ ମକଦ୍ଦମା ଚାଲିଥିଲା । ପ୍ରଥମେ ଏହି ମାମଲାରେ ୧୦ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା । କିନ୍ତୁ କେସ୍ ଚାଲିଥିବା ବେଳେ ୫ ଜଣ ଅଭିଯୁକ୍ତ ମୃତ୍ୟୁବରଣ କରିଥିଲେ । ୧୯୯୩ରେ ୭ ଜଣ ଲୋକଙ୍କୁ ଭିନ୍ନ ଭିନ୍ନ ଏନକାଉଣ୍ଟରରେ ମୃତ ବୋଲି ଦର୍ଶାଯାଇଥିଲା । ଏହି ୭ ଜଣଙ୍କୁ ଘରୁ ଉଠାଇ କେତେଦିନ ପର୍ଯ୍ୟନ୍ତ ଅବୈଧ ଭାବେ ଅଟକ ରଖି ସେମାନଙ୍କ ଉପରେ ଅତ୍ୟାଚାର କରାଯାଇଥିଲା । ସୁପ୍ରିମକୋର୍ଟଙ୍କ ଆଦେଶରେ ଏହି ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା । ୭ ଜଣ ମୃତକଙ୍କ ପରିଚୟ ଥିବା ବେଳେ ଅବୈଧ ଭାବେ ସେମାନଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଏନ୍‌କାଉଣ୍ଟର ପୂର୍ବରୁ ସେମାନଙ୍କୁ ଅତି ନିର୍ମମ ଭାବେ ମାଡ ମରାଯାଇଥିବା ଶବ ବ୍ୟବଚ୍ଛେଦରୁ ଜଣାପଡ଼ିଥିଲା । ପାଖାପାଖି ୩ ଦଶନ୍ଧି ପରେ ନ୍ୟାୟ ମିଳିଥିବାରୁ ପୀଡ଼ିତଙ୍କ ପରିବାର ସଦସ୍ୟ ଖୁସି ଜାହିର କରିଛନ୍ତି ।

## ରୁଷ୍ ତୈଳ ଡିପୋରେ ଡ୍ରୋନ୍ ମାଡ଼

ମସ୍କୋ, ୪।୮ (ଏଜେନ୍ସି): ରୁଷର ତୈଳ ଡିପୋ ଉପରେ ୟୁକ୍ରେନ ରବିବାର ଡ୍ରୋନ୍ ମାଡ କରିଛି । ସୋଚିସ୍ଥିତ ଏହି ଡିପୋରେ ଭୀଷଣ ନିଆଁ ଲାଗିଛି । ରୁଷିଆର ଦକ୍ଷିଣ ପଶ୍ଚିମ ଭାଗରେ ଥିବା ସାଚିରେ ୨୦୧୪ ୱିଣ୍ଟର ଅଲିମ୍ପିକ୍ସ ଆୟୋଜିତ ହୋଇଥିଲା । ରୁଷିଆର କ୍ରାସ୍ନୋଦାର ଅଞ୍ଚଳର ଗଭର୍ଣ୍ଣର ଭେନିଆମିନ୍ କୋଣ୍ଡ୍ରାତିଏଭ ଏକ ତେଲ ଟାଙ୍କିରେ ଡ୍ରୋନ ମାଡ୍ ହେବା ପରେ ନିଆଁ ବ୍ୟାପୀ ଯାଇଥିଲା ବୋଲି କହିଛନ୍ତି । ଏହି ନିଆଁ ଲାଗିଥିବାର ଭିଡିଓ କରି ଦୁଇ ଯୁବତୀ ଗିରଫ ହୋଇଛନ୍ତି ।

## କରେଣ୍ଟ ଲାଗି ୫ କାଉଡ଼ିଆ ମୃତ

ଭାଗଲପୁର, ୪।୮ (ଏଜେନ୍ସି): ମଧ୍ୟପ୍ରଦେଶ ଭାଗଲପୁରର ସୁଲତାନଗଞ୍ଜ୍‌ରେ ରବିବାର ବିଳମ୍ବିତ ରାତିରେ କରେଣ୍ଟ ଲାଗି ୫ କାଉଡିଆ ମୃତ୍ୟୁବରଣ କରିଛନ୍ତି । ୪ ଜଣ ମଧ୍ୟ ଆହତ ହୋଇଛନ୍ତି । ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୯ କାଉଡିଆ ଗଙ୍ଗା ସ୍ନାନ କରିବାକୁ ସୁଲତାନଗଞ୍ଜ ଯାଉଥିଲେ । ସେଠାରୁ ଜଳ ଭରି ଜେଠୋର ନାଥ ମନ୍ଦିରରେ ପୂଜା ଅର୍ଚ୍ଚନା କରିଥାନ୍ତେ । କିନ୍ତୁ ବାଟରେ ଆସିବା ବେଳେ ଏକ ଅଟୋ ପିକ୍‌ଅପ୍ ଭ୍ୟାନକୁ ଅତିକ୍ରମ କରିବା ବେଳେ କରେଣ୍ଟ ଲାଗିଥିଲା । ଏଥିରୁ ରକ୍ଷା ପାଇବା ପାଇଁ ୩୦ ଫୁଟ ତଳେ ପାଣିକୁ ସମସ୍ତେ ଡେଇଁ ପଡ଼ିଥିଲେ । କିନ୍ତୁ ସେହିଗାଡି ସେମାନଙ୍କ ଉପରେ ପଡ଼ିବାରୁ ଏହି ଦୁଃଖଦ ଘଟଣା ଘଟିଥିଲା

## ସତ୍ୟେନ୍ଦ୍ର ଜୈନଙ୍କ ଦୁର୍ନୀତି ମାମଲା ବନ୍ଦ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ନେତା ସତ୍ୟେନ୍ଦ୍ର ଜୈନଙ୍କୁ କ୍ଲିନ୍‌ଚିଟ୍ ମିଳିଛି । ତାଙ୍କ ବିରୋଧରେ ଚାଲିଥିବା ଦୁର୍ନୀତି ମାମଲାକୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ବନ୍ଦ କରିଦେଇଛନ୍ତି । ୪ ବର୍ଷର ଯାଞ୍ଚରେ ସିବିଆଇ ତାଙ୍କ ବିରୋଧରେ ଦୁର୍ନୀତିର କୌଣସି ପ୍ରମାଣ ଦେଇପାରି ନାହିଁ । ସେଥିପାଇଁ ବିଚାରପତି ବିନୟ ସିଂହ ସିବିଆଇର କ୍ଲୋଜର ରିପୋର୍ଟକୁ ସ୍ୱୀକାର କରିଛନ୍ତି । ଜୈନ ପିଡବ୍ଲୁଡି ମନ୍ତ୍ରୀ ଥିବା ସମୟରେ ନିୟମ ବିରୋଧରେ ଯାଇ ବିଭାଗରେ ନିଯୁକ୍ତି କରାଇଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ଦିଲ୍ଲୀ ସରକାରଙ୍କ ଭିଜିଲାନ୍ସ ବିଭାଗ ୨୦୧୯ ଜୁଲାଇ ୨୯ରେ ଏତଲା ରୁଜୁ କରିଥିଲା । ପରେ ସିବିଆଇ ମାମଲାର ଯାଞ୍ଚ କରିଥିଲା ।

## ପରମାଣୁ ସମ୍ବନ୍ଧିତ ବୟାନ ଦେବାବେଳେ ଆମେରିକା ସତର୍କ ରହୁ: ରୁଷ୍

ମସ୍କୋ, ୪।୮ (ଏଜେନ୍ସି): ରୁଷ୍ ନିକଟରେ ଦୁଇଟି ପରମାଣୁ ଶକ୍ତି ସମ୍ପନ୍ନ ବୁଡ଼ାଜାହାଜ ମୁତୟନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମ ଥର ପାଇଁ ରୁଷ୍ ପକ୍ଷରୁ ଏହା ଉପରେ ଟିପ୍ପଣୀ ଦିଆଯାଇଛି । ପରମାଣୁ ସମ୍ବନ୍ଧିତ ବୟାନବାଜୀ କଲାବେଳେ ସମସ୍ତେ ସତର୍କ ରହିବା ଉଚିତ ବୋଲି କୁହାଯାଇଛି । କ୍ରେମଲିନ ପ୍ରବକ୍ତା ଦିମିତ୍ରି ପେସକୋଭ ଗତ ସପ୍ତାହରେ ଟ୍ରମ୍ପଙ୍କ ଏହି ନିର୍ଦ୍ଦେଶକୁ ସେତେ ଗୁରୁତ୍ୱ ଦେଇ ନ ଥିଲେ । ଏବେ ସେ କହିଛନ୍ତି ଯେ ଆମେରିକା ବୁଡ଼ାଜାହାଜ ପୂର୍ବରୁ ଯୁଦ୍ଧ କାର୍ଯ୍ୟରେ ବାହାରିଛି ବୋଲି ସ୍ପଷ୍ଟ ହୋଇଛି । ଏହା ଏକ ନିୟମିତ ପ୍ରକ୍ରିୟା । କିନ୍ତୁ ଆମେ ଏଭଳି ବିବାଦୀୟ ମନ୍ତବ୍ୟରେ ସାମିଲ ହେବାକୁ ଚାହୁଁନାହୁଁ । କୌଣସି ମନ୍ତବ୍ୟ ଦେବାକୁ ଉଚିତ ମନେ କରୁନାହୁଁ ।

## ଦିଲ୍ଲୀ ପୁଲିସକୁ ମମତାଙ୍କ ସମାଲୋଚନା

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଦିଲ୍ଲୀ ପୁଲିସ୍ ଜୁଲାଇ ୨୯ରେ ବଙ୍ଗ ଭବନକୁ ଲେଖିଥିବା ଏକ ସରକାରୀ ଚିଠିରେ ବଙ୍ଗଳା ଭାଷାକୁ ବାଂଲାଦେଶୀ ଭାଷା ବୋଲି ଉଲ୍ଲେଖ କରିଥିଲା । ଏହାକୁ ନେଇ ଏବେ ବିବାଦ ସୃଷ୍ଟି ହୋଇଛି । ଏଥିପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ଦିଲ୍ଲୀ ପୁଲିସ୍‌କୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି । ଦିଲ୍ଲୀ ପୁଲିସ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧିନରେ ରହିଥିବାରୁ ଏହା ଗ୍ରହଣୀୟ ନୁହଁ ବୋଲି ସେ କହିଛନ୍ତି । ବଙ୍ଗଳା ଭାଷା ରବୀନ୍ଦ୍ରନାଥ ଟାଗୋର ଓ ସ୍ୱାମୀ ବିବେକାନନ୍ଦଙ୍କ ଭାଷା । ପୁଣି ଭାରତର ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଓ ରାଷ୍ଟ୍ର ଗୀତ 'ବନ୍ଦେ ମାତରମ' ଯଥାକ୍ରମେ ରବୀନ୍ଦ୍ରନାଥ ଓ ବଙ୍କିମଚନ୍ଦ୍ର ଚାଟାର୍ଜୀ ବଙ୍ଗଳା ଭାଷାରେ ହିଁ ଲେଖିଛନ୍ତି । ତେଣୁ ଏହା ବଙ୍ଗଳା ଭାଷାର ଅପମାନ ବୋଲି ସେ କହିଛନ୍ତି ।

## ଇତିହାସ ସୃଷ୍ଟି କଲା 'ମହାବତାର ନରସିହ୍ମା'

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ହୋମ୍ବାଲ ଫିଲ୍ମସର 'ମହାବତାର ନରସିହ୍ମା' ସୁପରହିଟ୍ ହୋଇଛି । ଏହା ସିନେମା ହଲ୍‌ରେ ହଇଚଇ ସୃଷ୍ଟି କରିଛି । ଅଶ୍ୱିନ କୁମାର ପ୍ରଥମଥର ପାଇଁ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ହିନ୍ଦୀ ଭାଷାରେ ଜୁଲାଇ ୨୫ରେ ମୁକ୍ତିଲାଭ କରିବାର ପ୍ରଥମ ୧୧ ଦିନ ମଧ୍ୟରେ ଏହି ସିନେମା ୧୦୦ କୋଟି ଟଙ୍କା ବ୍ୟବସାୟ କରିଛି । ପ୍ରଥମ ଦିନରେ ଏହା ୧.୭୫ କୋଟି ଓ ପ୍ରଥମ ସପ୍ତାହରେ ୪୪.୭୫ କୋଟି ଟଙ୍କା ଆୟ କରିଥିଲା । ପ୍ରହ୍ଲାଦ, ତାଙ୍କ ଅସୁର ପିତା ହିରଣ୍ୟକାଶ୍ୟପ ଏବଂ ଭଗବାନ ବିଷ୍ଣୁଙ୍କ ପୌରାଣିକ କଥାବସ୍ତୁକୁ ନେଇ ଏହି ସିନେମା ନିର୍ମାଣ କରାଯାଇଛି । ପ୍ରଥମ ଆନିମେଟେଡ ଫିଲ୍ମ ଭାବେ ଏହା ପ୍ରଥମ ୧୧ ଦିନରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରି ଇତିହାସ ସୃଷ୍ଟି କରିଛି ।

**ରାହୁଲ ଗାନ୍ଧୀଙ୍କୁ ପ୍ରଶ୍ନ କଲେ ସୁପ୍ରିମକୋର୍ଟ**

## ଚୀନ୍ ୨ ହଜାର କିମି ଜମି ଦଖଲ କରିଥିବା ଜାଣିଲେ କେମିତି?


ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଭାରତୀୟ ସେନା ଉପରେ ବିବାଦୀୟ ଟିପ୍ପଣୀକୁ ନେଇ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟ ସୋମବାର ଭର୍ତ୍ସନା କରିଛନ୍ତି । ଏହାକୁ ନେଇ ଜଷ୍ଟିସ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ ଏଜି ମସିହଙ୍କ ଖଣ୍ଡପୀଠ ରାହୁଲଙ୍କୁ ପ୍ରଶ୍ନବାଣ ମାରିଛନ୍ତି । ଭାରତର ୨ ହଜାର ବର୍ଗ କିମି ଜମି ଚୀନ୍ ହଡ଼ପ କରି ନେଇଛି ବୋଲି କେମିତି ଜାଣିଲେ? ସେଠାରେ ରାହୁଲ ନିଜେ ଉପସ୍ଥିତ ଥିଲେ କି? ଏ ସମ୍ବନ୍ଧରେ କିଛି ସ୍ପଷ୍ଟ ପ୍ରମାଣ ରଖିଛନ୍ତି କି? ସୀମାରେ ସଂଘର୍ଷ ଚାଲିଥିବାବେଳେ ଆପଣ ଏ ସବୁ କେମିତି କହି ପାରିଲେ? ଯଦି ରାହୁଲ ପ୍ରକୃତ ଭାରତୀୟ ହୋଇଥାନ୍ତେ, ତେବେ ଏପରି କହି ନ ଥାଆନ୍ତେ । ସଂସଦରେ ଆପଣ କାହିଁକି ପ୍ରଶ୍ନ ପଚାରି ପାରୁ ନାହାନ୍ତି? ଆପଣ ଲୋକସଭା ବିରୋଧୀ ନେତା । ତେଣୁ ସାମାଜିକ ଗଣମାଧ୍ୟମ ବଦଳରେ ସଂସଦରେ କହିବା ପାଇଁ ସୁପ୍ରିମକୋର୍ଟ ରାହୁଲଙ୍କୁ ପରାମର୍ଶ ଦେଇଛନ୍ତି । ଯଦି ଏପରି ନ କରିବେ ତେବେ ରାହୁଲଙ୍କ ବିରୋଧରେ ନୋଟିସ ଜାରି କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଏଥିସହିତ ସେନା ଉପରେ ଆପତ୍ତିଜନକ ମନ୍ତବ୍ୟ ପାଇଁ ଲକ୍ଷ୍ନୌ କୋର୍ଟରେ ରାହୁଲଙ୍କ ବିରୋଧରେ ଚାଲିଥିବା କାର୍ଯ୍ୟାନୁଷ୍ଠାନ ଉପରେ ସୁପ୍ରିମକୋର୍ଟ କଟକଣା ଲଗାଇ ଦେଇଛନ୍ତି । କୋର୍ଟ ଏହି ମାମଲାରେ ଆବେଦନକାରୀ ତଥା ବିଆରଓର ପୂର୍ବତନ ନିର୍ଦ୍ଦେଶକ ଉଦୟ ଶଙ୍କର ଶ୍ରୀବାସ୍ତବ ଏବଂ ଉତ୍ତର ପ୍ରଦେଶ ସରକାରଙ୍କୁ ନୋଟିସ ଜାରି କରିଛନ୍ତି ।

**ପ୍ରକୃତ ଭାରତୀୟ ଏପରି କହିବେ ନାହିଁ**

**ସଂସଦରେ ଏହି ପ୍ରସଙ୍ଗ କାହିଁକି ଉଠାଉ ନାହଁ**

୨୦୨୨ ଡିସେମ୍ବର ୧୬ରେ 'ଭାରତ ଯୋଡ଼ୋ ଯାତ୍ରା' ସମୟରେ ରାହୁଲ ଏହି ବିବାଦୀୟ ବୟାନ ଦେଇଥିଲେ । ଅରୁଣାଚଳ ପ୍ରଦେଶରେ ଭାରତୀୟ ଯବାନଙ୍କୁ ଚୀନ୍ ସେନା ମାଡ଼ ମାରୁଛି ବୋଲି କହିଥିଲେ । ସେହି ବର୍ଷ ଅରୁଣାଚଳର ତୱାଙ୍ଗ କ୍ଷେତ୍ରରେ ଭାରତ-ଚୀନ୍ ସେନା ମୁହାଁମୁହିଁ ହେବାକୁ ନେଇ ରାହୁଲ ଏହି ଟିପ୍ପଣୀ ଦେଇଥିଲେ । ଚୀନ୍ ଭାରତର ଜମି ନେଇଯାଇଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ସରକାର ଆତ୍ମସମର୍ପଣ କରିଦେଇଛନ୍ତି ବୋଲି ରାହୁଲ କହିଥିଲେ । ଏହାକୁ ନେଇ ଶ୍ରୀବାସ୍ତବ ତାଙ୍କ ବିରୋଧରେ ଲକ୍ଷ୍ନୌ ଏମପିଏମଏଲଏ କୋର୍ଟରେ ମାନହାନୀ ମାମଲା ରୁଜୁ କରିଥିଲେ । ରାହୁଲ କେବଳ ସେନା ନୁହେଁ, ବରଂ ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଅପମାନିତ କରିଛନ୍ତି ବୋଲି ଉଲ୍ଲେଖ କରିଥିଲେ । ଗତ ୨୯ ତାରିଖରେ ଆହ୍ଲାବାଦ ହାଇକୋର୍ଟ ରାହୁଲଙ୍କ ଆବେଦନକୁ ଖାରଜ କରି ସମନ ପଠାଇ ଥିଲେ । ମାତ୍ର ରାହୁଲ ଏହି ସମନ ଏବଂ ଅଭିଯୋଗ ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ ।

## ଶରଣାର୍ଥୀଙ୍କ ଡଙ୍ଗା ବୁଡ଼ି ୭୬ ମୃତ



ସାନ୍ନା, ୪।୮ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ୟେମେନ୍ ଉପକୂଳରେ ୧୫୪ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଏକ ବଡ଼ ନୌକା ରବିବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇ ବୁଡି ଯାଇଛି । ୟେମେନର ଅବୟାନ ପ୍ରାନ୍ତ ନିକଟସ୍ଥ ଅଦନ ସାଗରେ ଏହି ଦୁର୍ଘଟଣା ଘଟିଛି । ଏଥିରେ ଅତିକମ୍‌ରେ ୭୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ୩୨ ଜଣଙ୍କୁ ଉଦ୍ଧାର କରାଯାଇଛି । ଏହି ଜାହାଜରେ ଇଥିଓପିଆର ନାଗରିକମାନେ ଯାତ୍ରା କରୁଥିଲେ । ଉନ୍ନତ ଜୀବନଯାପନ ପାଇଁ ଏମାନେ ମଧ୍ୟପ୍ରାଚ୍ୟ ଦେଶ ଅଭିମୁଖେ ଯାତ୍ରା କରୁଥିଲେ । ୫୪ ଜଣଙ୍କ ମୃତଦେହ ଖାନକର ଜିଲ୍ଲାର ସମୁଦ୍ର କୂଳରେ ମିଳିଛି ବୋଲି କୁହାଯାଇଛି ।

**ସୁପ୍ରିମକୋର୍ଟରେ ବାଙ୍କେବିହାରୀ ମନ୍ଦିର ମାମଲା**

## ଅଧ୍ୟାଦେଶ ପାଇଁ ଏତେ ତରବର କାହିଁକି ?



ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଉତ୍ତର ପ୍ରଦେଶ ସରକାର ଏବଂ ବୃନ୍ଦାବନର ଶ୍ରୀ ବାଙ୍କେ ବିହାରୀ ମନ୍ଦିର ପରିଚାଳନା କମିଟି ମଧ୍ୟରେ ବିବାଦ ସୃଷ୍ଟି ହୋଇଛି । ଏକ କରିଡରର ପୁନର୍ବିକାଶ ପାଇଁ ସରକାର ମନ୍ଦିର ପାଣ୍ଠିରୁ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିବା ନିମନ୍ତେ ଅଧ୍ୟାଦେଶ ଆଣିଛନ୍ତି । ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି । ଆଜି ଏହାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟସ୍ଥତା ମାଧ୍ୟମରେ ବିବାଦ ସମାଧାନକୁ ଜୋର୍ ଦେଇଛନ୍ତି । ଭଗବାନ କୃଷ୍ଣ ପ୍ରଥମ ମଧ୍ୟସ୍ଥି ଥିଲେ ବୋଲି ଉଲ୍ଲେଖ କରିଛନ୍ତି । ତେଣୁ ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ ଲାଗି ଏକ କମିଟି ଗଠନ କରିବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି । ତେବେ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି । ତରବରିଆ ଭାବେ କାହିଁକି ଅଧ୍ୟାଦେଶ ପାରିତ କରାଗଲା ବୋଲି ପଚାରିଛନ୍ତି । ଆହ୍ଲାବାଦ ହାଇକୋର୍ଟରେ ଅଧ୍ୟାଦେଶର ବୈଧତା ଯାଞ୍ଚ କରିବାର ଆବଶ୍ୟକତା ଥିଲା ବୋଲି କହିଛନ୍ତି ।

ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାକୁ ନେଇ ମନ୍ଦିର କମିଟିକୁ ମଧ୍ୟ କଡ଼ା ପ୍ରଶ୍ନ ପଚାରିଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ମନ୍ଦିର ବ୍ୟକ୍ତିଗତ ହୋଇପାରେ, ମାତ୍ର ଦେବତା ସମସ୍ତଙ୍କର । ମନ୍ଦିରକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସୁଛନ୍ତି । ଶ୍ରଦ୍ଧାଳୁଙ୍କ ସୁବିଧା ଏବଂ ସୁରକ୍ଷା ସମ୍ବନ୍ଧିତ ବିକାଶରେ ମନ୍ଦିରର ପାଣ୍ଠି କାହିଁକି ଖର୍ଚ୍ଚ କରାଯାଇପାରିବ ନାହିଁ? ସବୁ ପାଣ୍ଠି ଆପଣଙ୍କ ପକେଟକୁ ଯାଉ ବୋଲି ଚାହୁଁଛନ୍ତି କି? ରାଜ୍ୟ ସରକାରଙ୍କ ଆଇନକୁ ଆବେଦନକାରୀ (ମନ୍ଦିର କମିଟି )ହାଇକୋର୍ଟରେ ବିରୋଧ କରିବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି । ମନ୍ଦିର କମିଟି ସୁପ୍ରିମକୋର୍ଟ ମେ' ୧୫ରେ ଦେଇଥିବା ନିର୍ଦ୍ଦେଶକୁ ବିରୋଧ କରିଥିଲା । ଏଥିରେ କମିଟିର ପକ୍ଷ ନ ଶୁଣି କରିଡର ପାଇଁ ପାଣ୍ଠି ବ୍ୟବହାର କରିବାକୁ ରାଜ୍ୟ ସରକାରଙ୍କୁ ଅନୁମତି ଦିଆଯାଇଥିଲା । ଏହା ଅନୁଚିତ ଥିଲା ବୋଲି ଆବେଦନକାରୀଙ୍କ ଓକିଲ କହିଛନ୍ତି ।

**୨୦୧୩ କେଦାରନାଥ ଜଳ ପ୍ରଳୟ ମାମଲା**

## ପୁଣି ଆରମ୍ଭ ହେବ ୩୦୭୫ ନିଖୋଜଙ୍କ ସନ୍ଧାନ

ରୁଦ୍ରପ୍ରୟାଗ, ୪।୮ (ଏଜେନ୍ସି): ପ୍ରସିଦ୍ଧ ଶୈବପୀଠ କେଦାରନାଥରେ ୨୦୧୩ରେ ଜଳ ପ୍ରଳୟ ଆସିଥିଲା । ଏହା ସବୁ କିଛି ଛାରଖାର କରି ଦେଇଥିଲା । ସାରା ଦିନ ଜନଗହଳି ଲାଗୁଥିବା ଶୈବପୀଠକୁ ମୃତଦେହମୟ କରି ଦେଇଥିଲା । ଏହି ବିପର୍ଯ୍ୟୟରେ ୩୦୭୫ ଜଣ ନିଖୋଜ ହୋଇ ଯାଇଥିଲେ । ଏ ପର୍ଯ୍ୟନ୍ତ ଏମାନଙ୍କର ସନ୍ଧାନ ମିଳି ନାହିଁ । ତେଣୁ ପୁଣି ଥରେ ଏହି ସନ୍ଧାନ ହେବ । ଏଥିପାଇଁ ପ୍ରସ୍ତୁତି କରାଯାଉଛି । ଏ ନେଇ ଉତ୍ତରାଖଣ୍ଡ ହାଇକୋର୍ଟରେ ଏକ ମାମଲା ଦାଏର କରାଯାଇଛି । ଆବେଦନରେ ନିଖୋଜ ଲୋକଙ୍କ କଙ୍କାଳର ସନ୍ଧାନ କରି ସମ୍ମାନପୂର୍ବକ ଅନ୍ତିମ ସଂସ୍କାର କରିବାକୁ ନିବେଦନ କରାଯାଇଛି । ସରକାର ଏ ପର୍ଯ୍ୟନ୍ତ ଚାରି ଥର କେଦାରନାଥକୁ ଉଦ୍ଧାରକାରୀ ଦଳ ପଠାଇଲେଣି ।

୨୦୨୦ରେ ସନ୍ଧାନକାରୀ ଦଳ ଚଟି ଏବଂ ଗୋମୁଖ କ୍ଷେତ୍ରରୁ ୭୦୩ ନରକଙ୍କାଳ ଉଦ୍ଧାର କରିଥିଲା । ଏ ପର୍ଯ୍ୟନ୍ତ ଏହି କଙ୍କାଳ ଗୁଡିକର ପରିଚୟ ମିଳିପାରି ନାହିଁ । କାରଣ ଯେଉଁ ୬ ହଜାର ଲୋକ ନିଜ ସମ୍ପର୍କୀୟଙ୍କୁ ଖୋଜିବା ଲାଗି ଡିଏନଏ ନମୁନା ଦେଇଥିଲେ ତାହା ସହ କଙ୍କାଳର ଡିଏନଏ ମେଳ ଖାଇନାହିଁ । ସେହିପରି ୨୦୨୦ରେ ୨୧ ଏବଂ ୨୦୧୬ରେ ୯ଟି କଙ୍କାଳ ମିଳିଥିଲା । ୨୦୨୪ ନଭେମ୍ବରରେ ୧୦ଟି ଟିମ୍ ପାଦଚଲା ମାର୍ଗରେ ସନ୍ଧାନ ଆରମ୍ଭ କରିଥିଲା । ମାତ୍ର ଏ ପର୍ଯ୍ୟନ୍ତ ସଫଳତା ମିଳିପାରି ନାହିଁ ।

## ସାଧୁବେଶରେ ୩୦ ବର୍ଷ ପଶ୍ଚିମବଙ୍ଗରେ ରହୁଥିଲା ବାଂଲାଦେଶୀ ଅପରାଧୀ

ନଦିଆ, ୪।୮ (ଏଜେନ୍ସି): ବାଂଲାଦେଶରୁ ଆସି ଜଣେ ଅପରାଧୀ ୩୦ ବର୍ଷ ପଶ୍ଚିମବଙ୍ଗରେ ସାଧୁବେଶରେ ରହିବା ପରେ ଶେଷରେ ଧରା ପଡ଼ିଛି । ନଦିଆ ଜିଲ୍ଲାରୁ ତାକୁ ପୁଲିସ ଗିରଫ କରିଛି । ଏହି ବ୍ୟକ୍ତି ହେଉଛନ୍ତି ୬୦ ବର୍ଷୀୟ ମହମ୍ମଦ ହାଶେମ ମଲିକ । ସେ ହାଶେମ ଅଲି ମଲ୍ଲିକ ଭାବେ ପରିଚିତ । ବାଂଲାଦେଶରେ ଏକାଧିକ ବଡ଼ ବଡ଼ ଅପରାଧିକ ମାମଲାରେ ପୁଲିସ ତାକୁ ଖୋଜୁଥିଲା । ଏକ ଗୁପ୍ତ ସୂଚନା ଅନୁଯାୟୀ ପଶ୍ଚିମବଙ୍ଗର ସ୍ପେଶାଲ ଟ୍ୟାକ୍ସ ଫୋର୍ସ (ଏସଟିଏଫ୍) ସ୍ଥାନୀୟ ପୁଲିସ ଅଧିକାରୀଙ୍କ ସହ ମିଶି ରାତିରେ ତେହଟ୍ଟା ଅଞ୍ଚଳରେ ଚଡ଼ାଉ କରି ତାକୁ ଗିରଫ କରିଛି । ସେ ନକଲି ଭାରତୀୟ ପରିଚୟ ପତ୍ର ବନାଇ ତେହଟ୍ଟାର ବାଲିଉରା ପୁର୍ବା ପାରାରେ ରହିଆସୁଥିଲା । ସେ ନିଜକୁ ଜଣେ ଭାରତୀୟ ନାଗରିକ ଭାବେ ପ୍ରମାଣିତ କରିବାକୁ ବୈଧ ପ୍ରମାଣପତ୍ର ଦେବାରେ ବିଫଳ ହୋଇଥିଲା । ସେ ଏବେ ପୁଲିସ ହେପାଜତରେ ରହିଛି । ଏହି ମାମଲାର ତଦନ୍ତ ଜାରି ରହିଛି ।

## ଜନସ୍ୱାର୍ଥ ପାଇଁ ବୈଜ୍ଞାନିକଙ୍କ ଦଣ୍ଡ ଉପରେ ରୋକ୍

ଡେରାଡୁନ, ୪।୮ (ଏଜେନ୍ସି): ପତ୍ନୀଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ମାମଲାରେ ଭ୍ୟାକ୍ସିନ ବୈଜ୍ଞାନିକ ଡ. ଆକାଶ ଯାଦବଙ୍କ ଦଣ୍ଡ ଏବଂ ଦୋଷ ଉପରେ ଉତ୍ତରାଖଣ୍ଡ ହାଇକୋର୍ଟ ସୋମବାର ରୋକ୍ ଲଗାଇ ଦେଇଛନ୍ତି । ଜନସ୍ୱାର୍ଥ ପାଇଁ ଏହି ପଦକ୍ଷେପ ନିଆଯାଇଛି । ଡ. ଯାଦବ ଟିକା ବିକାଶ ସମ୍ବନ୍ଧିତ କାର୍ଯ୍ୟ କରୁଛନ୍ତି । ଏହା ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ଦେଶହିତ ପାଇଁ ଅତ୍ୟନ୍ତ ଜରୁରୀ । ଏଥିପାଇଁ ସେ ବାହାରେ ରହୁଛନ୍ତି । ତେଣୁ ଆକାଶ ନିଜ କର୍ତ୍ତବ୍ୟ ପାଳନ କରିପାରୁ ନାହାନ୍ତି ବୋଲି ଜଷ୍ଟିସ ରବୀନ୍ଦ୍ର ମୈଥାନି କହିଛନ୍ତି । ଯାଦବଙ୍କ ପତ୍ନୀ ୨୦୧୫ରେ ଆତ୍ମହତ୍ୟା କରିଥିଲେ । ସେ ସୁଇସାଇଡ ନୋଟ୍‌ରେ ପତିଙ୍କୁ ଦାୟୀ କରିଥିଲେ । ପ୍ରଥମେ ଯୌତୁକ ଉତ୍ପୀଡ଼ନ ଏବଂ ପରେ ଆତ୍ମହତ୍ୟା ମାମଲା ପାଇଁ ଆକାଶଙ୍କୁ ଅଭିଯୁକ୍ତ କରାଯାଇଥିଲା । ତେବେ ଗତ ଜାନୁଆରୀରେ ଟ୍ରାଏଲ କୋର୍ଟ ତାଙ୍କୁ ଯୌତୁକ ଜନିତ ଅଭିଯୋଗରୁ ମୁକ୍ତ କରି ଆତ୍ମହତ୍ୟା ପାଇଁ ଉସୁକାଇବାରେ ୫ ବର୍ଷ ଜେଲ୍‌ଦଣ୍ଡ ଦେଇଥିଲେ ।

## ପୁଣି ଶ୍ରୀମନ୍ଦିରରୁ ଗୁପ୍ତ କ୍ୟାମେରା ଜବତ

ପୁରୀ,୪।୮ (ସମିସ): ପୁଣି ଶ୍ରୀମନ୍ଦିର ଭିତରୁ ଜବତ ହୋଇଛି ଗୁପ୍ତ କ୍ୟାମେରା । ଗତ ୨୯ ତାରିଖରେ ଜଣେ ଭକ୍ତଙ୍କଠାରୁ ମନ୍ଦିର ପରିସରରୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଜବତ ହୋଇଥିଲା । ଠିକ୍ ସପ୍ତାହ ମଧ୍ୟରେ ପୁଣି ଜଣେ ଭକ୍ତଙ୍କଠାରୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଏବଂ ମୋବାଇଲ୍ ଫୋନ୍ ଜବତ ହେବା ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ପଦାରେ ପକାଇଛି । ଏହି ଘଟଣାରେ ସିଂହଦ୍ୱାର ଥାନା ପୁଲିସ ଗୁଜରାଟର ବିପୁଲ ପଟେଲଙ୍କୁ ଧରି ପଚରାଉଚରା କରିଛି । ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଶ୍ରୀମନ୍ଦିର ସେବାୟତ ଓ ବୁଦ୍ଧିଜୀବୀ ।



- ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଓ ମୋବାଇଲ ଫୋନ୍ ଜବତ
- ଗୁଜରାଟର ବିପୁଲ ପଟେଲଙ୍କୁ ଅଟକ ରଖିଛି ପୁଲିସ

ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଡ଼ା କଟକଣା ରହିଛି । ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷା ବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି । ଫଳରେ ଅନେକ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ବିଭିନ୍ନ ସମୟରେ ଏହା ଜଣାପଡ଼ିବା ପରେ ମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଛି । ହେଲେ ବାସ୍ତବତା କିନ୍ତୁ ଭିନ୍ନ । ସୋମବାର ମନ୍ଦିର ଭିତରକୁ ଗୁପ୍ତ କ୍ୟାମରା ସଂଯୁକ୍ତ ଚଷମା ଯିବା ଏହା ପ୍ରମାଣିତ କରୁଛି ।

ପୁଲିସ ସୂଚନା ଅନୁଯାୟୀ, ଅପରାହ୍ଣ ପ୍ରାୟ ସାଢ଼େ ୫ଟାରେ ବିପୁଲ ପଟେଲଙ୍କୁ ମନ୍ଦିର ପରିସରରୁ ଜେଟିପି ଏବଂ ପୁଲିସ ଧରିଥିଲେ । ସେ ତାଙ୍କ କ୍ୟାମେରା ସଂଯୁକ୍ତ ଚଷମାରେ ଫଟୋ ଉଠାଉଥିଲେ । ସେହି ଗୁପ୍ତ କ୍ୟାମେରା ତାଙ୍କ ମୋବାଇଲ ଫୋନ୍ ସହିତ ଲିଙ୍କ୍ ହୋଇଥିଲା । ସେ ମନ୍ଦିର ଭିତରେ ଉଠାଉଥିବା ଫଟୋ ହୋଟେଲରେ ଥିବା ତାଙ୍କ ମୋବାଇଲ ଫୋନ୍‌କୁ ଯାଉଥିଲା । ପୁଲିସ ତାଙ୍କୁ ଧରି ସିଂହଦ୍ୱାର ଥାନାକୁ ଆଣିଥିଲା । ପରେ ବିପୁଲଙ୍କୁ ଟାଉନ ଥାନାକୁ ନିଆଯାଉ ପଚରାଉଚରା କରାଯାଇଥିଲା । ସେ ଏସବୁ ସ୍ୱୀକାର କରିଥିଲେ । ପୁଲିସ ସେ ରହୁଥିବା ହୋଟେଲକୁ ଯାଇ ତାଙ୍କ ମୋବାଇଲ ଫୋନ୍ ଜବତ କରିଛି । ଏ ନେଇ ସିଂହଦ୍ୱାର ଥାନାରେ ଏକ ମାମଲା (ନଂ.୧୨୦/୨୫) ରୁଜୁ କରାଯାଇଥିବାବେଳେ ଅଭିଯୁକ୍ତ ବିପୁଲଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରହିଛି ।

ସୂଚନାଥାଉ କି, ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି । ଏନେଇ ବିଭିନ୍ନ ସମୟରେ ଗୁଇନ୍ଦା ବିଭାଗ ରିପୋର୍ଟ ଦେଇଛି । ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏପରିକି, ବିଭିନ୍ନ ସମୟରେ ଏନ୍‌ଏସ୍‌ଜି ପକ୍ଷରୁ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଉଛି । ବିଶେଷକରି ମନ୍ଦିର ଭିତର ଫଟୋ ଏବଂ ଭିଡ଼ିଓ ଯେପରି ବାହାରକୁ ନ ଆସିବ, ସେଥିଲାଗି ଏ ସବୁର ଉତ୍ତୋଳନ ଉପରେ କଟକଣା ରହିଛି । ହେଲେ ବିଭିନ୍ନ ସମୟରେ ଏଥିରେ ବ୍ୟତିକ୍ରମ ଘଟୁଛି ।

### ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦାବି

# ୭ରେ ବିଜେଡିର ହରତାଳ



ପୁରୀ,୪।୮ (ସମିସ): ଜୀବନ ଯୁଦ୍ଧରେ ହାରିଗଲେ ବଳଙ୍ଗା ପୀଡ଼ିତା । ଦୀର୍ଘ ୧୫ ଦିନ ମୃତ୍ୟୁ ସହ ଲଢ଼େଇ କରି ଶେଷରେ ଆଖି ବୁଜିଦେଲେ । ହେଲେ ତାଙ୍କ ମୃତ୍ୟୁର କାରଣ ଉପରୁ ଏ ପର୍ଯ୍ୟନ୍ତ ପରଦା ହଟିପାରିନାହିଁ । କେଉଁ ପରିସ୍ଥିତିରେ ତାଙ୍କ ଦେହରେ ନିଆଁ ଲାଗିଲା, ତାହା ଜଣାପଡ଼ିନାହିଁ । ତେଣୁ ପୀଡ଼ିତାଙ୍କୁ ନ୍ୟାୟ ଦେବା ଦାବିରେ ଆସନ୍ତା ୭ ତାରିଖରେ ପୁରୀ ଜିଲ୍ଲାରେ ବିଜେଡି ହରତାଳ କରିବ । ସକାଳ ୬ରୁ ମଧ୍ୟାହ୍ନ ୧୨ଟା ଅର୍ଥାତ୍ ୬ଘଣ୍ଟା ପର୍ଯ୍ୟନ୍ତ ପୁରୀ ବନ୍ଦ ରହିବ ବୋଲି ସୋମବାର ହୋଟେଲ ହଲିଡେ' ରିସର୍ଟ ପରିସରରେ ବିଜେଡି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ।

ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ଅଧ୍ୟକ୍ଷତା କରି କହିଥିଲେ ଯେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକୁ ନେଇ ଅନେକ ସନ୍ଦେହ ଛିଡ଼ା ହୋଇଛି । ଥାନାରେ ଅଭିଯୋଗ ଏବଂ ପୀଡ଼ିତାଙ୍କ ପରିବାର ପ୍ରଥମେ ଗଣମାଧ୍ୟମରେ ବୟାନ ରଖିଥିଲେ ଯେ ୩ଜଣ ଦୁର୍ବୃତ୍ତ ବାଇକ୍‌ରେ ତାଙ୍କୁ ଉଠାଇ ନେଇ ନିଆଁ ଲଗାଇ ଦେଇଛନ୍ତି । ସେହିପରି ଦିଲ୍ଲୀ ଏମ୍ସରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଗଣମାଧ୍ୟମରେ କୁହାଗଲା, ପୀଡ଼ିତାଙ୍କର ଚିକିତ୍ସାରେ ସୁଧାର ଆସୁଛି । ଅନ୍ୟପକ୍ଷରେ ଭୁବନେଶ୍ୱର ଏମ୍ସରେ ପୀଡ଼ିତାଙ୍କୁ ଦେଖିବା ପାଇଁ ସମୟ ପାଇ ନ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦିଲ୍ଲୀ ଏମ୍ସ ଯାଇ ତାଙ୍କୁ ଭେଟିଥିଲେ । ସେଠାରେ କହିଥିଲେ, ପୀଡ଼ିତାଙ୍କ ଚିକିତ୍ସା ଠିକ୍ ଭାବେ ଚାଲିଛି । ସେ ସୁସ୍ଥ ହେଉଛନ୍ତି । ଖୁବ୍‌ଶୀଘ୍ର ସେ ଭଲ ହୋଇଯିବେ । କିନ୍ତୁ ହଠାତ୍ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିବା ଘୋଷଣା କରାଗଲା, ଯାହାକି ସବୁଠୁ ବଡ଼ ରହସ୍ୟମୟ ହୋଇରହିଛି ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୀଡ଼ିତାଙ୍କ ବାପାଙ୍କ ଉପରେ କ'ଣ

**ସକାଳ ୬ରୁ ମଧ୍ୟାହ୍ନ ୧୨ଟା ଯାଏ ପୁରୀ ବନ୍ଦ ଡକରା**

ଚାପ ପଡ଼ିଲା ଯେ ସେ ତାଙ୍କର ମତ ପରିବର୍ତ୍ତନ କଲେ । ଯଦି ଝିଅ ଆତ୍ମହତ୍ୟା କରିବାର ଥିଲା, ସେ ତାଙ୍କ ଘରେ କରିପାରିଥା'ନ୍ତେ । ତାହା ନ କରି ଅଧକିଲୋମିଟର ଦୂରକୁ ଯାଇ ଆତ୍ମହତ୍ୟା କଲେ ବୋଲି ପ୍ରଶ୍ନ କରିଛନ୍ତି ଉମା । ସେହିପରି ପୁଲିସର ତଦନ୍ତ ଉପରେ ବି ବିଜେଡି ପ୍ରଶ୍ନ ଉଠାଇଛି । ଜିଲ୍ଲା ବିଜେଡି ସଭାପତି କହିଛନ୍ତି, ପୁଲିସ ସବୁବେଳେ କହିଲା ଆମେ ତଦନ୍ତ କରୁଛୁ, ଖୁବ୍‌ଶୀଘ୍ର ଦୋଷୀଙ୍କୁ ଗିରଫ କରିବୁ । ହେଲେ କୁଆଡ଼େ ଗଲେ ଦୋଷୀ ବୋଲି ସେ ପ୍ରଶ୍ନ କରିଛନ୍ତି । ସାମୂହିକ ଭାବେ ଦେଖିଲେ, ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଏକ ରହସ୍ୟଘେରରେ ରହିଛି । ଘଟଣାର ସତ୍ୟାସତ୍ୟ ଯଥାଶୀଘ୍ର ସରକାର ଉନ୍ମୋଚନ କରନ୍ତୁ । ରାଜ୍ୟ ସରକାର ଜାଣିଶୁଣି ଦୋଷୀଙ୍କୁ ଚିହ୍ନଟ କରୁ ନଥିବା ନେଇ ଅଭିଯୋଗ କରିଛି ବିଜେଡି । ପୁରୀ ହେଉଛି ଜଗନ୍ନାଥଙ୍କ ମାଟି । ଏଠି ସତ୍ୟର ଉନ୍ମୋଚନ ହେଉ ଏବଂ ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ମିଳୁ ବୋଲି ଦାବି କରିଛନ୍ତି ବିଜେଡି ଜିଲ୍ଲା ସଭାପତି ଶ୍ରୀ ସାମନ୍ତରାୟ ।

ଏ ନେଇ ଆସନ୍ତା ୭ ତାରିଖରେ ବିଜେଡି ପକ୍ଷରୁ ପୁରୀ ଜିଲ୍ଲାରେ ୬ ଘଣ୍ଟିଆ ହରତାଳ କରାଯିବ । ଅତ୍ୟାବଶ୍ୟକ ସେବାରୁ ଏହି ହରତାଳରୁ ବାଦ୍ ଦିଆଯାଇ ଦୋକାନ, ବଜାର, ବ୍ୟବସାୟ ପ୍ରତିଷ୍ଠାନ, ଗାଡ଼ି ମୋଟର ଚଳାଚଳ ବନ୍ଦ ରହିବ ବୋଲି ଶ୍ରୀ ସାମନ୍ତରାୟ ଘୋଷଣା କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ବିଧାୟକ ସୁନୀଲ ମହାନ୍ତି, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ନିମାପଡ଼ାର ଯୁବନେତା ସୁବ୍ରତ ଛାଟୋଇ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ନାରାୟଣ ସ୍ୱାଇଁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ରାଜେଶ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

### ମୌସୁମୀ ବିରତି

## ୧୨ ଯାଏ କାଁ ଭାଁ ବର୍ଷା

ଭୁବନେଶ୍ୱର,୪।୮ (ସମିସ): ନିଷ୍କ୍ରିୟ ମୌସୁମୀ ଯୋଗୁଁ ରାଜ୍ୟରେ ବର୍ତ୍ତମାନ ନିଅଣ୍ଟିଆ ବର୍ଷା ଜାରି ରହିବ । ପ୍ରତିଦିନ ସ୍ୱାଭାବିକ ତୁଳନାରେ କମ୍ ବର୍ଷା ହେବ । ତେବେ ଏହି ସମୟରେ କେତେକ ଅଞ୍ଚଳରେ କାଁ ଭାଁ ବର୍ଷା ହୋଇପାରେ । ଏହି ସମୟରେ ବିଜୁଳି ଘଡ଼ଘଡ଼ିର ପ୍ରଭାବ ରହିପାରେ । ତେବେ ଆସନ୍ତା ୧୪ରୁ ରାଜ୍ୟକୁ ପୁଣି ବର୍ଷା ଫେରିବାର ସମ୍ଭାବନା ରହିଛି ।

ରାଜ୍ୟରେ ବର୍ଷା ସମ୍ପର୍କରେ ସୂଚନା ଦେଇ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ବର୍ତ୍ତମାନ ରାଜ୍ୟରେ ମୌସୁମୀ ବାୟୁ ନିଷ୍କ୍ରିୟ ରହିଛି । ଆସନ୍ତା

**୧୩ରେ ଘୂର୍ଣ୍ଣିବଳୟ; ୧୪ରୁ ବଢ଼ିବ ବର୍ଷା**

୧୩ରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ । ଏହା ପ୍ରଭାବରେ ଲଘୁଚାପ ସୃଷ୍ଟି ହୋଇ ମୌସୁମୀ ବର୍ଷା ହୋଇପାରେ । ବର୍ତ୍ତମାନ ମୌସୁମୀ ଟ୍ରଫ୍ ଉତ୍ତର ମୁହାଁ ହୋଇଛି । ଯାହାଦ୍ୱାରା ହିମାଳୟ ଅଞ୍ଚଳରେ ଭାରୀ ବର୍ଷା ହୋଇଛି । ଏହାସହିତ ବଙ୍ଗୋପସାଗରରେ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ଲଘୁଚାପର ସମ୍ଭାବନା ନାହିଁ । ତେଣୁ ଏହି ସମୟରେ କେବଳ ପରିଚଳନଜନିତ ସ୍ୱଳ୍ପ ବର୍ଷା ହୋଇପାରେ । ବିସ୍ତୃତ ଭାରୀ ବର୍ଷା ନାହିଁ । ଆକଳନ କରାଯାଉଛି ଆସନ୍ତା ୧୩ ବେଳକୁ ଓଡ଼ିଶା ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗର କିମ୍ବା ଏହାର ଦକ୍ଷିଣାଂଶରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ପରବର୍ତ୍ତୀ ସମୟରେ ଲଘୁଚାପ ହୋଇପାରେ । ଏହାର ପ୍ରଭାବରେ ରାଜ୍ୟରେ ୧୭ ତାରିଖ ପର୍ଯ୍ୟନ୍ତ ବର୍ଷା ହେବ । କେନ୍ଦ୍ରୀୟ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି ।

## ନିର୍ମାଣ ହେବ ୮୩୫ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର,୪।୮ (ସମିସ): ରାଜ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୮୩୫ ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେବ ।

**ପ୍ରତି ପ୍ରାଥମିକ ବିଦ୍ୟାଳୟ ପାଇଁ ଖର୍ଚ୍ଚ ହେବ ସର୍ବାଧିକ ୭ କୋଟି**



ଏହି ବିଦ୍ୟାଳୟଗୁଡ଼ିକ ରାଜ୍ୟର ଉଚ୍ଚ ବିଦ୍ୟାଳୟ ପାଇଁ ଏକ ଫିଡର୍ ସ୍କୁଲ ଭାବେ କାର୍ଯ୍ୟ କରିବ । ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୭ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଅଟକଳ ରଖାଯାଇଛି । ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି । ଯେଉଁ ସ୍କୁଲରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଥିବେ, ୨ ଏକରରୁ ଅଧିକ ଜମି ଉପଲବ୍ଧ ହେଉଥିବ ଏବଂ ଶିଶୁ ବାଟିକାଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଥିବ; ସେହି ସ୍କୁଲଗୁଡ଼ିକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ନିର୍ମାଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ବିଦ୍ୟାଳୟଗୁଡ଼ିକରେ ଏସ୍‌ଟିଇଏମ୍ ପଦ୍ଧତିରେ ଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ ଶିକ୍ଷା ସହ ବୃତ୍ତିଗତ ଦକ୍ଷତା ଓ ଅଭିଜ୍ଞତାମୂଳକ ଶିକ୍ଷା ସମେତ ବହୁବିଧ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯିବ ।

ଏହି ବୈଠକରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରତିଷ୍ଠା ହେବ ୧୧ଟି ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ

ଭୁବନେଶ୍ୱର,୪।୮ (ସମିସ): ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ୧୧ଟି ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ ପ୍ରତିଷ୍ଠା ନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ପୁରୀ, ନୟାଗଡ଼ ଓ କେନ୍ଦ୍ରାପଡା ଜିଲ୍ଲାରେ ଗୋଟିଏ ଲେଖାଏଁ ଅତିରିକ୍ତ ଜିଲ୍ଲା ଜଜ୍ (ଭିଜିଲାନ୍ସ) କୋର୍ଟ ପ୍ରତିଷ୍ଠା ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି । ପୁରୀ ଜିଲ୍ଲାର ପିପିଲି, ନୟାଗଡ଼ ଜିଲ୍ଲାର ରଣପୁର, ଖୋର୍ଦ୍ଧା ଜିଲ୍ଲାର ବାଣପୁର, ଭଦ୍ରକ ଜିଲ୍ଲାର ବାସୁଦେବପୁର, ଅନୁଗୋଳ ଜିଲ୍ଲାର ତାଳଚେର, ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର, କଟକ ଜିଲ୍ଲାର ବାଙ୍କୀ ଓ କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ଗୋଟିଏ ଲେଖାଏଁ ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ ପ୍ରତିଷ୍ଠା ହେବାକୁ ଯାଉଛି ।

## ୪ ଜିଲ୍ଲା ପାଇଁ ବିଜେଡି ସଭାପତି ନିଯୁକ୍ତ

ଭୁବନେଶ୍ୱର, ୪।୮ (ସମିସ): ବିଜେଡି ପକ୍ଷରୁ ୪ ଜିଲ୍ଲା ପାଇଁ ସଭାପତି ନିଯୁକ୍ତ କରାଯାଇଛି । ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲ୍ଲା ସଭାପତି ଭାବେ ବିକ୍ରମ କୁମାର ପଣ୍ଡାଙ୍କୁ ନିଯୁକ୍ତି ମିଳିଥିବା ବେଳେ କେନ୍ଦ୍ରାପଡ଼ା ପାଇଁ ଶିବ ପ୍ରସାଦ ଭୋଳ, କଳାହାଣ୍ଡି ପାଇଁ ପ୍ରଦୀପ କୁମାର ଦିଶାରୀ ଓ କଟକ ଜିଲ୍ଲା ପାଇଁ ପ୍ରଫୁଲ୍ଲ ସିଂଙ୍କୁ ନିଯୁକ୍ତି ମିଳିଛି ।

## ପୂର୍ବତନ ମୁଖ୍ୟ ଶାସନ ସଚିବ ସୁବାସ ପାଣିଙ୍କ ପରଲୋକ

ଭୁବନେଶ୍ୱର,୪।୮ (ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ସୁବାସ ପାଣିଙ୍କର ସୋମବାର ଭୁବନେଶ୍ୱରରେ ପରଲୋକ ହୋଇଛି । ତାଙ୍କୁ ୭୬ ବର୍ଷ ହୋଇଥିଲା । ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଓ ଲେଖକ ସ୍ୱର୍ଗତ ପାଣି ଭାରତ ସରକାରଙ୍କ ନିର୍ବାଚନ କମିଶନର, ଗ୍ରାମୀଣ ବିକାଶ ଏବଂ ଭୂ-ସମ୍ପଦ ସଚିବ ଏବଂ ଯୋଜନା କମିଶନର ସଚିବ ଭାବରେ ମଧ୍ୟ



କାର୍ଯ୍ୟ କରିଥିଲେ । ଜଣେ ସୁ-ଲେଖକ, ଅନୁବାଦକ, ସଂଗୀତଜ୍ଞ ଏବଂ ସୃଜନଶୀଳ ନିର୍ଦ୍ଦେଶକ ଥିଲେ ଏବଂ ଜୟଦେବଙ୍କ ଗୀତଗୋବିନ୍ଦ ଉପରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ । ସେ ୨୦ ବର୍ଷରୁ ଅଧିକ ସମୟ ଧରି ଦୂରଦର୍ଶନର ରଥଯାତ୍ରାର ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରସାରଣ ପାଇଁ ଜଣେ ଭାଷ୍ୟକାର ଭାବରେ କାର୍ଯ୍ୟ କରିଛନ୍ତି । ସେ ଓଡ଼ିଶୀ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜୀବନୀକୁ ଓଡ଼ିଆରେ ଅନୁବାଦ କରିଥିଲେ ।

ସ୍ୱର୍ଗତଃ ପାଣିଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ 'ଏକ୍ସ'ରେ ଶ୍ରଦ୍ଧାଞ୍ଜଳି ଜଣାଇ ଦର୍ଶାଇଛନ୍ତି ଯେ ଓଡ଼ିଶା ସରକାରଙ୍କ ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ତଥା ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଓ ଲେଖକ ସୁବାସ ପାଣିଙ୍କ ଦେହାନ୍ତ ବିଷୟରେ ଶୁଣି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ତାଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ

**ଶୋକ ପ୍ରକାଶ କଲେ ମୋହନ, ନବୀନ**

ଅପୂରଣୀୟ କ୍ଷତି । ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି । ସେହିପରି ନବୀନ କହିଛନ୍ତି ଯେ ଓଡ଼ିଆ ସଂସ୍କୃତି ଗବେଷଣା ବିଶେଷକରି ଜଗନ୍ନାଥ ସଂସ୍କୃତି ଓ ଗୀତଗୋବିନ୍ଦ ଉପରେ ସେ ଅନେକ ମହତ୍ତ୍ୱପୂର୍ଣ୍ଣ କାମ କରିଯାଇଛନ୍ତି । ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ମଧ୍ୟ ତାଙ୍କର ବିଶେଷ ସୁନାମ ଥିଲା । ସ୍ୱର୍ଗତ ପାଣିଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶ୍ରୀ ପଟ୍ଟନାୟକ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

### ନୃଶଂସ ପ୍ରେମିକ

## ବିବାହ ଲାଗି ଜିଦ୍ ଧରିବାରୁ ପ୍ରେମିକାକୁ ତଣ୍ଟି ଚିପି ହତ୍ୟା

କୋଷାଗୁମୁଡ଼ା/ପାପଡ଼ାହାଣ୍ଡି, ୪।୮ (ସମିସ): ବିବାହ ପାଇଁ ଜିଦ୍ ଧରିବାରୁ ପ୍ରେମିକାର ତଣ୍ଟି ଚିପି ମାରିଦେଲା । ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ କୁମ୍ଭାର ସାହିର ଯୁବତୀ ଅସ୍ତମା ଗୌଡ଼ ହତ୍ୟାକାଣ୍ଡ ଉପରୁ କୋଷାଗୁମୁଡ଼ା ପୁଲିସ୍ ଆଜି ପରଦା ହଟାଇବା ସହ ଏପରି ତଥ୍ୟ ଦେଇଛି । ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ପ୍ରେମିକ ଦିନେଶ୍ୱର ସରାବୁକୁ ଗିରଫ କରି କୋର୍ଟଚାଲାଣ କରିଛି । ତା' ଘର କୋଷାଗୁମୁଡ଼ା ସୁନାରି ସାହିରେ । ଆଜି ପାପଡ଼ାହାଣ୍ଡି ଏସ୍‌ଡିପିଓ ଅଫିସ୍‌ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ ବିସ୍ତୃତ ସୂଚନା ଦେଇଛନ୍ତି ।

ପୁଲିସ୍ ସୂଚନାନୁଯାୟୀ, ଦିନେଶ୍ୱର ଏବଂ ଅସ୍ତମାଙ୍କ ଭିତରେ ପ୍ରେମ ସମ୍ପର୍କ ରହିଥିଲା । କିଛି ଦିନ ତଳେ ଦିନେଶ୍ୱରଙ୍କ ଅନ୍ୟତ୍ର ବାହାଘର ସ୍ଥିର ହେବାରୁ ଅସ୍ତମା ଏହାକୁ ସହ୍ୟ କରିପାରିନଥିଲେ । ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବିବାଦ ହୋଇଥିଲା । ଉକ୍ତ ବାହାଘର ଭାଙ୍ଗିବା ସହ ତାଙ୍କୁ ବାହା ହେବା ପାଇଁ ଅସ୍ତମା ଜିଦ୍ କରିଥିଲେ । ତେଣୁ, ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ପାଇଁ ଦିନେଶ୍ୱର ଯୋଜନା କରିଥିଲା । ଗତ ଶନିବାର ରାତିରେ ସେ ତାଙ୍କୁ ଏକୁଟିଆ ଘର ବାହାରକୁ ଡକାଇଥିଲା । ସେଠାରେ ସେ ଅସ୍ତମାଙ୍କୁ ତଣ୍ଟି ଚିପି



ହତ୍ୟା କରି ଫେରାର୍ ହୋଇଯାଇଥିଲା ।

ଅସ୍ତମାଙ୍କ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକ ଖୋଜାଖୋଜି କରି ଏକ ଆମ୍ବଗଛ ମୂଳରୁ ତାଙ୍କୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରିଥିଲେ । ତାଙ୍କୁ କୋଷଗୁମୁଡ଼ା ମେଡ଼ିକାଲରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ପରିବାର ଲୋକଙ୍କ ଅଭିଯୋଗ ପରେ ପୁଲିସ୍ ଅଭିଯୁକ୍ତ ପ୍ରେମିକ ଦିନେଶ୍ୱରକୁ ଗିରଫ କରିଥିଲା । ପଚରାଉଚରା ବେଳେ ସେ ପୁଲିସ ଆଗରେ ସବୁ ସତ ମାନି ଯାଇଥିଲା ।

## ଏସ୍‌ଭିଏମ୍ କଲେଜ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ

ଜଗତସିଂହପୁର,୪।୮ (ସମିସ): ଜଗତସିଂହପୁର ଜିଲ୍ଲାର ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଜି ଅଭାବନୀୟ ଘଟଣା ଘଟିଛି । +୩ ବିଜ୍ଞାନ ଶ୍ରେଣୀରେ ପଢୁଥିବା ଛାତ୍ର ଅମନ ମହାପାତ୍ରଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି । ଏଥିରେ ତାଙ୍କର ମୁଣ୍ଡ ଫାଟିଯାଇଛି । ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏନେଇ ଅମନ ଜଗତସିଂହପୁର ସଦର ଥାନାରେ ଅଭିଯୋଗ କରିବା



ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ଅମନଙ୍କ ଅଭିଯୋଗ ଅନୁଯାୟୀ, ଆଜି ସକାଳ ପ୍ରାୟ ସାଢ଼େ ୧୧ଟାରେ ସେ କଲେଜକୁ ଆସୁଥିବା ବେଳେ କିଛି ଛାତ୍ର ଓ ଅଣଛାତ୍ର ତାଙ୍କୁ ପାଖକୁ ଡାକିଥିଲେ । ସେ ସେମାନଙ୍କ ନିକଟକୁ ଯିବାରୁ 'ଆମ ସହିତ ନରହି ତୁ ଅନ୍ୟ ଛାତ୍ର ସଂଗଠନ ସହିତ କାହିଁକି ବୁଲୁଛୁ' ବୋଲି ପ୍ରଶ୍ନ କରିଥିଲେ । ଅମନ ଏହା ତାଙ୍କର ବ୍ୟକ୍ତିଗତ ପ୍ରସଙ୍ଗ ବୋଲି କହିବାରୁ ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ସେମାନେ ଅମନଙ୍କୁ ଏକ ଜିଆଇ ପାଇପ୍ ଓ ମାରଣାସ୍ତ୍ରରେ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିବା ଅମନ ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି । ସେହିପରି ଅପରପକ୍ଷରୁ ମଧ୍ୟ ଥାନାରେ ପାଲଟା ଏତଲା ଦିଆଯାଇଥିବା ସୂଚନା ମିଳିଛି । ପୁଲିସ୍ ପୃଥକ୍ ମାମଲା ରୁଜୁ କରିବା ସହିତ କଲେଜ ପରିସରକୁ ଯାଇ ତଦନ୍ତ କରିଛି । ରିପୋର୍ଟ ଲେଖା ହେବା ବେଳକୁ କାହାରିକୁ ଗିରଫ ବା ଅଟକ ରଖାଯାଇ ନ ଥିବା ସୂଚନା ମିଳିଛି ।

## କବରରେ ସମାଧି ନେଲା ବଳଙ୍ଗା ରହସ୍ୟ

### ଶୂନ୍ୟରେ ଉଭେଇଗଲେ ଅଦୃଶ୍ୟ ଅଭିଯୁକ୍ତ!

ପୁରୀ,୪।୮ (ସମିସ): ଶେଷରେ କବର ନେଇଗଲା ବଳଙ୍ଗା ରହସ୍ୟ । ମାଟିତଳେ ଶୋଇଗଲେ ନାବାଳିକା ପୀଡ଼ିତା । ଶୂନ୍ୟରେ ଉଭେଇଗଲେ ବଳଙ୍ଗା ଘଟଣାର ଅଭିଯୁକ୍ତ । ଅନେକ ଅସମାହିତ ପ୍ରଶ୍ନ ଛିଡ଼ା କରି ଅସମୟରେ ଆଖି ବୁଜିଲେ ବଳଙ୍ଗା ପୀଡ଼ିତା । ବନ୍ଧୁ, ପରିଜନ ସାମୂହିକ ଜନାଜା ପାଠ କରି ତାଙ୍କୁ ଚିର ବିଦାୟ ଦେଇଦେଲେ ସିନା ହେଲେ ଏତେ କମ୍ ବୟସରେ ଝିଅଟିର ଦେହାନ୍ତକୁ କେହି ଗ୍ରହଣ କରିପାରୁ ନାହାନ୍ତି । ବଳଙ୍ଗା ପୀଡ଼ିତା ଯେଉଁଭଳି ରହସ୍ୟ ଭିତରେ ଆଖି ବୁଜିଲେ ତାହା ଅନେକଙ୍କ ମନକୁ ଆନ୍ଦୋଳିତ କରିଛି । ବାସ୍ତବରେ ପୀଡ଼ିତାଙ୍କ ଦେହରେ ନିଆଁ ଲାଗିଲା କେମିତି ଓ ଏହା ପଛରେ ରହିଥିବା ଷଡ଼ଯନ୍ତ୍ର ଉପରୁ ପରଦା ହଟିପାରି ନାହିଁ । ନୂଆ ଗୋପାଳପୁର ଗାଁ କିମ୍ବା ବଳଙ୍ଗା ଅଞ୍ଚଳ ନୁହେଁ ସମଗ୍ର ଓଡ଼ିଶାବାସୀଙ୍କ ମନରେ ବଳଙ୍ଗା ଘଟଣା ଏକ ଅସମାହିତ ପ୍ରଶ୍ନ ହୋଇ ରହିଯାଇଛି ।

ବଳଙ୍ଗା ଅଞ୍ଚଳରେ ନାବାଳିକାଙ୍କୁ ଜିଅନ୍ତା ପୋଡ଼ି ମାରିଦେବାକୁ ଉଦ୍ୟମ ଖବର କେବଳ ରାଜ୍ୟ ନୁହେଁ; ଜାତୀୟ ସ୍ତରରେ ହଇଚଇ କରିଥିଲା । ଗୋଟିଏ ପରେ ଗୋଟିଏ ନାରୀ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମକୁ ନେଇ ସରକାର ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ବଳଙ୍ଗା ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲା । ଚିକିତ୍ସାରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା ନେଇ ଗଣମାଧ୍ୟମରେ ଖବର ଆସୁଥିଲା । ଏପରିକି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦିଲ୍ଲୀ ଏମ୍ସକୁ ଯାଇ ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟିବା ସହିତ ତାଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଡାକ୍ତରଙ୍କଠାରୁ ବୁଝିଥିଲେ । ଦିଲ୍ଲୀ ଏମ୍ସରେ ପୁଲିସ ମଧ୍ୟ ତାଙ୍କର ତିନିଥର ବୟାନ ରେକର୍ଡ କରିଥିଲା । ସବୁକିଛି ଠିକ୍‌ଠାକ୍ ଥିବାବେଳେ ହଠାତ୍ ପୀଡ଼ିତା ଆଖି ବୁଜିବା ଖବର ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା । ପୀଡ଼ିତାଙ୍କ ଦେହାନ୍ତ ପରେ ଏମିତି କିଛି ପରିସ୍ଥିତି ଉପୁଜିଲା ଯାହାକି ତାଙ୍କ ମୃତ୍ୟୁ ଅନେକ ସନ୍ଦେହ ଛିଡ଼ା କରିଛି । ୧୫ ଦିନ ଧରି ତଦନ୍ତ କରୁଥିବା ପୁଲିସ ହଠାତ୍ ସାମାଜିକ ଗଣମାଧ୍ୟମରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ କରିବା ଏହି ସନ୍ଦେହକୁ ଦ୍ୱିଗୁଣିତ କରିଛି । ଯଦି ପୁଲିସ ଜାଣିଥିଲା ଏଥିରେ କାହାରି ସମ୍ପୃକ୍ତି ନାହିଁ ତେବେ କାହିଁକି ପୂର୍ବରୁ ଏହା କରୁ ନ ଥିଲା । କାହାରି ଯଦି ସମ୍ପୃକ୍ତ ନାହିଁ ତେବେ ଜୁଲାଇ ୧୯ ତାରିଖ ସକାଳେ ଭାର୍ଗବୀ ନଦୀବନ୍ଧ କଡ଼ରେ ପୀଡ଼ିତାଙ୍କ ଦେହରେ ନିଆଁ ଲଗାଇଥିଲା କିଏ ଏବଂ ତାଙ୍କୁ ଉଦ୍ଧାର କରିଥିବା ଦୁଃଖିଶ୍ୟାମ ସେନାପତି କ'ଣ ମନଗଢ଼ା କାହାଣୀ କହିଥିଲେ? ଏହି ପ୍ରଶ୍ନ ଆଜି ଅସମାହିତ ହୋଇ ରହିଯାଇଛି ।

ସୌମ୍ୟାଶ୍ରୀ ଏବଂ ବଳଙ୍ଗା ପୀଡ଼ିତାଙ୍କ ଦେହାନ୍ତ ପରେ ଉଭୟଙ୍କ ବାପା ଗଣମାଧ୍ୟମ ସମ୍ମୁଖରେ ସମାନ କଥା ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି 'ଝିଅର ମୃତ୍ୟୁକୁ ନେଇ କେହି ରାଜନୀତି ନ କରନ୍ତୁ' । ଝିଅ ମୃତ୍ୟୁରେ ବାପାଙ୍କ ମୁହଁରୁ ଏଭଳି ପ୍ରତିକ୍ରିୟା ଆସିବ କେହି ବିଶ୍ୱାସ କରୁ ନ ଥିବାବେଳେ ଏହାର ବ୍ୟତିକ୍ରମ ଘଟିଛି, ଯାହାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ବିରୋଧୀ ଏବଂ ସାଧାରଣ ଜନତା । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଝିଅଟି ଭଲ ହୋଇଆସୁଥିବା ଆମେ ଗଣମାଧ୍ୟମରୁ ଖବର ପାଉଥିଲୁ । ହେଲେ ହଠାତ୍ କ'ଣ ଏମିତି ହେଲା ତା'ର ମୃତ୍ୟୁ ଖବର ଆମକୁ ସ୍ତବ୍ଧ କରିଦେଇଛି । ଗୋଟିଏପଟେ କେଉଁ ପରିସ୍ଥିତି ଏବଂ କିଏ ତା' ଦେହରେ ନିଆଁ ଲଗାଇଛନ୍ତି ନା ଆଉ କିଛି ରହସ୍ୟ ଏହା ପଛରେ ରହିଛି ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ପୀଡ଼ିତା ଆଖିବୁଜିବା ଘଟଣାକୁ ଆହୁରି ସନ୍ଦେହ ଭିତରକୁ ଟାଣିନେଇଛି ବୋଲି କହିଛନ୍ତି ନୂଆ ଗୋପାଳପୁରର ବାସିନ୍ଦା ।

## ବଳଙ୍ଗା ପୀଡ଼ିତାଙ୍କ ଶେଷକୃତ୍ୟ ସମ୍ପନ୍ନ



ବଳଙ୍ଗା, ୪।୮ (ସମିସ): ନିଆଁରେ ପୋଡ଼ି ହୋଇ ପ୍ରାଣ ହରାଇଥିବା ବଳଙ୍ଗା ପୀଡ଼ିତା ନୂଆ ଗୋପାଳପୁର ଗ୍ରାମର ସମିଦା ଖାତୁନଙ୍କ ଆଜି ପୂର୍ବାହ୍ନରେ ଶେଷକୃତ୍ୟ ସଂପନ୍ନ ହୋଇଛି । ବାୟାବରର ନୂଆ ଗୋପାଳପୁର ଗ୍ରାମର କବରସ୍ଥାନରେ ଇସ୍‌ଲାମ ଧର୍ମ ରୀତିନୀତି ଅନୁଯାୟୀ ତାଙ୍କ ମୃତଦେହକୁ କବର ଦିଆଯାଇଛି । ଏଥିପାଇଁ ଗାଁରେ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଦୁଇ ସପ୍ତାହର ସଂଘର୍ଷ ପରେ ଦିଲ୍ଲୀ ଏମ୍‌ସରେ ସମିଦା ଜୀବନ ଯୁଦ୍ଧରେ ହାରିଯାଇଥିଲେ । ସେଠାରେ ବ୍ୟବଚ୍ଛେଦ ପରେ ରବିବାର ତାଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଗତକାଲି ବିମାନରେ ତାଙ୍କ ଶବ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ବିଏମ୍‌ସି ମହାପ୍ରୟାଣ ଗାଡ଼ିରେ କଡ଼ା ସୁରକ୍ଷାବଳୟରେ ତାଙ୍କ ଗାଁ ନୂଆ ଗୋପାଳପୁରକୁ ନିଆଯାଇଥିଲା । ଆଜି ସକାଳେ ଧାର୍ମିକ ରୀତିନୀତି ଅନୁଯାୟୀ ପରିବାର ଓ ସଂପର୍କୀୟଙ୍କ ଉପସ୍ଥିତିରେ ତାଙ୍କୁ କବର ଦିଆଯାଇଥିଲା ।

## ଜବରଦଖଲରେ ଅନାବାଦୀ ଜମି; ପ୍ରଶାସନ ନିରବ

ନୟାହାଟ,୪।୮ (ସମିସ): ରାଜ୍ୟ ସରକାର ଗୋଚର ଓ ଅନାବାଦୀ ଜମି ଜବରଦଖଲ କରି ଘର ନିର୍ମାଣ କରିଥିବା ଜାଗାକୁ ଉଚ୍ଛେଦ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବାବେଳେ ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଗୋଚର ଜମି ଗୃହପାଳିତ ପଶୁମାନଙ୍କ ପାଇଁ ଚରିବା ପାଇଁ ଉଦ୍ଦିଷ୍ଟ ଥିବାବେଳେ ତାକୁ କେତେକ ପ୍ରଭାବଶାଳୀ ଲୋକ ଦଖଲ କରି କୋଠା ନିର୍ମାଣ କରି ଚଳାଚଳ କରୁଛନ୍ତି। ଯାହାଫଳରେ ଗାଈଗୋରୁମାନେ ଚରିବାକୁ ନ ଯାଇ ଗୁହାଳରେ ଖୁଣ୍ଟରେ ବନ୍ଧା ହେଉଛନ୍ତି। ପ୍ରକାଶ ଯେ, ଗୋପ ତହସିଲ୍ ଅନ୍ତର୍ଗତ ନୟାହାଟ ଅଞ୍ଚଳରେ ଜଙ୍ଗଲବାରି, ବାଉଲାଙ୍ଗ ଓ ବରିମୁଣ୍ଡ ଆଦି ସର୍କଲ ଅଞ୍ଚଳରେ ବିଶେଷ ଭାବେ ଗୋଚର ଜମି ଦଖଲ କରି ଯୋଗେଶ୍ୱରପୁରଠାରେ ଏକ ଘରୋଇ ଇଂରାଜୀ ଶିକ୍ଷାନୁଷ୍ଠାନ ୫୭ ଡେସିମିଲ ଗୋଚର ଜମିକୁ ଜବରଦଖଲ କରି କୋଠା ନିର୍ମାଣ କରିଥିବାବେଳେ ପଲ୍ଲୀ ଛକ, ବାଲିଦଣ୍ଡା, ଜହ୍ନିବାଲିଆ, ବଡ଼ ତୋଟା, ଶାସନ ଛକ ପ୍ରମୁଖ ସ୍ଥାନରେ କେତେକ ବ୍ୟକ୍ତି ଗୋଚର ଓ ଅନାବାଦୀ ଜମି ଜବରଦଖଲ କରି ଚଳାଚଳ କରୁଥିଲେ ମଧ୍ୟ ତହସିଲ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏ ସମ୍ପର୍କରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କହିଥିଲେ ଯେ ଆସିଥିବା ତଥ୍ୟ ମଗାଯାଇଛି। ସେ ରିପୋର୍ଟ ଦେଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସରକାରୀ ବିଦ୍ୟାଳୟକୁ ଦିଆଯାଉଥିବା ଅର୍ଥର ହିସାବ ମିଳୁନି

ଗମ୍ଭାରୀପଦା,୪।୮ (ସମିସ): ସରକାର ଶିକ୍ଷା କ୍ଷେତ୍ରରେ ଅର୍ଥ ବିନିଯୋଗ କରି ଅଧିକରୁ ଅଧିକ ଶିକ୍ଷାର୍ଥୀଙ୍କୁ ସରକାରୀ ବିଦ୍ୟାଳୟକୁ ଆକୃଷ୍ଟ କରାଇବା ଲକ୍ଷ୍ୟରେ ପୁଷ୍ଟିକର ଖାଦ୍ୟ ପାଇଁ ମଧ୍ୟାହ୍ନ ଭୋଜନ, ପିଲାଙ୍କ ପରିଧାନ ପାଇଁ ଜୋତା, ଡ୍ରେସ୍, ବହିପତ୍ର ଯୋଗାଇବା ସହ ସମଗ୍ର ଶିକ୍ଷା ମାଧ୍ୟମରେ ବିଭିନ୍ନ ଜମା ଯୋଗାଇ ଦେଉଅଛନ୍ତି। ସେ ସମସ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହୋଇଥାଏ ପ୍ରଧାନ ଶିକ୍ଷକ ହିଁ ଏସବୁର ଉତ୍ତର ଦାୟୀ ହୋଇଥାଆନ୍ତି। ସେହି ସବୁର ହିସାବ ଜାଣିବା ପାଇଁ କାକଟପୁର ବ୍ଲକ୍ ଲତାହରଣ ଗ୍ରାମ ପଞ୍ଚାୟତର ସୂଚନା ଅଧିକାର କର୍ମୀ ଶେଖ୍ ସରଫରାଜ ଗତ ଜୁଲାଇ ୧୫ ତାରିଖରେ ବ୍ଲକ୍ ଶିକ୍ଷା ବିଭାଗକୁ ଉକ୍ତ ଅଧୀନରେ ଥିବା ଫକିର ସାହି ପ୍ରକଳ୍ପ ଉ.ପ୍ରା. ସ୍କୁଲର ୨୦୨୩ ମସିହା ଜାନୁଆରୀ ୧ ତାରିଖଠାରୁ ୨୦୨୩ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଏମ୍‌ଡିଏମ୍ ଓ ସମଗ୍ର ଶିକ୍ଷାରୁ ଆସିଥିବା ବିଭିନ୍ନ ଜମାର ହିସାବ ମାଗିଥିଲେ। ତାହାର ଉତ୍ତର ଉକ୍ତ ସ୍କୁଲର ବର୍ତ୍ତମାନର ପ୍ରଧାନଶିକ୍ଷକ ଗତ ଜୁଲାଇ ୨୯ ତାରିଖ ଚିଠି ନଂ ୮୩ରେ ଅବଗତ ନିମନ୍ତେ ପ୍ରେରଣ କରି କହିଛନ୍ତି କି ଉକ୍ତ ସମୟର ହିସାବ ଆମ ସ୍କୁଲରେ ନ ଥିବାରୁ ମୁଁ ଆପଣଙ୍କୁ ଅବଗତ କରାଇପାରୁ ନାହିଁ। ତାହାର କାରଣ ସମ୍ପର୍କରେ ସେ ପୂର୍ବତନ ପ୍ରଧାନଶିକ୍ଷକଙ୍କୁ ଦାୟୀ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ମଲ୍ଲିକ ଜାକିର ହୁସେନଙ୍କୁ ପଚାରିବାରୁ କହିଲେ କି, ଆମେ ପୂର୍ବତନ ପ୍ରଧାନଶିକ୍ଷକଙ୍କୁ ବର୍ତ୍ତମାନର ପ୍ରଧାନଶିକ୍ଷକଙ୍କୁ ଚାର୍ଜ ଦେବାପାଇଁ ଦୁଇଥର ନୋଟିସ୍ କରିଛୁ। ୩ୟ ଥର ପାଇଁ ତାଙ୍କୁ ନୋଟିସ କରିବୁ। ସେ ଯଦି ଚାର୍ଜ ନ ଦିଅନ୍ତି, ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚାରିଛକ,୪।୮ (ସମିସ): ଚାରିଛକ ନିକଟସ୍ଥ ବାହାରଣା ନୀଳମଣି ସ୍ମୃତି ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ଅନାଦୀ ଚରଣ ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମେଶ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ପୁରୀ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ମୁଖ୍ୟବକ୍ତା ଭାବେ ମଣ୍ଡଳ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ପାତ୍ରୀ, ସମ୍ମାନିତ ଅତିଥିଭାବେ ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ଓଝା, ଉକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦାମୋଦର ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦ୍ୱିଜବର ମୁଦୁଲି, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ପ୍ରାକ୍ତନ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୌଦାମିନୀ ଦାଶ, ସିଆର୍‌ସିସି କାଳନ୍ଦୀ ଜେନା, ପ୍ରଧାନଶିକ୍ଷକ ଅମୀୟ ମହାନ୍ତି, ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ନାୟକ, ଶିକ୍ଷକ ତ୍ରିଲୋଚନ କର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାକାନ୍ତ ଓଝା, ପରିଚାଳନା କମିଟି ସଭାପତି କୁଳଲକ୍ଷ୍ମୀ ଭୂୟାଁ, ପବିତ୍ର ମୋହନ ମହାପାତ୍ର, ଦିଲ୍ଲୀପ ବାରିକ, ଆଲୁମ୍‌ନି କମିଟି ସଭାପତି ନିଶିକାନ୍ତ ସ୍ୱାଇଁ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ନିଷ୍ପତ୍ତି

ନୟାଗଡ଼,୪।୮ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ନିଷ୍ପତ୍ତି ଅନୁସାରେ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କର ୧୦ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କର ଅହେତୁକ ବିଳମ୍ବ ଦେଖାଯାଇଛି। ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ପରିପ୍ରେକ୍ଷୀରେ ଆଜି ରାଜସ୍ୱ ଅମଲା ସଂଘ ନୟାଗଡ଼ ଶାଖା ଅଧ୍ୟକ୍ଷ ରବିନ୍ଦ୍ର ନାଏକଙ୍କ ଉପସ୍ଥିତିରେ ଜିଲ୍ଲା ସଭାପତି ରୋଶନୀ ରାଣୀ ଦେବୀଙ୍କ ଅଧ୍ୟକ୍ଷତାରେ ସାଧାରଣ ପରିଷଦ ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ଆଗାମୀ ୧୦ ଅଗଷ୍ଟ ମଧ୍ୟରେ ଦାବି ଗୁଡିକ ପୂରଣ ନକରିଲେ, ଅଗଷ୍ଟ ୧୧ ତାରିଖଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମ୍ପାଦକ ବିପିନ ବିହାରୀ ପଟ୍ଟନାୟକ, ସଂଗଠନ ସମ୍ପାଦକ ଜିତେନ୍ଦ୍ର କୁମାର ମିଶ୍ର, ଉପସଭାପତି ବିନାୟକ ମିଶ୍ର, କୋଷାଧ୍ୟକ୍ଷ ଅଜୟ କୁମାର ରଥ ପ୍ରମୁଖ ବୈଠକରେ ଉପସ୍ଥିତ ରହିଥିଲେ।

## ଭଙ୍ଗା ହାତରେ ରୋଗୀସେବା କରୁଛନ୍ତି ଡାକ୍ତର



ଭାପୁର,୪।୮ (ସମିସ): ଭଙ୍ଗା ହାତରେ ରୋଗୀସେବା କରୁଛନ୍ତି ଡାକ୍ତର। ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ କୁହାଯାଏ। ସେମାନଙ୍କ ଉତ୍ସର୍ଗୀ କୃତ ସେବା ପାଇଁ ସମାଜ ତାଙ୍କୁ ଏହିଭଳି ଭାବିଥାନ୍ତି। ମାତ୍ର ଅନେକ ଡାକ୍ତର ରୋଗୀସେବାକୁ ଗୁରୁତ୍ୱ ନ ଦେଇ ସେମାନଙ୍କ ନ୍ୟର୍ଥ ସ୍ୱାର୍ଥ ପାଇଁ ବଦନାମ ହେଉଥିବାବେଳେ ଅନେକ ଡାକ୍ତର ସେମାନଙ୍କ ନିଜସ୍ୱ ଅସୁବିଧା ଓ କଷ୍ଟକୁ ଖାତିର ନ କରି ରୋଗୀସେବାରେ ମନୋନିବେଶ କରି ପ୍ରଶଂସାର ପାତ୍ର ହୋଇଥାନ୍ତି। ସେପରି ଜଣେ ଡାକ୍ତର ହେଲେ ନୟାଗଡ଼ ଜିଲ୍ଲା ଭାପୁର ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ଜୟକାନ୍ତ ବଳିୟାର ସିଂହ। ସେ ଗତ ସପ୍ତାହରେ ଭାପୁରରୁ ଭୁବନେଶ୍ୱର ଯାଉଥିବା ସମୟରେ ସାରୁଆ ବଜାରରେ ଏକ କାର୍ ସିରିଜ ଦୁର୍ଘଟଣା ଘଟାଇ ଡାକ୍ତରଙ୍କୁ ମଧ ଧକ୍କା ଦେଇଥିଲା। ଫଳରେ ଯୁବ ଡାକ୍ତର ବଳିୟାର ସିଂହ ତଳେ ପଡିଯାଇଥିଲେ ତାଙ୍କର ବାମହାତ ଭାଙ୍ଗି ଯାଇଥିଲା। ବର୍ତ୍ତମାନ ସେ ଅସୁସ୍ଥ ଥିବା ସତ୍ତ୍ୱେ ଭାପୁର ଡାକ୍ତରଖାନାରେ ଭଙ୍ଗା ହାତରେ ରୋଗୀ ସେବା କରୁଥିବା ଦେଖି ସମସ୍ତେ ତାଙ୍କ କର୍ତ୍ତବ୍ୟ ପରାୟଣତାକୁ ପ୍ରସଂଶା କରୁଛନ୍ତି।

### ବଲଙ୍ଗା ନାବାଳିକାଙ୍କୁ ନ୍ୟାୟ ଦାବି

# ବିଜେଡି ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




ଗୋପ,୪।୮ (ସମିସ): ସୋମବାର ଅପରାହ୍ଣରେ ଗୋପ ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ବଲଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ନିମାପଡ଼ା ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବଲଙ୍ଗା ପୀଡ଼ିତାଙ୍କୁ ରାଜ୍ୟ ସରକାର ଠିକ୍ ଭାବରେ ଚିକିତ୍ସା ଯୋଗାଇ ନ ଦେବା ଓ ପୁଲିସ ପ୍ରଶାସନ ପକ୍ଷରୁ ଏହି ଘଟଣାରେ ଜଡ଼ିତ ଥିବା ଅଭିଯୁକ୍ତମାନଙ୍କୁ ଏପର୍ଯ୍ୟନ୍ତ ନ ଧରିବା, ରାଜ୍ୟ ପୁଲିସ ପ୍ରଶାସନ ପକ୍ଷରୁ 'ଏକ୍ସ' ଆପ୍ ମାଧ୍ୟମରେ ତରବରିଆ ଭାବରେ ପୋଷ୍ଟ କରି କାହାରି ସମ୍ପୃକ୍ତି ନ ଥିବା ଆଦି ଦାବିରେ ଏଭଳି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ବିଜୁ ଜନତା ଦଳର କର୍ମୀମାନେ ଗୋପ ବଜାର ଛକ ଉପରେ ଦୀର୍ଘ ସମୟ ଧରି ସରକାର ବିରୋଧରେ ବିଭିନ୍ନ ନାରାବାଜି ଦେଇ ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନରେ ବିଜେଡି ଯୁବନେତା କୁନା ଦାଶ, ଗୋଲାମ ବକ୍ସ, ଅପର୍ତ୍ତି ଦାଶ, ରମେଶ ଚନ୍ଦ୍ର ବାରିକ, ବଗା ହନାନା, ସନ୍ତୋଷ ସେଠୀ, ତୋଫାନ ପାଣି, ଦୁଃଶାସନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଶେଷ ଦର୍ଶନକଲେ ଉପମୁଖ୍ୟମନ୍ତ୍ରୀ



ବଲଙ୍ଗା,୪।୮ (ସମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ସକାଳ ୮ଟା ସମୟରେ ବଲଙ୍ଗା ନିକଟ ବାୟାବରର ନୂଆ ଗୋପାଳପୁର ଗ୍ରାମରେ ପହଞ୍ଚି ମୃତକ ନାବାଳିକା ସମିଦା ଖାତୁନ୍‌ଙ୍କ ଶେଷ ଦର୍ଶନ କରିବା ସହିତ ପରିବାରକୁ ସାନ୍ତ୍ୱନା ଦେଇଥିବା ଜଣାପଡ଼ିଛି। ତାଙ୍କ ସହିତ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଉପସ୍ଥିତ ଥିଲେ। ପରିବାରକୁ ସମବେଦନା ଜଣାଇବା ସହିତ ଏଭଳି ଅଭାବନୀୟ ଘଟଣା ଆଉ କେବେ ନ ଘଟୁ ଓ ଏ ଘଟଣାକୁ ନେଇ ବିରୋଧୀ ରାଜନୀତି କରିବା ଠିକ୍ ନୁହେଁ ବୋଲି ସେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଯଦି ସେ ଉପମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଦେଲେ ମୃତ ବ୍ୟକ୍ତି ଜୀବିତ ହୋଇଯାଆନ୍ତା, ତାହେଲେ ସେ ଶହେଥର ଇସ୍ତଫା ଦେଇଦେବେ ବୋଲି ମଧ କହିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଗଲା ଆଉ କାହା ସହିତ କେବେ ଏଭଳି ନ ଘଟୁ ବୋଲି ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି ବୋଲି କହିଥିଲେ।

## ମୃତକଙ୍କ ପରିବାରକୁ ସହାୟତାଦେଲେ ରାନୀ ପଣ୍ଡା



ବଲଙ୍ଗା,୪।୮ (ସମିସ): ରବିବାର ରାତିରେ ମୃତଦେହ ନୂଆ ଗୋପାଳପୁର ଗ୍ରାମରେ ପହଞ୍ଚିବା ପରେ ପ୍ରାୟ ବହୁତ ନେତା ଓ ସମାଜସେବୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଓ ପରିବାରକୁ ସମବେଦନା ଜଣାଇଥିଲେ। ରାତି ୩ଟାରେ ଆସି ନୂଆ ଗୋପାଳପୁର ଗ୍ରାମରେ ପହଞ୍ଚିଥିଲେ ବହୁଚର୍ଚ୍ଚିତ ଯାତ୍ରା ଅଭିନେତ୍ରୀ ତଥା ସମାଜସେବୀ ରାନୀ ପଣ୍ଡା। ପ୍ରଥମେ ମୃତ ନାବାଳିକାକୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ପରିବାରକୁ ଭେଟି ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ରୋଟାରୀ ପକ୍ଷରୁ ଓଡ଼ିଆ ସାମ୍ବାଦିକତା ଦିବସ




ନୟାଗଡ଼,୪।୮ (ସମିସ): ନୟାଗଡ଼ ରୋଟାରୀ କ୍ଲବ ଆନୁକୂଲ୍ୟରେ ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାସ୍ତରରେ କାର୍ଯ୍ୟରତ ସାମ୍ବାଦିକଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କ୍ଲବ୍ ସଭାପତି ବସିରନ ବିବିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ସମ୍ମାନିତ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଯୋଗଦେଇଥିଲେ। ଉତ୍କଳ ସାମ୍ବାଦିକ ସଙ୍ଘର ନୟାଗଡ଼ ଶାଖା ସଭାପତି ଶ୍ରୀକାନ୍ତ କୁମାର ଖଟେଇ ସମାଜ ଗଠନରେ ନିର୍ଭିକ ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ଘାତ ପ୍ରତିଘାତ ବିଷୟରେ ଅଲୋକପାତ କରିଥିଲେ। ସାମ୍ବାଦିକଙ୍କ ମୌଳିକ ଆବଶ୍ୟକତା, ଭତ୍ତା, ସୁରକ୍ଷା ପାଇଁ ସରକାରଙ୍କର ଆନ୍ତରିକତା ଲୋଡ଼ିଥିଲେ। ବରିଷ୍ଠ ସାମ୍ବାଦିକ ଚନ୍ଦ୍ର ବିଜୟୀ ମିଶ୍ର, ରାମକୃଷ୍ଣ ରଥ, ବୈଦ୍ୟଭୂଷଣ ମହାପାତ୍ର, ହୁସେନ ଖାନ୍, ଜୟେନ୍ଦ୍ର ବେହେରା ପ୍ରମୁଖ ଏହି ଦିବସ ଉପଲକ୍ଷେ ନିଜର ମତାମତ ରଖିଥିଲେ। କ୍ଲବ୍ ସମ୍ପାଦକ ରୋଟାରିଆନ ଅବିନାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରୋଟାରିଆନ୍ ଧିରେନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ଲବ୍‌ର ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଶିଶୁ ମନ୍ଦିରରେ ବିଜ୍ଞାନ ଓ କଣ୍ଢେଇ ମେଳା

ନୟାଗଡ଼,୪।୮ (ସମିସ): ନୟାଗଡ଼ ବ୍ଲକ ପାଣିପୋଇଲା ଶିଶୁମନ୍ଦିରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଓ ପୂର୍ବ ପ୍ରାଥମିକ ବିଭାଗ ଶିଶୁଙ୍କର କଣ୍ଢେଇମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାର ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାମୋହନ ପତି, ସମ୍ମାନିତ ଅତିଥି ଭାବେ କ୍ରିଦାଶପୁର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ କ୍ରିଦାଶପୁର ବିଜ୍ଞାନ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ଯୋଗ ଦେଇ ଶିଶୁମାନେ ବିଜ୍ଞାନ ଅନୁସନ୍ଧିତ୍ସୁ ହେଲେ ଭବିଷ୍ୟତର ସୁନାଗରିକ ହୋଇପାରିବେ ବୋଲି ଅଭିଭାଷଣ ରଖିଥିଲେ। ବିଦ୍ୟାଳୟ ସମ୍ପାଦକ ମନୋରଞ୍ଜନ ପଣ୍ଡା ଉତ୍ସବ ଓ ପ୍ରତିଯୋଗିତା ଦ୍ୱାରା ଶିଶୁଙ୍କ ମନ ପ୍ରଫୁଲ୍ଲିତ ହେବା ସହିତ ପୂର୍ଣ୍ଣାଙ୍ଗ ବିକଶିତ ହେବାରେ ସହାୟକ ବୋଲି ମତବ୍ୟକ୍ତ କରିବା ସହିତ ସମସ୍ତ ପ୍ରତିଭାଗୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶିଶୁଙ୍କ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରାଇବା ପାଇଁ ଶ୍ରମ, ସମୟ ଦେଇ ସହାୟତା କରିଥିବା ସମସ୍ତ ପିତା, ମାତା, ଅଭିଭାବକ ଓ ଅଭିଭାବିକାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ବିଦ୍ୟାମନ୍ଦିରର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମ ସଫଳତା ଲାଭ କରିଥିବା ଜଣାଯାଇଛି।


## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଡେଲାଙ୍ଗ,୪।୮ (ସମିସ): ଡେଲାଙ୍ଗ ବ୍ଲକ୍ କୋଠାବାଡ଼ ପଞ୍ଚାୟତ ଅଧୀନ ବେନୁପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାମନ୍ତରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦିଗମ୍ବର ରଥ ଏଥିରେ ସଭାପତିତ୍ୱ କରିଥିଲାବେଳେ ସଙ୍ଘର ସମ୍ପାଦକ ପ୍ରଶାନ୍ତ କୁମାର ଦାସ ଓ ବେନୁପଡ଼ା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିବାନୀ ନାୟକ ମଞ୍ଚ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ପ୍ରାକ୍ତନ ବିଇଓ ସଚ୍ଚିଦାନନ୍ଦ ପ୍ରଧାନ ସରଳତା, ସଦାଚାରିତା ଉପରେ ଗୁରୁତ୍ୱାରୋପ କରିଥିଲାବେଳେ ମୁଖ୍ୟବକ୍ତା ଶିକ୍ଷାବିତ୍ ସନ୍ତୋଷ କୁମାର ମହାନ୍ତି ଗୁରୁ ଦ୍ରୋଣ, ଓମାନ ରାଜା, ରାମ ବନବାସ ଭଳି ଅତୀତର ମୂଲ୍ୟବୋଧଭିତ୍ତିକ ଉଦାହରଣ ଦେଇ ଶିକ୍ଷକ ଓ ଅଭିଭାବକମାନଙ୍କ ଗଠନମୂଳକ ଚିନ୍ତାଧାରା, ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ବୁଝିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଏବିଇଓ ସଞ୍ଜୁକ୍ତା କୁମାରୀ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ରାୟ ଶିକ୍ଷାର ମୌଳିକ ଲକ୍ଷ୍ୟ ନୈତିକ ଦିଗ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବୀଣାପାଣି ରାଉତ, ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ହରିଚନ୍ଦନ, ବିଳାସିନୀ ଆଚାର୍ଯ୍ୟ, ଶିକ୍ଷୟିତ୍ରୀ ମମତା ପ୍ରଧାନ, ସବିତା ସାହୁ, ପ୍ରଧାନଶିକ୍ଷକ ପ୍ରଦୀପ ସେଠୀ, ଶିକ୍ଷକ ନେତା ସୁରେନ୍ଦ୍ର ନାୟକ, ପବିତ୍ର ଜେନା, ଅଭୟ ରଥ, ସୂର୍ଯ୍ୟକାନ୍ତ ନାୟକ, କମିଟି ସଭାପତି ସୁଚିତ୍ରା ମାହୁନ୍ତ, ଅଙ୍ଗନବାଡ଼ି କର୍ମୀ କୁନିମଣି ମଲ୍ଲିକ, ଶିକ୍ଷୟିତ୍ରୀ ଦୀପ୍ତିରେଖା ବେହେରା, ଅନସୂୟା ସାହୁ ପ୍ରମୁଖ ବିଦାୟୀ ଶିକ୍ଷୟିତ୍ରୀଙ୍କ ଅମାୟିକ ବ୍ୟକ୍ତିତ୍ୱ, ସରଳ କଥା, ଶିକ୍ଷାଦାନ କୌଶଳ କଥା ମନେ ପକେଇ ତାଙ୍କର ନିରାମୟ ଜୀବନ କାମନା କରିଥିଲେ। ବଡ଼ ଆଙ୍କୁଲା ଆଞ୍ଚଳିକ ସାଧନ କେନ୍ଦ୍ର ତରଫରୁ ତାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ଶିକ୍ଷକ ଅଭୟ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ପରିଚାଳନାରେ ପୁଷ୍ପଲତା ନାୟକ, ଅଭିପ୍ସା ରାୟ, ଲିଜାଲିନ୍ ଜେନା ସହଯୋଗ କରିଥିଲେ।

## ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ନୟାଗଡ଼,୪।୮ (ସମିସ): ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଅଧ୍ୟକ୍ଷତା କରି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଲଗ୍ନଜିତ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରାରମ୍ଭିକ ସ୍ୱାଗତ ଭାଷଣ ରଖିଥିଲେ। ପୂର୍ବବର୍ଷ ପ୍ରସ୍ତୁତି ବୈଠକ ଅନୁଯାୟୀ ଏବଂ ବୈଠକର ନିଷ୍ପତି ଅନୁଯାୟୀ ଅଗଷ୍ଟ ୧୫ ଦିନ ଜିଲ୍ଲାସ୍ତରୀୟ ପତାକା ଉତୋଳନ ପୂର୍ବାହ୍ନ ୯ ଟାରେ ଅନୁଷ୍ଠିତ ହେବ। ପ୍ରତ୍ୟେକ କାର୍ଯ୍ୟାଳୟର ମୁଖ୍ୟମାନେ ନିଜ ନିଜର କାର୍ଯ୍ୟାଳୟରେ ଉପସ୍ଥିତ ରହି ପତାକା ଉତ୍ତୋଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଅଗଷ୍ଟ ୧୧, ୧୨, ୧୩ ତାରିଖରେ ଅଭ୍ୟାସ ପରେଡ୍ ପିଟିଏସ୍ ପଡ଼ିଆରେ ଅନୁଷ୍ଠିତ ହେବ। ସ୍କୁଲ ଓ କଲେଜ ସ୍ତରରେ ଜିଲ୍ଲାସ୍ତରୀୟ ବକ୍ତୃତା, ଦେଶାତ୍ମବୋଧ ସଙ୍ଗୀତ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରୋଟାରୀ କ୍ଲବ ଓ ନୟାଗଡ଼ ବ୍ଲଡ୍ ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏହି ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ସାମ୍ବାଦିକ, ଘରୋଇ ବସ୍ ମାଲିକ ସଂଘର ସଭାପତି, ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ଅନୁମତି କ୍ରମେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିବା ପରେ ପରେ ସଭା ସାଙ୍ଗ କରାଯାଇଥିଲା।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ ଉଦୟନାଥ ମହାପାତ୍ର
ଉମରକୋଟ
ଆବିର୍ଭାବ: ୦୫.୦୧.୧୯୪୭ / ତିରୋଧାନ: ୨୯.୦୭.୨୦୨୩
ଆଜି ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ଖୁସି, ଇଶାନ, ଲିପନ ଓ ମହାପାତ୍ର ପରିବାରବର୍ଗ

● ତରତୁଆ ରାଇଜିଂ ଷ୍ଟାର୍ ଜୁନିଅର ଏକ ଦିବସୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

# କେରଙ୍ଗ ଅହମ୍ମଦୀୟା କ୍ଲବ୍ ଚାମ୍ପିଅନ



ଖୋର୍ଦ୍ଧା,୪।୮ (ସମିସ): ଖୋର୍ଦ୍ଧା ଉପକଣ୍ଠ ତରତୁଆ ଖେଳ ପଡ଼ିଆରେ ତରତୁଆ ରାଇଜିଂ ଷ୍ଟାର୍ ଜୁନିଅର ଏକ ଦିବସୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ କେରଙ୍ଗ ଅହମ୍ମଦୀୟା କ୍ଲବ୍, ତରତୁଆ ରାଇଜିଂ ଷ୍ଟାର୍ କ୍ଲବ୍, ଏସ୍.ଏସ୍ ଶରଧାପୁର, ସୋରଡ଼ା, ଫ୍ରେଣ୍ଡସ୍ କ୍ଲବ୍ ତରତୁଆ, ମା' ଯୋଗମାୟା କ୍ଲବ୍ ଶରଧାପୁର, ଆଦିବାସୀ ଜାଗରଣ କ୍ଲବ୍ ପାଇକତିଗିରିଆ ଏବଂ ମର୍ଣ୍ଣିଙ୍ଗ୍ ଷ୍ଟାର୍ କ୍ଲବ୍ ଖୋର୍ଦ୍ଧା ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ମର୍ଣ୍ଣିଂ ଷ୍ଟାର୍‌କୁ ପରାସ୍ତ କରି କେରଙ୍ଗ ଅହମ୍ମଦୀୟା କ୍ଲବ୍ ଚାମ୍ପିଅନ୍ ହୋଇଛି। ପ୍ରଥମ ମ୍ୟାଚ୍ ଏସ୍.ଏସ୍ ଶରଧାପୁର ଏବଂ କେରଙ୍ଗ ଅହମ୍ମଦୀୟା କ୍ଲବ୍ ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍ କେରଙ୍ଗ ଅହମ୍ମଦୀୟା କ୍ଲବ୍ ୩-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଆଦିବାସୀ ଜାଗରଣ କ୍ଲବ୍ ପାଇକତିଗିରିଆ ଏବଂ ମା' ଯୋଗମାୟା କ୍ଲବ୍ ଶରଧାପୁର ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍ ପାଇକତିଗିରିଆ ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ତରତୁଆ ରାଇଜିଂ ଷ୍ଟାର୍ କ୍ଲବ୍ ଏବଂ ମର୍ଣ୍ଣିଙ୍ଗ୍ ଷ୍ଟାର୍ କ୍ଲବ୍ ଖୋର୍ଦ୍ଧା ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ କେହି କାହାରିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲ୍ ଦେଇପାରି ନ ଥିଲେ। ଶେଷରେ ଟାଇବ୍ରେକର ମାଧ୍ୟମରେ ୫-୪ ଗୋଲ୍‌ରେ ମର୍ଣ୍ଣିଂ ଷ୍ଟାର୍ କ୍ଲବ୍ ଖୋର୍ଦ୍ଧା ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ୍ ବାଇ ଦ୍ୱାରା ସୋରଡ଼ା ବିଜୟୀ ହୋଇଥିଲା। ପ୍ରଥମ ସେମି ଫାଇନାଲ୍ କେରଙ୍ଗ ଅହମ୍ମଦୀୟା କ୍ଲବ୍ ଏବଂ ଆଦିବାସୀ ଜାଗରଣ କ୍ଲବ୍ ପାଇକତିଗିରିଆ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ କେରଙ୍ଗ ଅହମ୍ମଦୀୟା କ୍ଲବ୍ ୧-୦ ଗୋଲ୍‌ରେ ଆଦିବାସୀ ଜାଗରଣ କ୍ଲବ୍ ପାଇକତିଗିରିଆକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମି ଫାଇନାଲ ସୋରଡ଼ା ଏବଂ ମର୍ଣ୍ଣିଙ୍ଗ୍ ଷ୍ଟାର୍ କ୍ଲବ୍ ଖୋର୍ଦ୍ଧା ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍ ଅମିମାଂଶିତ ହୋଇଥିବାବେଳେ ୫-୪ ଗୋଲ୍‌ରେ ଟାଇବ୍ରେକର ମାଧ୍ୟମରେ ମର୍ଣ୍ଣିଙ୍ଗ୍ ଷ୍ଟାର୍ କ୍ଲବ୍ ଖୋର୍ଦ୍ଧା ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ୍ ମର୍ଣ୍ଣିଙ୍ଗ୍ ଷ୍ଟାର୍ କ୍ଲବ୍ ଖୋର୍ଦ୍ଧା ଏବଂ କେରଙ୍ଗ ଅହମ୍ମଦୀୟା କ୍ଲବ୍ ମଧ୍ୟରେ ହୋଇଥିଲା। ଫାଇନାଲ୍ ଖେଳ ବହୁତ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ କେରଙ୍ଗ ଅହମ୍ମଦୀୟା କ୍ଲବ୍ ପକ୍ଷରୁ ବାରମ୍ବାର ଆକ୍ରମଣ ହେବା ଫଳରେ ମର୍ଣ୍ଣିଙ୍ଗ୍ ଷ୍ଟାର୍ କ୍ଲବ୍ ଖୋର୍ଦ୍ଧା ଡିଫେନ୍ସ ପ୍ରତିଦ୍ୱନ୍ଦ୍ୱି ଖେଳାଳିଙ୍କୁ ରୋକିପାରିବାରେ ବିଫଳ ହୋଇଥିଲେ। ଫଳରେ କେରଙ୍ଗ ଅହମ୍ମଦୀୟା କ୍ଲବ୍ ୪-୦ ଗୋଲ୍‌ରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଏହି ଖେଳକୁ ରେଫରୀ ଭାବେ ଅଫରୋଜ ଅହମ୍ମଦ, ସେକ୍ ରଫି, ସାହିଲ୍ ଖାଁ ଏବଂ ସେକ୍ ସାଜିଦ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ସୂର୍ଯ୍ୟପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ସଞ୍ଜୟ ବଡ଼ଜେନା, ସାହିଦ ଖାଁ ଏବଂ ପୂର୍ବତନ ପୁଲିସ କୋଚ୍ ସେକ୍ ଅବ୍ଦୁଲ କରିମ୍ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ସମ୍ପାଦନା କରିବାରେ ମ୍ୟାନେଜର ଜମିର ଖାଁ, କେରଙ୍ଗର ପୂର୍ବତନ ମ୍ୟାନେଜର ଅମ୍‌ଜଦ ଖାଁ ଓ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।



ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୰ ଚାରୁଲତା ପଟ୍ଟନାୟକ
ଆବିର୍ଭାବ : ୦୭.୦୨.୧୯୪୪
ତିରୋଧାନ : ୨୫.୦୭.୨୦୨୫
"ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ପରୋପକାର ଓ ଭଲ ପାଇବା ଆମେ କେବେ ବି ଭୁଲି ପାରିବୁ ନାହିଁ। ଆପଣଙ୍କ ପୁଣ୍ୟ ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।"
ଶୋକସନ୍ତପ୍ତ : ପୁତ୍ର : ଅଶ୍ୱିନ କୁମାର ପଟ୍ଟନାୟକ, ବୋହୂ : ସ୍ୱଦୀପା ରାଣୀ ପଟ୍ଟନାୟକ,
ନାତି : ଅଭିନବ ପଟ୍ଟନାୟକ, ନାତୁଣୀ : ଆଦ୍ୟାଶା ରାଣୀ ପଟ୍ଟନାୟକ ଏବଂ ପରିବାର ବର୍ଗ

୪/୮/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୩,୯୬,୩୯୯/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



# ଝୁଲଣ କୁଞ୍ଜରେ ରାଧାକୃଷ୍ଣ









ପୁରୀ,୪।୮ (ସମିସ)

ଆକାଶରେ ମେଘ ଖଣ୍ଡର ଅପରୂପ ଶୋଭା। ଅନ୍ୟପଟେ ମହୋଦଧିର ନୀଳ ଜଳରାଶି ଦେଇ ଶିରିଶିରି ବହୁଛି ମନ୍ଦ ମଳୟ। ଏମିତି ଏକ ମନଲୋଭା ପରିବେଶରେ ଶ୍ରୀକ୍ଷେତ୍ରର ମଠ, ମନ୍ଦିର ହୋଇପଡ଼ିଛି ଉତ୍ସବମୁଖର। ଝୁଲଣ କୁଞ୍ଜର ଗହଳଲତା ଭିତରେ ମିଳିତ ହେଉଛନ୍ତି ରସରାଜ ଶ୍ରୀକୃଷ୍ଣ ଆଉ ରାସେଶ୍ୱରୀ ଶ୍ରୀରାଧା। ଶ୍ରାବଣ ବାରିଧାରାରେ ଅନୁଷ୍ଠିତ ହେଉଛି ରାଧାକୃଷ୍ଣଙ୍କ ବର୍ଷାକାଳୀନ ରାସୋତ୍ସବ ଝୁଲଣ ଯାତ୍ରା। ପୁରୀର ବିଭିନ୍ନ ମଠ, ମନ୍ଦିରରେ ଆରମ୍ଭ ହୋଇଛି ଏହି ଯାତ୍ରା। ଆଧ୍ୟାତ୍ମିକ ପରିବେଶରେ ବିଭୋର ହୋଇପଡୁଛନ୍ତି ବୈଷ୍ଣବ ଭକ୍ତ। ଝୁଲଣ କୁଞ୍ଜରେ ବସି ଦୋଳି ଖେଳୁଛନ୍ତି ରାଧାକୃଷ୍ଣ। ବିଶେଷକରି ଶ୍ରୀକ୍ଷେତ୍ରର ଜଗନ୍ନାଥ ବଲ୍ଲଭ ମଠ, ନେବଳ ଦାସ ମଠ, ମଣିରାମ ମଠ, ରାଧାବଲ୍ଲଭ, ଶ୍ୟାମକୁଞ୍ଜ ପ୍ରଭୃତି ମଠରେ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ଜରି, ଜମ୍ମୁରା, ଶୋଲ ଓ ବିଭିନ୍ନ ରଙ୍ଗୀନ କାଗଜରେ ଝଲସୁଛି ଝୁଲଣ କୁଞ୍ଜ। ସୋମବାରଠାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଥିବାବେଳେ ମଠଗୁଡ଼ିକରେ କେଉଁଠି ୭ଦିନ ତ ଆଉ କେଉଁଠି ୫ଦିନ ଧରି ଅନୁଷ୍ଠିତ ହେବ। ୫ଦିନ ଝୁଲଣ ଯାତ୍ରା ହେବାକୁ ଥିବା ମଠରେ ଦିନକ ପରେ ଝୁଲଣ ଯାତ୍ରା ଆରମ୍ଭ ହେବ ବୋଲି ଜଣାପଡ଼ିଛି।

## ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ

ପୁରୀ,୪।୮ (ସମିସ): ପବିତ୍ର ଶ୍ରାବଣ ଶୁକ୍ଳ ଦଶମୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ଝୁଲଣ ଯାତ୍ରା। ମହାପ୍ରଭୁଙ୍କ ଏହି ଝୁଲଣ ଯାତ୍ରା ଗହ୍ମାପୂର୍ଣ୍ଣିମା ପରଦିନ ପର୍ଯ୍ୟନ୍ତ ଅର୍ଥାତ୍ ଭାଦ୍ରବ କୃଷ୍ଣ ପ୍ରତିପଦ ପର୍ଯ୍ୟନ୍ତ ଚାଲିବ। ତେବେ ଝୁଲଣ ଯାତ୍ରାର ପ୍ରଥମ ଦିନ ଏହାକୁ ଦେଖିବା ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ସୋମବାର ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ତିନିବାଡ଼ରେ ମଇଲମ ହୋଇଥିଲା। ଠାକୁର ସର୍ବାଙ୍ଗ ହୋଇ ବେଶ ବଢ଼ିବା ପରେ ଦକ୍ଷିଣୀ ଘରକୁ ଶ୍ରୀଦେବୀ, ଭୂଦେବୀ ବିଜେ କରିଥିଲେ। ବେଶ ସମୟରେ ଠାକୁରଙ୍କ ତିନିଖଣ୍ଡ ଆଜ୍ଞାମାଳ ଲାଗି କରାଯାଇଥିଲା। ମହାପ୍ରଭୁଙ୍କ ଉତ୍ତର ଭୂଜରେ ୨ ଖଣ୍ଡ ଏବଂ ଦକ୍ଷିଣ ଭୂଜରେ ୧ ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିଲା। ଦକ୍ଷିଣୀ ଘର ଭୋଗ ଏବଂ ବାହାର ଦେଉଳି ସରିବା ପରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ। ତିନିବାଡ଼ରେ କର୍ପୂର ଆଳତି ଏବଂ ସନ୍ଧ୍ୟା ଆଳତି ବଢ଼ିଥିଲା। ଏହାପରେ ପୂଜାପଣ୍ଡା ମହାପ୍ରଭୁଙ୍କ ଦକ୍ଷିଣ ଭୂଜର ଆଜ୍ଞାମାଳ ଆଣି ମଦନମୋହନଙ୍କୁ ଏବଂ ଉତ୍ତର ଭୂଜର ଆଜ୍ଞାମାଳ ଶ୍ରୀଦେବୀ, ଭୂଦେବୀଙ୍କୁ ପ୍ରଦାନ କରିଥିଲେ। ଛାମୁ ଦିହୁଡ଼ି ସହିତ ମହାଜନ ସେବକ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ଝୁଲଣ ମଣ୍ଡପ ଦୋଳିକୁ ବିଜେ କରାଇଥିଲେ। ଝୁଲଣ ମଣ୍ଡପରେ ଝୁଲଣ ନୀତି ସମ୍ପନ୍ନ ହୋଇ ଶ୍ରୀମନ୍ଦିରରେ ଚନ୍ଦନ ଲାଗି ବଢ଼ିବା ପରେ ମଦନମୋହନ ଦକ୍ଷିଣୀ ଘରକୁ ଏବଂ ଶ୍ରୀଦେବୀ, ଭୂଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିବା ପରେ ପହୁଡ଼ ହୋଇଥିଲା।

● ଶ୍ରୀମନ୍ଦିର ଘଣ୍ଟ ନିଯୋଗର ବୈଠକ

## ମୁଖ୍ୟ ପ୍ରଶାସକଙ୍କୁ ସାକ୍ଷାତ୍ କରିବେ ପ୍ରତିନିଧି

ପୁରୀ,୪।୮ (ସମିସ): ଶ୍ରୀମନ୍ଦିର ଘଣ୍ଟ ସେବାୟତ ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ବଳିଆପଣ୍ଡାସ୍ଥିତ ବାବା ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଯୋଗର ସଭାପତି ବରିଷ୍ଠ ସେବାୟତ ଗୌରହରି ପ୍ରଧାନ ସଭାପତିତ୍ୱ କରିଥିଲେ। ବୈଠକରେ ମୁଖ୍ୟତଃ ନିଯୋଗର ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନୀତି ସମ୍ପାଦନ ସମୟରେ ଥିବା ସମସ୍ୟାକୁ କିପରି ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇ ସମାଧାନ କରାଯିବ ସେ ନେଇ ନିଷ୍ପତ୍ତି ହୋଇଥିଲା। ସଭା ପ୍ରାରମ୍ଭରେ ନିଯୋଗ ସମ୍ପାଦକ ସୁବାସ ଚନ୍ଦ୍ର ମହାନ୍ତି ନିଯୋଗର ବାର୍ଷିକ ବିବରଣୀ ପାଠ କରିବା ସହ ଆୟବ୍ୟୟର ହିସାବ ଦେଇଥିଲେ। ପରେ ସମସ୍ତ ସଦସ୍ୟଙ୍କ ମଧ୍ୟରେ ଗତ ଦୁଇ ବର୍ଷର ରଥ ପୁରସ୍କାର ଅର୍ଥ ବଣ୍ଟନ କରାଯାଇଥିଲା। ନିଯୋଗ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯାଇଥିଲା। ବୈଠକରେ ଶ୍ରୀମନ୍ଦିର ଛତାର, ଓଲାର ଏବଂ ତରାଶ ସେବାୟତ ନିଯୋଗ, କାହାଳିଆ ସେବାୟତ ନିଯୋଗ ଏବଂ ବଜନ୍ତିରୀ ସେବାୟତ ନିଯୋଗ ସାମିଲ ହୋଇଥିଲେ। ତେବେ ଚାରି ନିଯୋଗର ଗୃହ ନ ଥିବାରୁ ସେବାୟତମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଚାରି ନିଯୋଗକୁ ଗୃହ ଯୋଗାଇଦେବାକୁ ଆଲୋଚନା ହୋଇଥିଲା। ଏ ନେଇ ମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚାରି ନିଯୋଗର ଏକ ପ୍ରତିନିଧି ଦଳ ସାକ୍ଷାତ୍ କରି ଆଲୋଚନା କରିବା ନେଇ ସ୍ଥିର କରାଯାଇଛି। ସେହିଭଳି ଚାରି ନିଯୋଗ ମିଶି ଶ୍ରୀମନ୍ଦିର ବିଜେ ମହାନିଯୋଗ କରିବା ନେଇ ପ୍ରସ୍ତାବ ଦିଆଯାଇଥିଲା, ଯାହାକୁ ସମସ୍ତ ନିଯୋଗର ସଦସ୍ୟମାନେ ସହମତି ପ୍ରକାଶ କରିଛନ୍ତି। ଏହି ବୈଠକରେ ଜଗନ୍ନାଥ ମହାପାତ୍ର, ତୀର୍ଥବାସୀ ମହାପାତ୍ର, ଶଙ୍କର ପ୍ରଧାନ, ଶୁଧାଂଶୁ ଶେଖର ମହାନ୍ତି, ପ୍ରସନ୍ନ କୁମାର ମହାନ୍ତି, ଦାମୋଦର ପଣ୍ଡା, ପ୍ରଦୀପ୍ତ କୁମାର ମହାନ୍ତି, ଘନଶ୍ୟାମ ମହାନ୍ତି, ଲକ୍ଷ୍ମୀ ନୃସିଂହ ପଣ୍ଡା, ଗୋପାଳ ମହାପାତ୍ର, ଶରତ ଚନ୍ଦ୍ର ମହନ୍ତି, ପବିତ୍ର ଜେନା, ଦୁର୍ଗା ପଣ୍ଡାଙ୍କ ସହ ଚାରି ନିଯୋଗର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ପରିଚାଳନାରେ ରାକେଶ ମହାନ୍ତି, ରାଜେଶ ମହାନ୍ତି, ନୃସିଂହ ପ୍ରଧାନ, ସର୍ବେଶ୍ୱର ପ୍ରଧାନ, ଜଗା ପ୍ରଧାନ, ମାନସ ମହାନ୍ତି, ଅନିଲ ମହାନ୍ତି ଓ ଅଜିତ୍ ମହାନ୍ତି ସହଯୋଗ କରିଥିଲେ।

## ବନ୍ଧୁତ୍ୱ ଦିବସରେ ବୃକ୍ଷରୋପଣ

ପୁରୀ,୪।୮ (ସମିସ): ବନ୍ଧୁତ୍ୱ ଦିବସ ଅବସରରେ ହୋପ୍ ଇଜ୍ ଲାଇଫ୍ ଅନୁଷ୍ଠାନ ତରଫରୁ ତେଲ୍ଟା କଲୋନୀ ପରିସରରେ ବୃକ୍ଷରୋପଣ କରାଯାଇଛି। ଅନୁଷ୍ଠାନର ସଦସ୍ୟମାନେ ୧୨୦ଟି ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ତରଫରୁ ଆଶିଷ ଦାସ, ଦିବାକର ଦଳେଇ, ସସ୍ମିତା ଘୋଷ, ମାନସ ମହାନ୍ତି, ସୁଶାନ୍ତ ମହାପାତ୍ର, ସୁନୀତା ମିଶ୍ର, ରଜନୀକାନ୍ତ ପଟ୍ଟନାୟକ, ସନ୍ଧ୍ୟାରାଣୀ କାଠୁଆ, ସନ୍ତୋଷୀ ବିଶ୍ୱାଳ, ଚିନ୍ମୟୀ ନନ୍ଦ, ପ୍ରଶାନ୍ତ ଜେନା, ଅରକ୍ଷିତ ବେହେରା, ନିରଞ୍ଜନ ବେହେରା, ଶତ୍ରୁଘ୍ନ ପୁହାଣ, ସୁଶାନ୍ତ ନାୟକ, ବିଦ୍ରୁ ମଙ୍ଗରାଜ, ମାନସ ବାରିକ ଓ ସୁରେଶ ନନ୍ଦ ପ୍ରମୁଖ ଯୋଗଦେଇଥିଲେ।



## ଭାଗବତ ଟୁଙ୍ଗି ପ୍ରତିଷ୍ଠା

ପୁରୀ,୪।୮ (ସମିସ): ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ରାଜ୍ୟ ବାହାରେ ନବମ ଭାଗବତ ଟୁଙ୍ଗି ପ୍ରତିଷ୍ଠା ହୋଇଛି। ଭାଗବତ ଭାଷ୍ୟକାର ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଏକ ଦଳ ଉତ୍ତର ପ୍ରଦେଶରେ ପହଞ୍ଚିବା ପରେ ଫୈଜାଲବାଦ ରାଜପଥର ସିଲ୍‌ଭର ଲେନ୍‌ସ୍ଥିତ ବାବୁ ବନାରସ ଦାସ ବିଶ୍ୱବିଦ୍ୟାଳୟ ସମ୍ମୁଖ ଭାଗରେ ଏହି ଟୁଙ୍ଗି ପ୍ରତିଷ୍ଠା କରାଯାଇଛି। ବିଶିଷ୍ଟ ସଂସ୍କୃତି ପ୍ରଚାରକ ମହେଶ ପ୍ରସାଦ ମିଶ୍ରଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଛି। ଏଥିରେ ମହେଶ ପାଣ୍ଡେ, ନବୀନ ଶୁକ୍ଳା, ପାୟଲ ମିଶ୍ର, ସୁଲୋଚନା ମିଶ୍ର, ଯୁବ ସଂଗଠକ ପ୍ରଶାନ୍ତ ତ୍ରିପାଠୀ ସମେତ ଅନେକ ପ୍ରବାସୀ ଓଡ଼ିଆ ଯୋଗଦେଇଥିଲେ। ଏହି ଅବସରରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଓ ଶ୍ରୀମଦ୍ ଭଗବତ ଗୀତା ମହେଶ ପ୍ରସାଦ ମିଶ୍ରଙ୍କୁ ଅର୍ପଣ କରାଯାଇଥିଲା। ସୂଚନାଥାଉ କି, ପୂର୍ବରୁ ହିମାଚଳ ପ୍ରଦେଶ, ଜାମ୍ମୁ, ପଞ୍ଜାବ, ଦିଲ୍ଲୀ, ହରିଆଣା, ରାଜସ୍ଥାନ, ଗୁଜରାଟ, ଛତିଶଗଡ଼ରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା ହୋଇଛି।

● ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

## ୧୧୯ ଅଭିଯୋଗରୁ ୮୧ ବ୍ୟକ୍ତିଗତ

ପୁରୀ,୪।୮ (ସମିସ): ପୁରୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟରଞ୍ଜନ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ୍ ୧୧୯ଟି ଅଭିଯୋଗ ମିଳିଥିଲା। ସେଥିରୁ ୮୧ଟି ବ୍ୟକ୍ତିଗତ, ୩୦ଟି ଗ୍ରାମ ସମ୍ବନ୍ଧୀୟ ଓ ୮ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ୪ଜଣଙ୍କୁ ରେଡ୍‌କ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୯ ହଜାର ଟଙ୍କାର ଚିକିତ୍ସା ସହାୟତା ମଞ୍ଜୁର କରାଯାଇଥିଲା। ତତ୍‌କ୍ଷଣାତ୍ ୫ଟିର ସମାଧାନ କରାଯାଇ ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଡିଆଇବି ଅତିରିକ୍ତ ଏସ୍‌ପି ଦେବୀ ପ୍ରସାଦ ପ୍ରତାପ, ସିଡିଏମ୍‌ଓ ଡା. ଅକ୍ଷୟ ଶତପଥୀ, ଡିଏସ୍‌ପି ତାରା ଜସ୍ମିନ ଗୁରିଆ, ସଦର ବିଡିଓ ସସ୍ମିତ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଅଗଷ୍ଟ ୧୧ରେ ବ୍ରହ୍ମଗିରି ବ୍ଲକ୍ ସମ୍ମିଳନୀ କକ୍ଷରେ, ୧୮ରେ ସତ୍ୟବାଦୀ ବ୍ଲକ୍ ସମ୍ମିଳନୀ କକ୍ଷରେ ଓ ଅଗଷ୍ଟ ୨୫ରେ ଅସ୍ତରଙ୍ଗ ବ୍ଲକ୍ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଟାରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ।

ଶ୍ରାବଣ ଶେଷ ସୋମବାର

## ଶ୍ରୀଲୋକନାଥଙ୍କୁ ଜଳଲାଗି କଲେ ୧୯,୬୦୦ କାଉଡ଼ିଆ

ପୁରୀ,୪।୮ (ସମିସ)



ଶ୍ରାବଣ ମାସ ଚତୁର୍ଥ ବା ଶେଷ ସୋମବାର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଜ୍ୟର ବିଭିନ୍ନ ନଦୀରୁ ଜଳ ଆଣି ୧୯,୬୦୦ କାଉଡ଼ିଆ ଶ୍ରୀଲୋକନାଥଙ୍କୁ ଜଳଲାଗି କରିଛନ୍ତି। ମନ୍ଦିର ଦ୍ୱାର ଫିଟାଯିବା ପରେ ଜଳଲାଗି ପାଇଁ କାଉଡ଼ିଆଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ବାବା ଲୋକନାଥଙ୍କ ଦର୍ଶନ ପରେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି।

ରବିବାରଠାରୁ ଶ୍ରୀକ୍ଷେତ୍ରକୁ ବୋଲ୍‌ବମ୍ ଭକ୍ତଙ୍କ ଆଗମନ ଜୋର୍ ଧରିଥିଲା। ଭୁବନେଶ୍ୱର ପାଶ୍ୱର୍ରୁ ଆସୁଥିବା ଭକ୍ତମାନେ ବାଟମଙ୍ଗଳା, ଅଠରନଳା ଦେଇ ପୁରୀକୁ ପ୍ରବେଶ କରିଥିଲେ। ସେହିପରି ପୁରୀ ବାଇପାସ୍ ମଙ୍ଗଳାଘାଟ ଛକ ଦେଇ ଅନେକ କାଉଡ଼ିଆ ଲୋକନାଥ ପୀଠକୁ ଯାଇଥିଲେ। ସନ୍ଧ୍ୟା ପରଠାରୁ ବ୍ୟାରିକେଡ୍‌ରେ ଲାଇନ୍ ଲଗାଇଥିଲେ କାଉଡ଼ିଆ। ରାତି ୧୦ଟା ବେଳକୁ ହଜାର ହଜାର ସଂଖ୍ୟାରେ ବୋଲ୍‌ବମ୍ ଭକ୍ତ ଧାଡ଼ି ଲଗାଇ ଦେଇଥିଲେ। ଶୃଙ୍ଖଳିତ ଜଳଲାଗି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାତି ୧୨ଟା ୫ରେ ଦ୍ୱାର ଫିଟାଯାଇଥିଲା। ମଙ୍ଗଳଆଳତି ଓ ଅବକାଶ ପରେ ରାତି ୧୨ଟା ୩୦ରୁ ଜଳଲାଗି ଆରମ୍ଭ ହୋଇ ସୋମବାର ଅପରାହ୍ନ ପ୍ରାୟ ୨ଟା ପର୍ଯ୍ୟନ୍ତ ଜାରି ରହିଥିଲା। ବ୍ୟାରିକେଡ୍ ଦେଇ ପାର୍ବତୀ ସାଗର କଡ଼େ କଡ଼େ ଯାଇଥିଲେ। ରୋଷଘର ଦୁଆରମୁହଁରେ ପ୍ରବେଶ କରି ନାଟମଣ୍ଡ ମନ୍ଦିର ପଛପଟେ ଯାଇ ଲକ୍ଷ୍ମୀଙ୍କ ଦ୍ୱାରରେ ସ୍ଥାପିତ ପ୍ରଭୁ ଶ୍ରୀଲୋକନାଥଙ୍କ ଲିଙ୍ଗରେ ପାଣି ଢାଳିଥିଲେ। ଏହାପରେ ସିଂହଦ୍ୱାର ଦେଇ ବାହାରକୁ ବାହାରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୁଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା।

## ହୋଟେଲରେ ବରିଷ୍ଠ ସେବାୟତଙ୍କ ପୁଅର ଉନ୍ମତ୍ତକାଣ୍ଡ

ପୁରୀ,୪।୮ (ସମିସ): ସିଟି ରୋଡ୍‌ସ୍ଥିତ ଏକ ହୋଟେଲରେ ଜଣେ ଯୁବକ ଉନ୍ମତ୍ତକାଣ୍ଡ ଭିଆଇଛନ୍ତି। ହୋଟେଲର ନାଇଟ୍ ମ୍ୟାନେଜର ତ୍ରିଲୋଚନ ବାରିକ, ସୁରକ୍ଷା କର୍ମୀ ପ୍ରସନ୍ନ ମାଛୁଆଙ୍କ ସମେତ ଅନ୍ୟ ୪ ଜଣ କର୍ମଚାରୀଙ୍କୁ ସମ୍ପୃକ୍ତ ଯୁବକ ଆକ୍ରମଣ କରିଛନ୍ତି। ସବୁଠୁ ସାଂଘାତିକ ହେଉଛି ଜଣେ ବରିଷ୍ଠ ସେବାୟତଙ୍କ ବଡ଼ ପୁଅ ଏହି ଆକ୍ରମଣ କରିଥିବା ଗୁରୁତର ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଦୁଇ ଜଣ ଯୁବକ ରବିବାର ବିଳମ୍ବିତ ରାତିରେ ହୋଟେଲ ଭିତରେ ପଶି ଏହି ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ସମସ୍ତ ଘଟଣା

### ଥାନାକୁ ନେଇ ଛାଡ଼ିଦେଲା ପୁଲିସ

ହୋଟେଲ ସିସିଟିଭି କ୍ୟାମେରାରେ କଏଦ୍ ହୋଇଛି। ସମ୍ପୃକ୍ତ ଯୁବକଦ୍ୱୟ ପ୍ରାୟ ୨୦ ମିନିଟ୍ ଧରି ବିନା କାରଣରେ ହୋଟେଲ ନାଇଟ୍ ମ୍ୟାନେଜରଙ୍କ ସହ ପ୍ରତିବାଦ କରିଥିବା ଅନ୍ୟ ୪ କର୍ମଚାରୀଙ୍କୁ ମାଡ଼ ମାରିଥିବା ସମୁଦ୍ରକୂଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ତାଙ୍କୁ ଥାନାକୁ ନେଇ ଛାଡ଼ିଦେଇଛି। ଏହି ଘଟଣା ପରେ ହୋଟେଲ କର୍ମଚାରୀ ଓ ପର୍ଯ୍ୟଟକ ନିଜକୁ ଅସୁରକ୍ଷିତ ମନେ କରିଛନ୍ତି। ପୁରୀ ଏକ ପର୍ଯ୍ୟଟନ ସହର ହୋଇଥିବାବେଳେ ଅଧିକାଂଶ ପର୍ଯ୍ୟଟକ ହୋଟେଲରେହିଁ ଅବସ୍ଥାନ କରିଥା'ନ୍ତି। ଯଦି ହୋଟେଲ ଭିତରେ ପଶି ଦୁର୍ବୃତ୍ତ ଏଭଳି କାଣ୍ଡ କରିବେ ତେବେ ପର୍ଯ୍ୟଟନ ଶିଳ୍ପ ବିଶେଷ ଭାବେ ପ୍ରଭାବିତ ହେବ। କୌଣସି ପୂର୍ବ ଶତ୍ରୁତା ନ ଥାଇ ମଧ୍ୟ ସିଟି ରୋଡ୍‌ର ଏହି ହୋଟେଲରେ ଏଭଳି ଅଭାବନୀୟ ଘଟଣା ଘଟିଛି। ହେଲେ ଆଶ୍ଚର୍ଯ୍ୟର ବିଷୟ ସମୁଦ୍ରକୂଳ ଥାନା ପୁଲିସ ସମ୍ପୃକ୍ତ ଦୁଇ ଯୁବକଙ୍କୁ ଛାଡ଼ି ଦେଇଛି।

## ପ୍ରଭୁଶ୍ରୀ ଇଂଲିଶ ମିଡିୟମ ସ୍କୁଲ ଛାତ୍ରଙ୍କ ସଫଳତା

ପୁରୀ,୪।୮ (ସମିସ): ପୁରୀ ସଦର ବ୍ଲକ୍ ମାଳତୀପାଟପୁର ମାଳିବାଲିଆସ୍ଥିତ ପ୍ରଭୁଶ୍ରୀ ଇଂଲିଶ ମିଡିୟମ ସ୍କୁଲର ଦୁଇଜଣ ଛାତ୍ର ସଫଳତା ପାଇଛନ୍ତି। ଭାରତ ବୈଷୟିକ ଦକ୍ଷତା ବିକାଶ ପରିଷଦ ଦ୍ୱାରା ଆୟୋଜିତ ଆର୍ଯ୍ୟଭଟ୍ଟ ଜାତୀୟ ଗଣିତ ପ୍ରତିଯୋଗିତା-୨୦୨୫ରେ ବିଦ୍ୟାଳୟର ଛାତ୍ର ଅଭିଜ୍ଞାନ ପଟ୍ଟନାୟକ ସର୍ବଭାରତୀୟସ୍ତରରେ ୧୫୮ ର୍ୟାଙ୍କ ରଖିଛନ୍ତି। ଏହି ଜାତୀୟସ୍ତରୀୟ ପରୀକ୍ଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟ୍‌ଫର୍ମ, ଯାହା ଛାତ୍ରଛାତ୍ରୀଙ୍କ ଗାଣିତ୍ୟିକ ଦକ୍ଷତା ଏବଂ ବିଶ୍ଳେଷଣାତ୍ମକ ଚିନ୍ତାଧାରାକୁ ପ୍ରତିପାଦିତ କରିଥାଏ। ସେହିପରି ଶିଶୁ ସମାଚାରର ଅଷ୍ଟାଦଶ ସ୍ୱନକ୍ଷତ୍ର ସମାରୋହ ଓ ଶିଶୁ ପ୍ରତିଭା ମହୋତ୍ସବ ଅବସରରେ ଆୟୋଜିତ ଚେସ୍ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଭାଗ ନେଇ ବିଦ୍ୟାଳୟର ଆଶୀର୍ବାଦ ସୁବୁଦ୍ଧି ଚତୁର୍ଥ ସ୍ଥାନ ଅଧିକାର କରି ତାଙ୍କ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ଆଶୀର୍ବାଦଙ୍କର ଚମତ୍କାର ପ୍ରଦର୍ଶନ ବିଦ୍ୟାଳୟ ପାଇଁ ଗୌରବ ଆଣିପାରିଛି।



## ପ୍ରତିଷ୍ଠା ଦିବସରେ ସିପିଏସ୍‌ରେ ରକ୍ତଦାନ ଶିବିର

ପୁରୀ,୪।୮ (ସମିସ): ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍(ସିପିଏସ୍)ରେ କଲେଜର ପୂର୍ବତନ ଚେୟାରମ୍ୟାନ୍ ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ୭୪ତମ ଜନ୍ମବାର୍ଷିକୀ ଏବଂ କଲେଜର ୩୯ତମ ପ୍ରତିଷ୍ଠା ଦିବସ ଅବସରରେ ସୋମବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ୬୧ ଜଣ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ରକ୍ତଦାନ କରିଥିଲେ। ପରେ ଆୟୋଜିତ ସଭାରେ ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ପୁଷ୍କର ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବଂଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିଚାରଣ କରିବା ସହିତ ସେ ଜଣେ ଛାତ୍ରବତ୍ସଳ, କର୍ତ୍ତବ୍ୟନିଷ୍ଠ, ପରିଶ୍ରମୀ ଓ ଉଚ୍ଚକୋଟିର ମଣିଷ ଥିଲେ ବୋଲି କହିଥିଲେ। ସ୍ୱର୍ଗତ ମିଶ୍ର ପରିଶ୍ରମ ଦ୍ୱାରା କିପରି ସଫଳତାର ଶୀର୍ଷରେ ପହଞ୍ଚି ପାରିଥିଲେ ଏବଂ ପରିଶ୍ରମ ଦ୍ୱାରା କେହି ବି ନିଜର ସ୍ୱପ୍ନ ସାକାର କରିପାରିବ ବୋଲି ସେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା ସମାଜସେବୀ ପ୍ରଦୀପ କୁମାର ମହାନ୍ତି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ପୁରୀ ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡା. ଦୀପକ କୁମାର ସାହୁ ଓ କଲେଜ ଅଧ୍ୟକ୍ଷ ଡ. ମିଶ୍ର କହିଥିଲେ ଯେ ସ୍ୱର୍ଗତ ମିଶ୍ର ଏକାଧାରାରେ ସାହିତ୍ୟିକ, ସାମ୍ବାଦିକ, ଆଇନଜୀବୀ, ସମାଜସେବୀ, ସଂଗଠକ ଓ ଶିକ୍ଷାବିତ୍ ଥିଲେ। ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଧର୍ମ ଧର୍ମ ମଧ୍ୟରେ ଭେଦଭାବ ଭଳି କଦର୍ଯ୍ୟ ଚିନ୍ତାଧାରାକୁ ଦୂର କରିବାକୁ ସେ ବହୁତ ସ୍କୁଲ ଓ କଲେଜ ପ୍ରତିଷ୍ଠା କରିଥିଲେ। କଲେଜର ଚେୟାରପର୍ସନ ଅନିମା ଦାସ କଲେଜର ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଗତ ମିଶ୍ରଙ୍କ ପରି ଜଣେ କର୍ତ୍ତବ୍ୟନିଷ୍ଠ ଓ ପରୋପକାରୀ ବ୍ୟକ୍ତି ହୋଇ ସମସ୍ତଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ। ରକ୍ତଦାନ ଶିବିର ଓ ସଭା କାର୍ଯ୍ୟକୁ ଅଧ୍ୟାପକ ଓ ଅଧ୍ୟାପିକା ସୁନୀତା ମିଶ୍ର, ଅସିତ୍ ଷଡ଼ଙ୍ଗୀ, ତୃପ୍ତି ରଞ୍ଜନ ପାଢ଼ୀ, ସଞ୍ଚୟିତା ମଣ୍ଡଳ ପରିଚାଳନା କରିଥିବାବେଳେ ଅନୁପ ପାତ୍ର, ବିଶ୍ୱଜିତ୍ ପାଇକରାୟ, ବିଦ୍ୟୁତ୍ସ୍ମିତା ପ୍ରଧାନ ଓ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପରିଚାଳନାରେ ସହାୟତା କରିଥିଲେ। ଅଧ୍ୟାପିକା ସଞ୍ଚୟିତା ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।



## ଝୁଲଣ କୁଞ୍ଜରେ ବିରାଜିଲେ ଠାକୁର



ବ୍ରହ୍ମଗିରି,୪।୮ (ସମିସ): ଶ୍ରାବଣ ମାସର ଦଶମୀ ଅର୍ଥାତ୍ ସୋମବାରଠାରୁ ଅଲାରନାଥଙ୍କ ମନ୍ଦିରରେ ଆରମ୍ଭ ହୋଇଛି ଝୁଲଣ ଯାତ୍ରା। ଏହି ଯାତ୍ରା ୫ ଦିନ ଧରି ଚାଲିବ ବୋଲି ସେବାୟତମାନେ କହିଛନ୍ତି। ଶରତ ରାସର ପୂର୍ବାଭାବ ଏହି ଝୁଲଣ ଯାତ୍ରା ହେଉଛି ଗୋପୀମାନଙ୍କ ଗହଣରେ ରାଧାକୃଷ୍ଣଙ୍କ ବିଳାସମୟ ଦୋଳିକେଳି। ଭଜନ କୀର୍ତ୍ତନରେ ଗୁଞ୍ଜରିତ ହୋଇଉଠୁଛି ଅଲାରନାଥଙ୍କ ପୀଠ। ଏଥିପାଇଁ ସନ୍ଧ୍ୟା ପୂର୍ବରୁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ହୋଇଥିଲା। ଏହି ଝୁଲଣ ଯାତ୍ରା ପାଇଁ ମନ୍ଦିର ପରିସର ଚଳଚଞ୍ଚଳ ହୋଇପଡ଼ିଛି। ଝୁଲଣ କୁଞ୍ଜ ପରିସରକୁ ଜମ୍ମୁରା ରଙ୍ଗିନ କାଗଜରେ ଆକର୍ଷଣୀୟ ସଜେଇ ଦିଆଯାଇଛି। ଏଥିସହ ରଙ୍ଗୀନ ଆଲୋକମାଳାରେ ଝଲସି ଉଠୁଛି କୁଞ୍ଜ ପରିସର। ଏହି ସୁସଜ୍ଜିତ କୁଞ୍ଜରେ ଗୋପୀମାନଙ୍କ ଗହଣରେ ରାଧା-କୃଷ୍ଣ ଦୋଳିରେ ଝୁଲୁଛନ୍ତି। ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। ପ୍ରତ୍ୟହ ନିତ୍ୟ ଆଳତି ପରେ ଠାକୁରଙ୍କ ପାଇଁ ଝୁଲଣ ଆଳତି ଏବଂ ସ୍ୱତନ୍ତ୍ର ଭୋଗ ଲାଗି କରାଯାଏ। ବହୁ ସଂଖ୍ୟାରେ ଦର୍ଶନାର୍ଥୀ ଝୁଲଣ ଯାତ୍ରା ଦେଖିବା ଲାଗି ଆସୁଥିବା ଦେଖିବାକୁ ମିଳିଛି।

## ସାକ୍ଷୀଗୋପାଳରେ ପାରମ୍ପରିକ ଝୁଲଣ ଯାତ୍ରା



ସୋମବାର ପବିତ୍ର ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ପରମ୍ପରା କ୍ରମେ ସାକ୍ଷୀଗୋପାଳ ମନ୍ଦିରରେ ଠାକୁରଙ୍କ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ରଙ୍ଗବେରଙ୍ଗ ଜରି ଜମ୍ମୁରା, କାଗଜ, ଶୋଲ, କଦମ୍ବ, ପଦ୍ମଫୁଲ, ସେବତୀ ଫୁଲହାର, ଝାଲର, କୃଷ୍ଣ, ବଳରାମ, ରୋହିଣୀ, ଯଶୋଦା, ଗୋପୀ-ଗୋପାଳ, ସଖୀମାନେ ଶୋଭାପାଉଛନ୍ତି। ଶୁଆ, ଶାରୀ, ବଣି, ପାରା, ବଗ, ମୟୁର ଝୁଲଣ କୁଞ୍ଜରେ ଶୋଭା ପାଉଛନ୍ତି। ଆକର୍ଷଣୀୟ ଆଲୋକମାଳାରେ ଝୁଲଣ କୁଞ୍ଜ ସହ ଝୁଲଣ ମଣ୍ଡପ ସଜ୍ଜିତ କରାଯାଇଛି। ଝୁଲଣ ମଣ୍ଡପ ସମ୍ମୁଖରେ ଭୀମ ଓ ଦୁଃଶାସନଙ୍କ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି। ଝୁଲଣ ସାଜସଜ୍ଜା ସହିତ ସନ୍ଧ୍ୟାରେ ଗୋଟିପୁଅ ନୃତ୍ୟ ପରିବେଷଣ ଆକର୍ଷଣୀୟ ହୋଇଛି। ଠାକୁରଙ୍କ ଚଳନ୍ତି ପ୍ରତିମା ଶ୍ରୀଶ୍ରୀମଦନମୋହନ ଦେବ ଭିତର କୁଞ୍ଜରେ ବିଜେ କରିବା ପରେ ଠାକୁରଙ୍କୁ ଟାହିଆ ଲାଗି, ଯାତଭୋଗ, ଆଳତି ଅନୁଷ୍ଠିତ ହୋଇଥିଲା।

# ସମ୍ପାଦକୀୟ



ମଣିଷର ନିର୍ବୋଧତାକୁ ହେୟଜ୍ଞାନ କରାଯାଇପାରିବ ନାହିଁ।

-ୟୁଭାଲ୍ ନୋ ହରାରି

ସକାଳ
THE SAKALA

## ଅମର ଅର୍ଥନୀତି

ରୁଷ୍ ସହିତ ଭାରତର ସ୍ଥାୟୀ ବନ୍ଧୁତ୍ୱ ଏବଂ ସମୃଦ୍ଧ ବାଣିଜ୍ୟ କାରବାରରେ ଈର୍ଷାନ୍ୱିତ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଓ ରୁଷ୍‌ର ଅର୍ଥନୀତିକୁ ଡେଡ୍ ଇକୋନୋମୀ(ମୃତ ଅର୍ଥନୀତି) ଭାବେ ଦାୟିତ୍ୱହୀନ ଓ ବିଚାରବୁଦ୍ଧି ରହିତ ବିବାଦୀୟ ମନ୍ତବ୍ୟଟିଏ ଦେଇଛନ୍ତି। ଆହୁରି ଦୁର୍ଭାଗ୍ୟଜନକ ହେଲା ବାଚାଳାମି ପାଇଁ କୁଖ୍ୟାତ ଟ୍ରମ୍ପଙ୍କ ଏହି ମନ୍ତବ୍ୟକୁ ଭାରତରେ କେତେକ ମହଲରେ ସମର୍ଥନ ମିଳିଛି। ଟ୍ରମ୍ପଙ୍କ ଏହି ଭାରତ ଅସୂୟା ମନ୍ତବ୍ୟକୁ ବିଶ୍ୱ ସେତେଟା ଗୁରୁତ୍ୱ ଦେଇନି। ଅଥଚ ଭାରତରେ ତାହାର ସ୍ୱାଗତ ଓ ସମର୍ଥନର ସ୍ୱର ଭାରତର ଅସଫଳତାରେ ସ୍ୱାଭାବିକ ଖୁସି ହେଉଥିବା ଶତ୍ରୁ ଦେଶମାନଙ୍କୁ ବେଶି ଆମୋଦିତ କରୁଛି।

ଏବେ ଟ୍ରମ୍ପ ମହାଶୟଙ୍କ ସାଧାରଣଜ୍ଞାନ ରହିତ ମନ୍ତବ୍ୟ କେତେ ଅପରିପକ୍ୱ ତାହା ଉପରେ ଥରେ ଦୃଷ୍ଟି ପକାଯାଉ। ଏକ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବେ ଭାରତ ଏବେ ବିଶ୍ୱରେ ଈର୍ଷଣୀୟ ସଫଳତା ଲାଭ କରିଛି। ଭାରତର ଅର୍ଥନୀତିକୁ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତି ରୂପେ ଘୋଷଣା କରିଛି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି। ଖୋଦ୍ ଟ୍ରମ୍ପ ମହାଶୟ ମଧ୍ୟ ଭାରତର ବିପୁଳ ଖାଉଟି ବଜାରରେ ପାଦ ଥାପିବାକୁ ବ୍ୟାକୁଳ। ସେ ଯୁଗ ଆଉ ନାହିଁ, ଯେତେବେଳେ ଭାରତ ଖାଦ୍ୟ ଶସ୍ୟ ପାଇଁ ଆମେରିକା ପାଖରେ ହାତ ପତେଇବାକୁ ପଡୁଥିଲା। ୧୯୯୧ ମସିହାରେ ଭାରତୀୟ ଅର୍ଥନୀତିର ନୂତନ ସଂସ୍କାର ଓ ସଂରଚନା ତାହାର ମୌଳିକ ଭିତ୍ତିଭୂମିକୁ ଏତେ ସୁଦୃଢ଼ କରିଛି ଯେ ୨୦୦୮ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ମଧ୍ୟ ଦୋହଲାଇ ପାରିନାହିଁ। ଭାରତର ଅର୍ଥନୀତିକୁ 'ଡେଡ୍ ଇକୋନୋମୀ' ଆଖ୍ୟା ଦେବା ପୂର୍ବରୁ ଟ୍ରମ୍ପ ମହାଶୟ ଅନ୍ତତଃ ଥରେ ସ୍ମରଣକୁ ଆଣିବା ଆବଶ୍ୟକ ଥିଲା ଯେ ତାଙ୍କ ଦେଶରୁ ସୃଷ୍ଟ ଆର୍ଥିକ ଅନିୟମିତତା(ସବ୍‌ପ୍ରାଇମ୍ ଲୋନ୍‌ର ପରିଚାଳନାରେ ତ୍ରୁଟି ଯୋଗୁଁ ବୃହତ୍ ଆର୍ଥିକ ସଂସ୍ଥା ଲେହମ୍ୟାନ ବ୍ରଦର୍ସ ଓ ମେରିଲ୍ ଲିଞ୍ଚ ଭୁଶୁଡ଼ି ପଡ଼ିଥିଲା) ସାରା ବିଶ୍ୱ ସମେତ ଆମେରିକାର ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇଥିଲା, ଯାହାର ପ୍ରଭାବରୁ ଅନେକ ଦେଶ ଦୀର୍ଘବର୍ଷ ପର୍ଯ୍ୟନ୍ତ ମୁକୁଳିପାରି ନଥିଲେ। ଅପରପକ୍ଷରେ ଭାରତୀୟ ଅର୍ଥନୀତି କେବଳ ସଦର୍ପେ ଠିଆ ହୋଇ ନ ଥିଲା, ୨୦୦୮-୦୯ ଆର୍ଥିକ ବର୍ଷର ଅର୍ଥନୈତିକ ଅଭିବୃଦ୍ଧି ହାର ଦୁଇ ଅଙ୍କ ପାଖାପାଖି ପହଞ୍ଚିଥିଲା।

ଆଇଏମଏଫ୍ ତରଫରୁ ପ୍ରକାଶିତ ବିଗତ ୩୦ ବର୍ଷର ଅର୍ଥନୈତିକ ଦ୍ରୁତ ଅଭିବୃଦ୍ଧି ତାଲିକାର ପ୍ରଥମ ତିନିସ୍ଥାନରେ ଯଥାକ୍ରମେ ଚୀନ୍, ଭାରତ ଓ ରୁଷିଆ ରହିଛନ୍ତି। ସେହି ସମୟ ମଧ୍ୟରେ ବିକଶିତ ଦେଶ ଇଂଲଣ୍ଡ, ଜର୍ମାନୀ ଓ ଜାପାନର ଅର୍ଥନୈତିକ ଅଭିବୃଦ୍ଧି ହାରରେ ହ୍ରାସ ଘଟିଛି। ୧୯୯୫ରେ ଆମେରିକୀୟ ଅର୍ଥନୀତି ତୁଳନାରେ ଭାରତୀୟ ଅର୍ଥନୀତିର ଆକାର ମାତ୍ର ୫% ଥିବା ବେଳେ ୩୦ ବର୍ଷ ଭିତରେ ୧୪% ପ୍ରତିଶତରେ ପହଞ୍ଚି ପାରିଛି। ଆଇଏମ୍ଏଫ୍‌ର ଗତ ୨୯ ତାରିଖରେ ପ୍ରକାଶିତ ସଂଶୋଧିତ 'ୱାର୍ଲ୍ଡ ଇକୋନୋମିକ୍ ଆଉଟଲୁକ୍' ୨୦୨୫ରେ ଆମେରିକାର ଅର୍ଥନୀତି ମାତ୍ର ୧% ହାରରେ ଏବଂ ଭାରତର ଅର୍ଥନୀତି ୬.୪ ହାରରେ ବଢ଼ିବ ବୋଲି ଆକଳନ କରିଛି। ତେଣୁ ଭାରତର ଏହି ଈର୍ଷଣୀୟ ଅର୍ଥନୈତିକ ସଫଳତାରେ ଟ୍ରମ୍ପ ମହାଶୟ ଈର୍ଷାନ୍ୱିତ ହୋଇ ଏଭଳି ପିଲାଳିଆମୀ ମନ୍ତବ୍ୟ ଟିଏ ଦେଇଥାଇପାରନ୍ତି।

ଆମେରିକାର ବିଶିଷ୍ଟ ଅର୍ଥନୀତିଜ୍ଞ ଜେଫ୍ରି ସାକ୍ସଙ୍କ ମତରେ ଆମେରିକା କେବେ ମଧ୍ୟ ଚାହେଁନାହିଁ ଯେ ଭାରତ ଅର୍ଥନୈତିକ ଶକ୍ତି ଭାବେ ଉଭା ହେଉ। କେବଳ ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବା ପାଇଁ ଭାରତ ସହିତ ଆମେରିକା ଛଳନା କରୁଛି। ଏପରିକି ଆମେରିକା ଭାରତର ଅର୍ଥନୀତିକୁ ଭୟ କରୁଛି। ତେଣୁ ନିକଟ ଭବିଷ୍ୟତରେ ଭାରତୀୟ ଅର୍ଥନୀତିକୁ ସୁହାଇବା ଭଳି କୌଣସି ବାଣିଜ୍ୟ ଚୁକ୍ତି ଆମେରିକା କରିବାର ସମ୍ଭାବନା ନାହିଁ ବୋଲି ସେ ବହୁପୂର୍ବରୁ ଚେତାଇ ଦେଇଥିଲେ, ଯାହା ଏବେ ପ୍ରାୟ ସତ ସାବ୍ୟସ୍ତ ହେବାକୁ ଯାଉଛି। ଯେତେବେଳେ ଟ୍ରମ୍ପଙ୍କ ମତିଗତି ନେଇ ଆମେରିକାର ଅର୍ଥନୀତିଜ୍ଞ ସନ୍ଦୀହାନ, ଆମେ ଭାରତୀୟ ହୋଇ 'ଡେଡ୍ ଇକୋନୋମି' ମନ୍ତବ୍ୟକୁ ସମର୍ଥନ କରିବା କେତେ ସମୀଚୀନ ତାହା ବିଚାର୍ଯ୍ୟ।

ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧାଭାସ ଓ ସମାଲୋଚନା ଅପରିହାର୍ଯ୍ୟ। ତ୍ରୁଟିବିଚ୍ୟୁତି ସୁଧାରି ଶାସନ ବ୍ୟବସ୍ଥାକୁ ସୁସଂହତ ଓ ଲୋକାଭିମୁଖୀ କରିବାରେ ଶାସକଙ୍କ ପାଇଁ ଏହା ଏକ ଦର୍ପଣ ଭଳି କାର୍ଯ୍ୟ କରେ। ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତି ହେବା ସତ୍ତ୍ୱେ ଭାରତରେ ଅର୍ଥନୈତିକ ବୈଷମ୍ୟ ଉତ୍କଟ ଏବଂ ଏବେ ମଧ୍ୟ ଦେଶର ୮୦ କୋଟି ପରିବାର ରିହାତି ଯୋଜନା ଉପରେ ନିର୍ଭରଶୀଳ। କିନ୍ତୁ ଏ ସମ୍ପର୍କିତ ଆଲୋଚନା-ସମାଲୋଚନା ପାଇଁ ଦେଶର ଆଭ୍ୟନ୍ତରୀଣ ମଞ୍ଚରେ ବିଶାଳ ସୁଯୋଗ ରହିଛି। ଦଳୀୟ ରାଜନୀତି ଓ ଆଦର୍ଶଗତ ଅସୂୟା ଆଧାରରେ ବିରୋଧ କରିବା ପାଇଁ ବିଦେଶୀ ଶକ୍ତିର ସାହାଯ୍ୟ ନେବା କିମ୍ବା ଆକ୍ଷେପ କରିବା ପାଇଁ ଦେଶବିରୋଧୀ ମତ ଓ ମନ୍ତବ୍ୟକୁ ଆଧାର କରିବା ଆଦୌ ଦେଶଭକ୍ତିର ପରିଚୟ ନୁହେଁ। ଅଧିକନ୍ତୁ ଟ୍ରମ୍ପ ବାରମ୍ବାର ଦେଉଥିବା ଭାରତ ବିରୋଧୀ ମନ୍ତବ୍ୟକୁ ବିରୋଧ କରି ସଂସଦରେ ଏକ ନିନ୍ଦା ପ୍ରସ୍ତାବ ଆଗତ କରାଯାଇପାରିଥା'ନ୍ତା। ଶାସକ ଦଳକୁ ଦୋଛକିରେ ଛାଡ଼ିବା ପାଇଁ ବିରୋଧୀ ଦଳ ଏହାକୁ ଏକ ଅଭେଦ୍ୟ ଅସ୍ତ୍ର କରିପାରିଥା'ନ୍ତା। ଏହାଦ୍ୱାରା ମଧ୍ୟ ବିରୋଧୀ ଦଳର ରାଷ୍ଟ୍ରପ୍ରୀତି ଭାବମୂର୍ତ୍ତି ଆହୁରି ଉଜ୍ଜ୍ୱଳ ହୋଇଥା'ନ୍ତା। କିନ୍ତୁ ଯାହା ଲାଗୁଛି ଏଭଳି ଏକ ଅମୋଘ ଅସ୍ତ୍ରକୁ ବିରୋଧୀ ଦଳ ହାତଛଡ଼ା କରିଛି। ତା'ସହିତ ଟ୍ରମ୍ପଙ୍କ 'ଡେଡ୍ ଇକୋନୋମୀ' ମତକୁ ସମର୍ଥନ କରି ଅଯଥା ରାଷ୍ଟ୍ରହିତ ପରିପନ୍ଥୀ ଅପବାଦ ମୁଣ୍ଡାଇବା ସାର ହୋଇଛି।

ଆମ ପାଖରେ ରହିଛି ବିଶାଳ ଖାଉଟି ବଜାର, ଯାହା ଆମ ଅର୍ଥନୀତିର ସବୁଠାରୁ ଶକ୍ତିଶାଳୀ ଓ ଅଭେଦ୍ୟ ଢାଲ। ଏହାଛଡ଼ା ଭାରତୀୟ ଅର୍ଥନୀତିର ମୌଳିକ ଢାଞ୍ଚା ଏତେ ସୁଦୃଢ଼ ଯେ ସେଥିରେ କିଛିମାତ୍ରାରେ କେତେବେଳେ କେମିତି ଅତିକ୍ଷଣସ୍ଥାୟୀ ମୃଦୁକମ୍ପନ ସୃଷ୍ଟି ହୋଇପାରେ, କିନ୍ତୁ ଭୁଶୁଡ଼ିବାର ଆଶଙ୍କା ଆଦୌ ନାହିଁ। ଆମ ଦେଶର ବିଚକ୍ଷଣ, ଦୂରଦୃଷ୍ଟି ସମ୍ପନ୍ନ, ଧୂରୀଣ ଅର୍ଥନୀତିଜ୍ଞଙ୍କ ବିଗତ ୭୫ ବର୍ଷର ରଣନୀତି ଆମେ ଅର୍ଥନୀତିକୁ ଅମର କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଶାସନ କ୍ଷମତା ଯେଉଁ ରାଜନୈତିକ ଓ ଦଳୀୟ ଆଦର୍ଶ ପରିଚାଳିତ ହେଉ ନା କାହିଁକି, ଆମ ଅର୍ଥନୀତିର ଅମରତ୍ୱ କ୍ଷୁଣ୍ଣ ହେବ ନାହିଁ; ଅନ୍ତତଃ ଏହି ଦୃଢ଼ ବିଶ୍ୱାସ ଦଳମତ ନିର୍ବିଶେଷରେ ସମସ୍ତ ଭାରତୀୟଙ୍କ ରହିବା ଆବଶ୍ୟକ। ●

## ବୟସର ସାୟାହ୍ନରେ ଉତ୍କର୍ଷର ସୂର୍ଯ୍ୟୋଦୟ

ମନୋରଞ୍ଜନ ମହାନ୍ତି

ପ୍ରାୟତଃ କୌଣସି ଉଲ୍ଲେଖନୀୟ ଉପଲବ୍ଧି, ଉତ୍କର୍ଷ, ସଫଳତା ଆମ ବୟସ ଆଧାରିତ ଶାରୀରିକ ଓ ମାନସିକ ଦକ୍ଷତା ଉପରେ ନିର୍ଭର କରେ ବୋଲି ଏକ ବଦ୍ଧମୂଳ ଧାରଣା ରହିଛି। ଅନେକେ ମଧ୍ୟ ଆୟୁ-ଉତ୍କର୍ଷ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଥିବା ବିଶ୍ୱାସ କରନ୍ତି ଏବଂ ବୟସର ଉତ୍ତରାୟଣରେ ହତୋତ୍ସାହିତ ଓ ଉଦାସୀନ ହୋଇପଡ଼ନ୍ତି। ଏହି ମାନସିକ ଭାବନା ସେମାନଙ୍କୁ ପ୍ରତିଭା ଓ ଉପଲବ୍ଧିଠାରୁ ଦୂରେଇ ନିଏ। କିନ୍ତୁ ଆମ ଇତିହାସ ଏଭଳି ଅନେକ ଉଦାହରଣରେ ସମୃଦ୍ଧ, ଯେଉଁଠାରେ ଉପଲବ୍ଧି ଓ ଉତ୍କର୍ଷ ଆଗରେ ବୟସ ହାର ମାନିଛି। ବୟସର ସାୟାହ୍ନରେ ଉପଲବ୍ଧିର ସୂର୍ଯ୍ୟୋଦୟ ଘଟିଛି।

୨୦୨୧ ମସିହା ସେପ୍ଟେମ୍ବର ମାସରେ ପୃଥିବୀର ଦୁଇଜଣ ମହାନ୍ କଳାକାରଙ୍କ ଦେହାନ୍ତ ହୋଇଥିଲା। ଜଣେ ଥିଲେ ଗ୍ରୀସ୍‌ର ସଙ୍ଗୀତକାର ମିକିସ୍ ଥିଓଡୋରାକିସ୍। ଆଉ ଜଣେ ଫ୍ରାନ୍ସର ଅଭିନେତା ଜାଁ-ପଲ୍ ବେଲ୍‌ମୋଣ୍ଡୋ। ଥିଓଡୋରାକିସ୍ ୧୯୨୫ ମସିହା ଜୁଲାଇ ୨୯ ତାରିଖରେ ଚିଓସ୍‌ର ପୂର୍ବ ଏଜିଆନ୍ ଦ୍ୱୀପରେ ଜନ୍ମ ହୋଇଥିଲେ ଏବଂ ଅଳ୍ପ ବୟସରୁ ସଙ୍ଗୀତ, କବିତା ରଚନାରେ ମନ ଦେଇଥିଲେ। ୨ୟ ବିଶ୍ୱଯୁଦ୍ଧ ସମୟରେ ଗ୍ରୀସ୍‌କୁ ଅଧିକାର କରିଥିବା ଇଟାଲୀୟ, ଜର୍ମାନ୍‌ମାନେ ତାଙ୍କୁ ବାମପନ୍ଥୀ ପ୍ରତିରୋଧ ଦଳରେ ସଂପୃକ୍ତ ଥିବା ଅଭିଯୋଗରେ ଗିରଫ କଲେ। ତାଙ୍କ ଦଳ ଯୁଦ୍ଧ ଶେଷରେ ଗଠିତ ସରକାର ଓ ସମ୍ରାଟଙ୍କୁ ବିରୋଧ କରୁଥିଲା। ଫଳସ୍ୱରୂପ ୧୯୪୬-୪୯ ମସିହାରେ ଗ୍ରୀସ୍‌ରେ ଗୃହଯୁଦ୍ଧ ସଂଘଟିତ ହେଲା, ଯେଉଁଥିରେ କମ୍ୟୁନିଷ୍ଟ ସମର୍ଥିତ ବିଦ୍ରୋହୀମାନେ ପରାସ୍ତ ହେଲେ। ଥିଓଡୋରାକିସ୍ ଗ୍ରୀକ୍ ଦ୍ୱୀପପୁଞ୍ଜ ଏପରିକି ଏଥେନ୍ସ ନିକଟବର୍ତ୍ତୀ କ୍ଷୁଦ୍ର ଦ୍ୱୀପ ମାକ୍ରୋନିଶୋସ୍‌ର କୁଖ୍ୟାତ କ୍ୟାମ୍ପ୍‌ରେ କାରାରୁଦ୍ଧ ହେଲେ। ତାଙ୍କୁ ପ୍ରବଳ ଶାରୀରିକ ନିର୍ଯାତନା ଦିଆଯାଇ ହାତଗୋଡ଼ ଭାଙ୍ଗି ଦିଆଗଲା। ତାଙ୍କ ଶରୀରର ବିଭିନ୍ନ ଅଂଶରେ କ୍ଷତ ସୃଷ୍ଟି ହେଲା, ଶ୍ୱାସକ୍ରିୟା ଜନିତ ସମସ୍ୟା ଦେଖାଦେଲା। ସେ ଯକ୍ଷ୍ମାରୋଗରେ ପୀଡ଼ିତ ହେଲେ। ଏପରିକି ତାଙ୍କୁ ଏକ ମାନସିକ ରୋଗ ଚିକିତ୍ସାଳୟରେ ଭର୍ତ୍ତି କରାଗଲା। ଏତେ ଦୁଃଖକଷ୍ଟ ସତ୍ତ୍ୱେ ସେ ନିଜକୁ ଜଣେ ସଙ୍ଗୀତଜ୍ଞ ଭାବରେ ପ୍ରତିଷ୍ଠା କରିପାରିଥିଲେ। ୧୯୬୪ ମସିହାରେ ଆନ୍ଥୋନି କ୍ୱିନ୍ ଅଭିନୀତ 'ଯୋର୍‌ବା : ଦି ଗ୍ରୀକ୍' ଚଳଚ୍ଚିତ୍ର ଓ ୧୯୭୩ରେ ଅଲ୍ ପାସିନୋ ଅଭିନୀତ 'ସର୍ପିକୋ' ଚଳଚ୍ଚିତ୍ରରେ ସଙ୍ଗୀତ ସଂଯୋଜନା କରି ସେ ଅନ୍ତର୍ଜାତୀୟ ଖ୍ୟାତି ଅର୍ଜନ କରିଥିଲେ।

ସେହିପରି ଫ୍ରାନ୍ସର ଅଭିନେତା ବେଲ୍‌ମୋଣ୍ଡୋଙ୍କ ଜନ୍ମ ୧୯୩୩ ମସିହାରେ। ୧୯୫୮ରେ 'ସୋଇସ୍ ବେଲେ ଏଟ୍ ଟାଇସ୍ - ଟୋଇ' (ଲୁକ୍ ପ୍ରେଟି ଆଣ୍ଡ ସଟ୍ ଅପ୍), ୧୯୫୯ରେ କ୍ଲଡି ଚାବ୍ରୋଲ୍‌ଙ୍କ 'ଏ ଡବଲ୍ ଟୁର୍' ଚଳଚ୍ଚିତ୍ରଗୁଡ଼ିକରେ ଅଭିନୟ କରି ସେ ବିପୁଳ ଖ୍ୟାତି ଅର୍ଜନ କରିଥିଲେ ସତ୍ୟ, କିନ୍ତୁ ଜାଁ-ଲୁକ୍-ଗୋଡାର୍ଡ଼ଙ୍କ 'ବ୍ରେଥ୍‌ଲେସ୍' ଚଳଚ୍ଚିତ୍ରରେ ଅଭିନୟ ତାଙ୍କୁ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଜଗତରେ ଏକ ଚୁମ୍ବକୀୟ ବ୍ୟକ୍ତିତ୍ୱରେ ପରିଣତ କରିଥିଲା। ନୂଆ ପିଢ଼ିର ନିର୍ଦ୍ଦେଶକ ଫ୍ରାନ୍‌ସିସ୍ ଟ୍ରୁଫଟ୍, ଆଲେନ୍ ରେସ୍‌ନାଇସ୍ ଓ ଲୁଇସ୍ ମାଲେଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ରରେ ଅଭିନୟ କରି ସେ ଏଭଳି ସ୍ୱନାମଧନ୍ୟ ହୋଇଥିଲେ ଯେ ତାଙ୍କୁ ଆମେରିକାର ୩ଜଣ ଶ୍ରେଷ୍ଠ ଅଭିନେତା ହମ୍ଫ୍ରେ ବୋଗାର୍ଟ, ମାର୍ଲୋନ୍ ବ୍ରାଣ୍ଡୋ ଓ ଜେମ୍ସ ଡିନ୍‌ଙ୍କ ସହିତ ତୁଳନା କରାଯାଏ। ବେଲ୍‌ମୋଣ୍ଡୋଙ୍କ ଦେହାନ୍ତରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଟ୍ୱିଟ୍ କରି କହିଥିଲେ, 'ଫ୍ରାନ୍ସ ଏକ ଜାତୀୟ ସମ୍ପଦକୁ ହରାଇଲା।' ଏ ଦୁଇ ଜଣଙ୍କୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ, ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଜଗତରେ ଗ୍ରୀସ୍‌ର ସଙ୍ଗୀତକାର ଥିଓଡୋରାକିସ୍ ୯୬ବର୍ଷ ବୟସ ପର୍ଯ୍ୟନ୍ତ, ଫ୍ରାନ୍ସର ଅଭିନେତା ବେଲ୍‌ମୋଣ୍ଡୋ ୮୮ବର୍ଷ ବୟସ ପର୍ଯ୍ୟନ୍ତ ନିଜ ନିଜ କ୍ଷେତ୍ରରେ ବେଶ୍ ସକ୍ରିୟ ଥିଲେ। ଅର୍ଥାତ୍ ସେହି କ୍ଷେତ୍ର ସହିତ ସଂପୃକ୍ତ ବ୍ୟକ୍ତିବିଶେଷଙ୍କୁ ଦିଗ୍‌ଦର୍ଶନ ଦେଉଥିଲେ।

୯୭ବର୍ଷ ବୟସରେ ରସାୟନବିଜ୍ଞାନୀ ଗୁଡେନ୍‌ବର୍ଗ୍, ଜନ୍.ବି.ଗୁଡ୍‌ଏନଫ୍, ୯୬ ବର୍ଷ ବୟସରେ ପଦାର୍ଥବିଜ୍ଞାନୀ ଆର୍ଥର୍ ଆସ୍କିନ୍, ୯୦ବର୍ଷ ବୟସରେ ପଦାର୍ଥବିଜ୍ଞାନୀ ରୋଜର୍ ପେନ୍‌ରୋଜ୍ ନୋବେଲ୍ ପୁରସ୍କାର ପାଇଥିଲେ। ୯୨ବର୍ଷ ବୟସରେ ମହାଥିର୍ ମୋହମ୍ମଦ ମାଲେସିଆର ପ୍ରଧାନମନ୍ତ୍ରୀ, ୮୨ବର୍ଷ ବୟସରେ ମୋରାରଜୀ ଦେଶାଇ ଭାରତର ପ୍ରଧାନମନ୍ତ୍ରୀ, ୭୮ବର୍ଷ ବୟସରେ ଡ. ରାଜେନ୍ଦ୍ରପ୍ରସାଦ ଭାରତର ରାଷ୍ଟ୍ରପତି, ଜୋ ବାଇଡେନ୍ ଆମେରିକାର ରାଷ୍ଟ୍ରପତି, ୭୨ବର୍ଷ ବୟସରେ ନେଲ୍‌ସନ୍ ମାଣ୍ଡେଲା ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ପଦ ମଣ୍ଡନ କରିଥିଲେ। ୧୦୦ବର୍ଷ ବୟସରେ ଭାରତରତ୍ନ ବିଶ୍ୱେଶ୍ୱରାୟା ବିଭିନ୍ନ ଇଂଜିନିୟରିଂ ପ୍ରୋଜେକ୍ଟ ସଂକ୍ରାନ୍ତରେ ଦିଗ୍‌ଦର୍ଶନ ଦେବା, ୯୯ବର୍ଷ ବୟସରେ ନିରଦଚନ୍ଦ୍ର ଚୌଧୁରୀ ଲେଖାଲେଖିରେ ମନୋନିବେଶ କରିବା, ୬୫ବର୍ଷ ବୟସରେ ରବୀନ୍ଦ୍ରନାଥ ଠାକୁର ଚିତ୍ରାଙ୍କନ ଶିକ୍ଷା ଆରମ୍ଭ କରିବା ଇତ୍ୟାଦି ସୂଚାଇ ଦେଉଛି ଜୀବନରେ କୌଣସି ଉଲ୍ଲେଖଯୋଗ୍ୟ ମହତ କାର୍ଯ୍ୟ କରିବା ଓ ସଫଳତା ଅର୍ଜନ କରିବା ପାଇଁ ବୟସ ଆଦୌ ବାଧକ ନୁହେଁ। ମଣିଷ କେବଳ ନିଜ ପାଇଁ ସାଧନାର ପରିବେଶ ବା କ୍ଷେତ୍ରଟିଏ ପ୍ରସ୍ତୁତ କରିବା ଓ ନିଜ ଅନ୍ତଃସ୍ଥ ଶକ୍ତିର ଉପଯୋଗ କରି ସେହି କ୍ଷେତ୍ରଟିକୁ ବିକଶିତ କରିବା ହେଉଛି ଅସଲ କଥା।

ଦକ୍ଷିଣ-ପୂର୍ବ ଏସିଆର ଲୋକପ୍ରିୟ 'କୋଇ ଆଇନ୍'ରେ ଉଲ୍ଲେଖ ଅଛି, 'କୋଇ' ନାମକ ଏକ ପ୍ରକାର ମାଛ ନିଜର ପରିବେଶ ଅନୁଯାୟୀ ବଡ଼ ଅବା ଛୋଟ ଆକାରର ହୋଇଥାଏ। ସେହିପରି ମଣିଷର ଅଭିବୃଦ୍ଧି, ବିବର୍ତ୍ତନ ତା'ର ପରିବେଶ, ଅଭିଜ୍ଞତା ଉପରେ ନିର୍ଭର କରେ। 'କୋଇ' ମାଛ ଅସୀମ ଶକ୍ତିର ଧାରକ ବୋଲି ବିଶ୍ୱାସ କରାଯାଏ, ଯାହା ମଣିଷକୁ ତା' ଜୀବନର ଲକ୍ଷ୍ୟ ଧାର୍ଯ୍ୟ ଓ ଉଦ୍ୟମ ଜରିଆରେ ସେହି ଲକ୍ଷ୍ୟର ପୂରଣ ନିମିତ୍ତ ପ୍ରେରଣା ଦିଏ। ଜାପାନୀ ପରମ୍ପରାରେ 'କୋଇ' ମାଛ ସୌଭାଗ୍ୟ, ଅଧ୍ୟବସାୟ, ପ୍ରାଚୁର୍ଯ୍ୟର ପ୍ରତୀକ। ବୌଦ୍ଧଧର୍ମରେ ତାହା ସାହସ ଓ ପ୍ରଗତିର ପ୍ରତିନିଧିତ୍ୱ କରେ। ତେଣୁ 'କୋଇ ଆଇନ୍'ର ସାରାଂଶ ହେଉଛି ମଣିଷର ଅଭିବୃଦ୍ଧି, ସୌଭାଗ୍ୟ, ପ୍ରାଚୁର୍ଯ୍ୟ, ପ୍ରଗତି, ବିବର୍ତ୍ତନ ତା'ର ପରିବେଶ, ଅଭିଜ୍ଞତା, ଅଧ୍ୟବସାୟ, ସାହସ ଉପରେ ନିର୍ଭର କରେ, ଯେଉଁ ଆଇନ୍ ନିଜ ଜୀବନରେ ପ୍ରୟୋଗ କରିବା ହେଉଛି ମଣିଷର ଦାୟିତ୍ୱ। କେବଳ ଜଣେ ସାହସୀ, ଅଧ୍ୟବସାୟୀ ମଣିଷ ଯେକୌଣସି ବୟସରେ ବି ଏକ ରଚନାତ୍ମକ ପରିବେଶ ସୃଷ୍ଟି କରିପାରିବ ଏବଂ ସେହି ପରିବେଶରେ କାର୍ଯ୍ୟ କରି ସମାଜ ପ୍ରତି ତା'ର ମହାର୍ଘ ମହତ କର୍ତ୍ତବ୍ୟ ନିର୍ବାହ କରିପାରିବ।

ମାର୍ଗାରେଟ୍ ଆଟ୍‌ଉଡ୍‌ଙ୍କ ଉପନ୍ୟାସ ଆଧାରିତ ଟେଲିଭିଜନ୍ ସିରିଜ୍ 'ଦି ହ୍ୟାଣ୍ଡମେଡ୍ସ ଟେଲ୍'ରେ ମଣିଷର ସ୍ୱାଧୀନତା ସହିତ ତା'ର ଚିନ୍ତା ଓ କର୍ମର ବ୍ୟାପକତା ସୂଚିତ ହୋଇଛି। ଆମେରିକୀୟ ମନସ୍ତତ୍ତ୍ୱବିତ୍ ଆବ୍ରାହାମ୍ ମାସ୍‌ଲୋ ଅଙ୍କନ କରିଥିବା ପିରାମିଡ୍-ଆକାର 'ହାଏରାର୍କି ଅଫ୍ ନିଡ୍ସ' ଏବଂ ରଚନା କରିଥିବା ନିବନ୍ଧ 'ଏ ଥିଓରି ଅଫ୍ ହ୍ୟୁମାନ୍ ମୋଟିଭେସନ୍'ରେ କୁହାଯାଇଛି, ମଣିଷର ପ୍ରଥମ ଆବଶ୍ୟକତା ଶରୀର ସମ୍ବନ୍ଧୀୟ, ଦ୍ୱିତୀୟ ସୁଖ ଓ ବିତ୍ତୀୟ ନିରାପତ୍ତା, ତୃତୀୟ ଶ୍ରଦ୍ଧା, ବନ୍ଧୁତା ଓ ପାରିବାରିକ ବନ୍ଧନ ଜରିଆରେ ଆବେଗିକ ମଙ୍ଗଳ, ଚତୁର୍ଥ ସାମାଜିକ ବୃତ୍ତିଗତ ସମ୍ମାନ ଓ ସ୍ୱୀକୃତି ଏବଂ ପିରାମିଡ୍‌ର ଶୀର୍ଷସ୍ଥ ପଞ୍ଚମ ଆବଶ୍ୟକତା ଆତ୍ମ-ବାସ୍ତବାୟନ। ଅର୍ଥାତ୍ ଜଣେ ମଣିଷ ଭାବରେ ନିଜର ସମ୍ପୂର୍ଣ୍ଣ ଅନ୍ତଃଶକ୍ତିର ଉପଲବ୍ଧି।

ପ୍ରତ୍ୟେକ ମଣିଷ କିଛି ନା କିଛି ଅନ୍ତଃଶକ୍ତି ଧାରଣ କରିଥାଏ। କିନ୍ତୁ ଏକ ସକାରାତ୍ମକ ପରିବେଶରେ ସେହି ଶକ୍ତିକୁ ଉପଲବ୍ଧି କରି ଗଠନମୂଳକ କାର୍ଯ୍ୟରେ ତାକୁ ଉପଯୋଗ କରିବା ଦ୍ୱାରା ସଂପୃକ୍ତ ମଣିଷର ଓ ସମଗ୍ର ସମାଜର ମଙ୍ଗଳ ହୋଇଥାଏ। କେତେକ ଜାତୀୟ ସମ୍ବାଦପତ୍ରରେ ପ୍ରକାଶିତ ସମ୍ବାଦ ଅନୁଯାୟୀ, ଇନ୍‌ଫୋଟେକ୍ କନ୍‌ସଲ୍‌ଟାଣ୍ଟ ନରେଶଚନ୍ଦ୍ର ସିଂହ ୨୦୧୦ ମସିହାରେ ନବୀ ମୁମ୍ବାଇର ଖରଘର୍ ଅଞ୍ଚଳକୁ ଆସି ଅବସ୍ଥାନ କଲେ। ଜ୍ୟୋତି ନାଦକର୍ଣ୍ଣି ୨୦୧୬ ମସିହାରେ ଆଫ୍ରିକାରୁ ଭାରତକୁ ଫେରିଆସିଲେ। ଖର୍‌ଘର୍‌ର ସୌନ୍ଦର୍ଯ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ବୃକ୍ଷଲତା ଇତ୍ୟାଦିକୁ ଦେଖି ସେମାନେ ଖୁବ୍ ଆନନ୍ଦ ଅନୁଭବ କଲେ। କିନ୍ତୁ ଲକ୍ଷ୍ୟକଲେ, ସେଠାକାର ହ୍ରଦ ଦୂଷିତ, ପାହାଡ଼ ଜଙ୍ଗଲ କ୍ଷୟ ହେଉଛି। ତେଣୁ ସେମାନେ ମାତ୍ର ୪ଜଣଙ୍କୁ ନେଇ ଏକ କ୍ଷୁଦ୍ର 'ପ୍ରକୃତି ସଂରକ୍ଷକ ଦଳ' ଗଠନ କଲେ। ଏବେ ସେହି ଦଳର ସଦସ୍ୟ ସଂଖ୍ୟା ୫୦୦, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ଆଇ.ଆଇ.ଟି ଗବେଷକ, ଫଟୋଗ୍ରାଫର୍, ପଶୁପକ୍ଷୀଙ୍କ ସୁରକ୍ଷାଦାତା କର୍ମୀ, ଲେଖକ, ଓକିଲ, କର୍ପୋରେଟ୍ ବୃତ୍ତିଧାରୀ, ସାଧାରଣ ମଣିଷ ଓ ଅବସରପ୍ରାପ୍ତ ଅଫିସର୍, ବରିଷ୍ଠ ନାଗରିକ। ସେମାନେ ବୃକ୍ଷରୋପଣ ଓ ଜଳାଶୟଗୁଡ଼ିକର ସଂରକ୍ଷଣ କରି ଜୈବ ବିବିଧତାରେ ସମୃଦ୍ଧ ଖର୍‌ଘର୍ ଅଞ୍ଚଳର ପ୍ରାକୃତିକ ସମ୍ପଦଗୁଡ଼ିକୁ ସୁରକ୍ଷିତ କରୁଛନ୍ତି। ସାରା ପୃଥିବୀରେ ଏମିତି ଅସଂଖ୍ୟ ଦୃଷ୍ଟାନ୍ତ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେପରି ମହତ୍ କାର୍ଯ୍ୟ ସହିତ ଅବସରପ୍ରାପ୍ତ କର୍ମଚାରୀ, ବରିଷ୍ଠ ନାଗରିକମାନଙ୍କର ସଂପୃକ୍ତି। ସେମାନେ ପ୍ରମାଣ କରୁଛନ୍ତି ଯେ ସମଗ୍ର ସମାଜ ପ୍ରତି ନୈତିକ ଦାୟିତ୍ୱ ନିର୍ବାହ କରିବା ଦିଗରେ ବୟସ ଆଦୌ ବାଧକ ନୁହେଁ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

## ଷଡ଼େଇକଳା-ଖରସୁଆଁର ଦୁଃଖ

ରବୀନ୍ଦ୍ର ପଟ୍ଟନାୟକ




ସମ୍ପ୍ରତି କୋଟିଆକୁ ନେଇ ଆଲୋଚନା ଓ ଉତ୍ତେଜନା ଜୋର ଧରିଛି। ଏ ସମ୍ପର୍କିତ ଖବର ସବୁ ଗଣମାଧ୍ୟମରେ ନିୟମିତ ସ୍ଥାନ ପାଉଛି। କୋଟିଆ ପ୍ରସଙ୍ଗକୁ ନେଇ ରାଜ୍ୟ ଓ ଆଞ୍ଚଳିକ ରାଜନୀତି ମଧ୍ୟ ବେଶ୍ ଚଳଚଞ୍ଚଳ ହେଉଛି। ଏହି ଚର୍ଚ୍ଚା ଭିତରେ ୭୭ବର୍ଷ ଧରି ଓଡ଼ିଶା ବାହାରେ ଥିବା ଓଡ଼ିଆବହୁଳ ଅଞ୍ଚଳ 'ଷଡ଼େଇକଳା-ଖରସୁଆଁ'ର ଅନ୍ତଃବେଦନା ଓ ସ୍ୱର ହଜି ଯାଉଛି। କେବଳ କେବେକେମିତି ଏ ସମ୍ପର୍କିତ ଆଲୋଚନା ଔପଚାରିକତାରେ ଶେଷ ହେଉଛି ସିନା ସେହି ଅଞ୍ଚଳର ସମସ୍ୟା, ଓଡ଼ିଆ ଅସ୍ମିତା ଓ ଓଡ଼ିଶାରେ ପୁନଃମିଶ୍ରଣ ପାଇଁ ଆନ୍ତରିକତାର ଅଭାବ ଦେଖାଦେଉଛି।

ଓଡ଼ିଆ ଗଡ଼ଜାତ ରାଜ୍ୟ ଷଡ଼େଇକଳାର ମହାରାଜା ଆଦିତ୍ୟ ପ୍ରତାପ ସିଂହଦେବ ଏବଂ ଖରସୁଆଁର ରାଜା ରାମଚନ୍ଦ୍ର ସିଂହଦେବ ୧୫ଡିସେମ୍ବର ୧୯୪୭ରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପରାମର୍ଶକ୍ରମେ ଚୁକ୍ତିନାମାରେ ସ୍ୱାକ୍ଷର କଲା ପରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ୧.୧.୧୯୪୮ ରୁ ୧୭.୫.୧୯୪୮ ପର୍ଯ୍ୟନ୍ତ ପ୍ରାୟ ପାଞ୍ଚମାସ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବେ ରହିଥିଲା। ତତ୍କାଳୀନ ବିହାରର ପ୍ରଭାବଶାଳୀ ନେତାଙ୍କ ଚକ୍ରାନ୍ତ ତଥା ତତ୍କାଳୀନ ଦୁର୍ବଳ ଓଡ଼ିଆ ନେତୃତ୍ୱ ପାଇଁ ବିହାର ସହ ୧୮.୦୫.୧୯୪୮ରେ ଏକବର୍ଷ ପାଇଁ ବା ମୟୂରଭଞ୍ଜ ଓଡ଼ିଶାରେ ମିଶିବା ପର୍ଯ୍ୟନ୍ତ ଏହା ସାମୟିକ ଭାବେ ସାମିଲ ହେବାକୁ ପ୍ରସ୍ତାବ ରହିଥିଲା। କିନ୍ତୁ ଏହାଭିତରେ ଦୀର୍ଘ ୭୭ ବର୍ଷ ବିତିଯାଇଛି। ସେହି ଦୁଇ ଓଡ଼ିଆ ଅଞ୍ଚଳ ଓଡ଼ିଶାକୁ ଆଉ ଫେରି ପାରିନି।

ଉଲ୍ଲେଖଯୋଗ୍ୟ, ଅବିଭକ୍ତ ବିହାରର ବିଭାଜନ ବେଳେ ଝାଡ଼ଖଣ୍ଡରୁ ଷଡ଼େଇକଳା-ଖରସୁଆଁକୁ ଅଲଗା କରି ଓଡ଼ିଶାରେ ମିଶ୍ରଣ ପାଇଁ ଓଡ଼ିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ପାରିତ ହୋଇଥିଲା। ବାଚସ୍ପତିଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ପ୍ରତିନିଧିଦଳ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ଗୃହମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ ସାକ୍ଷାତ କରି ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ, ଷଡ଼େଇକଳା-ଖରସୁଆଁର ନ୍ୟାଯ୍ୟ ଦାବିକୁ ଆଡ଼େଇ ଯାଇ କେବଳ ଏତିକି ପ୍ରତିଶ୍ରୁତି ଦେଇଥିଲେ ଯେ, ଷଡ଼େଇକଳା-ଖରସୁଆଁର ସର୍ବାଙ୍ଗୀନ ବିକାଶ କଥା ବୁଝିବା ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡ ସରକାରଙ୍କ ଗୁରୁଦାୟିତ୍ୱ। ଏହାପରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବଟି ଝାଡ଼ଖଣ୍ଡ ଗଠନ ହେବା ଦିନ ୧୫ ନଭେମ୍ବର ୨୦୦୦ରୁ ଏପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ ଧରି ଶତଳ ଭଣ୍ଡାରରେ ପଡ଼ି ରହିଛି। ଏପରିକି ଝାଡ଼ଖଣ୍ଡରେ ଓଡ଼ିଆକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ମିଳିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ନହୋଇ କେବଳ କାଗଜକଲମରେ ସୀମିତ ରହିଛି। ନା ଏହାକୁ କାର୍ଯ୍ୟକାରୀ କରୁଛି ଓଡ଼ିଶା ନା ଝାଡ଼ଖଣ୍ଡ ସରକାର।

ଓଡ଼ିଆବହୁଳ ଦୁଇ ଅଞ୍ଚଳ ଷଡ଼େଇକଳା ଓ ଖରସୁଆଁ ଏବେ ଝାଡ଼ଖଣ୍ଡର ଏକ ଜିଲ୍ଲା, ଯାହାକି ବିହାରଠାରୁ ଅଲଗା ହୋଇ ୧୫.୧୧.୨୦୦୦ରେ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଛି। କିନ୍ତୁ ଦୀର୍ଘ ସାତ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ଓଡ଼ିଶା ବାହାରେ ରହିଥିବା ଓଡ଼ିଶାର ଏକ ଜିଲ୍ଲା କେମିତି ଓଡ଼ିଶାକୁ ଫେରିବ ସେ ସମ୍ପର୍କରେ ଓଡ଼ିଆ ଗଣମାଧ୍ୟମ, ଓଡ଼ିଶାର ନେତୃବୃନ୍ଦ, ଓଡ଼ିଆ ସଂଗଠନ ଓ ବୁଦ୍ଧିଜୀବୀ ନିରବ ନିଷ୍କ୍ରିୟ। ଅତି ଦୁଃଖ ଓ କ୍ଷୋଭର ବିଷୟ ଯେ, ଓଡ଼ିଆ ଅଧ୍ୟୁଷିତ ଷଡ଼େଇକଳା-ଖରସୁଆଁକୁ ଦୀର୍ଘ କୋଡ଼ିଏ ବର୍ଷ ଧରି ଓଡ଼ିଶା ବିଧାନସଭାର ସଂଖ୍ୟାଲଘୁ ଭାଷା କମିଟି ଗସ୍ତ କରି ପ୍ରତ୍ୟକ୍ଷ ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ନେଇ ଚିନ୍ତାଜନକ ପରିସ୍ଥିତିକୁ ଅନୁଧ୍ୟାନ କରିନାହିଁ।

ପ୍ରତିକୂଳ ପରିସ୍ଥିତି ଓ ପରିବେଶ ସହ ପ୍ରତିଦିନ ସଂଘର୍ଷ କରି ଆସୁଥିବା ଷଡ଼େଇକଳା-ଖରସୁଆଁର ଉପେକ୍ଷିତ ଓଡ଼ିଆମାନଙ୍କ ଓଡ଼ିଆପଣ ଓ ଓଡ଼ିଆଟାଣ ମୂଳ ଓଡ଼ିଶା ଭୂଖଣ୍ଡର ଓଡ଼ିଆମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ, ବରଂ ଅଧିକ। ଓଡ଼ିଶା ସରକାରଙ୍କ ଦ୍ୱାରା ଉତ୍କଳ ସମ୍ମିଳନୀ ମାଧ୍ୟମରେ ନିଯୁକ୍ତ ଓଡ଼ିଆ ଭାଷା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ମିଳୁଥିବା ମାସିକ ନାମମାତ୍ର ପାରିଶ୍ରମିକ(୩ହଜାର ଟଙ୍କା), ଯାହାକି ବର୍ଷକୁ ଦଶମାସ ପାଇଁ ଥରେ ମିଳେ, ତାହା ମଧ୍ୟ ଗତ ବର୍ଷେ ଧରି ମିଳିନାହିଁ। କରୋନା ମହାମାରୀ କାଳ ୨୦୨୦-୨୧ର ପାରିଶ୍ରମିକ କୌଣସି କାରଣ ପାଇଁ ଅଟକି ରହିଛି। ଗତ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ଓଡ଼ିଆ ଶିକ୍ଷାକର୍ମୀଙ୍କ ମାସିକ ପାରିଶ୍ରମିକ ୩ହଜାରରୁ ୬ହଜାରକୁ ବୃଦ୍ଧି କରି ପ୍ରତିମାସ କରିବାକୁ ଦେଇଥିବା ପ୍ରତିଶ୍ରୁତି ଖାଲି 'ପ୍ରତିଶ୍ରୁତି'ରେ ହିଁ ରହିଯାଇଛି।

ଆମ ଆଗରେ ବର୍ତ୍ତମାନ ଏକ ବଡ଼ ପ୍ରଶ୍ନ, ଏହି ସଂକଟଜନକ ପରିସ୍ଥିତିରେ କିଏ ବୁଝିବ ଆମ ବିଚ୍ଛିନ୍ନାଞ୍ଚଳ ଷଡ଼େଇକଳା-ଖରସୁଆଁର ଉପେକ୍ଷିତ, ନିର୍ଯାତିତ ମାତୃଭାଷାର ସୁରକ୍ଷା ଓ ସଂସ୍କୃତିର ସଂରକ୍ଷଣ ପାଇଁ ଅହରହ ସଂଘର୍ଷରତ ପ୍ରାୟ ସାତ ଲକ୍ଷ ଓଡ଼ିଆଙ୍କ ଦୁଃଖ, କଷ୍ଟ ଓ ଦୈନ୍ୟ? ଷଡ଼େଇକଳା-ଖରସୁଆଁରେ ଦୃଢ଼ ଓଡ଼ିଆ ନେତୃତ୍ୱ ସୃଷ୍ଟି କରିବା ଆଜିର ବଡ଼ ଆହ୍ୱାନ। ଉପେକ୍ଷିତ, ନିଷ୍ପେଷିତ, ନିର୍ଯାତିତ ଓ ଅବହେଳିତ ଓଡ଼ିଆ ଭାଷୀମାନଙ୍କୁ ସଂଗଠିତ କରି ସୁଚିନ୍ତିତ ଯୋଜନା ଓ ଉପଯୁକ୍ତ ମାର୍ଗଦର୍ଶନ ଆବଶ୍ୟକ। ●

ରାଇରଙ୍ଗପୁର, ମୋ:୮୨୪୯୪୯୦୬୬୩

## କର୍କଟ ରୋଗ ପ୍ରତିରୋଧୀ ଶର୍କରା

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବର୍ତ୍ତମାନ ପୃଥିବୀରେ ସବୁଠାରୁ ଭୟଙ୍କର ରୋଗ ରୂପେ ପରିଗଣିତ ହେଉଛି କର୍କଟ। ଏକପକ୍ଷରେ ତାହା ଘାତକ ଏବଂ ଅନ୍ୟପକ୍ଷରେ ଯନ୍ତ୍ରଣାଦାୟକ। ୨୦୨୨ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ହୋଇଥିବା ଆକଳନ ଅନୁସାରେ ସେ ବର୍ଷ ବିଶ୍ୱରେ ୨୦ ନିୟୁତ ନୂଆ ରୋଗୀ ସାମିଲ୍ ହୋଇଥିବା ବେଳେ ୯.୭ ନିୟୁତ ଲୋକ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ଏ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ଅପେକ୍ଷାରେ ଅଛନ୍ତି ପ୍ରାୟ ୫୩.୫ ନିୟୁତ ଲୋକ (୨୦୨୪ ମସିହା)।

ବିବିଧ ଅଙ୍ଗକୁ ପ୍ରଭାବିତ କରୁଥିବା କର୍କଟରୋଗ ମଧ୍ୟରୁ ଫୁସ୍‌ଫୁସ୍ କର୍କଟରୋଗର ସ୍ଥାନ ସର୍ବାଗ୍ରେ। ଉପରୋକ୍ତ ଗଣନା ଅନୁସାରେ ୨୦୨୨ ମସିହାରେ ବିଶ୍ୱରେ ଏ ରୋଗୀଙ୍କ ସଂଖ୍ୟା ୨.୫ ନିୟୁତ ଥିବା ବେଳେ ସ୍ତନକର୍କଟ, ବୃହଦନ୍ତ୍ର କର୍କଟ, ପୌରୁଷଗ୍ରନ୍ଥି କର୍କଟ, ପାକସ୍ଥଳୀ କର୍କଟ ଏବଂ ଗର୍ଭାଶୟ କର୍କଟରେ ଯଥାକ୍ରମେ ଆକ୍ରାନ୍ତ ହୋଇଥିଲେ ୨.୩ ନିୟୁତ, ୧.୧ ନିୟୁତ ୧.୫ ନିୟୁତ, ୯, ୭୦, ୦୦୦ ଏବଂ ୬୬୧, ୪୦୦ ଲୋକ। ସେହିପରି ଫୁସ୍‌ଫୁସ୍ କର୍କଟରେ ୧.୮ ନିୟୁତ, ବୃହଦନ୍ତ୍ର କର୍କଟରେ ୯, ୦୦, ୦୦୦, ଯକୃତ କର୍କଟରେ ୭, ୬୦, ୦୦୦, ସ୍ତନକର୍କଟରେ ୬୭, ୦୦୦, ପାକସ୍ଥଳୀ କର୍କଟରେ ୬, ୬୦, ୦୦୦ ଏବଂ ଗର୍ଭାଶୟ କର୍କଟରେ ୩, ୪୮, ୧୮୬ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୫୦ ମସିହା ବେଳକୁ ୨୦୨୨ ମସିହା ତୁଳନାରେ ଏ ରୋଗୀଙ୍କ ସଂଖ୍ୟା ୭୭ ଶତାଂଶ ଅଧିକ ହେବ ବୋଲି ଆକଳନ କରାଯାଇଛି।

ସେଥିପାଇଁ ଏ ରୋଗର ସଫଳ ଚିକିତ୍ସା ଲାଗି ସାରା ବିଶ୍ୱରେ ଚାଲିଛି ବିଭିନ୍ନ ଦିଗରୁ ଉଦ୍ୟମ। ତନ୍ମଧ୍ୟରୁ ଗୋଟିକରେ ଚାଇନିଜ ଆକାଡେମୀ ଅଫ୍ ସାଇନସେସ୍‌ର କିଛି ଗବେଷକ ଗଭୀର ସମୁଦ୍ରରେ ବାସ କରୁଥିବା ଏକପ୍ରକାର ଜୀବାଣୁଠାରେ ଏହାର ପ୍ରତିହତ କରିବାର ସାମର୍ଥ୍ୟ ଥିବାର ଆବିଷ୍କାର କରିଛନ୍ତି ବୋଲି ସୂଚୀତ କରିଛନ୍ତି ଜୁଲାଇ, ୨୦୨୫ ସଂଖ୍ୟାର 'ଦ ଏଫ୍ଏଏସ୍ଇବି ଜର୍ଣ୍ଣାଲ'ରେ। ତଦନୁଯାୟୀ ତା'ଠାରେ ଏକ ଦୀର୍ଘ ମାଳାଯୁକ୍ତ ଶର୍କରା ବା 'ଏକ୍ସୋ ପଲି ସାକାରାଇଡ୍'ର ଗୁଣ ରହିଛି। ଏହି ଜୀବାଣୁଗୁଡ଼ିକ ହେଲେ 'ସ୍ପୋଙ୍ଗିବାକ୍ଟର ନାନାହାଇନସ ସିଏସ୍ସି୩.୯'। ତହିଁରେ ଥିବା କର୍କଟ ରୋଗ ପ୍ରତିରୋଧକାରୀ ଶର୍କରାଟି ହେଲା 'ଇପିଏସ୍ ୩.୯'। ଏଥିରେ ରହିଛି ମାନୋଜ୍ ଓ ଗ୍ଲୁକୋଜ୍ ଶର୍କରା। ଯାନ୍ତ୍ରିକ ବିଶ୍ଳେଷଣରୁ ଜଣାପଡ଼ିଛି ଯେ 'ଇପିଏସ୍ ୩.୯ ପାଞ୍ଚୋଟି ଝିଲ୍ଲୀଥିବା 'ଫସ୍ଫୋଲିପିଡ୍' ଅଣୁମାନଙ୍କୁ ସିଧାସଳଖ ଭେଦ କରିପାରେ ଏବଂ ମଣିଷର 'ଲ୍ୟୁକୋମିଆ (ଶ୍ୱେତକଣିକା ବୃଦ୍ଧି ରୋଗ) ଜୀବକୋଷମାନଙ୍କରେ ପାଇରୋଷ୍ଟସିସ୍ ପ୍ରକ୍ରିୟାକୁ ସକ୍ରିୟ କରି ଅର୍ବୁଦ ଉପରେ ତା'ର ବିଷାକ୍ତପଣ ପ୍ରୟୋଗ କରିପାରେ। ଯକୃତ କର୍କଟରୋଗ ଗ୍ରସ୍ତ ମୂଷାମାନଙ୍କ ଠାରେ ଇପିଏସ ୩.୯ର ଗୁରୁତ୍ୱପୂର୍ଣ୍ଣ ଅର୍ବୁଦ-ନିରୋଧକ ପ୍ରଭାବମାନ ଥିବାର ଏବଂ ଏହା ସହିତ ତାର ଅର୍ବୁଦ ନିରୋଧକ ରୋଗ ପ୍ରତିରୋଧକାରୀ ପ୍ରତିକ୍ରିୟାକୁ ସକ୍ରିୟ କରିବାର ଦେଖାଯାଇଛି।

'ଚାଇନିଜ୍ ଏକାଡେମୀ ଅଫ୍ ସାଇନସେସ୍'ର ଏହି ଗବେଷକ ଗୋଷ୍ଠୀର ଅନ୍ୟତମ ସଦସ୍ୟ ଚାଓମିନ୍ ସନ୍‌ଙ୍କ ମତରେ ତାଙ୍କର ଏ ଆବିଷ୍କାର କର୍କଟରୋଗର ନିଦାନ ରୂପେ ଶର୍କରାଭିତ୍ତିକ ଔଷଧର ବିକାଶ ଲାଗି କେବଳ ତାତ୍ତ୍ୱିକ ମାଧ୍ୟମ ଯୋଗାଇ ନାହିଁ, ସେଥିସହିତ ସାମୁଦ୍ରିକ ସୂକ୍ଷ୍ମଜୀବ ସଂସାଧନର ଅନୁସନ୍ଧାନ କରିବା ଦିଗରେ ଥିବା ଗୁରୁତ୍ୱକୁ ଉପସ୍ଥାପନ କରିଛି। ପାଇରୋପ୍ଟିସ୍ ହେଉଛି ବହିରାଗତ ଜୀବକୋଷକୁ ନଷ୍ଟ କରିବା ଲାଗି ଅଭିପ୍ରେତ ପ୍ରକ୍ରିୟା, ଯାହାକି ଶରୀରକୁ ସଂକ୍ରମଣ ଓ ରୋଗ ବିରୁଦ୍ଧରେ ସଂଗ୍ରାମ ଲାଗି ସହାୟତା କରେ। ନିୟମିତ ସାଧାରଣ ଜୀବକୋଷ ମୃତ୍ୟୁଠାରୁ ଭିନ୍ନ ହୋଇଥିବା ଏହା ଏକ ନାଟକୀୟ ତଥା ବିସ୍ଫୋରକ ପ୍ରକ୍ରିୟା, ଯହିଁରେ ଜୀବକୋଷଗୁଡ଼ିକ ଫୁଲି ଉଠନ୍ତି, ଫାଟି ଖୋଲିଯା'ନ୍ତି ଏବଂ ରୋଗ ପ୍ରତିରୋଧ ବ୍ୟବସ୍ଥାକୁ ସଚେତନ କରିବା ଲାଗି ପ୍ରଦାହୀ ସୂଚକମାନ ଦେଇଥା'ନ୍ତି।

ଆଗରୁ ଏହା ନାନାଦି ଜୀବାଣୁ ଓ ଭୂତାଣୁମାନଙ୍କ ସହିତ ସଂଗ୍ରାମ କରୁଥିବା ଏକ ପ୍ରତିରକ୍ଷା ବ୍ୟବସ୍ଥା ରୂପେ ଆବିଷ୍କାର ହୋଇଥିଲା। ଏବେ ତାହା କର୍କଟ ରୋଗ ଚିକିତ୍ସା ଗବେଷଣା ବିଷୟରେ ପରିଣତ ହୋଇଛି। କାରଣ 'ପାଇରୋପ୍‌ସିସ୍' କେବଳ ସେଗୁଡ଼ିକୁ ସିଧାସଳଖ ଧ୍ୱଂସ କରିଦିଏ ନାହିଁ; ବରଂ ରୋଗ ପ୍ରତିରୋଧ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରେ। ସେଥିପାଇଁ ଶର୍କରା (ଇପିଏସ୍୩.୯) କୁ କୃତ୍ରିମ ଉପାୟରେ ଉତ୍ପାଦନ କରି କର୍କଟ ଚିକିତ୍ସାରେ ମଧ୍ୟ ଲଗାଇବାକୁ ଚିନ୍ତା କରାଯାଉଛି। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ଦୁଇ ଏବିଭିପି ସଦସ୍ୟଙ୍କ ଗିରଫ ଘଟଣା

# ବିଜେପି ଷଡ଼୍‌ଯନ୍ତ୍ରକାରୀ, ଏବିଭିପି ହତ୍ୟାକାରୀ: ବିଜେଡି

ଭୁବନେଶ୍ୱର, ୪।୮(ସମିସ): ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ଦୁଇ କଲେଜ ଛାତ୍ର ତଥା ଏବିଭିପି ସଦସ୍ୟଙ୍କ ଗିରଫ ପରେ ଏବିଭିପି ଓ ବିଜେପିର ମୁଖା ଖୋଲିଯାଇଛି। ଏହି ଘଟଣାରେ ଷଡ଼ଯନ୍ତ୍ର ରହିଛି ବୋଲି ବିଜୁ ଜନତା ଦଳ ପ୍ରଥମ ଦିନରୁ କହିଆସୁଥିଲା। ଏବିଭିପିର ଦୁଇ ସଦସ୍ୟ ଗିରଫ ହେବା ପରେ ଏହା ପ୍ରମାଣିତ ହୋଇଯାଇଛି। ମାତ୍ର, ଏହି ଷଡଯନ୍ତ୍ରରେ ବିଜେପିର ବି କିଛି ନେତାଙ୍କ ସମ୍ପୃକ୍ତି ରହିଛି। ଦୁଇ ଏବିଭିପି ସଦସ୍ୟଙ୍କୁ ଗିରଫ ଆଳରେ ବିଜେପି ଉକ୍ତ ନେତାମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛି ବୋଲି ସାଂଘାତିକ ଅଭିଯୋଗ ଆଣିଛି ବିଜେଡି।

ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଗୌତମବୁଦ୍ଧ ଦାସ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଦଳର ମୁଖପାତ୍ର ଇପ୍ସିତା ସାହୁ ସମଗ୍ର ଘଟଣାରେ ବ୍ୟବସ୍ଥାଗତ ବିଫଳତାକୁ ଦାୟୀ କରି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ ଜଣେ ଅଧ୍ୟାପକ ଛାତ୍ରୀଜଣଙ୍କୁ ଯୌନ ଅନୁଗ୍ରହ ମାଗିବା ପରେ ସେ ନ୍ୟାୟ ପାଇଁ ସଂଘର୍ଷ କରୁଥିଲା। ମାତ୍ର ଏବିଭିପି ଓ ବିଜେପି ନେତାମାନେ ତାକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରିଥିଲେ। ଏହି ଘଟଣାରେ ବିଜେପି ଷଡଯନ୍ତ୍ରକାରୀ ଓ ଏବିଭିପି ହତ୍ୟାକାରୀ ଭୂମିକା ନିର୍ବାହ କରିଛନ୍ତି। କଲେଜ ନିର୍ବାଚନ ହେବ ବୋଲି ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା ହେବା ପରେ ଏବିଭିପିର ସଂଗଠନ ଦୁର୍ବଳ ଥିବାରୁ ଏହି ଘଟଣାକୁ ବ୍ୟବହାର କରି ସଂଗଠନ ଶକ୍ତି ବୃଦ୍ଧି ପାଇଁ ଷଡ଼ଯନ୍ତ୍ର ରଚନା ହୋଇଥିଲା। ଷଡ଼୍‌ଯନ୍ତ୍ରର ଅଂଶ ଭାବେ ସୌମ୍ୟାଶ୍ରୀଙ୍କୁ ଆତ୍ମାହୁତି ଦେବା ପାଇଁ ଉସୁକା ଯାଇଥିଲା। ରାଜନୈତିକ ଫାଇଦା ହାସଲ ପାଇଁ ଭୟଙ୍କର ଷଡ଼ଯନ୍ତ୍ର ରଚିବାରେ ଏହି ଘଟଣା ନୂଆ କୀର୍ତ୍ତିମାନ ସ୍ଥାପନ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଦୁଃଖ ଓ



ପରିତାପର ବିଷୟ, ଷଡ଼ଯନ୍ତ୍ରରେ ସ୍ଥାନୀୟ ବିଜେପି ନେତାମାନଙ୍କ ଭୂମିକା ମଧ୍ୟ ସନ୍ଦେହଘେରରେ ରହିଛି, ଯେଉଁ ଦିଗକୁ କ୍ରାଇମବ୍ରାଞ୍ଚ ଏପର୍ଯ୍ୟନ୍ତ ସ୍ପର୍ଶ କରିନାହିଁ। ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ ସ୍ଥାନୀୟ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସହଯୋଗ ଲୋଡ଼ିଥିଲେ ମଧ୍ୟ ସେ ତାଙ୍କୁ ଆବଶ୍ୟକ ସହଯୋଗ ପ୍ରଦାନ କରିନଥିଲେ। ଶ୍ରୀ ଷଡ଼ଙ୍ଗୀ ଉପଯୁକ୍ତ ସହଯୋଗ କରିଥିଲେ ଏଭଳି ଅଘଟଣ ଘଟିନଥାନ୍ତା। କ୍ରାଇମବ୍ରାଞ୍ଚ ଶ୍ରୀ ଷଡ଼ଙ୍ଗୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦଳ ଦାବି କରିଆସୁଛି। ଏବିଭିପିର ସମ୍ପୃକ୍ତି ସ୍ପଷ୍ଟ ହୋଇଥିବା ବେଳେ ଶ୍ରୀ ଷଡ଼ଙ୍ଗୀ ଓ ଅନ୍ୟ ବିଜେପି ନେତାଙ୍କ ସମ୍ପୃକ୍ତି ମଧ୍ୟ ସନ୍ଦେହଘେରକୁ ଆସିଛି।

ଦେବୀ ରଞ୍ଜନ ତ୍ରିପାଠୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ଏବିଭିପି କାର୍ଯ୍ୟକ୍ରମରେ ଚଳିତ ବର୍ଷ

- ■ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ
- ■ ସଂଗଠନ ବୃଦ୍ଧି ପାଇଁ ରଚା ଯାଇଥିଲା ଘୃଣ୍ୟ ଷଡ଼ଯନ୍ତ୍ର
- ■ ଏବିଭିପି ଓ ବିଜେପିର ଅସଲ ଚେହେରା ପଦାକୁ ଆସିଲା

କଲେଜ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଘୋଷଣା କରିବା ସହ ଏଥିପାଇଁ ନିର୍ବାଚନରେ ଭଲ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ କହିଥିଲେ। ଛାତ୍ର ସଂଗଠନକୁ ମଜଭୁତ କରିବା ପାଇଁ ଏଫଏମ କଲେଜରେ ରଚାଯାଇଥିଲା ଏକ ଘୃଣ୍ୟ ଷଡ଼ଯନ୍ତ୍ର; ଯାହାର ପରିଣାମ ସ୍ୱରୂପ ସୌମ୍ୟାଶ୍ରୀ ଭଉଣୀଙ୍କ ପରି ଏକ ମୂଲ୍ୟବାନ ଜୀବନ ଚାଲିଗଲା। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଲଢ଼େଇ ଜାରି ରଖିବ।

ଇପ୍ସିତା ସାହୁ କହିଥିଲେ, ଜ୍ଞାନ ଚରିତ୍ର ଓ ଏକତା ଭଳି ଆଦର୍ଶର ପାଠ ପଢ଼ାଇ ଆସୁଥିବା ଏବିଭିପିର ଅସଲମୁଖା ଆଜି ଖୋଲିଯାଇଛି। ରାଜନୈତିକ ସ୍ୱାର୍ଥ ହାସଲ କରିବା ପାଇଁ ଏବିଭିପି ଓ ବିଜେପି ନେତାମାନେ ଭଉଣୀ ସୌମ୍ୟାଶ୍ରୀକୁ ମୋହରା କରିଛନ୍ତି। ଯେତେବେଳେ ସୌମ୍ୟାଶ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ପୋଡ଼ି ହୋଇ ଏମ୍ସ ଭୁବନେଶ୍ୱରରେ ଭର୍ତ୍ତି ହୋଇଥିଲେ, ସେତେବେଳେ ଏବିଭିପିର ସଦସ୍ୟମାନେ ବିରୋଧୀ ଦଳର ବିଧାୟକ ଓ ନେତାମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ଭିତରକୁ ଯିବାକୁ ଦେଉନଥିଲେ। ଏବିଭିପି ଓ ବିଜେପିର ନେତାଙ୍କ ସମ୍ପୃକ୍ତି ଏଥିରେ ସ୍ପଷ୍ଟ ହୋଇଛି। କେବଳ ଦୁଇ ଜଣ ସଦସ୍ୟଙ୍କୁ ଗିରଫ କରି ମାମଲାକୁ ରଫାଦଫା କରିଦେବା ପାଇଁ ଉଦ୍ୟମ କରୁଛନ୍ତି ସରକାର। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଗିରଫ ହେବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଲଢ଼େଇ ଜାରି ରଖିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.MCSW-AOMC-ETP-25-26-13

**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ମେନ୍ (Main) ETP (କ୍ଷମତା:30000 L/ଦିବସ) ଏବଂ ରୋଲର ବିୟରିଙ୍ଗ୍ ସଫେଇ କାରଖାନା ETP ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 28,23,481.28, EMD (ଟଙ୍କାରେ) : 56,500/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.06.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.08.2025 ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH)/ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

PR-427/Q/25-26


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଭାଲରେ ରୋମାଞ୍ଚକ...

ବିଜୟ ହାସଲ କରିଥିଲା ଭାରତ। ଏହି ମ୍ୟାଚ୍‌ରେ ୯ଟି ୱିକେଟ ନେଇଥିବା ଭାରତର ଫାଷ୍ଟ ବୋଲର ମହମ୍ମଦ୍ ସିରାଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସିରିଜ୍‌ରେ ସର୍ବାଧିକ ୭୫୪ ରନ୍ କରିଥିବା ଶୁବମନ ଗିଲ୍ ଭାରତର ଓ ୪୮୧ ରନ୍ କରିଥିବା ହ୍ୟାରୀ ବ୍ରୁକ୍ ଇଂଲଣ୍ଡର ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଏହି ମ୍ୟାଚ୍ ସହ ଭାରତର ଇଂଲଣ୍ଡ ଗସ୍ତ ଶେଷ ହୋଇଛି। ଏହା ପରେ ସେପ୍ଟେମ୍ବର ୯ରୁ ୟୁଏଇରେ ଖେଳାଯିବାକୁ ଥିବା ଏସିଆ କପ୍‌ରେ ଭାରତ ପରବର୍ତ୍ତୀ ଅନ୍ତର୍ଜାତୀୟ କ୍ରିକେଟ ଖେଳିବ। ଦଳର ତାରକା ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଇଂଲଣ୍ଡରେ ଭାରତ ଟେଷ୍ଟ ସିରିଜ୍ ବରାବର ରଖିବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ସଫଳତା।

### ପୁଣି ତେଜିଲା...

ଅନ୍ୟପକ୍ଷରେ ରାଜସ୍ୱ ମନ୍ତ୍ରୀଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି ସମ୍ବଲପୁର ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ। ସେ କହିଛନ୍ତି ଯେ ମହାରାଷ୍ଟ୍ରରେ ବେଞ୍ଚ ପ୍ରତିଷ୍ଠାକୁ ବିଜେଡି ସ୍ୱାଗତ କରୁଛି। ମାତ୍ର ଆଜି ଯାଏଁ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ନହେବା କ୍ଷୋଭରର ବିଷୟ। ଦଶନ୍ଧି ଦଶନ୍ଧି ଧରି ପଶ୍ଚିମ ଓଡ଼ିଶାବାସୀ ଏହି ଦାବି କରି ଆସୁଛନ୍ତି। ମାତ୍ର ଦୁର୍ଭାଗ୍ୟଜନକ କଥା ଯେ ସ୍ୱାଧୀନତାର ଏତେ ବର୍ଷ ପରେ ବି ଏହି ନାଯ୍ୟ ଦାବି ପୂରଣ ହେଲାନି। ଅତୀତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେଞ୍ଚ ପାଇଁ ଚିଠି ଲେଖିଥିଲେ। ଯଦି ମହାରାଷ୍ଟ୍ର ବିଜେପି ସରକାର କୋହ୍ଲାପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ କରି ପାରିଲେ, ତାହେଲେ ଓଡ଼ିଶାରେ ବିଜେପି ସରକାର କାହିଁକି କରିଲେ ନାହିଁ ବୋଲି ଶ୍ରୀ ପୂଜାରୀ ପ୍ରଶ୍ନ କରିଛନ୍ତି। ସେହିପରି ପିସିସି ସଭାପତି ଭକ୍ତଚରଣ ଦାସ ଏନେଇ ସରକାର ଏବଂ ଶାସକ ଦଳକୁ କାଠଗଡ଼ାକୁ ଟାଣିଛନ୍ତି। ସେ କହିଛନ୍ତି ଯେ ବିଜେପି ଏନେଇ କଣ ପାଇଁ ଚୁପ ଅଛି। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ସ୍ଥାନ ନିରୂପଣ କରିବା ଦାୟିତ୍ୱ ସରକାରଙ୍କର। ମାତ୍ର ସରକାର ଓକିଲଙ୍କୁ ଓକିଲଙ୍କ ସହ ଏବଂ ଜିଲ୍ଲାକୁ ଜିଲ୍ଲା ସହ ଲଢ଼େଇ କରିବାକୁ ଚାହୁଁଛନ୍ତି। ଯେଉଁଠାରେ ବେଞ୍ଚ ପ୍ରତିଷ୍ଠା ପାଇଁ ସର୍ବାଧିକ ଆବଶ୍ୟକତା ରହିଛି, ସେଠାରେ ସରକାର ବେଞ୍ଚ ପ୍ରତିଷ୍ଠା କରନ୍ତୁ ବୋଲି ସେ ଦାବି କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପଶ୍ଚିମ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ଦଶନ୍ଧି ଧରି ଚାଲି ଆସିଛି। ସ୍ୱାଭାବିକ ଭାବେ ପଶ୍ଚିମ ଓଡ଼ିଶା ବିଜେପିର ଗଡ ରୂପେ ଜଣାଯାଏ। ରାଜ୍ୟରେ କ୍ଷମତାକୁ ଆସିଲେ ପଶ୍ଚିମ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ହେବ ବୋଲି ନିର୍ବାଚନରେ ବିଜେପିର ଛାମୁଆ ନେତା ପ୍ରତିଶ୍ରୁତି ଦେଇଥିଲେ। ବିଜେପି ପଶ୍ଚିମ ଓଡ଼ିଶାରୁ ସମସ୍ତ ୫ ଲୋକସଭା ଆସନ ଜିଣିବା ସହ ବହୁ ସଂଖ୍ୟାରେ ବିଧାନସଭା ଆସନ ମଧ୍ୟ ଜିଣିବାରେ ସମର୍ଥ ହୋଇଥିଲା। ତେବେ ରାଜ୍ୟରେ ଏବଂ କେନ୍ଦ୍ରରେ ବିଜେପିର ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେବା ପରେ ବେଞ୍ଚ ପ୍ରତିଷ୍ଠା ଏବେ ବିଜେପି ପାଇଁ ବଡ଼ ଆହ୍ୱାନ ପାଲଟିଛି। ଏହାଠାରୁ ବଡ଼ ଆହ୍ୱାନ ହେଉଛି ବେଞ୍ଚ କେଉଁଠାରେ ପ୍ରତିଷ୍ଠା ହେବ ସେନେଇ ସ୍ଥାନ ନିରୂପଣ କରିବା। ଏନେଇ ବିଜେପି ଅଠାକାଠିରେ ପଡ଼ିବାର ସମ୍ଭାବନା ରହିଛି। ଯଦି ବିଜେପି ସରକାର ପଶ୍ଚିମ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ନକରୁଛନ୍ତି, ତାହେଲେ ଏହା ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଶକ୍ତ ଧକ୍କା ସଦୃଶ୍ୟ ହେବ।

### ସ୍ୱ-ଘୋଷଣାନାମା...

ଦେବାକୁ ପଡ଼ିବ। ନିଯୁକ୍ତିଦାତାଙ୍କୁ ରାତି ସିଫ୍ଟ ପାଇଁ ବ୍ୟବହୃତ ଗାଡ଼ିର ପ୍ରତ୍ୟେକ ଡ୍ରାଇଭରଙ୍କ ବାୟୋ-ଡାଟା ଓ ପୁଲିସ୍ ଭେରିଫିକେସନ୍ କରାଇବାକୁ କୁହାଯାଇଥିବା ବେଳେ କାର୍ଯ୍ୟସ୍ଥଳରେ ଶୌଚାଳୟ ଓ ପାନୀୟ ଜଳର ଉପଯୁକ୍ତ ସୁବିଧା ରହିବା ଆବଶ୍ୟକ ବୋଲି କୁହାଯାଇଛି। ଏହି ସ୍ଥାନଗୁଡ଼ିକରେ ସିସିଟିଭି କ୍ୟାମେରା ଓ ଯଥେଷ୍ଟ ଆଲୋକ ବ୍ୟବସ୍ଥା କରାଯିବା ଏବଂ ପରିବହନ ଗାଡ଼ିରେ ମହିଳା ହେଲ୍ପଲାଇନ ନମ୍ବର, ଶ୍ରମ ବିଭାଗର ହେଲ୍ପଲାଇନ ନମ୍ବର ପ୍ରଦର୍ଶନ ସହ ସିଫ୍ଟ ବଦଳ ସମୟରେ ୮ ଘଣ୍ଟା ବିଶ୍ରାମ ଦେବା ବାଧ୍ୟତାମୂଳକ ରଖାଯାଇଛି। କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ଆଇନ ପାଳନ ସହ ନିଯୁକ୍ତିଦାତା ସ୍ୱ-ପ୍ରମାଣପତ୍ର ଦାଖଲ କରିବେ।

ଏ ସଂକ୍ରାନ୍ତରେ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି ଯେ କେନ୍ଦ୍ରୀୟ ଆଇନ ଅନୁସାରେ ବିଭିନ୍ନ ରାଜ୍ୟକୁ ଚିଠି ହୋଇଛି। ଓଡ଼ିଶାରେ ପୁରୁଷ ମହିଳା ମଧ୍ୟରେ ଥିବା ତାରତମ୍ୟ ହ୍ରାସ ଏବଂ ସଶକ୍ତିକରଣ କରିବା ଦିଗରେ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ରାତି ସିଫ୍ଟ ପାଇଁ ଅନୁମତି ଦିଆଯାଇଛି। କିନ୍ତୁ ଏଥିପାଇଁ ମହିଳାମାନଙ୍କୁ ସ୍ୱ-ଘୋଷଣାନାମା ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପଟେ ସରକାରଙ୍କ ଏହି ନୀତିକୁ ବିଜେଡି ସମାଲୋଚନା କରିଛି। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି ଯେ ମହିଳାମାନେ ଘୋଷଣା ନାମା ଦେଇ କାର୍ଯ୍ୟ କରିବା ଅର୍ଥ ନିଜ ସୁରକ୍ଷା ନିଜେ କରିବେ। ସରକାରଙ୍କ ତରଫରୁ କିଛି କରାଯିବ ନାହିଁ। ମହିଳା କର୍ମଚାରୀ ଘୋଷଣାନାମା ଦେବା ପରେ ସରକାରଙ୍କର ଆଉ କିଛି ଦାୟିତ୍ୱ ରହିବ ନାହିଁ। ଏହାର ଅର୍ଥ ସରକାର ସୁରକ୍ଷା ଦେଇପାରୁନାହାନ୍ତି। ନାରୀଙ୍କୁ ସୁରକ୍ଷା ଦେବା ପାଇଁ ସରକାରଙ୍କର ମନୋଭାବ ନାହିଁ। ଘୋଷଣାନାମା ଦେଇସାରିବା ପରେ କୌଣସି ଅଘଟଣ ହେଲେ ମହିଳା ଦାୟୀ ରହିବେ, ସରକାର ନୁହେଁ। ସରକାର ନିଜ ମୁଣ୍ଡରୁ ଦୋଷ ଖସେଇ ଦେବା ପାଇଁ ଏଭଳି କରିଛନ୍ତି। ସରକାରଙ୍କ ନୀତି ନିୟମ ଓ ଶାସନ ବ୍ୟବସ୍ଥା କାହିଁକି ଅଛି? ମହିଳା ଯଦି ନିଜ ସୁରକ୍ଷା ନିଜେ କରିବେ, ସରକାର କାହିଁକି ଅଛନ୍ତି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଛନ୍ତି।

### ପରଲୋକରେ ଦିଶୋମ୍...

ଦିବଂଗତ ସୋରେନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ, ମୀସା ଭରତୀ, ମନୋଜ ଝା ଏବଂ ଆରଜେଡିର ଅନେକ ନେତା ତାଙ୍କ ପରିବାରକୁ ଭେଟିଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସୋରେନ୍‌ଙ୍କ ମୃତ୍ୟୁରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ଦିଶୋମ୍ ଗୁରୁଜୀ ନାମରେ ପରିଚିତ ଶିବୁ ସୋରେନ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ)ର ପ୍ରତିଷ୍ଠାତା ଥିଲେ। ସେ ୟୁପିଏ-୧ କାର୍ଯ୍ୟକାଳରେ କେନ୍ଦ୍ର କୋଇଲା ମନ୍ତ୍ରୀ ରହିଥିଲେ। ତେବେ ଚିରୁଡିହ ହତ୍ୟାକାଣ୍ଡରେ ନାମ ଆସିବା ପରେ ସେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ୧୯୪୪ ଜାନୁଆରୀ ୧୧ରେ ନମେରାରେ ଜନ୍ମିତ ଶିବୁ ସୋରେନ ତିନି ଥର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୫ ମାର୍ଚ୍ଚ ୨ର ପ୍ରଥମ ପାଳିରେ ତାଙ୍କ ସରକାର ମାତ୍ର ୧୦ ଦିନରେ ଭାଙ୍ଗି ଯାଇଥିଲା। ୩ ମାସର କାର୍ଯ୍ୟକାଳରେ ସେ ମାତ୍ର ୧୦ ମାସ ପାଇଁ ସରକାର ଚଲାଇ ଥିଲେ। ଦ୍ୱିତୀୟ ଏବଂ ତୃତୀୟ ପାଳିରେ ୫ ମାସ ଲେଖାଏଁ ମୁଖ୍ୟମନ୍ତ୍ରୀ ରହିଥିଲେ। ସେ ଲୋକସଭାକୁ ମଧ୍ୟ ୬ ଥର ନିର୍ବାଚିତ ହୋଇଥିଲେ।

### ନିଜ ଖାତରେ ପଡ଼ିଲା...

ପ୍ରକାଶ ପାଇଛି। ରାଜନୀତି ଓ ପତିଆରା ବୃଦ୍ଧି ପାଇଁ ଛାତ୍ରୀଙ୍କ ଜୀବନକୁ ବିପଦରେ ପକାଇବାକୁ ଏବିଭିପିର ପ୍ରୟାସକୁ ସବୁଠି ନିନ୍ଦା କରାଯାଉଛି। ଛାତ୍ରୀ ଜଣକ ଏମ୍‌ସରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ଭେଟିବାକୁ କାହାକୁ ପ୍ରବେଶ କରାଇ ଦେଉ ନଥିଲେ ଏବିଭିପିର କାର୍ଯ୍ୟକର୍ତ୍ତା। ବର୍ଣ୍ଣ ୟୁନିଟ୍ ବାହାରେ ରହି ବିଧାୟକଙ୍କ ସମେତ ବହୁ ଲୋକପ୍ରତିନିଧିଙ୍କୁ ବିରୋଧ କରିବା ସହ ପ୍ରବଳ ଯୁକ୍ତିତର୍କ କରୁଥିଲେ। ଏବିଭିପିର ପ୍ରତ୍ୟକ୍ଷ ସମ୍ପୃକ୍ତି ଏହାର କାରଣ ଥିଲା ବି ବୋଲି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେତେବେଳର ଯୁକ୍ତିତର୍କ ଭିଡିଓ ପୁଣିଥରେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି।

ଛାତ୍ରୀ ଆତ୍ମଦାହ ଘଟଣାରେ ସଂଗଠନ କାର୍ଯ୍ୟକର୍ତ୍ତାଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ପଦାକୁ ଆସିବା ପରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଶିକ୍ଷାବିତ ଓ ରାଜନୈତିକ ବିଶେଷଜ୍ଞଙ୍କ ମତରେ ଶାସକ ବିଜେପି ସହ ସମଭାବାପନ୍ନ ଏହି ଛାତ୍ର ସଂଗଠନ ପଛକୁ ଚାଲିଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅବିଶ୍ୱାସର ବାତାବରଣ ସୃଷ୍ଟି ହୋଇଛି। ଫଳରେ ନିର୍ବାଚନ ହାରିବାର ଆଶଙ୍କା ବହୁଗୁଣିତ ହୋଇଛି। ଏପରିସ୍ଥିତିରେ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ଠିକ୍ ନଥିବା ଦର୍ଶାଇ ପୁଣିଥରେ ନିର୍ବାଚନକୁ ସରକାର ଟାଳି ଦେଇ ପାରନ୍ତି ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଚଳିତ ବର୍ଷ ଛାତ୍ରସଂସଦ ନିର୍ବାଚନ ନିଶ୍ଚିତ କରିବା ପାଇଁ ବହୁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଶିକ୍ଷାମନ୍ତ୍ରୀ ସାଧାରଣରେ ଘୋଷଣା କରିଛନ୍ତି। ଏହା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେବା ସହ ବିଭିନ୍ନ ଛାତ୍ର ସଂଗଠନ ହେଲ୍ପଡେସ୍କ, ଚାରା ରୋପଣ ଓ ବନ୍ଧୁ ମିଳନ ନାମରେ ସଂଗଠନ ସୁଦୃଢ଼ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ହେଲେ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା ପରେ ସବୁକିଛି ନିରବୀ ଯାଇଛି। ସେହି ଉତ୍ସାହ ଆଉ ଦେଖାଯାଉ ନାହିଁ। ଆଉଥରେ ଅନ୍ତରୀଣ ସର୍ଭେ କରି ସ୍ଥିତି ପରଖିବା ଏବଂ ଦୂର୍ଗାପୂଜା ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ କରିବା ସମୟସାପେକ୍ଷ ହୋଇଥିବାରୁ ନିର୍ବାଚନ ଟାଳି ଦେବାର ଆଶଙ୍କା ବହୁଗୁଣିତ ହୋଇଛି।

### ଆତ୍ମଦାହ ପାଇଁ...

କୋର୍ଟରେ ହାଜର କରାଇଥିଲା। କିନ୍ତୁ ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ବାଲେଶ୍ୱର ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଆତ୍ମହତ୍ୟା ପାଇଁ ଉସୁକାଇବା ଏବଂ ଷଡ଼ଯନ୍ତ୍ର ରଚିବା ଭଳି ସଂଗିନ୍ ଅଭିଯୋଗରେ ଦୁହିଁଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୧୦୮ ଓ ଦଫା ୬୧(୨)(ଏ) ଲଗାଇଛି। ଏହାବ୍ୟତୀତ, କ୍ରାଇମବ୍ରାଞ୍ଚ ଆଜି ମାମଲା ସଂକ୍ରାନ୍ତରେ କିଛି ନୂଆ ପ୍ରମାଣ କୋର୍ଟରେ ଦାଖଲ କରିବା ସହ ତାହାର ଲାବ୍ ଟେଷ୍ଟିଂ ପାଇଁ ଅନୁମତି ମାଗିଛି। ତେବେ ଏ ସଂପର୍କରେ ବିଶେଷ ତଥ୍ୟ ଗଣମାଧ୍ୟମକୁ ଦେବାକୁ କ୍ରାଇମବ୍ରାଞ୍ଚ ମନା କରିଦେଇଛି। ସୌମ୍ୟାଶ୍ରୀ ଆତ୍ମଦାହ କରିବା ସମୟରେ ଜ୍ୟୋତିପ୍ରକାଶ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଠିଆ ହୋଇ ଏହାର ଭିଡିଓ ଉତ୍ତୋଳନ କରୁଥିଲେ। ପରେ ସେ ସୌମ୍ୟାଶ୍ରୀଙ୍କ ଦେହରୁ ନିଆଁ ଲିଭାଇବାକୁ ଯାଇ ପୋଡ଼ି ଯାଇଥିଲେ। ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକକୁ ସ୍ଥାନାନ୍ତର କରାଯାଇଥିଲା। ସୁସ୍ଥ ହେବା ପରେ କିଛି ଦିନ ତଳେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା।

### ମହିଳା ଡାଟା ଏଣ୍ଟ୍ରି...

ମହାନ୍ତି, ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଶିକ୍ଷକ ସଂଘ ନେତା ବିଜୟ କୁମାର ମିଶ୍ରଙ୍କୁ କ୍ରାଇମବ୍ରାଞ୍ଚ ୩ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ କରିବ ବୋଲି ଜଣାପଡ଼ିଛି। ରିମାଣ୍ଡରେ ଅଣାଗଲେ ଏମାନଙ୍କୁ ସାମ୍ନାସାମ୍ନି ଜେରା କରାଯିବା ଫଳରେ ଅଧିକ ତଥ୍ୟ ମିଳିପାରିବ ବୋଲି କୁହାଯାଇଛି। ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କ ଆର୍ଥିକ କାରବାର ନେଇ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଆରମ୍ଭ କରିଛି। ନିହାରଙ୍କ ଅର୍ଥ କାରବାର ତଥ୍ୟ ଦେବାକୁ କ୍ରାଇମବ୍ରାଞ୍ଚ ୩ଟି ବ୍ୟାଙ୍କକୁ ଚିଠି ଲେଖିଛି। ନିହାରଙ୍କ ପରିବାର ଲୋକଙ୍କ ବ୍ୟାଙ୍କ ଖାତା ମଧ୍ୟ ଯାଞ୍ଚ ହେବ। ପ୍ରଶ୍ନପତ୍ର ବିକ୍ରିରେ ବଡ଼ଧରଣର ଅର୍ଥ କାରବାର ସନ୍ଦେହରେ କ୍ରାଇମବ୍ରାଞ୍ଚ ଏହି ପଦକ୍ଷେପ ନେଇଛି। ବିଶେଷକରି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଟଙ୍କା କାରବାର ଉପରେ ଅଧିକ ଖୋଳତାଡ଼ କରାଯିବ। ବିଭିନ୍ନ ଜିଲ୍ଲାରୁ କେତେ ଟଙ୍କା କାହା ଜରିଆରେ ଆଦାୟ ହୋଇଛି, ସେ ସମ୍ପର୍କିତ ତଥ୍ୟ ଏମାନଙ୍କୁ ଅଧିକ ଜେରା ପରେ ମିଳିପାରିବ ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀ। ପୂର୍ବରୁ ମଧ୍ୟ ଗତ ୨୦୧୯ ଓ ୨୦୨୨ରେ ପ୍ରଶ୍ନପତ୍ର ଲିକ୍ ନେଇ ଅଭିଯୋଗ ଉଠିଥିଲା। ସେହି ସମୟରେ ବୋର୍ଡ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଥିଲା। ଏ ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ କ୍ରାଇମବ୍ରାଞ୍ଚ ୩ ଅଭିଯୁକ୍ତଙ୍କୁ ଜେରା କରିବ ବୋଲି କୁହାଯାଉଛି। ବୋର୍ଡ ଉପସଭାପତି ଓ ଡାଟାଏଣ୍ଟ୍ରି ଅପରେଟର୍ ଗିରଫ ହେବା ସତ୍ତ୍ୱେ ବୋର୍ଡର ଆଉ କିଛି କର୍ମଚାରୀ ପ୍ରଶ୍ନପତ୍ର ଲିକ୍ ଘଟଣାରେ ସମ୍ପୃକ୍ତ ଥିବା ନେଇ କ୍ରାଇମବ୍ରାଞ୍ଚ ସନ୍ଦେହ ପ୍ରକଟ କରିଛି। ବୋର୍ଡ କାର୍ଯ୍ୟାଳୟକୁ କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଦଳ ବାରମ୍ବାର ଆସି ବିଭିନ୍ନ ଦସ୍ତାବିଜ ଯାଞ୍ଚ କରୁଥିବା ବେଳେ ଅନ୍ୟ କର୍ମଚାରୀମାନେ ଆଶା ଆଶଙ୍କାରେ ରହିଛନ୍ତି। ପ୍ରଶ୍ନପତ୍ର ଲିକ୍ ଘଟଣାରେ ଛନ୍ଦି ହୋଇଥିବା ବୋର୍ଡ ପାଇଁ ଆସନ୍ତା ଅଗଷ୍ଟ ୩୧ରେ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପରିଚାଳନା ଏକ ବଡ ଆହ୍ୱାନ ହୋଇଛି। ଏଥିପୂର୍ବରୁ ଲୋକସେବା ଭବନରେ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଆଲୋଚନା କରିଥିବା ଜଣାପଡ଼ିଛି। ଆଗାମୀ ପରୀକ୍ଷା ପରିଚାଳନାରେ କାହାର କ'ଣ ଭୂମିକା ରହିବ, ତାହାକୁ ନେଇ ବୋର୍ଡ ହରଡ଼ଘଣାରେ ପଡ଼ିଛି।

### ସନ୍ଦେହଘେରରେ ସଭାପତିଙ୍କ...

କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଛି ତାହା ଜଣା ପଡ଼ି ନ ଥିଲେ ହେଁ ବୋର୍ଡ ସଭାପତିଙ୍କ ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବୋର୍ଡର ସମସ୍ତ ଗୋପନୀୟ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଦାୟିତ୍ୱ ବଣ୍ଟନ ସଭାପତିଙ୍କ କ୍ଷମତା ପରିସରଭୁକ୍ତ। ସାଧାରଣତଃ ସମ୍ପାଦକ କିମ୍ବା ପରୀକ୍ଷା ନିୟନ୍ତ୍ରକ ପରୀକ୍ଷା ପରିଚାଳନା କରିଥାନ୍ତି। ହେଲେ କେଉଁ ନିର୍ଦ୍ଦିଷ୍ଟ କାରଣ ପାଇଁ ବୋର୍ଡ ଉପ-ସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଥିଲା ବୋଲି ପ୍ରଶ୍ନ ଉଠିଛି। ଅପରପକ୍ଷରେ ବୋର୍ଡ ଓ ଶ୍ରୀ ମହାନ୍ତିଙ୍କ ସହ ଶ୍ରୀ ତରାଇଙ୍କ ସମ୍ପର୍କ ମଧ୍ୟ ଦୀର୍ଘ ବର୍ଷରୁ ରହିଛି। ପୂର୍ବରୁ ସେ ବୋର୍ଡ ସମ୍ପାଦକ ଭାବେ ପାଖାପାଖି ୩ବର୍ଷ କାର୍ଯ୍ୟ କରିଥିବାବେଳେ ୨୦୨୩ ଡିସେମ୍ବରରୁ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ପ୍ରାୟ ୪ ବର୍ଷର ଅବଧି ମଧ୍ୟରେ ଉଭୟଙ୍କ ମଧ୍ୟରେ ଥିବା ଘନିଷ୍ଠତା କାରଣରୁ ଶ୍ରୀ ମହାନ୍ତିଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଣୁ ଏ ଦିଗରେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁ ବୋଲି ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

### ଦୋକାନୀଙ୍କୁ ବୋମାମାଡ଼...

ଦୁର୍ବୃତ୍ତମାନେ ଆତଙ୍କ ସୃଷ୍ଟି କରିବା ସହ ୩ଟି ବୋମାମାଡ଼ କରିଥିବା ବେଳେ ଶ୍ରୀ ସାହୁଙ୍କ ମୁଣ୍ଡକୁ ଆକ୍ରମଣ କରି ସୁନାଗହଣା ଥିବା ହ୍ୟାଣ୍ଡବ୍ୟାଗ୍‌ଟିକୁ ଛଡ଼ାଇ ନେଇଥିଲେ। ପରେ ୪ ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଦ୍ରୁତଗତିରେ କଟିକଟା ଆଡ଼କୁ ପଳାଇ ଯାଇଥଲେ। ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଯିବା ପରେ ଅନ୍ୟ ବ୍ୟବସାୟୀମାନେ ପହଞ୍ଚି ଶ୍ରୀ ସାହୁଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ବଜାରରେ ଥିବା ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବର ପାଇ ନିଶ୍ଚିନ୍ତକୋଇଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


**Government of Odisha " e " Procurement Notice** O-514

**Bid Identification No. : Online-AGL-03 of 2025-2026**

1. Name of the Work : Road Works
2. Estimated Cost. : Rs. 5.78 to 58.30 Lakhs
3. Period of Completion : 1(One) & 2 (Two) Calendar Months
4. Date & time of availability of : From 05.08.2025. to 14.08.2025. upto 5.00 P.M
5. Last Date/time for receipt of bids In the portal : 14.08.2025. upto 05.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersodisha.gov.in**

OIPR-25096/11/0025/2526

Executive Engineer
R.W. Division, Angul

Accessible India Campaign

**Association for Social Reconstructive Activities (ASRA)**
**Ph: 9437062688, 8249034688**

ASRA The Shelter

## ENGAGEMENT

**DISTRICT DISABILITY REHABILITATION CENTRE (DDRC), JAGATSINGHPUR**

Applications are invited from the interested Professional / personals for engagement at DISTRICT DISABILITY REHABILITATION CENTRE (DDRC), JAGATSINGHPUR on temporary basis for the post of **(1) Clinical Psychologist / Rehabilitation Psychologist:** Educational qualification- M.Phil or Prof. Diploma in Clinical Psych. / M.phil or PGDRP. Hon (P.M.): salary- Rs. 20500/- **(2) Trans Disciplinary Special Educator** (1 No): Educational Qualification- Diploma in Special D.ed Edu / B.Ed in Special Edu (VI) (P.M.): Salary- Rs. 14500/- **(3) Caregiver:** CCCG-RCI / CCCG- N.T or Class-VIII (3 yrs experience in c.g PWD) Hon (P.M.): Rs. 6250/-. The detailed eligibility criteria, qualification, terms & conditions etc are available in the website **www.asraodisha.com**. Candidates shall send their resume within 7 days to the Nodal Officer, District Disability Rehabilitation Centre (DDRC), Jagatsinghpur, C/o ASRA, At-Singharpur, Po-Nabapatana, Dist-Jagatsinghpur, Pin-754114, Odisha by regd. Post / speed post or Email: **asrahosp@gmail.com** on or before **12.08.2025.** Shortlisted candidates will be called for interview. Applications received after **12.08.2025** shall not be entertained.

**Sd/- Nodal Officer, DDRC, Jagatsinghpur**

**AFFIDAVIT**

By virtue of an affidavit No.3194, Dtd.02.08.2025 sworn before the Executive Magistrate, Jaleswar I, Durgarani Chand, W/o. Rajib Lochan Chand, At. Santia, Po. Jaleswar, Ps. Jaleswar, Dist. Balasore, Pin-756032, Odisha renounce, relinquish and abandon the use of my son former name Rudra Prasad Chand (old name) instead of Rajveer Chand (New name). Henceforth, he will be known as **Rajveer Chand** for all purposes.

**Notice**
**(above 18 years of age)**

By virtue of an affidavit sworn before the Executive Magistrate, Gopabandhu Nagar, Mayurbhanj, dated 04-08-2025, I, Sushil Rana, Address AT-Kudiakhunta, PO- Ranibandha, PS- Khunta, Dist- Mayurbhanj, PIN-757026 declare that I have changed my name Sushila Rana to Sushil Rana. Henceforth I shall be known as Sushil Rana for all purposes.

**Sushil Rana**

**NOTICE**

By virtue of an affidavit sworn before the Notary Public, Cuttack, dated 29.07.2025 I, Srimati Devi, W/o – Late Abhimanyu Nayak, resident of At- Jhinki Jhari (Harijan Sahi), PO- Nizigarh Tapang, PS/Dist-Khorda, Odisha, Pin- 752018 have changed my name from Smriti Devi to Srimati Devi. Henceforth, I shall be known as Srimati Devi for all purposes.

**(Srimati Devi)**

**NOTICE**

By virtue of an affidavit sworn before Sri Himanshu Bhusan Palei, O.R.S, Executive Magistrate, Puri dated 30/07/2025. I Nrusingha Charan Khuntia of Gangamata Bagicha, Po: Puri-2, PS: Kumbharapada, Dist: Puri, Odisha-752002 declare that, I have changed my fathers name from PRANAB KISHORE MOHANTY to RADHU KHUNTIA. Henceforth, he shall be known as RADHU KHUNTIA for all purposes.

**NRUSINGHA CHARAN KHUNTIA**

**AFFIDAVIT**

I, Puspanjali Samantaray, aged about 54 years, W/o Pratap Chandra Buxipatra, resident of Plot No. 301/07, Hal Plot No. 1294/5001, Sastrinagar, Bhubaneswar, PO- Nayapalli, Dist- Khordha, PIN- 751012, Odisha declared by this affidavit No. 1516, dtd- 31/07/2025 that now onwards I shall be known as **PUSPANJALI BUXIPATRA** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 24/07/2025. I, **Biganatha Kharsel** (new name) formerly called as **Biganath Kharsel** (old name), S/o- Pitho, Permanent resident of AT/P.O. Bhatipada, P.S. Titilagarh, Dist- Bolangir (Odisha), PIN-767042 now residing at the same place affirm that I have changed my name from **Biganath Kharsel** (old name) to **Biganatha Kharsel** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Biganatha Kharsel** (new name).

**Biganatha Kharsel**

**AFFIDAVIT**

I, Pappu Quershi, S/o- Samiula Kureshi, resident of Buromal Road, Po- Jharsuguda, Pin- 768201 Dist- Jharsuguda, Odisha declared by this affidavit No- 612, dtd- 02/08/2025 that now onwards I shall be known as **ANISH KURESI** for all future purposes.

**AFFIDAVIT**

I, Bijay Goel, S/o- Late Chamrulal Agrawal, resident of At- Raghunathpada, Titilagarh, Po- Titilagarh, Ps- Titilagarh, Dist- Balangir, Odisha declare by this affidavit No. 12, dtd. 28/07/2025 that, now onwards I shall be known as **Bijay Kumar Goel** for all future purposes.

**AFFIDAVIT**

By virtue of an affidavit CFR No.-708/2025, dtd. 29.07.2025 before the Executive Magisrate, Chandahandi, Dist.-Nabarangpur, I, Mukesh Goud, Vill- Malgaon, Ps- Chandahandi, Dist.-Nabarangpur have changed my name from Dhanaru Goud to Mukesh Goud, Henceforth I shall be known as **Mukesh Goud** for all purposes.

**Sd/- Mukesh Goud**

**AFFIDAVIT**

I, Priyatrma Kar, W/o- Asit Kumar Kar, resident of C-132-B, Kh No- 858, J V T S Garden, Chattarpur Extn, Po- Chattarpur, Pin- 110074, Dist- South Delhi, Delhi, declared by this affidavit No. 2505, dtd- 28/11/2024 that now onwards I shall be known as **PRIYATAMA KAR** for all future purposes.

**AFFIDAVIT**

By virtue of an affidavit (CF No. 06, date- 04/08/2025) sworn before The Executive Magistrate, Padampur. I, **Miniketan Thapa** (new name), permanent & current resident of At- Darbekela, Po- Mahulpali, P.S. Padampur, Dist- Bargarh, PIN- 768036 Odisha declare that I have changed my name from **Meenaketan Thapa** (old name) to **Miniketan Thapa** (new name). Henceforth, I shall be known as **Miniketan Thapa** (new name), S/o Harekrushna Thapa for all future purposes.

**Miniketan Thapa**

**AFFIDAVIT**

I, Rasmi Ranjita Bagh, W/o- Sujan Bagh, resident of At/Po- Kamata, Anchalgumma, Ps- Tentulikhunti, Pin- 764049, Dist- Nabarangpur, Odisha declared by this affidavit No- 8346, dtd- 01/08/2025 that now onwards I shall be known as **RASHMI RANJITA BAGH** for all future purposes.

**AFFIDAVIT**

By virtue of an affidavit sworn before Executive Magistrate , Gaisilet, dtd- 29/07/2025, I, **Sarat Kalo,** resident of At/Po/Ps- Gaisilet, Dist- Bargarh, Odisha, Pin- 768037, declare that I have changed my minor son's name **Swastik Kalo** (old name) to **Sangram Kalo** (new name). Henceforth, he will be known as **Sangram Kalo** for all purposes.

**Sarat Kalo**

**AFFIDAVIT**

I, Sushree Sangeeta Mishra, D/o- Annada Prasad Mishra, resident of Plot No- 651/992, Anantapur, Jagannathapur, Balianta, Pin- 752101, Dist- Khurda, Odisha declared by this affidavit No. 613, dtd- 02/08/2025 that now onwards I shall be known as **SUSHREE SANGITA MISHRA** for all future purposes.

ସକାଳ THE SAKALA



**ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର**

# ଅଭିଯୋଗ ଶୁଣିବାକୁ ଆନ୍ତରିକତା ନାହିଁ





ନୟାଗଡ଼,୪।୮ (ସମିସ)

ନୟାଗଡ଼ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଆଜି ମାଳ ମାଳ ଅଭିଯୋଗ ସାମ୍ନାକୁ ଆସିଛି। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣିବାରେ ବ୍ୟସ୍ତ ରହିଥିବା ଦେଖାଯାଇଛି। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଅଭିଯୋଗ ଶୁଣିବାରେ ବ୍ୟସ୍ତ ଥିବା ବେଳେ ଶିବିରରେ ସାମିଲ ଥିବା ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀ ବସି ମୋବାଇଲରେ ବ୍ୟସ୍ତ

**ମୋବାଇଲରେ ବ୍ୟସ୍ତ ଅନେକ ଅଧିକାରୀ**
**ଲମ୍ବା ଧାଡ଼ିରେ କଲବଲ ଅଭିଯୋଗକାରୀ**

ରହୁଥିବା ଦେଖିବାକୁ ମିଳିଛି। କିଏ ବସି ଚାଟିଂ କରୁଛି ତ ପୁଣି କିଏ ବସି ମୋବାଇଲରେ ଖବର ପଢୁଛି। ଶହ ଶହ ଲୋକ ପ୍ରଶାସନିକ ଅଧିକାରୀଙ୍କୁ ଘେରି ନିଜର ଗୁହାରି ଜଣାଉଥିବା ବେଳେ ବିଭିନ୍ନ ବିଭାଗ ଅଧିକାରୀ ଏ ସବୁ ପ୍ରତି ଧ୍ୟାନ ନଦେଇ ମୋବାଇଲରେ ବ୍ୟସ୍ତ ରହିବା କେତେ ଦୂର ଠିକ୍ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଜି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ମୋଟ ୧୨୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ତାହା ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୧୧୦ଟି, ଗ୍ରାମ ସମସ୍ୟା ୯ଟି ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ ସମସ୍ୟା ୧୦ଟି ରହିଥିବା ସୂଚନା ମିଳିଛି। ଏହି ଅଭିଯୋଗ ମଧ୍ୟରୁ ୩୫ଟି ଅଭିଯୋଗ ତତ୍କାଳ ସମାଧାନ ହୋଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପଠାଯାଇଛି।

**● ନଦୀ ଘାଟ ନିଲାମରେ ଅନିୟମିତତା**

## ବିନା ରସିଦ୍‌ରେ ପିଇଓ ନେଇଛନ୍ତି ୯.୬୦ଲକ୍ଷ



**ନୟାଗଡ଼** : ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ ଛାମୁଣ୍ଡିଆ ପଞ୍ଚାୟତ ବଡ଼ମୂଳ ଘାଟ ନିଲାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଛାମଣ୍ଡିଆ ପଞ୍ଚାୟତ ପିଇଓ ମଳୟ କୁମାର ପଟ୍ଟନାୟକ ଘାଟ ନିଲାମଧାରୀଙ୍କଠାରୁ ୩ ବର୍ଷ ମଧ୍ୟରେ ବିନା ରସିଦରେ ୯ ଲକ୍ଷ ୬୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ବାରମ୍ବାର ମାଗିବା ପରେ ବି ପିଇଓ ରସିଦ ଦେବାକୁ ଧରା ଛୁଆଁ ଦେଉନଥିବା ଏବଂ ଏହି ଟଙ୍କାକୁ ସରକାରୀ ଖାତାରେ ଡିପୋଜିଟ୍ କରିନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କଟକ ଜିଲ୍ଲା କମଳାଡିହ ଗ୍ରାମର ଦିବ୍ୟଲୋଚନ ଖଟୁଆ ୨୦୨୩-୨୪ ପାଇଁ ବଡ଼ମୂଳ ନଦୀଘାଟ ନିଲାମ ନେଇଥିଲେ। ଏ ବାବଦରେ ସେ ୫ ଲକ୍ଷ ଟଙ୍କା ପଞ୍ଚାୟତ ପିଇଓଙ୍କୁ ପ୍ରଦାନ କରିଛନ୍ତି। ଏହା ସହିତ ୨୦୨୪-୨୫ ମସିହା ପାଇଁ ନିଲାମ ବାବଦ ୫ ଲକ୍ଷ ୧୦୦ ଟଙ୍କା ପ୍ରଦାନ କରିଛନ୍ତି। ଚଳିତ ବର୍ଷ ନଦୀ ଘାଟ ନିଲାମ ବାବଦରେ ବିଭିନ୍ନ ଖର୍ଚ୍ଚ ଆଳ ଦେଖାଇ ପିଇଓ ଅଗ୍ରୀମ ୧ ଲକ୍ଷ ୬୦ ହଜାର ଟଙ୍କା ନେଇଛନ୍ତି। ଏହି ଅର୍ଥ ସରକାରୀ ଖାତାରେ ଡିପୋଜିଟ୍ ହୋଇନଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ଘାଟ ନିଲାମରେ ଅନ୍ୟ ଜଣେ ଅଯୋଗ୍ୟ ନିଲାମଧାରୀଙ୍କୁ ନିଲାମ ଦେବା ପାଇଁ ବିଭିନ୍ନ ଆଳ ଦେଖାଇ ପିଇଓ ଘାଟ ନିଲାମ ଚୂଡ଼ାନ୍ତ କରୁନଥିବା ଅଭିଯୋଗ ହୋଇଛି। ନିଲାମରେ ଅନିୟମିତତା କରାଯାଇ ସ୍ଥାନୀୟ ସରପଞ୍ଚଙ୍କ ସମ୍ପର୍କୀୟଙ୍କୁ ନିଲାମ ଦେବା ପାଇଁ ବ୍ୟବସ୍ଥା କରାଯାଇଥିବା ଅଭିଯୋଗ ହୋଇଛି। ଅନିୟମିତତା କରାଯାଇଥିବାରୁ ଏହି ନିଲାମକୁ ଚୂଡ଼ାନ୍ତ କରାଯାଉନାହିଁ। ଯାହାକୁ ନେଇ ଦିବ୍ୟଲୋଚନ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି।

**● ମୁକ୍ତାପୁରରେ କଙ୍ଗାରୁକୋର୍ଟ**

## ୩ ଭାଇଙ୍କୁ ନିଆଁ ପାଣି ବାସନ୍ଦ



**ନୟାଗଡ଼:** ନୟାଗଡ଼ ଜିଲ୍ଲା ସଦରମହକୁମା ନିକଟସ୍ଥ ମୁକ୍ତାପୁର ଗାଁରେ କଙ୍ଗାରୁକୋର୍ଟ କରି ୩ ଭାଇଙ୍କୁ ନିଆଁ ପାଣି ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଉକ୍ତ ବ୍ୟକ୍ତିମାନେ ଜିଲ୍ଲାପାଳଙ୍କୁ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୂଚନାନୁସାରେ, ମୁକ୍ତାପୁର ଗାଁର ଗତି ସାହୁଙ୍କ ପାଞ୍ଚ ପୁଅ ରହିଛନ୍ତି। ଗତିଙ୍କ ନାମରେ ମୁକ୍ତାପୁର ଗାଁରେ ରହିଥିବା ୧୪ ଡେସିମିଲ ଜମିକୁ ତାଙ୍କ ପୁଅ ନବୀନ ସାହୁ ତଞ୍ଚକତା କରି ନିଜ ନାମରେ ରେକର୍ଡ କରାଇଥିଲେ। ଏହା ଜାଣିବା ପରେ ଅନ୍ୟ ଭାଇମାନେ ଏନେଇ ଅଭିଯୋଗ କରିବାକୁ ରେକର୍ଡ ସଂଶୋଧନ ହୋଇଥିଲା। ଉକ୍ତ ଘରଡିହ ଜମି ୫ ଭାଇଙ୍କ ନାମରେ ରେକର୍ଡ ହୋଇଥିଲା। ଏହାକୁ ନେଇ ନବୀନ ଗାଁକୁ ଅଭିଯୋଗ କରିବା ପରେ ଗାଁ ସଭାପତି ଓ ସମ୍ପାଦକ ବୈଠକ ଡାକି ୩ ଭାଇ ଭିକାରୀ ସାହୁ, ଶ୍ୟାମ ସାହୁ ଓ ଅବକାଶ ସାହୁଙ୍କୁ ଜମି ନବୀନଙ୍କ ନାଁରେ କରିବାକୁ ବାଧ କରିଥିଲେ। ଗାଁ ସଭାପତି ଓ ସମ୍ପାଦକଙ୍କ କଥା ନମାନିବାରୁ ୩ ଭାଇଙ୍କୁ ଦେଢ଼ ବର୍ଷ ହେବ ଗାଁରେ ବାସନ୍ଦ ରଖାଯାଇଥିବା ଅଭିଯୋଗ ହୋଇଛି। ନିଆଁ ପାଣି ବନ୍ଦ କରାଯିବା ସହ ଗାଁରେ ପ୍ରଚଳିତ ଧୋବ, ଭଣ୍ଡାରୀ ସେବା ମଧ୍ୟ ବନ୍ଦ କରାଯାଇଛି। ଯାହାକୁ ନେଇ ଆଜି ତିନି ଭାଇ ଜିଲ୍ଲାପାଳଙ୍କୁ ଫେରାଦ ହୋଇ ଅଭିଯୋଗ କରିଛନ୍ତି।

**● ଇଟାମାଟିରେ ସାଂଘାତିକ ସ୍ଥିତି**

## ଆବର୍ଜନା ଗଦା ପାଇଁ ଯନ୍ତ୍ରଣା ଭୋଗୁଛନ୍ତି ବାସିନ୍ଦା



**ନୟାଗଡ଼:** ନୟାଗଡ଼ ଜିଲ୍ଲା ଇଟାମାଟିରେ ଆବର୍ଜନା ପାଇଁ ସାଂଘାତିକ ସ୍ଥିତି ଭୋଗୁଛନ୍ତି ବିଭିନ୍ନ ସାହି ବାସିନ୍ଦା। ପଞ୍ଚାୟତ କର୍ତ୍ତୃପକ୍ଷ ଆବର୍ଜନା ସଫେଇ ପ୍ରତି ଆଦୌ ଧ୍ୟାନ ଦେଉନଥିବା ବେଳେ ଲୋକେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ଏନେଇ ଆଜି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଇଟାମାଟି ପଞ୍ଚାୟତ ଅନ୍ତର୍ଗତ ସାନଟାଙ୍ଗିପାଟଣା ବାସିନ୍ଦା ଏନେଇ ଅଭିଯୋଗ କରିଛନ୍ତି। ତାଙ୍କ ସାହିକୁ ସଂଲଗ୍ନ କରୁଥିବା ରାସ୍ତା ଉପରେ ଆବର୍ଜନା ଗଦା ହେଉଥିବାରୁ ଯାତାୟାତରେ ନାନାଦି ଅସୁବିଧା ଭୋଗିବା ସହ ରୋଗ ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଡ୍ରେନେଜ ବ୍ୟବସ୍ଥା ଅବ୍ୟବସ୍ଥାରେ ପରିଣତ ହୋଇଥିବା ଅଭିଯୋଗ ହୋଇଛି। ବର୍ଷା ଦିନ କାରଣରୁ ବର୍ଜ୍ୟଜଳ ରାସ୍ତାରେ ଭାଶୁଥିବା ବେଳେ ନାନାଦି ସମସ୍ୟା ସୃଷ୍ଟି ହେଉଛି। ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳଙ୍କୁ ଜନଶୁଣାଣି ଶିବିରରେ ଫେରାଦ ହୋଇଛନ୍ତି।

## ମହାପ୍ରଭୁଙ୍କ ପାଇଁ ଛାମୁଣ୍ଡିଆରୁ ଗଲା ତୁଳସୀ

ଗଣିଆ,୪।୮ (ସମିସ): ଭାବର ଠାକୁର ତଥା ଭକ୍ତର ଭଗବାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଗଣିଆ ବ୍ଲକ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ ତୁଳସୀ ପଠାଯାଇଛି। ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ପରିସରରେ ରେଞ୍ଜର ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ତୁଳସୀ ବଗିଚା ତିଆରି କରାଯାଇଛି। ସେହି ବଗିଚାରେ ୧୦୦ରୁ ଅଧିକ ତୁଳସୀ ଗଛ ଲଗାଯାଇଥିବା ବେଳେ ତାହାର ରକ୍ଷଣାବେକ୍ଷଣ ନିଜେ ରେଞ୍ଜର କରୁଛନ୍ତି। ମଙ୍ଗଳବାର ଏକାଦଶୀ ଥିବାରୁ ରେଞ୍ଜର ଶ୍ରୀ ପଣ୍ଡା ମହାପ୍ରଭୁଙ୍କୁ ଲାଗି ହେବା ପାଇଁ ତୁଳସୀ ବଗିଚାରୁ ତୁଳସୀ ତୋଳି ପୁରୀ ପଠାଇଛନ୍ତି। ଶୁଦ୍ଧପୂତ ଭାବରେ ତୁଳସୀ ତୋଳିବା ପରେ ଏକ ଟୋକେଇରେ ଭର୍ତ୍ତି କରି ମହାପ୍ରଭୁଙ୍କ ନିକଟକୁ ପଠାଯାଇଛି। କର୍ମ ଜଞ୍ଜାଳ ଭିତରେ ରହି ମହାପ୍ରଭୂଙ୍କ ସେବାରେ ତୁଳସୀ ଲଗାଇ ପାରିଥିବାରୁ ନିଜକୁ ସୌଭାଗ୍ୟ ମନେ କରିଛନ୍ତି ରେଞ୍ଜର ଶ୍ରୀ ପଣ୍ଡା। ଆଗାମୀ ଦିନରେ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ପରିସରରେ ଆହୁରି ଅଧିକ ତୁଳସୀ ଗଛ ଲଗାଯିବା ପାଇଁ ପ୍ରଚେଷ୍ଟା ଜାରି ରହିଛି ବୋଲି ରେଞ୍ଜର ପ୍ରକାଶ କରିଛନ୍ତି।

## ବ୍ୟବସାୟୀଙ୍କ ମୃତ୍ୟୁରେ ବଜାର ବନ୍ଦ

ଗଣିଆ,୪।୮ (ସମିସ): ଗଣିଆ ବଣିକ ସଂଘର ଜଣେ ବ୍ୟବସାୟୀଙ୍କ ମୃତ୍ୟୁରେ ଆଜି ଗଣିଆ ବଜାର ବନ୍ଦ କରାଯାଇଥିବା ଜଣାପଡ଼ିଛି। ରାସଙ୍ଗ ଗ୍ରାମର ବ୍ୟବସାୟୀ ହୃଦାନନ୍ଦ ସ୍ୱାଇଁ ଦୋକାନକୁ ଆସିଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଗଣିଆ ମେଡିକାଲ ଓ ପରେ ନୟାଗଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ବଣିକ ସଂଘ ତରଫରୁ ଗଭୀର ଶୋକ ପ୍ରକାଶ କରିବା ସହିତ ସକାଳ ୬ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯାଇଥିଲା। ଗଣିଆ ରଘୁନାଥଜୀଉ ମନ୍ଦିର ପରିସରରେ ଆୟୋଜିତ ଏକ ଶୋକସଭାରେ ବଜାର କମିଟି ଉପସଭାପତି କୁଳମଣି ସାହୁଙ୍କ ସଭାପତିତ୍ୱରେ ସମ୍ପାଦକ ପ୍ରଭାତ କୁମାର ଦାଶ, ଉପଦେଷ୍ଟା ଜଗନ୍ନାଥ ଦାଶ, ପ୍ରଦୀପ୍ତ କୁମାର ମହାପାତ୍ର, ପ୍ରକାଶ କୁମାର ସାହୁ, ଅଟଳ ବିହାରି ରାଉତ, ଶରତ କୁମାର ସାହୁ, କାବୁଲି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଯାଇଥିଲା।

## ପଞ୍ଚାୟତକୁ ମିଳିଲା ବର୍ଜ୍ୟବସ୍ତୁ ନିଷ୍କାସନ ଯାନ

ରଣପୁର,୪।୮ (ସମିସ): ରଣପୁର ବ୍ଲକରେ ସରକାରଙ୍କ ତରଫରୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତମାନଙ୍କୁ ଗୋଟେ ଗୋଟେ ବ୍ୟାଟେରି ଚାଳିତ ବର୍ଜ୍ୟବସ୍ତୁ ଯାନ ଯୋଗାଇ ଦିଆଯାଇଛି। ଆଜି ଲୋଧାଚୁଆ, ରାଜସୁନାଖଳା, ବ୍ରଜରାଜପୁର ପଞ୍ଚାୟତକୁ ଏହି ଯାନ ମିଳିଥିବା ବେଳେ କାସନ୍ଦା, ସୁର୍କାବାଡ଼ି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ମଧ୍ୟ ମିଳିଛି। ପଞ୍ଚାୟତର ପ୍ରତି ଗ୍ରାମକୁ ସଫାସୁତରା ରଖିବା ପାଇଁ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଯୋଜନା କ୍ରମେ ଏହି ବ୍ୟାଟେରି ଚାଳିତ ଗାଡି ପ୍ରଦାନ କରାଯାଇଛି। ପ୍ରତିଦିନ ଏହି ଗାଡି ଘରକୁ ଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ କରି ଗ୍ରାମ ବାହାରେ ନିର୍ମିତ ହେଇଥିବା ଡ୍ରାମ୍ପୱାର୍ଡ ଗୃହରେ ରଖିବେ। ଗ୍ରାମର ପ୍ରତେକ ଘରେ ଅଳିଆ ଏଣେ ତେଣେ ନ ପକାଇ ଡଷ୍ଟବିନ ବ୍ୟବହାର କରିବା ସହିତ ଉକ୍ତ ଗାଡ଼ିରେ ଦେବା ପାଇଁ ସଚେତନ କରାଯାଇଛି। ଏଥିପାଇଁ ପଞ୍ଚାୟତ ତରଫରୁ ଜଣେ ଗାଡ଼ି ଚାଳାକ ଓ ଜଣେ ଜଣେ ସ୍ୱଚ୍ଛସାଥିଙ୍କୁ ନିୟୋଜିତ କରାଯାଇଛି ବୋଲି ସରପଞ୍ଚ ସୁନିତା ମହାପାତ୍ର ସୂଚନା ଦେଇଛନ୍ତି।

## ପୋଖରୀରେ ବୁଡ଼ି ବ୍ୟବସାୟୀ ମୃତ

ଭାପୁର,୪।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଗ୍ରାମ ସାନ ଗଉଡସାହିର ଗୋପାଳ ଦାସ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ଗୋପାଳ ପୂର୍ବରୁ ଜିଲ୍ଲା ବାହାରେ ରହି କବାଡ଼ିଆ ବ୍ୟବସାୟ କରୁଥିଲେ। ସେଠାରେ ତାଙ୍କ ପତ୍ନୀଙ୍କ ମୃତ୍ୟୁ ପରେ ଗାଁକୁ ଫେରି ଘରେ ରହୁଥିଲେ। ସୋମବାର ସକାଳ ଦଶଟା ସମୟରେ ଗାଧେଇବା ପାଇଁ ବଜାର ପାଖ ପୋଖରୀକୁ ଯାଇଥିଲେ। ସେଠାରେ ପାଣିରେ ବୁଡି ମୃତ୍ୟୁ ହୋଇଯାଇଥିଲା। ଖବରପାଇ ଭାପୁର ଦମକଳ ବାହିନୀ ପହଞ୍ଚି ପାଣି ଭିତରୁ ଖୋଜି ଗୋପାଳଙ୍କୁ ଉଦ୍ଧାର କରି ଭାପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରି ପୁଲିସକୁ ଖବର ଦେଇଥିଲେ। ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଖଣ୍ଡପଡା ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ଲଡୁବାବାଙ୍କ ପୀଠରେ କାଉଡ଼ିଆଙ୍କ ଜଳାଭିଷେକ



ନୟାଗଡ଼/ଶରଣକୁଳ,୪।୮ (ସମିସ): ପ୍ରସିଦ୍ଧ ଶୈବକ୍ଷେତ୍ର ନୟାଗଡ଼ ଜିଲ୍ଲା ଶରଣକୁଳ ଲଡୁବାବାଙ୍କ ପୀଠରେ ଶ୍ରାବଣ ମାସର ଚତୁର୍ଥ ସୋମବାରରେ ଦୂରଦୂରାନ୍ତରୁ ଆସିଥିବା କାଉଡ଼ିଆ ଭକ୍ତ ଜଳଲାଗି କରିଛନ୍ତି। ଲଡୁବାବାଙ୍କ ପୀଠକୁ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ମାନସିକଧାରୀ କାଉଡ଼ିଆମାନେ କଣ୍ଟିଲୋ ସ୍ଥିତ ନୀଳମାଧବଙ୍କ ପୀଠରୁ ପାଣି ଉଠାଇ ଭାର ଧରି ଚାଲି ଚାଲି ଆସି ଲଡୁବାବାଙ୍କ ପୀଠରେ ପହଞ୍ଚିଥିଲେ। ଭକ୍ତଙ୍କ ମନରେ ଭକ୍ତିଭାବ ସୃଷ୍ଟି କରିବା ସହିତ ପଥକଷ୍ଟ ଦୂରୀଭୂତ ପାଇଁ ରାତ୍ରି ତମାମ ନୟାଗଡ଼ଠାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶରଣକୁଳଠାରେ କଟକର ବାବା ଅମରେଶ୍ୱର ବୋଲବମ୍ ସଙ୍ଘ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରଣପୁର ବିଧାୟିକ ତଥା ବାଚସ୍ପତି ସୁରମା ପାଢ଼ୀ, କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ଶିବରାମ ଗାଆଣ, ରବିନ୍ଦ୍ର କୁମାର ତ୍ରିପାଠୀ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ରାତି ୧ଟା ପରେ ଠାକୁରଙ୍କ ପହୁଡ଼ ଭାଙ୍ଗି ଅବକାଶ ନୀତି କରାଯାଇ ଛାମୁସାହି ସେବାୟତମାନଙ୍କ ସହଯୋଗରେ ଜଳାଭିଷେକ ଆରମ୍ଭ ହୋଇଥିଲା। କାଉଡ଼ିଆମାନେ ଠାକୁରଙ୍କ ସିଂହଦ୍ୱାରରେ ହୋଇଥିବା ଲୌହ ବ୍ୟାରିକେଡ୍ ଦେଇ ଧାଡ଼ିରେ ଠିଆ ହୋଇ ହାତରେ ଜଳକୁମ୍ଭ ଓ ମୁଖରେ ଓଁ ନମଃ ଶିବାୟ ଧ୍ୱନିରେ ଉଚ୍ଚାରଣ କରି ମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ। ଶରଣକୁଳ ପୁଲିସ ତରଫରୁ ମନ୍ଦିରର ପରିସର ଓ ବାହାରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନେ ରୁପାନିର୍ମିତ ପାଟବୃଷଭଠାରୁ ଏକ ନଳା ସାହାଯ୍ୟରେ ଆଣିଥିବା ଜଳ ଲିଙ୍ଗ ଉପରେ ଢାଳିଥିଲେ। ବିଶେଷ କରି ବହୁ ସଂଖ୍ୟକ ମହିଳା ଓ ଶିଶୁ ଜଳଭାର ଆଣିଥିବା ପରିଲକ୍ଷିତ ହୋଇଥିଲା। ସକାଳ ୯ଟା ପରେ ଠକୁରଙ୍କର ସକାଳ ନୀତି ଓ ଧୂପ କରାଯାଇ ପୁଣି କାଉଡ଼ିଆମାନେ ଜଳଲାଗି କରିଥିଲେ। ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ ଉପସ୍ଥିତ ରହି ଭକ୍ତମାନଙ୍କ ସୁବିଧା ଦର୍ଶନର ବ୍ୟବସ୍ଥା କରିଥିଲେ।

## ୟୁନିଫାଏଡ୍ ଅଟୋମେସନକୁ ବିରୋଧ

ଭାପୁର,୪।୮ (ସମିସ): ବିଦ୍ୟାଳୟମାନଙ୍କରେ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ଉପସ୍ଥାନ ପାଇଁ ଡିଜିଟାଲ ବ୍ୟବସ୍ଥା ୟୁନିଫାଏଡ ଅଟୋମେସନ ବ୍ୟବସ୍ଥା ଶିକ୍ଷା ବିଭାଗ ଲାଗୁକରିଛନ୍ତି। ମାତ୍ର ଏହାକୁ ବିଭିନ୍ନ ଶିକ୍ଷକ ସଂଘ ବିରୋଧ କରି ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷକ ସଂଘମାନେ କହିଛନ୍ତି ଅନେକ ବିଦ୍ୟାଳୟରେ ଇଣ୍ଟରନେଟର ସୁବିଧା ନାହିଁ। ତେଣୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଟାବଲେଟ




ଯୋଗାଇ ଦେବାସହ ସମସ୍ତ ବିଦ୍ୟାଳୟରେ ଇଣ୍ଟରନେଟର ସୁବିଧା ନ ମିଳିବା ପର୍ଯ୍ୟନ୍ତ ଏହି ୟୁନିଫାଏଡ ଅଟୋମେସନ ବ୍ୟବସ୍ଥା ଲାଗୁନ କରାଯାଉ। ଭାପୁର ବ୍ଲକର ଶିକ୍ଷକ ସଂଘ ନେତା ପ୍ରଫୁଲ୍ଲ କୁମାର ଦାଶ, ନିରଞ୍ଜନ ଦଳବେହେରା, ଅକ୍ରୁର ନାୟକ, ପ୍ରସନ୍ନ କୁମାର ଲେଙ୍କା, ମନୋଜ କୁମାର ଶତପଥୀ, ଲକ୍ଷ୍ମୀଧର ଖୁଣ୍ଟିଆ, ପଞ୍ଚାନନ ମହାପାତ୍ର, ସୁରେଶ ଚନ୍ଦ୍ର ମହାରଣା, ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ନେତୃତ୍ୱରେ ବ୍ଲକ ଶିକ୍ଷା ଅଧିକାରିଣୀ ମୋନାଲିସା ରଥଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

**■ ଛାତ୍ରଛାତ୍ରୀ ବାରଣ୍ଡାରେ ବସିବା ଘଟଣା**

## ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ତଦନ୍ତ

ଭାପୁର,୪।୮ (ସମିସ): ବିଦ୍ୟାଳୟରେ ଶିକ୍ଷକ ଅଭାବ ଦର୍ଶାଇ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପାଠ ନ ପଢ଼ାଇ ବାରଣ୍ଡାରେ ବସାଇଲେ ଶିକ୍ଷକ। ଏପରି ଦୃଶ୍ୟକୁ ଦେଖି ଅଭିଭାବକ ଓ ପରିଚାଳନା କମିଟି ବିରୋଧ କରି ପାଟିତୁଣ୍ଡ କରିଥିଲେ। ଖବର ପାଇ ବ୍ଲକ ଶିକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକମାନଙ୍କୁ ବୁଝାବୁଝି କରାଇ ପରିସ୍ଥିତି ନିୟନ୍ତ୍ରଣ କରିବା ପରେ ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତରେ ଦୋଷୀଙ୍କୁ ଉଚିତ ଦଣ୍ଡ ପ୍ରଦାନ କରାଯିବ ବୋଲି ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ ପଞ୍ଚାୟତ ପିଠାଖାଇ ମାଣିକିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟରେ ଶିକ୍ଷକ ଅଭାବ ଓ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି ସେମାନେ ଠିକ୍‌ସେ ପାଠ ପଢାଉ ନ ଥିବା ଅଭିଯୋଗ ହୋଇଆସୁଥିଲା। ଗତ ମାସରେ ଜଣେ ଶିକ୍ଷକ ଅବସର ନେଇଥିବାରୁ ବର୍ତ୍ତମାନ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ସୋମବାର ଜଣେ ଶିକ୍ଷୟିତ୍ରୀ ଛୁଟିରେ ରହିଥିବାରୁ ତିନି ଜଣ ଶିକ୍ଷକ ପଠା ପଢ଼ାଉଥିଲେ। ମାତ୍ର, ଅଷ୍ଟମ ଶ୍ରେଣୀର ପିଲାମାନଙ୍କୁ ପାଠ ନ ପଢାଯାଇ ତାଙ୍କୁ ବାରଣ୍ଡାରେ ବସିବାକୁ କୁହାଯାଇଥିଲା। ଉପସ୍ଥିତ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ବାରଣ୍ଡାରେ ବସି ପଢୁଥିବା ଘଟଣା ଅଭିଭାବକ ଓ ପରିଚାଳନା କମିଟିର ସଭ୍ୟ ମାନେ, ପରିଚାଳନା କମିଟିର ସଭାପତି ଦିଲୀପ ଲେଙ୍କା ଦେଖି ସ୍କୁଲରେ ପହଞ୍ଚି ପାଟିତୁଣ୍ଡ କରି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ସିଆର୍‌ସିସି ଶ୍ରୀକାନ୍ତ କୁମାର ଶତପଥୀ, ତିନି ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଭାକର ସାମନ୍ତରାୟ, ସନ୍ତୋଷ କୁମାର କର, ସୁବାସ ଚନ୍ଦ୍ର ନାୟକ ଓ ବ୍ଲକ ଶିକ୍ଷା ଅଧିକାରିଣୀ ମୋନାଲିସା ରଥ ବିଦ୍ୟାଳୟରେ ପହଞ୍ଚି ଅଭିଭାବକମାନଙ୍କୁ ବୁଝାସୁଝା କରାଇ ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ସମସ୍ତ ଶିକ୍ଷା ଅଧିକାରୀ ତଦନ୍ତ କରି ଫେରିଛନ୍ତି। ଏ ନେଇ ଶିକ୍ଷା ଅଧିକାରିଣୀ ମୋନାଲିସା ରଥଙ୍କୁ ପଚାରିବାରେ ସେ କହିଥିଲେ ଛାତ୍ରଛାତ୍ରୀମାନଙ୍କୁ ବାରଣ୍ଡାରେ ବସାଇବା ଠିକ ହୋଇନାହିଁ। ମୁଁ ପ୍ରଧାନ ଶିକ୍ଷକଙ୍କୁ ଏ ନେଇ କାରଣ ଦର୍ଶାଅ ନୋଟିସ ଜାରି କରିଛି। ତଦନ୍ତରେ ଯିଏ ଦୋଷୀ ସାବ୍ୟସ୍ତ ହେବ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ନୟାଗଡ଼,୪।୮ (ସମିସ): ବାଇକ ସ୍ପିଡକୁ ନେଇ ଯୁବକକୁ ମରଣାକକ ଆକ୍ରମଣ। ଏଭଳି ଘଟଣା ନୟାଗଡ଼ ଜିଲ୍ଲା ଟାଉନଥାନା ଅନ୍ତର୍ଗତ ଘଡୁଆଳରେ ଦେଖିବାକୁ ମିଳିଛି। ଘଡୁଆଳ ଗାଁର ଜଗୁନି ବିଶ୍ୱାଳ ଗାଁରେ ବାଇକ ସ୍ପିଡରେ ନେଇ ଯାଉଥିଲେ। ବାଇକ ସ୍ପିଡକୁ ରାଜେଶ ପାଳ ବିରୋଧ କରିଥିଲେ। ଆଜି ସକାଳୁ ଶେଷ ସୋମବାର ହୋଉଥିବାରୁ ରାଜେଶ ମନ୍ଦିରକୁ ଯାଇଥିଲେ। ମନ୍ଦିରରୁ ଫେରିବା ବେଳେ ଜଗୁନି ଘର ଆଗରେ ଜଗି ଗାଳି ଗୁଲଜ କରିବା ଆରମ୍ଭ କରିଥିଲା। ନିଜ ପାଖରେ ଥିବା ବନ୍ଧୁକକୁ ଦେଖାଇ ମାରିବାକୁ ଧମକ ଦେଲା ପରେ ଜଗୁନି ବାପା ଦୁଃଶାସନ ବିଶ୍ୱାଳ ଘରୁ ଗୋଟିଏ ଲୁହା ରଡ଼ ଆଣି ଜାଗୁନିକୁ ଦେଇଥିଲେ। ସେଥିରେ ଜଗୁନି ରାଜେଶକୁ ମାରି ମୁଣ୍ଡ ଫଟାଇ ଥିଲା। ଟାଉନଥାନା ପୁଲିସ ପହଞ୍ଚି ତଦନ୍ତ କରିବା ସହ ଜଗୁନିର ବାପା ଦୁଃଶାସନକୁ କାବୁ କରିଛନ୍ତି। ମୁଖ୍ୟ ଅଭିଯୁକ୍ତ ଜଗୁନି ଫେରାର ହୋଇଯାଇଥିବା ସୂଚନା ମିଳିଛି।

**ଆମ ପ୍ରକୃତି ଆମ ପରମ୍ପରା**

## ତହସିଲ୍ କାର୍ଯ୍ୟାଳୟରେ ବର-ଅଶ୍ୱତ୍ଥ ବିବାହ ଉତ୍ସବ

ଓଡ଼ଗାଁ,୪।୫ (ସମିସ)

ପ୍ରକୃତି ବଞ୍ଚିଲେ ସୁସ୍ଥ ଜଳବାୟୁ ପାଇ ପ୍ରାଣୀ ସମାଜ ଦୀର୍ଘଜୀବୀ ହୋଇପାରିବେ। ଏହାକୁ ଆଧାର କରି ରାଜା ରାଜୁଡ଼ା ଅମଳରୁ ଦେବାଳୟଠାରୁ ପୋଖରୀ ତୁଠ ଓ ଗାଁ ମୁଣ୍ଡ ଆଦିରେ ଧର୍ମ ଆଧାରରେ ବର ଓ ଅଶ୍ୱତ୍ଥ ବୃକ୍ଷରୋପଣ କରି ପରିବେଶକୁ ସୁସ୍ଥ ରଖାଯାଇ ପାରିଛି। ହେଲେ ସ୍ଥାନୀୟ ଅଞ୍ଚଳରେ ବର ଓ ଅଶ୍ୱତ୍ଥ ବିବାହ ଉତ୍ସବ ବିଭିନ୍ନ ଗ୍ରାମରେ ଥିବା ଦେବାଳୟ ଓ ପୋଖରୀ ତୁଠରେ ଅନୁଷ୍ଠିତ ହେବାର ନଜିର ଥିବାବେଳେ ଶ୍ରାବଣ ଶେଷ ସୋମବାର ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ଏହିଭଳି ଦୁଇ ମହାଦ୍ରୁମଙ୍କ ବିବାହ ଉତ୍ସବ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଛି।

ସୂଚନା ଅନୁସାରେ, ୧୨/୧୪ ବର୍ଷ ପୂର୍ବେ ଏହି ଜାଗାରେ ତହସିଲ୍ ଅଫିସ ଆରମ୍ଭ ହୋଇଥିବାବେଳେ ଲୋକଙ୍କୁ ଗ୍ରୀଷ୍ମ ଦାଉରୁ



ରକ୍ଷା କରିବା ପାଇଁ କେହି ଜଣେ ଦୂରଦ୍ରଷ୍ଟା କର୍ମଚାରୀ ବର ଓ ଆଶ୍ୱତ୍ଥ ଦୁଇ ଚାରାରୋପଣ କରିଥିଲେ। କ୍ରମଶଃ ଉଭୟ ଚାରା ଯୁବା ହୋଇଥିବାବେଳେ ଅସଂଖ୍ୟ ଲୋକଙ୍କୁ ଛାୟା ପ୍ରଦାନ କରି ଚାଲିଛନ୍ତି। ହେଲେ ସ୍ଥାନୀୟ ତହସିଲ୍‌ଦାର ଡ. ମାନସ ରଞ୍ଜନ ଭୋଇ ଆମ ପରାମ୍ପରାକୁ ମନେ ପକାଇ ଉଭୟ ଦ୍ରୁମଙ୍କ ବିବାହ ନିମନ୍ତେ ପଣ୍ଡିତଙ୍କ ପରାମର୍ଶ ନେଇ ସୋମବାର ସକାଳୁ ଉଭୟ ଦ୍ରୁମଙ୍କ ଗନ୍ଧାଭିଷେକ, ବସ୍ତ୍ରାବରଣ, ଅଳଙ୍କାର ଧାରଣ ସହିତ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ବୈଦିକ ପଣ୍ଡିତମାନଙ୍କ ଦ୍ୱାରା ବିବାହ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ହରଙ୍କ ସ୍ୱରୂପ ବଟ ବୃକ୍ଷ ସହିତ ଦୁର୍ବାଦଳ (ଦୂବ ଅଥବା ଦୁର୍ଗା) ଓ ହରିଙ୍କ ସ୍ୱରୂପ ଅଶ୍ୱତ୍ଥ ବୃକ୍ଷଙ୍କ ସହିତ ତୁଳସୀଙ୍କ ବୈଦିକ ମନ୍ତ୍ର ଉଚ୍ଚାରଣ ପୂର୍ବକ ବିବାହ ସମ୍ପନ୍ନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ତହସିଲ୍‌ଦାର ଡ. ମାନସ ରଞ୍ଜନ ଭୋଇଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ସୁବାସ ଚନ୍ଦ୍ର ମିଶ୍ର କର୍ତ୍ତା ଭାବେ ଦାୟିତ୍ୱ ସମ୍ପନ୍ନ କରିଥିଲେ। ବୈଦିକ ପଣ୍ଡିତ ସତ୍ୟ ନାରାୟଣ ଷଡ଼ଙ୍ଗୀ, ପଣ୍ଡିତ ଶାନ୍ତନୁ କୁମାର ଦାଶ, ଜିତେନ୍ଦ୍ର କୁମାର ମିଶ୍ର ଓ ଗାଣ୍ଟୁ ମିଶ୍ର ବିବାହ କାର୍ଯ୍ୟ ଓ ପୂଜା ହୋମାଦି କାର୍ଯ୍ୟ ସମ୍ପନ୍ନ କରିବା ସହିତ ଉପସ୍ଥିତ ସମସ୍ତ କର୍ମଚାରୀ, ବୁଦ୍ଧିଜୀବୀଙ୍କୁ ଆଶୀର୍ବାଦ କରିଥିଲେ। ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ଅତିରିକ୍ତ ତହସିଲ୍‌ଦାର ଜି. ଶ୍ରୀନୁ, ରେଞ୍ଜର ଅଭିମନ୍ୟୁ ମଳିକ, ଆଇଆଇସି ଅଭୟ କୁମାର ବେହେରା, ପରିବେଶବିତ୍ ସୁରେଶ କୁମାର ହୋତା, ଦୟାନିଧି ରଥ ଓ ପ୍ରଫୁଲ୍ଲ ମାଝିଙ୍କ ସମେତ ଅନେକ ପରିବେଶପ୍ରେମୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ଏଥିରେ ସାମିଲ ହୋଇଥିଲେ।

## ୫୩୫ ଲିଟର ଦେଶୀ ମଦ ଜବତ; ଦୁଇ ଗିରଫ

ବେଗୁନିଆ,୪।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଏବଂ ବେଗୁନିଆ ଅବକାରୀ ଅଧିକାରୀ ସଞ୍ଜୟ ସୁବୁଦ୍ଧିଙ୍କ ନେତୃତ୍ୱରେ ଦୁଇଟି ସ୍ଥାନରେ ଚଢ଼ଉ ହୋଇଛି। ଏଥିରୁ ମୋଟ୍ ୫୩୫ ଲିଟର ଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ରାଉଜ ଗ୍ରାମର ସୁବର୍ଣ୍ଣ ପାଇକରାୟଙ୍କଠାରୁ ୫୧୦ ଲିଟର ଓ ସିକୋ ଗ୍ରାମର ସଞ୍ଜୟ ସାମନ୍ତରାୟଙ୍କଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇଛି।

## ଆକ୍ରମଣ ଘଟଣାରେ ଯୁବକ ଗିରଫ

ଜଟଣୀ,୪।୮ (ସମିସ): ଜଟଣୀ ଥାନା ଅନ୍ତର୍ଗତ ଲୋକ କଲୋନୀରେ କିଛି ବ୍ୟକ୍ତିଙ୍କୁ ଆକ୍ରମଣ କରିବା ଘଟଣାରେ ସୋମବାର ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଲୋକ କଲୋନୀର ସାଗର ନାୟକ ଓରଫ ମହେଶ ନାୟକ (୨୭)। ଗତ ଶନିବାର ଲୋକ କଲୋନୀ ରେଳ ଷ୍ଟେସନ୍ ନିକଟରେ ଅଭିଯୋଗକାରୀ ବିଶାଳ ଦାସ ଓ ତାଙ୍କର ଦୁଇ ଜଣ ବନ୍ଧୁ ଛିଡ଼ା ହୋଇଥିଲେ। ଏହି ସମୟରେ ସାଗର ଆସି ତାଙ୍କର ଦୁଇ ବନ୍ଧୁଙ୍କୁ ହଠାତ୍ ଆକ୍ରମଣ କରିଥିଲା। ଶ୍ରୀ ଦାସ ବିରୋଧ କରିବାରୁ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ବାଇକ ଭାଙ୍ଗି ଦେଇଥିଲା। ରବିବାର ଅଭିଯୋଗକାରୀ ଶ୍ରୀ ଦାସ ଥାନାକୁ ଆସିଥିବା ଖବର ପାଇ ଅଭିଯୁକ୍ତ ସାଗର ଓ ତା'ର କିଛି ସହଯୋଗୀ ଥାନା ସମ୍ମୁଖରେ ଆକ୍ରମଣ କରିଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ତଦନ୍ତ କରି ସୋମବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ।

## ମହିଳାଙ୍କୁ ଆକ୍ରମଣ ଘଟଣାରେ ଯୁବକ ଗିରଫ

ଜଟଣୀ,୪।୮ (ସମିସ): ଜଟଣୀ ଥାନା ତିରିମଲ କମାର ସାହିରେ ଘରେ ପଶି ମହିଳାଙ୍କୁ ଦୁର୍ବ୍ୟବହାର ସହ ଆକ୍ରମଣ କରିବା ଘଟଣାରେ ସୋମବାର ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ତିରିମଲର ଆଲୋକ ମହାନ୍ତି ଓରଫ ଜାପୁ (୩୨)। ରବିବାର ସନ୍ଧ୍ୟାବେଳେ ଅଭିଯୁକ୍ତ ଜାପୁ ଓ ତା'ର ସହଯୋଗୀ ଅଭି ମହାନ୍ତି ମିଶି ଅଭିଯୋଗକାରିଣୀଙ୍କ ଘରେ ଜୋର୍‌ଜବରଦସ୍ତ ପଶିଥିଲେ। ଘର ଭିତରେ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏଥିସହ ଅବଦାଚରଣ କରି ତାଙ୍କ ସୁନା କାନଫୁଲ ଛିଣ୍ଡାଇ ନେଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରି ସୋମବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ। ଅନ୍ୟପଟେ ଘଟଣାରେ ଜଡ଼ିତ ଅଭିଯୁକ୍ତର ସହଯୋଗୀ ଫେରାର ଥିବାବେଳେ ପୁଲିସ ତାକୁ ଧରିବାକୁ ଚେଷ୍ଟା ଚଳାଉଛି। ତେବେ ଅଭିଯୁକ୍ତ ନାଁରେ ପୂର୍ବରୁ ସମାନ ଘଟଣାରେ ଅନ୍ୟ ଏକ ମାମଲା ରହିଥିବା ଜଣାପଡ଼ିଛି।

## ୧୦ ଗ୍ରାମ୍ ବ୍ରାଉନସୁଗର ଜବତ; ଜଣେ ଗିରଫ

ଜଟଣୀ,୪।୮ (ସମିସ): ଜଟଣୀ ଥାନା ଅନ୍ତର୍ଗତ ହରିଭାଇନା ଛକ ନିକଟ ବସ୍‌ଷ୍ଟାଣ୍ଡରେ ବ୍ରାଉନସୁଗର ବିକ୍ରି ଅଭିଯୋଗରେ ପୁଲିସ ଜଣେ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଜଟଣୀ ରାଜାବଜାରର ଗୋପାଳ କୃଷ୍ଣ ଗୌଡ଼ ଓରଫ ଟୁକୁନା (୨୦)। ତା' ନିକଟରୁ ୧୦ ଗ୍ରାମ୍ ବ୍ରାଉନସୁଗର ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଦୀର୍ଘ ଦିନ ହେଲା ନିଶା କାରବାର ଚାଲିଆସୁଥିଲା। ଏନେଇ ବାରମ୍ବାର ଅଭିଯୋଗ ପରେ ସୋମବାର ଖବର ପାଇ ପୁଲିସର ଏକ ଟିମ୍ ବସ୍‌ଷ୍ଟାଣ୍ଡରେ ଅତର୍କିତ ଚଢ଼ଉ କରିଥିଲା। ଅଭିଯୁକ୍ତ ଗ୍ରାହକ ଅପେକ୍ଷାରେ ଥିବାବେଳେ ତାକୁ ମାଡ଼ି ବସିଥିଲା ପୁଲିସ। ଯାଞ୍ଚବେଳେ ତା' ନିକଟରୁ ବ୍ରାଉନସୁଗର ଜବତ ହୋଇଥିଲା।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

ନିରାକାରପୁର,୪।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ମଳିପଡ଼ା ଚମ୍ପାଝର ନିକଟରେ ସୋମବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୋମବାର ୧୬ ନଂ ଜାତୀୟ ରାଜପଥ ମଳିପଡ଼ା ଛକ ପଟୁ ନରଣଗଡ଼ ଆଡ଼କୁ ଏକ ବାଇକ୍‌ରେ ଜଣେ ବ୍ୟକ୍ତି ଯାଉଥିବାବେଳେ ସନ୍ଧ୍ୟାରେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ଚମ୍ପାଝର ନିକଟରେ ବାଇକ୍ ଓ ଆରୋହୀ ପଡ଼ିରହିବାବେଳେ ସ୍ଥାନୀୟ ଲୋକେ ଦେଖି ଜଙ୍କିଆ ଥାନାକୁ ଖବର ଦେଇଥିଲେ। ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ପଠାଇଥିବା ଜଣାପଡ଼ିଛି।

## ମଙ୍ଗଳାଯୋଡ଼ିରେ ଲୋ-ଭୋଲ୍ଟେଜ୍ ସମସ୍ୟା

ଟାଙ୍ଗୀ,୪।୮ (ସମିସ): ଭୁଷଣ୍ଡପୁର ବିଦ୍ୟୁତ୍ ବିଭାଗ ଅଧୀନସ୍ଥ ମଙ୍ଗଳାଯୋଡ଼ିରେ ଲୋ-ଭୋଲ୍ଟେଜ୍ ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଞ୍ଚଳବାସୀ ଅଭିଯୋଗ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମଙ୍ଗଳାଯୋଡ଼ି ଓ ଭଙ୍ଗାରଡ଼ ଦୁଇଟି ଗ୍ରାମ ପାଇଁ ଏକମାତ୍ର ବିଦ୍ୟୁତ୍ ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ ହେଉଛି। ଆବଶ୍ୟକତାଠାରୁ ଅଧିକ ଉପଭୋକ୍ତା ଥିଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ମୋବାଇଲ ଟାୱାରକୁ ଏଥିରେ ସଂଯୋଗ କରାଯାଇଥିବାରୁ ସନ୍ଧ୍ୟାରେ ଲୋ-ଭୋଲ୍ଟେଜ୍ ଯୋଗୁଁ ଫ୍ୟାନ୍ ନ ବୁଲିବା, ଠିକ୍‌ରେ ଆଲୋକିତ ହେଉନଥିବା ଅଭିଯୋଗ ହୋଇଛି। ପ୍ରବଳ ମଶା ଯୋଗୁଁ ସ୍ୱାଭାବିକ ଜୀବନଯାତ୍ରା ଅଥୟ ହେଉଥିବାବେଳେ ଲୋ-ଭୋଲ୍ଟେଜ୍ ବ୍ୟାପକ ପ୍ରତିବନ୍ଧକ ସୃଷ୍ଟି କରିଛି। ଘଟଣା ସମ୍ପର୍କରେ ଉଚ୍ଚ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଶ୍ରାବଣ ଶେଷ ସୋମବାର

# ଜଳାଭିଷେକ କଲେ ହଜାର ହଜାର କାଉଡ଼ିଆ

ଖୋର୍ଦ୍ଧା,୪।୮ (ସମିସ): ଆଜି ଥିଲା ପବିତ୍ର ଶ୍ରାବଣ ମାସର ଶେଷ ସୋମବାର। ମୁଖ୍ୟତଃ ଶ୍ରାବଣ ମାସ ସୋମବାରରେ ମହାଦେବଙ୍କ ପାଖରେ ଜଳଲାଗି କଲେ ଭକ୍ତ କୋଟି ଜନ୍ମର ପୁଣ୍ୟ ଅର୍ଜନ କରିବା ସମେତ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ହଜାର ହଜାର ସଂଖ୍ୟକ କାଉଡ଼ିଆ ଜିଲ୍ଲାର ବିଭିନ୍ନ ଶୈବପୀଠରେ ଶ୍ରାବଣ ମାସରେ ନିଷ୍ଠାର ସହିତ ଜଳଲାଗି କରିବା ପରମ୍ପରା ଦେଖାଯାଇଛି। ଶୁକ୍ରବାରଠାରୁ କଟକ ଜିଲ୍ଲା ଗଡ଼ଗଡ଼ିଆ ଘାଟରୁ ଆରମ୍ଭ କରି ଜିଲ୍ଲାର ତିରିମଲ୍ଲଠାରେ ଥିବା ଦୟା, ରାଜୁଆ ଓ ନୟାଗଡ଼ ଜିଲ୍ଲା କଣ୍ଟିଲୋ ମହାନଦୀଠାରୁ ବୋଲ୍‌ବମ୍ ଭକ୍ତମାନେ ପାଣିଭାର ଉଠାଇ ଜିଲ୍ଲାର ବିଭିନ୍ନ ଶୈବପୀଠ ଅଭିମୁଖେ ଚାଲିଚାଲି ଆସିଥିଲେ। ଏଥିନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ



ପଦକ୍ଷେପ ଗ୍ରହଣ କରାଯାଇଥିଲା। ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗସ୍ଥିତ ବାବା ଧବଳେଶ୍ୱରଙ୍କ ପୀଠରେ କାଉଡ଼ିଆମାନଙ୍କ ଜଳଲାଗି କରିବା ନିମନ୍ତେ ମଧ୍ୟ ଅନୁରୂପ ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ବେଗୁନିଆ ବ୍ଲକ୍ ଗୋଡ଼ା ଗ୍ରାମଠାରେ ଥିବା ବାବା ଗୋଡ଼ାଲୋକନାଥ ପୀଠରେ ମଧ୍ୟ ବିଗତ ବର୍ଷ ଭଳି କାଉଡ଼ିଆ ଜଳଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏଥିସହିତ ପଲ୍ଲାସ୍ଥିତ ବାବା ଲୋକେଶ୍ୱର, ଟିଏଲ୍‌ସିଠାରେ ତାରକେଶ୍ୱର, ବୁଢ଼ୀ ବଗିଚାସ୍ଥିତ ସ୍ୱପ୍ନେଶ୍ୱର, ଜଟଣୀସ୍ଥିତ ବୁଢ଼ାପଡ଼ା ସୋମନାଥ, ଖୋର୍ଦ୍ଧା ଉପକଣ୍ଠ ବାଜପୁରସ୍ଥିତ ହରିହରପୀଠ ଓ ବାବା ବାଲୁଙ୍କେଶ୍ୱର, ଜରିପୁଟସ୍ଥିତ ବାବା ବାଲୁଙ୍କେଶ୍ୱର ପ୍ରମୁଖ ଜିଲ୍ଲାର ସମସ୍ତ ଶୈବପୀଠରେ ହଜାର ହଜାର ପୁରୁଷ ଓ ମହିଳା କାଉଡ଼ିଆ ଜଳଲାଗି କରିଥିବା ଦେଖାଯାଇଛି। ଏହା ବ୍ୟତୀତ ଜିଲ୍ଲାର ଅଧିକାଂଶ ଭକ୍ତ ପୁରୀର ଲୋକନାଥ, କପିଳେଶ୍ୱରଙ୍କ ସମେତ ଅନ୍ୟ ଶୈବପୀଠରେ ମଧ୍ୟ ଜଳଲାଗି କରିଥିବା ଜଣାଯାଇଛି। ମନ୍ଦିର ପକ୍ଷରୁ ଏନେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

**ବାଲୁଗାଁ:** ଚଳିତ ବର୍ଷ ଶ୍ରାବଣ ମାସରେ ପ୍ରତ୍ୟେକ ସୋମବାର ପରି ଚତୁର୍ଥ ତଥା ଶେଷ ସୋମବାର ସମସ୍ତ ଶୈବପୀଠରେ କାଉଡ଼ିଆମାନେ ଜଳାଭିଷେକ କରୁଥିବା ଦେଖିବାକୁ ମିଳିଥିଲା। ସମଗ୍ର ବାଲୁଗାଁ ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀଉମାମହେଶ୍ୱର ଦେବଙ୍କ ପୀଠରେ ବହୁ ସଂଖ୍ୟକ କାଉଡ଼ିଆ ଭକ୍ତ ଜଳାଭିଷେକ କରିଛନ୍ତି। ସୁଦୂର କଟକସ୍ଥିତ ମହାନଦୀ, ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ଓ କଣ୍ଟିଲୋ ନୀଳମାଧବସ୍ଥିତ ନଦୀରୁ ଜଳଭାର ଉଠାଇ ଆଣି କାଉଡ଼ିଆମାନେ ମନ୍ଦିର ନିକଟରେ ପହଞ୍ଚିଥିଲେ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ସେମାନଙ୍କ ସହାୟତା ଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସୋମବାର ଭୋର୍ ୪ଟାରୁ ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ଭକ୍ତମାନେ ଧାଡ଼ି ବାନ୍ଧି ଛିଡ଼ା ହୋଇ ଶ୍ରୀଉମାମହେଶ୍ୱର ଦେବଙ୍କୁ ଜଳଲାଗି କରିଛନ୍ତି। ସେହିଭଳି ରାମେଶ୍ୱର ଦେବଙ୍କ ପୀଠ, ଶିଙ୍ଗେଶ୍ୱରସ୍ଥିତ ଶିଙ୍ଗୀନାଥ ଦେବ, ଧୂଆଁଳସ୍ଥିତ ଧବଳେଶ୍ୱର ପୀଠ, ମଠପୁରସ୍ଥିତ କଳିଯୁଗେଶ୍ୱର ଦେବଙ୍କ ପୀଠ, ନାଚୁଣୀସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ବାଣପୁର ଗାଲୁଆସ୍ଥିତ ଗୁପ୍ତେଶ୍ୱର ଦେବ, ଗତିଶ୍ୱର ଦେବ, କପିଳେଶ୍ୱର ଦେବ ଓ ବାଲୁଙ୍କେଶ୍ୱର ଦେବ ଆଦିଙ୍କ ପୀଠରେ ଶ୍ରାବଣ ମାସର ଶେଷ ସୋମବାର ବହୁ କାଉଡ଼ିଆ ଭକ୍ତ ବିଭିନ୍ନ ପ୍ରାନ୍ତରୁ ଜଳଭାର ଉଠାଇ ଆଣି ମହାଦେବଙ୍କୁ ଜଳାଭିଷେକ କରିଛନ୍ତି। ମନ୍ଦିର ପରିଚାଳନା କମିଟି ପକ୍ଷରୁ କାଉଡ଼ିଆମାନଙ୍କ ଜଳଲାଗି ନିମନ୍ତେ ସୁବନ୍ଦୋବସ୍ତ କରାଯାଇଥିବାବେଳେ ସର୍ବତ୍ର ଶିବମୟ ହୋଇପଡ଼ିଥିଲା।

## ତେଜିଲା ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି

# କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତହସିଲ୍‌ଦାରଙ୍କୁ ଦାବିପତ୍ର

ବାଣପୁର,୪।୮ (ସମିସ): ପୁଣି ତେଜିଲା ବାଣପୁରକୁ ଉପଖଣ୍ଡ ମାନ୍ୟତା ଦାବି। ବାଣପୁର ବାଲୁଗାଁ ଚିଲିକା ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଣପୁର ତହସିଲ୍‌ଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଐତିହାସିକ ଦୃଷ୍ଟିକୋଣରୁ ଖୋର୍ଦ୍ଧା ଜିଲ୍ଲା ବାଣପୁର ସମସ୍ତ ମାନଦଣ୍ଡ ପୂରଣ କରୁଥିବାରୁ ଏହାକୁ ରାଜସ୍ୱ ଉପଖଣ୍ଡ ଘୋଷଣା ନିମନ୍ତେ ୧୯୭୩ ମସିହାଠାରୁ ଦାବି ହୋଇଆସୁଥିବା ବେଳେ ଏହି ଦାବି କ୍ରିୟାଶୀଳ କରିବା ପାଇଁ ୧୦ ବର୍ଷ ପୂର୍ବେ ୨୦୧୬ରେ ବାଣପୁର ବାଲୁଗାଁ ଚିଲିକା ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି ନେଇ ଆନ୍ଦୋଳନକୁ ଜୋର୍‌ଦାର୍ କରାଯାଇଥିଲା। ହେଲେ ପରିତାପର ବିଷୟ ଦୀର୍ଘ ବର୍ଷ ହେଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜୋର୍‌ଦାର୍ ଦାବି ହୋଇଆସୁଥିଲେ ମଧ୍ୟ ଏଥିପ୍ରତି ସରକାରଙ୍କ ଆନ୍ତରିକତା ନ ଥିବାବେଳେ ଚିଲିକା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ଜନପ୍ରତିନିଧି ତଥା ବିଭିନ୍ନ ଉଚ୍ଚ ପଦ ପଦବୀରେ ରହିଆସିଥିବା ଅଞ୍ଚଳର ନେତୃମଣ୍ଡଳୀମାନଙ୍କ ବାଣପୁରକୁ ରାଜସ୍ୱ ଉପଖଣ୍ଡ ଦାବି ପ୍ରତି ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଅଦ୍ୟାବଧି ବାଣପୁର ରାଜସ୍ୱ ଉପଖଣ୍ଡ ମାନ୍ୟତାରୁ ବଞ୍ଚିତ ହୋଇଛି। ଏପରିସ୍ଥଳେ



ବର୍ତ୍ତମାନ ପୁଣିଥରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତେଜିଲା ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି। ଏହି ପରିପ୍ରେକ୍ଷୀରେ ପୂର୍ବରୁ ନିକଟସ୍ଥ ମା' ମେଘାମ୍ବରୀଙ୍କ ପୀଠରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇ ସମସ୍ତ ଆଗାମୀ କାର୍ଯ୍ୟପନ୍ଥା ସ୍ଥିରୀକୃତ ହୋଇଥିବାବେଳେ ତଦାନୁଯାୟୀ, ସୋମବାର ବାଣପୁର ତହସିଲ୍ କାର୍ଯ୍ୟାଳୟ ନିକଟରେ କ୍ରିୟାନୁଷ୍ଠାନ କମିଟିର ପ୍ରମୁଖ ସଦସ୍ୟମାନେ ଏକତ୍ରୀତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲ୍‌ଦାର ଟି.ପଦ୍ମନାଭ ଦୋରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ପୂର୍ବ ସରକାର ସମୟରେ ଏହି ଦାବି ହୋଇ ଆସୁଥିବାବେଳେ ଚିଲିକା ନିର୍ବାଚନମଣ୍ଡଳୀର ବିଜେପି ନେତା ଏହି ଦାବିକୁ ସମର୍ଥନ ଜଣାଇଥିବା ବେଳେ ରାଜ୍ୟରେ ବିଜେପି ସରକାର ଆସିଲେ ବାଣପୁରକୁ ଉପଖଣ୍ଡ ମାନ୍ୟତା ଘୋଷଣା କରିବା ତାଙ୍କର ପ୍ରାଥମିକତା ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନର କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ବିଜେପି ସରକାର ଆସିବା ସହ ଚିଲିକା ବିଧାୟକ ତଥା ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରାଜ୍ୟ ମନ୍ତ୍ରିମଣ୍ଡଳରେ ପ୍ରମୁଖ ଭୂମିକାରେ ଥିବାରୁ ବାଣପୁରର ଏହି ନ୍ୟାଯ୍ୟ ଦାବି ଉପଖଣ୍ଡ ମାନ୍ୟତା ପ୍ରଦାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପୁନର୍ବାର କ୍ରିୟାନୁଷ୍ଠାନ କମିଟି ତଥା ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

## ଦିଅର ଆକ୍ରମଣରେ ଭାଉଜ ମୃତ

ଖୋର୍ଦ୍ଧା,୪।୮ (ସମିସ): ପୂର୍ବ ବିବାଦକୁ କେନ୍ଦ୍ରକରି ଭାଉଜଙ୍କୁ ବୀଭତ୍ସଭାବେ ହତ୍ୟା କରିଛି ଦିଅର। ମୃତକ ହେଲେ ସଦର ଥାନା ଅନ୍ତର୍ଗତ ଅଣ୍ଡା ବନମାଳିପୁର ପରିଡ଼ା ସାହିର ଅଙ୍ଗନବାଡ଼ି ସହାୟିକା ମନୋରମା ପ୍ରଧାନ (୫୪)। ଖବର ପାଇ ଘଟଣାସ୍ଥଳରେ ଏସ୍‌ଡିପିଓ, ସାଇଣ୍ଟିଫିକ୍ ଟିମ୍ ଓ ସଦର ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଜଣକୁ ଅଟକ ରଖିଥିବା ଜଣାଯାଇଛି। ସୂଚନା ଅନୁସାରେ, ବନମାଳିପୁର ଅଙ୍ଗନବାଡ଼ି କେନ୍ଦ୍ରର ସହାୟିକାଭାବେ ମନୋରମା କାମ କରନ୍ତି। ମନୋରମାଙ୍କର ଗୋଟିଏ ଝିଅ ବାହାହୋଇଥିବା ବେଳେ ପୁଅଟେ ରହିଛି। ତେବେ ଜମିଜମାକୁ କେନ୍ଦ୍ରକରି ଦିଅର କାଳିଆ ସହ ପୂର୍ବରୁ ବିବାଦ ରହିଥିଲା। ଏହି ବିବାଦ ମଝିରେ ମଝିରେ ମୁଣ୍ଡ ଟେକୁଥିଲେ ମଧ୍ୟ ପରେ ଶାନ୍ତ ପଡୁଥିଲା। କିନ୍ତୁ ଏହି ବିବାଦ ସୋମବାର ସନ୍ଧ୍ୟାରେ ଉଗ୍ରରୂପ ନେଇଥିଲା। ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ସମୟରେ ଉଭୟଙ୍କ ମଧ୍ୟରେ ବଚସା ଓ ଠେଲାପେଲା ହୋଇଥିବାବେଳେ କାଳିଆ ଏଥିରେ ଉତ୍କ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ର ଆଣି ମନୋରମାଙ୍କୁ ଆକ୍ରମଣ କରିଥିଲା। ଏଥିରେ ମନୋରମାଙ୍କ ଶରୀରରେ ଗଭୀର କ୍ଷତ ହୋଇଥିବାବେଳେ ତାଙ୍କର ସେଠାରେ ମୃତ୍ୟୁ ହୋଇଛି। ଖବର ପାଇ ଏସ୍‌ଡିପିଓ ନିହାର ପ୍ରଧାନ, ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଏସ୍‌ଆଇ ଜୟନ୍ତ ଭଞ୍ଜଙ୍କ ସମେତ ଟିମ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମନୋରମାଙ୍କ ମୃତଦେହକୁ ପୁଲିସ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ କରି ବ୍ୟବଚ୍ଛେଦ ଲାଗି ଖୋର୍ଦ୍ଧା ମେଡିକାଲକୁ ପଠାଇଛି। ରିପୋର୍ଟ ଲେଖାହେବା ଯାଏଁ ମନୋରମାଙ୍କ ପୁଅ, ଝିଅ ବାହାରୁ ଫେରି ନ ଥିବାରୁ ଥାନାରେ ଅଭିଯୋଗ ହୋଇନଥିବା ପୁଲିସ କହିଥିବାବେଳେ କାଳିଆକୁ ପୁଲିସ ଅଟକ ରଖିଥିବା ଜଣାଯାଇଛି।

## ଘରେ ପଶି ମହିଳାଙ୍କୁ ଆକ୍ରମଣ ଘଟଣାରେ ଯୁବକ ଗିରଫ

ଜଟଣୀ,୪।୮ (ସମିସ): ଜଟଣୀ ଥାନା ଅନ୍ତର୍ଗତ ଲୋକ କଲୋନୀରେ ଘରେ ପଶି ମହିଳାଙ୍କୁ ଆକ୍ରମଣ କରିବା ଘଟଣାରେ ସୋମବାର ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅନ୍ତର୍ଗତ ବରପଦାର ବିନାୟକ ସୌମ୍ୟରଞ୍ଜନ ମାହାଲା ଓରଫ ସିଲୁ (୨୫)। ତା' ନିକଟରୁ ବୁଲେଟ୍ ଗାଡ଼ି ଜବତ କରିଛି ପୁଲିସ।

ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ଅପରାହ୍ଣ ସମୟରେ ଅଭିଯୋଗକାରିଣୀ ଓ ତାଙ୍କ ସ୍ୱାମୀଙ୍କ ସହ ବାଇକ୍‌ରେ ଯାଉଥିବାବେଳେ ମଦ ବାର୍ ଆଗରେ ପଡ଼ିଥିବା ଏକ ମୋବାଇଲ ଫୋନ୍ ପାଇ ଘରକୁ ନେଇଯାଇଥିଲେ। ପରେ ମଦ ବାର୍‌ର ସିସିଟିଭି ଫୁଟେଜ୍ ଯାଞ୍ଚ କରି ମୋବାଇଲ୍ ପାଇଥିବା ଦମ୍ପତିଙ୍କ ଘରେ ବାର୍‌ର ଜଣେ ପିଲା ପହଞ୍ଚି ସେମାନଙ୍କ ନିକଟରୁ ଫୋନ୍‌ଟିକୁ ଆଣିଥିଲେ। ପରଦିନ ଅର୍ଥାତ୍ ଶନିବାର ମଧ୍ୟାହ୍ନ ସମୟରେ ଅଭିଯୁକ୍ତ ସିଲୁ ତା'ର ସହଯୋଗୀ କାହ୍ନା ସହ ପ୍ରାୟ ୧୫ଜଣ ଯୁବକ ଦମ୍ପତିଙ୍କ ଘରେ ପହଞ୍ଚି ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ କାଠଫାଳିଆରେ ଆକ୍ରମଣ କରିଥିଲେ। ମହିଳା ଜଣକ ଆହତ ହୋଇଥିଲେ ଓ ତାଙ୍କ ଶାଶୂଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ସେହିପରି ଅପରାହ୍ଣ ସମୟରେ ଭଗବତୀ ମନ୍ଦିର ନିକଟରେ ଅଭିଯୁକ୍ତମାନେ ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କୁ ଅଟକାଇ ତାଙ୍କ ବୁଲେଟ୍‌କୁ ଜୋର୍‌ଜବରଦସ୍ତ ନେଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରୁଥିବାବେଳେ ସୋମବାର ବାର୍‌ରୁ ମୋବାଇଲ୍ ଫୋନ୍‌ଟିକୁ ଜବତ କରିଥିଲା। ସେହିପରି ଅଭିଯୁକ୍ତ ସିଲୁ ପାଖରୁ ବୁଲେଟ୍‌କୁ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ। ଅନ୍ୟପଟେ ଘଟଣାରେ ସମ୍ପୃକ୍ତ ଅନ୍ୟ ସହଯୋଗୀମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୁଲିସ ଚଢ଼ଉ କରୁଥିବା ଜଣାପଡ଼ିଛି।

## ୫ଦଫା ଦାବିରେ ଜିଲ୍ଲାପାଳଙ୍କୁ ଭେଟିଲା ସଂକୀର୍ତ୍ତନ ଲୋକକଳା ମହାସଂଘ

ଖୋର୍ଦ୍ଧା,୪।୮ (ସମିସ): ୫ଦଫା ଦାବି ସମେତ ବ୍ଲକ୍‌ସ୍ତରୀୟ ସଂକୀର୍ତ୍ତନ କଳାକାର (ବିକେଏସ୍‌ଏସ୍) ଏବଂ ଜିଲ୍ଲାସ୍ତରୀୟ ଜିଲ୍ଲା କଳା ସଂସ୍କୃତି ସଂଗଠନ (ଜେକେଏସ୍‌ଏସ୍)ର ପୁନର୍ଗଠନରେ ଅଂଶଗ୍ରହଣ



ପାଇଁ ଦାବି କରିଛି ଖୋର୍ଦ୍ଧା ଜିଲ୍ଲା ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ଲୋକକଳା ମହାସଂଘ। ଏହି ମର୍ମରେ ସୋମବାର ମହାସଂଘ ପକ୍ଷରୁ ଏକ ଦାବିପତ୍ର ରାଜ୍ୟ ସମ୍ପାଦକ ସୁଦର୍ଶନ ଚମ୍ପତିଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଭେଟି ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁସାରେ, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ଓଡ଼ିଶାର ଲକ୍ଷ ଲକ୍ଷ ସଂକୀର୍ତ୍ତନ କଳାକାର ନିଜର ସବୁ ଅଭାବ ଅସୁବିଧା ଭୁଲି ବିଭିନ୍ନ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ପରିବେଷଣ କରି ଆସୁଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା ସରକାର ସେମାନଙ୍କୁ କଳାକାରର ମାନ୍ୟତା ପ୍ରଦାନ କରିନାହାନ୍ତି। ତେଣୁ ୫ଦଫା ଦାବି ପୂରଣ ହେଲେ କଳାକାର ସ୍ୱାଭିମାନର ସହ କୀର୍ତ୍ତନ କରିବାକୁ ସକ୍ଷମ ହେବେ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ଦାବିଗୁଡ଼ିକ ମଧ୍ୟରେ ସଂକୀର୍ତ୍ତନ କଳାକାରମାନଙ୍କୁ କଳାକାର ମାନ୍ୟତା ପ୍ରଦାନ, କଳାକାର ତାଲିକାଭୁକ୍ତ କରି ପରିଚୟପତ୍ର ପ୍ରଦାନ, ସବୁ ବୟସର ସଂକୀର୍ତ୍ତନ କଳାକାରଙ୍କୁ କଳାକାର ସହାୟତା ରାଶି ପ୍ରଦାନ, ସଂକୀର୍ତ୍ତନ କଳାକାର ପରିବାରର ସବୁ ପିଲାଙ୍କୁ ମାଗଣାରେ ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷା ପ୍ରଦାନ ଏବଂ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ ପ୍ରଭୃତି ଦାବି ରହିଛି। ସେହିପରି ବିକେଏସ୍‌ଏସ୍ ଏବଂ ଜେକେଏସ୍‌ଏସ୍‌ର ପୁନର୍ଗଠନରେ ସଂକୀର୍ତ୍ତନ କଳାକାରଙ୍କ ଅଂଶଗ୍ରହଣ କରିବାକୁ ପ୍ରଶାସନ ସୁଯୋଗ ଦେଉ ବୋଲି ମହାସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ କୋଷାଧ୍ୟକ୍ଷ ପ୍ରସନ୍ନ ବଡ଼ଜେନା, ରାଜ୍ୟ ସହସମ୍ପାଦିକା ସ୍ୱର୍ଣ୍ଣଲତା ଦଳାଇ, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ସୁବାସ ମହାରଣା, ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରଶାନ୍ତ ସ୍ୱାଇଁ, ସମ୍ପାଦକ ଶରତ ଦାସ, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ମହାନ୍ତି, କାଶୀନାଥ ଜେନାଙ୍କ ସମେତ ସମସ୍ତ ବ୍ଲକ୍ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ଖଣି ଲୁଟ୍ ପାଇଁ ଚକ୍ରାନ୍ତ କରୁଛି ଖଣି ସିଣ୍ଡିକେଟ୍; ଜିଲ୍ଲାପାଳଙ୍କୁ ଭେଟିଲେ ମନ୍ମଥ

# କୋଟି କୋଟି ଟଙ୍କା ଲୁଟ୍ ପାଇଁ ଚାଲିଛି ମସୁଧା

ଖୋର୍ଦ୍ଧା,୪।୮ (ସମିସ)

ଖୋର୍ଦ୍ଧାରେ ଚାଲିଥିବା ଖଣି ସିଣ୍ଡିକେଟ୍ ନିଜ ବ୍ୟାବସାୟିକ କାର୍ଯ୍ୟ ପାଇଁ ସରକାରୀ କାର୍ଯ୍ୟାଳୟର ଅପବ୍ୟବହାର ଏବଂ ଖଣି ବିଭାଗର ଇ-ଟେଣ୍ଡର ପ୍ରକ୍ରିୟା ବିରୁଦ୍ଧରେ ଷଡ଼ଯନ୍ତ୍ର ସହିତ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ପାଇଁ ଚକ୍ରାନ୍ତ କରାଯାଉଥିବା ଅଭିଯୋଗ କରିଛନ୍ତି ବିଜେଡିର ସାଂସଦ ପ୍ରାର୍ଥୀ କ୍ୟାପ୍ଟେନ ମନ୍ମଥ ରାଉତରାୟ। ଶ୍ରୀ ରାଉତରାୟ ସୋମବାର ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଭେଟି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ଶ୍ରୀ ରାଉତରାୟଙ୍କ ଅଭିଯୋଗ ଅନୁସାରେ, କିଛି ଦିନ ତଳେ ଖୋର୍ଦ୍ଧାରେ ବିଭିନ୍ନ ଖଣି ମୁଣ୍ଡିଆ ସବୁ ଇ-ଟେଣ୍ଡର ପ୍ରକ୍ରିୟାରେ ନିଲାମ ହୋଇଛି। ଏହି ଟେଣ୍ଡର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ କିଛି ନେତା ନିଜ ଲୋକଙ୍କ ନାଁରେ ରଖିବା ପାଇଁ ଏକ ସିଣ୍ଡିକେଟ୍ ଯୋଜନା କରିଥିଲେ। ଗତ ଜୁଲାଇ ୨୧ ତାରିଖରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ସଭାପତିଙ୍କ ଚାମ୍ବରରେ ଆରମ୍ଭ ହୋଇଥିଲା ମୁଣ୍ଡିଆ ଟେଣ୍ଡର ହାଇଯାକ ପ୍ଲାନ୍। ଏହି କମିଟିରେ କିଛି ପ୍ରଭାବଶାଳୀ ନେତାଙ୍କ ସହ ବାହାର ରାଜ୍ୟର ସଂସ୍ଥା ମଧ୍ୟ ହାତ ମିଳାଇଥିଲେ। ଏଥିରେ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ପ୍ରାଧାନ୍ୟ ଦେଇ ଇ-ଟେଣ୍ଡର ପ୍ରକ୍ରିୟା କରିବା ଏବଂ ଟେଣ୍ଡର ପ୍ରକ୍ରିୟା ପାଇଁ ସିଣ୍ଡିକେଟ୍ ସଦସ୍ୟଙ୍କ ଦ୍ୱାରା ମନୋନୀତ ସଂସ୍ଥାଙ୍କ ବ୍ୟତୀତ ଅନ୍ୟ କୌଣସି ସଂସ୍ଥାକୁ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ବାରଣ କରିବାକୁ ଆଲୋଚନା ହୋଇଥିଲା। ଏଥିସହିତ ଇ-ଟେଣ୍ଡର ମାଧ୍ୟମରେ ଟେଣ୍ଡର ହାତେଇଥିବା ସଂସ୍ଥାମାନଙ୍କୁ ଖଣି ଖନନ କରେଇ ନ ଦେବା ଲାଗି ପରୋକ୍ଷରେ ଚକ୍ରାନ୍ତ କରାଯାଇଥିବା ଯୋଜନାର

### ମୁଣ୍ଡିଆ ଟେଣ୍ଡର ଉପରେ ସ୍ୱଚ୍ଛତା ଓ ଇଡି ତଦନ୍ତ ଦାବି

କେତେକ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ଯାହା ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ସହ ମହାପ୍ରଭୁ ଜଗନ୍ନାଥଙ୍କ ସମ୍ପତ୍ତିକୁ ଲୁଟ୍ କରାଯିବା ହୋଇଥିବା ଚକ୍ରାନ୍ତ ସମ୍ପର୍କରେ ସ୍ପଷ୍ଟ ବାରିହେଉଛି। ନିଜର ସ୍ୱାର୍ଥ ପୂରଣ ପାଇଁ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିମାନଙ୍କ ଦ୍ୱାରା ଚାଲିଥିବା ଏହି ଚକ୍ରାନ୍ତକୁ ଶ୍ରୀ ରାଉତରାୟ ନିନ୍ଦା କରିଛନ୍ତି। ଏଥିସହିତ ଖୋର୍ଦ୍ଧାରେ ମୁଣ୍ଡିଆ ଟେଣ୍ଡର ଉପରେ ସ୍ୱଚ୍ଛତା ଏବଂ ଇଡି ଜରିଆରେ ସେ ତଦନ୍ତ ଦାବି କରିଛନ୍ତି। ବର୍ଷ ବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଖୋର୍ଦ୍ଧା ଅଞ୍ଚଳରେ ଲଘୁ ଖଣିଜ ଦ୍ରବ୍ୟ ନିଜ ଅକ୍ତିଆରରେ ରଖି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଶ୍ରୀଜଗନ୍ନାଥ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ କ୍ଷତି ସହୁଥିଲେ ମଧ୍ୟ କେହି ଏହାକୁ ବିରୋଧ କରିବାକୁ ସାହସ ଜୁଟାଉ ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ କ୍ୟାପ୍ଟେନ ରାଉତରାୟଙ୍କ ଏହି ଅଭିଯୋଗ ଉପରେ ଜିଲ୍ଲା ପ୍ରଶାସନ ତଦନ୍ତ କରିବ ନା ପୂର୍ବଭଳି ନାଲି ଫିତା ତଳେ ତାହା ରହିଯିବ ତାହା ଉପରେ ଏବେ ସମସ୍ତଙ୍କ ନଜର।

## ଜଙ୍କିଆ ଓଁ ଶାନ୍ତି ଆଶ୍ରମରେ ରକ୍ଷାବନ୍ଧନ ଉତ୍ସବ




ନିରାକାରପୁର,୪।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଓଁ ଶାନ୍ତି ଆଶ୍ରମରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଭୁବନେଶ୍ୱରସ୍ଥ ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ଆଞ୍ଚଳିକ ମୁଖ୍ୟ ଭଉଣୀ ବ୍ରହ୍ମାକୁମାରୀ ଲୀନା ଦିଦିଜୀ, ଜଙ୍କିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ପୂର୍ବତନ ସରପଞ୍ଚ ଶକୁନ୍ତଳା ଜଗଦ୍ଦେବ ଓ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଏହି ସମୟରେ ଅତିଥିମାନଙ୍କ ଉପସ୍ଥିତିରେ ଅନୁଷ୍ଠାନ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳନ ହୋଇଯାଇଛି। ଆଶ୍ରମର ମୁଖ୍ୟ ପରିଚାଳିକା ବିକେ ଉମା ଭଉଣୀଙ୍କ ନେତୃତ୍ୱରେ ବିକେ ପ୍ରଭାସିନୀ, ବିକେ ସିଲି, ବିକେ ଅଞ୍ଜଳି, ବିକେ ବିଳାସିନୀ, ବିକେ ମଲ୍ଲୀ, ବିକେ ଗୀତା, ବିକେ ମହେଶ୍ୱର, ବିକେ ଅଭିମନ୍ୟୁ, ବିକେ ଉମେଶ ଭାଇଙ୍କ ସହିତ ଅନ୍ୟ ଭାଇଭଉଣୀମାନେ ସହଯୋଗ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୭୦ ● ପାଉଣ୍ଡ ୧୧୬.୦୯
- ୟୁରୋ ୧୦୧.୭୧ ● ୟେନ୍ ୦.୫୮


**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୮୯୦ (ନୂଆଦିଲ୍ଲୀ)
- ରୁପା : ୧,୧୨,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୦୧୮.୦୦
- ନିଫ୍ଟି ୨୪,୭୨୨.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

**ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି**

# ଟାରିଫ୍ ପାଇଁ ଟ୍ରମ୍ପ୍‌ଙ୍କ ନାଟକ




ନୂଆଦିଲ୍ଲୀ,୪।୮ (ଏଜେନ୍ସି)

ଆଗାମୀ ଦିନରେ ଭାରତ ଏବଂ ଆମେରିକା ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ଆଶା କରାଯାଉଛି। ଶୁଳ୍କ ବିଷୟରେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ଏ ନେଇ ମାର୍ସେଲସ୍ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସର ପ୍ରତିଷ୍ଠାତା ସୌରଭ ମୁଖାର୍ଜୀ କହିଛନ୍ତି। ତାଙ୍କର ଭବିଷ୍ୟବାଣୀ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିବାକୁ ଘୋଷଣା କରିବା ଏବଂ ରୁଷିଆଠାରୁ ତେଲ କ୍ରୟ ଉପରେ ତୀବ୍ର ଅସନ୍ତୋଷ ମଧ୍ୟ ଜାହିର କରିଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ଏହା ସତ୍ତ୍ୱେ, ଭାରତର ସ୍ଥିତି ବହୁତ ସୁଦୃଢ଼। ଆମେରିକା ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଥାଇପାରେ। କିନ୍ତୁ, ଔଷଧ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ଭଳି ଭାରତର ଗୁରୁତ୍ୱପୂର୍ଣ୍ଣ ରପ୍ତାନି ଉପରେ ଏହାର କୌଣସି ପ୍ରଭାବ ପଡ଼ିବାର ସମ୍ଭାବନା ନାହିଁ। ସେ କରିଛନ୍ତି ଯେ ଟ୍ରମ୍ପ୍‌ଙ୍କ ଟାରିଫ୍ ପ୍ରସଙ୍ଗ ସମ୍ପୂର୍ଣ୍ଣ ଭାବେ ଏକ ନାଟକ, ଯେଉଁଥିରେ ଭାରତ ଉପରେ ଚାପ ପକାଇବା ପାଇଁ ଏକ ପ୍ରୟାସ କରାଯାଇଛି। ଏହାଦ୍ୱାରା ଆମେରିକା ସପକ୍ଷରେ ଏକ ଅଧିକ ଅନୁକୂଳ ଚୁକ୍ତି ସ୍ୱାକ୍ଷର କରାଯାଇପାରିବ।

ଅପରପକ୍ଷେ ପ୍ରସିଦ୍ଧ ଆମେରିକୀୟ ଅର୍ଥନୀତିଜ୍ଞ ଜେଫ୍ରି ସାକ୍ସ ଥରେ କହିଥିଲେ ଯେ ଯଦି ଆମେରିକା ଭାରତ ସହିତ କୌଣସି ଚୁକ୍ତି କରେ, ତେବେ ସେ ବହୁତ ଆଶ୍ଚର୍ଯ୍ୟ ହେବେ। କାରଣ ଆମେରିକା ପ୍ରକୃତରେ ଭାରତକୁ ଦୁର୍ବଳ ଦେଖିବାକୁ ଚାହୁଁଛି ଏବଂ ଏକ ଶକ୍ତିଶାଳୀ ଭାରତରେ ଏହାର କୌଣସି ଆଗ୍ରହ ନାହିଁ। ଜେଫ୍ରି ସାକ୍ସ ଏପ୍ରିଲ ମାସରେ ଏହି କଥା କହିଥିବା ବେଳେ ଜୁଲାଇରେ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଯେଉଁ ସ୍ତରକୁ ଯାଇଛି, ତାହା ଦେଖିଲେ ମନେ ହେଉଛି ଯେ ଏହି ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହେଉଛି। ଟ୍ରମ୍ପ ବାରମ୍ବାର ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିବା ବିଷୟରେ ଦାବି କରିଛନ୍ତି। ଏହା ବ୍ୟତୀତ, ସେ ରୁଷୀୟ ତେଲ କିଣିବା ପାଇଁ ଭାରତକୁ କଡ଼ା ସମାଲୋଚନା କରିଛନ୍ତି ଏବଂ ୨୫ ପ୍ରତିଶତ ଶୁଳ୍କ ସହିତ ଜରିମାନା ମଧ୍ୟ ଲଗାଇଛନ୍ତି, ଯାହାକୁ ବିଶେଷଜ୍ଞମାନେ ଭାରତର ସାର୍ବଭୌମତ୍ୱର ଉଲ୍ଲଙ୍ଘନ ବୋଲି କହୁଛନ୍ତି। ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର କଠୋର ନୀତି ଯୋଗୁଁ, ଦୁଇ ଦେଶ ମଧ୍ୟରେ ବିଶ୍ୱାସ ହ୍ରାସ ପାଇଛି। ଯେତେବେଳେ ଭାରତ ବିଶ୍ୱର କିଛି ଦେଶ ମଧ୍ୟରୁ ଗୋଟିଏ ଥିଲା, ଯିଏ ପ୍ରଥମେ ଟ୍ରମ୍ପ ପ୍ରଶାସନ ସହିତ ବାଣିଜ୍ୟ ଚୁକ୍ତି ବିଷୟରେ କଥାବାର୍ତ୍ତା ଆରମ୍ଭ କରିଥିଲା, କିନ୍ତୁ ଏପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ କୌଣସି ଚୁକ୍ତି ହୋଇନାହିଁ। ସେ କହିଛନ୍ତି, ଯଦି ଭାରତ ଆମେରିକା ସହିତ ଚୁକ୍ତି କରିବାରେ ସଫଳ ହୁଏ, ତେବେ ଏହା ବଡ଼ ଆଶ୍ଚର୍ଯ୍ୟ ହେବ। ବର୍ତ୍ତମାନର ଟ୍ରମ୍ପ୍ ପ୍ରଶାସନ ସରକାର ଭାରତର କଲ୍ୟାଣ ବିଷୟରେ ଚିନ୍ତିତ ନୁହେଁ। ଆମେରିକା ଭାରତକୁ ଚୀନ୍ ବିରୁଦ୍ଧରେ ବ୍ୟବହାର କରିବାକୁ ଚାହୁଁଛି। ଟ୍ରମ୍ପ ଭାରତୀୟ ନିର୍ମାତାଙ୍କ ପାଇଁ ଆମେରିକାର ଦ୍ୱାର ଖୋଲିବେ ନାହିଁ ଏବଂ ଏହା ଆମେରିକାର ଏକ ବଡ଼ ଖେଳ ଯେ ଆମେ ଚୀନକୁ କିପରି ବିସ୍ଥାପିତ କରିପାରିବୁ। କିନ୍ତୁ ଭାରତ ଏକ ସଫଳ ଅର୍ଥନୀତି ପାଲଟିଛି ଏବଂ ବର୍ତ୍ତମାନ ଏହା ଘଟୁଛି ଏବଂ ଭବିଷ୍ୟତରେ ଯେତେବେଳେ ଭାରତ ଶକ୍ତିଶାଳୀ ହେବ, ଆମେରିକା ଚୀନ୍ ପରି ଭାରତକୁ ପସନ୍ଦ କରିବ ନାହିଁ। ଆଉ ଏହା ଆଗାମୀ ଦିନରେ ହିଁ ଘଟିବାକୁ ଯାଉଛି।

ବିଶେଷଜ୍ଞଙ୍କ ଅନୁଯାୟୀ, ଆମେରିକା ଦ୍ୱାରା ୨୫% ଶୁଳ୍କ ବୃଦ୍ଧି ଭାରତର ଫାର୍ମା, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ଭଳି ଗୁରୁତ୍ୱପୂର୍ଣ୍ଣ ରପ୍ତାନି କ୍ଷେତ୍ରକୁ ପ୍ରଭାବିତ କରିବ ନାହିଁ। କେବଳ କିଛି କ୍ଷେତ୍ର ଯେପରିକି ବୟନଶିଳ୍ପ ଏବଂ ଅଟୋ ଭଳି କିଛି କ୍ଷେତ୍ର ସୀମିତ ଭାବରେ ପ୍ରଭାବିତ ହେବ। ସେ କହିଛନ୍ତି, ଯଦିଓ ଏହି ୨୫% ଶୁଳ୍କ ଲାଗୁ କରାଯାଏ, ଫାର୍ମା, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ସମ୍ପୂର୍ଣ୍ଣ ଛାଡ଼ ପାଇବାର ସମ୍ଭାବନା ଅଛି। ଟାରିଫ୍ ବ୍ୟତୀତ, ଆମେରିକାକୁ ଇଲେକ୍ଟ୍ରୋନିକ୍ସ ଏବଂ ଔଷଧ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତକୁ ବହୁତ ଆବଶ୍ୟକତା ଅଛି। ତାଙ୍କ ଅନୁସାରେ, ଆପଲ୍ ଏକ ବଡ଼ କମ୍ପାନୀ। ଆପଲ୍ ପାଇଁ ଭାରତରେ ଉତ୍ପାଦନ ବୃଦ୍ଧି କରିବା ବହୁତ ଗୁରୁତ୍ୱପୂର୍ଣ୍ଣ। ବିଶେଷଜ୍ଞଙ୍କ ଅନୁସାରେ, ଟ୍ରମ୍ପ୍ ଆମେରିକୀୟ କୃଷି ଏବଂ ଦୁଗ୍ଧ ଉତ୍ପାଦ ପାଇଁ ଭାରତର ବଜାର ଖୋଲିବା ପାଇଁ ଚାପ ସୃଷ୍ଟି କରୁଛନ୍ତି। ଭାରତ ଦୀର୍ଘ ସମୟ ଧରି ଏହାକୁ ବିରୋଧ କରିଆସୁଛି।

**ଆମେରିକୀୟ ଅର୍ଥନୀତିଜ୍ଞଙ୍କ ଭବିଷ୍ୟବାଣୀ**
- ଭାରତ ଉପରେ ଚାପ ପକାଇବାକୁ ପ୍ରୟାସ
- ଭାରତକୁ ଦୁର୍ବଳ ଦେଖିବାକୁ ଚାହୁଁଛି ଆମେରିକା
- ଔଷଧ, ଇଲେକ୍ଟ୍ରୋନିକ୍ସ , ଆଇଟି କ୍ଷେତ୍ରରେ ଭାରତର ଦବ୍‌ଦବା

**ପୁଣି ଧମକ ଦେଲେ ଟ୍ରମ୍ପ**

# ଲାଗିବ ଅତ୍ୟଧିକ ଶୁଳ୍କ

ୱାଶିଂଟନ୍,୪।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ଭାରତ ଉପରେ ଭାରୀ ଶୁଳ୍କ ଲଗାଇବାକୁ ଧମକ ଦେଇଛି। ଟ୍ରମ୍ପ କହିଛନ୍ତି ଯେ ସେ ଭାରତରୁ ଆମେରିକାକୁ ଆମଦାନୀ ଉପରେ ବହୁତ ପରିମାଣର ଶୁଳ୍କ ବୃଦ୍ଧି କରିବାକୁ ଯାଉଛନ୍ତି। ଭାରତ ରୁଷରୁ ବିପୁଳ ପରିମାଣର ଅଶୋଧିତ ତେଲ କିଣୁଛି ଏବଂ ଅନ୍ୟ ଦେଶକୁ ବିକ୍ରି କରୁଛି ଏବଂ ଏଥିରୁ ବିପୁଳ ଲାଭ ପାଉଛି। ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି, ଭାରତ କେବଳ ବିପୁଳ ପରିମାଣର ରୁଷୀୟ ତେଲ କିଣୁଛି ନାହିଁ, ବରଂ ସେହି କ୍ରୟ ହୋଇଥିବା ତେଲର ଏକ ବଡ଼ ଅଂଶ ଖୋଲା ବଜାରରେ ବିପୁଳ ଲାଭ ରଖି ବିକ୍ରି କରୁଛି। ୟୁକ୍ରେନରେ ଋଷୀୟ ଯୁଦ୍ଧ ମେସିନ କେତେ ଲୋକଙ୍କୁ ହତ୍ୟା କରୁଛି ତାହା ସେମାନଙ୍କୁ ଚିନ୍ତା ନାହିଁ। ସେଥିପାଇଁ ଭାରତ ଉପରେ ଶୁଳ୍କ ପରିମାଣରେ ଯଥେଷ୍ଟ ବୃଦ୍ଧି କରିବାକୁ ଯାଉଛି। ଏହି ପ୍ରସଙ୍ଗ ପ୍ରତି ଧ୍ୟାନ ଦେବା ପାଇଁ ଧନ୍ୟବାଦ ବୋଲି ଟ୍ରମ୍ପ୍ କହିଛନ୍ତି !

ପୂର୍ବରୁ, ଟ୍ରମ୍ପ ଡଜନ ଡଜନ ବାଣିଜ୍ୟିକ ସହଯୋଗୀ ଦେଶ ଉପରେ ପାରସ୍ପରିକ ଶୁଳ୍କ ଲଗାଇବାର ନିଷ୍ପତ୍ତିକୁ ସମର୍ଥନ କରିଥିଲେ। ଟ୍ରମ୍ପ କହିଥିଲେ ଯେ 'ଆମେ ଋଣ ପରିଶୋଧ କରିବୁ।' ଦେଶକୁ ବହୁତ ଅର୍ଥ ପ୍ରବାହ ହେବାକୁ ଯାଉଛି ଏବଂ ଏତେ ଅର୍ଥ ରାଶି ଏକାଥରକେ କେବେ ଦେଶକୁ ଆସିନାହିଁ। ଏହା ପୂର୍ବରୁ, ଆମେ ଋଣ ପରିଶୋଧ କରିବୁ। ଆମକୁ ଏହା ବହୁତ ବର୍ଷ ପୂର୍ବରୁ କରିବା ଉଚିତ ଥିଲା। ମୁଁ ମୋର ପ୍ରଥମ କାର୍ଯ୍ୟକାଳରେ ଚୀନ୍ ସହିତ ଏହା କରିଥିଲି, କିନ୍ତୁ କରୋନା ମହାମାରୀ ଯୋଗୁଁ ଏହା ଅନ୍ୟ ଦେଶ ସହିତ ହୋଇପାରିଲାନାହିଁ।

ଟ୍ରମ୍ପ କହିଛନ୍ତି, ସେ କୌଣସି ପ୍ରକାରର ଚାପ ଚାହୁଁନାହାନ୍ତି ନାହିଁ, ବରଂ ନ୍ୟାୟ ଚାହୁଁଛନ୍ତି। ଆମେ ଯେକୌଣସି ସ୍ଥାନରେ ଏବଂ ଯଥାସମ୍ଭବ ପାରସ୍ପରିକ କର ଦେଖିବାକୁ ଚାହୁଁଛୁ। କେତେକ ସମୟରେ ଏହା ସେମାନଙ୍କ ପାଇଁ ଅତ୍ୟଧିକ ହୋଇଯାଏ। ଏହା ଏକ ବହୁତ ବଡ଼ ପରିମାଣ ହେବ। ଏବଂ ମୁଁ କେବଳ ଏତିକି କହିପାରିବି ଯେ ଆମ ଦେଶ ଏଥିରୁ ଶହ ଶହ ବିଲିୟନ ଡଲାର ରୋଜଗାର କରିବ। ହ୍ୱାଇଟ୍ ହାଉସକୁ ଆସିବାର ୬ ମାସ ମଧ୍ୟରେ, ଟ୍ରମ୍ପ ବିଶ୍ୱ ଅର୍ଥନୀତିକୁ ନଷ୍ଟ କରିଦେଲେ।

# ଭାରତ ଉପରେ ଘୋଟିବ ମହାସଙ୍କଟ

ନୂଆଦିଲ୍ଲୀ,୪।୮ (ଏଜେନ୍ସି): ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି। ଭାରତରେ ମୁଦ୍ରାସ୍ଫୀତି ହାର ପ୍ରାୟ ୨ ପ୍ରତିଶତ। ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ପ୍ରାୟ ୭୦୦ ବିଲିୟନ ଡଲାର। ଦେଶର ଷ୍ଟକ୍ ବଜାର ବିଶ୍ୱର ୫ମ ବୃହତ ବଜାର। ଭାରତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି। ଖୁବ୍ ଶୀଘ୍ର ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବାକୁ ଯାଉଛି। ଏହା ପରେ ମଧ୍ୟ ଭାରତ ଉପରେ ଏକ ବଡ଼ ସଙ୍କଟ ମାଡ଼ିଆସୁଛି। ଏହି ସଙ୍କଟ ଦେଶର ଅର୍ଥନୀତିକୁ ଏକ ବଡ଼ କ୍ଷତି ପହଞ୍ଚାଇବାର ସମ୍ଭାବନା ରହିଛି। ବାସ୍ତବରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା 'ଟଙ୍କା' ର ବିନିମୟ ମୂଲ୍ୟ ଖୁବ୍ ଶୀଘ୍ର ୯୦ ସ୍ତର ଅତିକ୍ରମ କରିପାରେ। ଏହା ସେତିକିବେଳେ ଘଟିଛି, ଯେତେବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଉଛି। କିନ୍ତୁ ବିଦେଶୀ ନିବେଶକଙ୍କ ପ୍ରସ୍ଥାନ ଏହି ସଙ୍କଟକୁ ବୃଦ୍ଧି କରୁଛି। ଏହାଛଡା ଆମେରିକା ସହିତ ବାଣିଜ୍ୟରେ ବିଳମ୍ବ ଏହି ସଙ୍କଟକୁ ଆହୁରି ବୃଦ୍ଧି କରୁଛି। ଯଦି ଆମେ ଚଳିତ ସପ୍ତାହର ପ୍ରଥମ ଅର୍ଥାତ୍ ଆଜିର ବାଣିଜ୍ୟ କାରବାର କଥା କହିବା, ତେବେ ଟଙ୍କା ମୂଲ୍ୟରେ ୫୨ ପଇସାର ଏକ ବଡ଼ ହ୍ରାସ ଦେଖାଯାଇଛି, ଯାହା ଆଗାମୀ ଦିନରେ ଜାରି ରହିପାରେ। ଅନ୍ୟପକ୍ଷରେ, ଜୁଲାଇ ପରି ଅଗଷ୍ଟରେ ମଧ୍ୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଏକ ବଡ଼ ହ୍ରାସ ଦେଖାଯାଇପାରେ।




- ୯୦ ସ୍ତର ଛୁଇଁବ ଟଙ୍କା
- ଡଲାର ତୁଳନାରେ କ୍ରମାଗତ ଦୁର୍ବଳ ହେଉଛି ଘରୋଇ ମୁଦ୍ରା

ସୋମବାର, ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଏବଂ ବାଣିଜ୍ୟ ଶୁଳ୍କ ଅନିଶ୍ଚିତତା ନିବେଶକଙ୍କ ଭାବନାକୁ ପ୍ରଭାବିତ କରିବା ଯୋଗୁଁ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ୫୨ ପଇସା ହ୍ରାସ ପାଇ ଏହା ୮୭.୬୬ ସ୍ତରରେ ବନ୍ଦ ହୋଇଥିଲା। ବିଦେଶୀ ମୁଦ୍ରା ବ୍ୟବସାୟୀମାନେ କହିଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ବିଶ୍ୱ ବାଣିଜ୍ୟ ଦୃଷ୍ଟିକୋଣରେ ବ୍ୟାପକ ବାଧା ସୃଷ୍ଟି କରିବା ବିଷୟରେ ନୂତନ ଚିନ୍ତା ସୃଷ୍ଟି କରିଛି। ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ପକ୍ଷରୁ ଡଲାର ଚାହିଦା ଯୋଗୁଁ ଦିନ ସମୟରେ ଟଙ୍କା ହ୍ରାସ ପାଇଛି। ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବିନିମୟ ବଜାରରେ, ଡଲାର ତୁଳନାରେ ଟଙ୍କା ୮୭.୨୧ ସ୍ତରରେ ଖୋଲିଥିଲା, ଯାହା ଆମେରିକୀୟ ମୁଦ୍ରା ତୁଳନାରେ ୮୭.୭୦ ର ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା।

**ଆଉ ପଠାଇହେବନି ରେଜିଷ୍ଟ୍ରି ଚିଠି**

# ବନ୍ଦ ହେବ ରେଜିଷ୍ଟ୍ରୀ ଡାକ ସେବା

ନୂଆଦିଲ୍ଲୀ,୮।୪(ଏଜେନ୍ସି)




ଖୁବ୍ ଶୀଘ୍ର ବନ୍ଦ ହେବ ରେଜିଷ୍ଟ୍ରଡ୍ ପୋଷ୍ଟାଲ ସର୍ଭିସ୍ ବା। କାରଣ ଭାରତୀୟ ଡାକ ବିଭାଗ ଏହାର ପଞ୍ଜିକୃତ ଡାକ ସେବାକୁ ବନ୍ଦ କରିବାକୁ ଯୋଜନା କରୁଛି। ବିଭାଗ ଏହି ସେବାକୁ ସ୍ପିଡ୍ ପୋଷ୍ଟ ସହିତ ମିଶ୍ରଣ କରିବାକୁ ଯୋଜନା କରୁଛି। ଡାକ ବିଭାଗ ବନ୍ଦ କରିବ ୫୦ ବର୍ଷ ପୁରୁଣା ଏହି ରେଜିଷ୍ଟ୍ରୀ ଡାକ ସେବା। ଏହାଫଳରେ ଆଉ ପଠାଇ ହେବନି ଦୀର୍ଘ ଦିନ ହେବ ପ୍ରଚଳିତ ରେଜିଷ୍ଟ୍ରି ଚିଠି ବ୍ୟବସ୍ଥା। କାର୍ଯ୍ୟକୁ ଦ୍ରୁତ , ଚିଠିକୁ ସହଜରେ ଟ୍ରାକ୍ କରିବା ଏବଂ ସେବାକୁ ଆଧୁନିକ କରିବା ଲକ୍ଷ୍ୟରେ ଡାକ ବିଭାଗ ଦ୍ୱାରା ଏହି ନିଷ୍ପତ୍ତି ନିଆଯାଇଛି। ତେଣୁ ସେବା ଏହି ରେଜିଷ୍ଟ୍ରୀ ଡାକ ସେବା ସେପ୍ଟେମ୍ବର ପହିଲାରୁ ବନ୍ଦ ହୋଇଯିବ।

ଯଦି ଆପଣ ୭୦,୮୦ କିମ୍ବା ୯୦ ଦଶକରେ ଜନ୍ମଗ୍ରହଣ କରିଛନ୍ତି, ତେବେ ଆପଣ ପୋଷ୍ଟ ଅଫିସରେ ରେଜିଷ୍ଟ୍ରୀ ଡାକ ସେବା ପାର୍ସଲ କାରବାର ଦେଖିଥିବେ। ଏହି ରେଜିଷ୍ଟ୍ରୀ ଚିଠି ପଠାଇବା ପାଇଁ ପୂର୍ବରୁ ଏକ ପୃଥକ କାଉଣ୍ଟର ଥିଲା। ଡାକ ବିଭାଗର କର୍ମଚାରୀ ଆପଣଙ୍କୁ ଏହାର ରସିଦ ଦେଉଥିଲେ। ସେହି ଚିଠି ବିତରଣ ହେବା ସମୟରେ ଆପଣଙ୍କୁ ଏକ ସ୍ୱୀକୃତି ମଧ୍ୟ ମିଳୁଥିଲା। ସାମଗ୍ରିକ ଭାବରେ ପୋଷ୍ଟ ଅଫିସ୍‌ର ଏହା ଏକ ପ୍ରିମିୟମ୍ ସେବା ଥିଲା। ବର୍ତ୍ତମାନ ଡାକ ବିଭାଗ ଏହି ସେବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି।

ଭାରତୀୟ ଡାକ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏକ ସର୍କୁଲାର ଅନୁଯାୟୀ, ଡାକ ବିଭାଗ ରେଜିଷ୍ଟ୍ରୀ ଡାକ ସେବାକୁ ସେପ୍ଟେମ୍ବର ପହିଲାରୁ ଏହାର ସ୍ପିଡ୍ ପୋଷ୍ଟ ସହିତ ସଂଯୁକ୍ତ କରିବାକୁ ଯାଉଛି। ସରକାର ଦାବି କରୁଛନ୍ତି ଯେ ଏହା କରିବା ଦ୍ୱାରା କାମ କରିବାର ପଦ୍ଧତି ଆହୁରି ଆଧୁନିକ ହୋଇଯିବ। ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ପଠାଇବା ହେଉ କି ବିଦେଶରେ ପଢୁଥିବା ପିଲାମାନଙ୍କୁ ବ୍ୟାଙ୍କ ଡ୍ରାଫ୍ଟ ପଠାଇବା ହେଉ କିମ୍ବା ରକ୍ଷା ବନ୍ଧନରେ ରାକ୍ଷୀ ପଠାଇବା ହେଉ ଏସବୁ ପାଇଁ ରେଜିଷ୍ଟ୍ରୀ ଡାକ ସେବାବ୍ୟବହାର କରାଯାଇଥାଏ। ସ୍ୱାଧୀନତା ପରଠାରୁ ରେଜିଷ୍ଟ୍ରୀ ଡାକ ସେବାକୁ ବହୁତ ନିର୍ଭରଯୋଗ୍ୟ ବୋଲି ବିବେଚନା କରାଯାଉଥିଲା। ନିଯୁକ୍ତି ପତ୍ର ପଠାଇବା ପାଇଁ ମଧ୍ୟ ସରକାର ଏହାକୁ ବ୍ୟବହାର କରିଆସୁଛନ୍ତି। ଏହାସହିତ, କୋର୍ଟ ଏହା ମାଧ୍ୟମରେ ଆଇନଗତ ନୋଟିସ୍ ପଠାଉଥିଲେ। ନୂଆ ପରିବର୍ତ୍ତନକୁ ନଜରରେ ରଖି ଡାକ ବିଭାଗର ସଚିବ ଏବଂ ମହାନିର୍ଦ୍ଦେଶକ ସମସ୍ତ ବିଭାଗ, କୋର୍ଟ, ପ୍ରତିଷ୍ଠାନ ଏବଂ ସର୍ବସାଧାରଣଙ୍କୁ ସେପ୍ଟେମ୍ବର ୧ ସୁଦ୍ଧା ନୂତନ ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ କହିଛନ୍ତି। ଉଭୟ ସେବା ଅଗଷ୍ଟ ୩୧ ପର୍ଯ୍ୟନ୍ତ ପୂର୍ବ ପରି ଜାରି ରହିବ,କିନ୍ତୁ ସେପ୍ଟେମ୍ବର ୧ ରୁ ଲୋକମାନଙ୍କୁ ସ୍ପିଡ୍ ପୋଷ୍ଟ ଦ୍ୱାରା ସେମାନଙ୍କର ଜିନିଷ ପଠାଇବାକୁ ପଡିବ। ଏହିପରି ଭାବରେ, ରେଜିଷ୍ଟ୍ରୀ ଡାକ ସେବାର ଏକ ଯୁଗ ଶେଷ ହେବ।

- ସ୍ପିଡ୍ ପୋଷ୍ଟ ସହ ହେବ ମିଶ୍ରଣ
- ଡାକ ବିଭାଗ ବନ୍ଦ କରିବ ୫୦ ବର୍ଷ ପୁରୁଣା ସେବା
- ସେପ୍ଟେମ୍ବର ପହିଲାରୁ ସେବା ବନ୍ଦ

**■ ସୋନା କମଷ୍ଟାର ମାମଲାରେ ନୂଆ ମୋଡ଼**

# ବ୍ରିଟେନ୍ ସରକାରଙ୍କ ଦ୍ୱାରା ତଦନ୍ତ ଦାବି



**ସଞ୍ଜୟ କପୁରଙ୍କ ମୃତ୍ୟୁକୁ 'ରହସ୍ୟମୟ' କହିଲେ ମା'**

ନୂଆଦିଲ୍ଲୀ,୪।୮ (ଏଜେନ୍ସି): ସୋନା କମଷ୍ଟାର ମାମଲାରେ ଏକ ନୂତନ ମୋଡ଼ ଆସିଛି। ସୋନା କମଷ୍ଟାରର ପୂର୍ବତନ ଅଧ୍ୟକ୍ଷା ଏବଂ ସହ-ପ୍ରତିଷ୍ଠାତା ରାଣୀ କପୁର ରାଣୀ କପୁର ବ୍ରିଟେନରେ ତାଙ୍କ ପୁଅ ସଞ୍ଜୟ କପୁରଙ୍କ ମୃତ୍ୟୁର ତଦନ୍ତ ଦାବି କରିଛନ୍ତି। ସୂତ୍ର ଅନୁଯାୟୀ, ରାଣୀ କପୁର ଏହି ଘଟଣାରେ ବ୍ରିଟେନରେ ଏକ ଅପରାଧିକ ଅଭିଯୋଗ ଦାୟର କରିଛନ୍ତି। ସେ ତାଙ୍କ ପୁଅର ମୃତ୍ୟୁ ସ୍ଥିତିକୁ 'ରହସ୍ୟମୟ' ବୋଲି ବର୍ଣ୍ଣନା କରିଛନ୍ତି। ଚଳଚ୍ଚିତ୍ର ଅଭିନେତ୍ରୀ କରିସ୍ମା କପୁରଙ୍କ ପୂର୍ବତନ ସ୍ୱାମୀ ଏବଂ ନାମୀ ବ୍ୟବସାୟୀ ସଞ୍ଜୟ କପୁର ଜଣେ ଆମେରିକୀୟ ନାଗରିକ ଥିଲେ। ତେଣୁ, ଆମେରିକୀୟ ଅଧିକାରୀମାନେ ମଧ୍ୟ ଏହି ମାମଲା ଉପରେ ନଜର ରଖିଛନ୍ତି। ସୋନା କମଷ୍ଟାର ପରିବାରର ଏହି ମାମଲା ଏବେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିଛି। ସୋନା କମଷ୍ଟାରର ପୂର୍ବତନ ଅଧ୍ୟକ୍ଷା ଏବଂ ସହ-ପ୍ରତିଷ୍ଠାତା ରାଣୀ କପୁର ଲଣ୍ଡନରେ ତାଙ୍କ ପୁଅ ସଞ୍ଜୟଙ୍କ ମୃତ୍ୟୁର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ବ୍ରିଟିଶ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ସେ ବ୍ରିଟେନରେ ଏକ ସରକାରୀ ଅଭିଯୋଗ ଦାୟର କରିଛନ୍ତି। ସଞ୍ଜୟଙ୍କ ମୃତ୍ୟୁର ପରିସ୍ଥିତି ଉପରେ ପ୍ରଶ୍ନ ଉଠାଇ ସେ କହିଛନ୍ତି ଯେ ଏହା'ରହସ୍ୟମୟ'। ସେ ଚାହାଁନ୍ତି ଯେ ବ୍ରିଟିଶ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ତୁରନ୍ତ ଏହି ମାମଲାରେ ହସ୍ତକ୍ଷେପ କରନ୍ତୁ। ସେ କହିଛନ୍ତି ଯେ ୟୁକେ କର୍ତ୍ତୃପକ୍ଷଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଏହି ଘଟଣା ପରେ ପ୍ରଥମ ଥର ପାଇଁ ରାଣୀ କପୁର ଏକ ଭାବପ୍ରବଣ ଭିଡିଓ ସାକ୍ଷାତକାର ଦେଇଛନ୍ତି। ସେ ତାଙ୍କର ନୀରବତା ଭାଙ୍ଗି ନିଜର ଦୁଃଖ ଏବଂ ଚିନ୍ତା ପ୍ରକାଶ କରିଥିଲେ। ସେ କହିଥିଲେ, ମୋ ପୁଅ ସହିତ କ'ଣ ହୋଇଛି ମୁଁ ଏପର୍ଯ୍ୟନ୍ତ ଜାଣିନାହିଁ। 'ମୁଁ ଏବେ ବୃଦ୍ଧ, ମୃତ୍ୟୁ ପୂର୍ବରୁ ସତ୍ୟ ଜାଣିବାକୁ ଚାହୁଁଛି। ଅପରପକ୍ଷେ କମ୍ପାନୀ କହିଛି ଯେ ୨୦୧୯ ପରଠାରୁ ରାଣୀ କପୁରଙ୍କ କମ୍ପାନୀ ବ୍ୟାପାରରେ କୌଣସି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସମ୍ପୃକ୍ତି ନାହିଁ। କିନ୍ତୁ ରାଣୀ କପୁର କହିଛନ୍ତି ଯେ ଏହା ଏପରି ନୁହେଁ। ସେ କହିଛନ୍ତି, ମୁଁ ବିଶ୍ୱକୁ ମନେ ପକାଇବାକୁ ଆସିଛି ଯେ ଆମ ପରିବାରର ଐତିହ୍ୟ ହଜିଯିବା ଉଚିତ୍ ନୁହେଁ।

## ରାଜ୍ୟ ଖବର

# ୩୩ ନବନିଯୁକ୍ତ ଓଜେଏସ୍ ଅଧିକାରୀଙ୍କ ଶପଥ ଗ୍ରହଣ

କଟକ, ୪।୮ (ସମିସ): ଓଡ଼ିଶା ନ୍ୟାୟିକ ଏକାଡେମୀଠାରେ ଆଜି ୩୩ ନବନିଯୁକ୍ତ ବିଚାର ବିଭାଗୀୟ ଅଧିକାରୀ (ଓଜେଏସ୍)ଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ୍ ହରୀଶ ଟଣ୍ଡନ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ଜଷ୍ଟିସ୍ ଟଣ୍ଡନ ମାମଲାଗୁଡ଼ିକ ଅଯଥା ଶୁଣାଣି ସ୍ଥଗିତ ନ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ନିର୍ଦ୍ଧାରିତ ସମୟରେ ଏଗୁଡ଼ିକର ଫଇସଲା ଉପରେ ଯତ୍ନବାନ ହେବାକୁ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଓଡ଼ିଶା ନ୍ୟାୟିକ ଏକାଡେମୀର ପତ୍ରିକା 'ବିଦ୍ୟା'ର ବିଶେଷ ସଂସ୍କରଣ ୨୦୨୪-୨୦୨୫କୁ ମୁଖ୍ୟ ବିଚାରପତି ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି ତଥା ଏକାଡେମୀ ତାଲିମ ସମିତିର ଅଧ୍ୟକ୍ଷ ଜଷ୍ଟିସ କୃଷ୍ଣରାମ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଜଷ୍ଟିସ୍ ଡକ୍ଟର ସଂଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତିଗଣ, ଅବସରପ୍ରାପ୍ତ ବିଚାରପତିଗଣ, ଆଇନ ବିଭାଗର ପ୍ରମୁଖ ସଚିବ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ, କଟକ ଜିଲ୍ଲା ଓ ଦୌରା ଜଜ, ଓଡ଼ିଶା ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା ନିମନ୍ତେ ଓଡ଼ିଶା ନ୍ୟାୟିକ ଏକାଡେମୀର ନିର୍ଦ୍ଦେଶକ ବିଦ୍ୟୁତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନ୍ୟ ଅଧିକାରୀଙ୍କ ସମେତ କର୍ମଚାରୀଗଣ ସହାୟତା କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା କେନ୍ଦ୍ରର ଅତିରିକ୍ତ ସଂଯୋଜକ ସୁଶ୍ରୀ ନିତିଶା ଚଣ୍ଡକ ଉଦ୍‌ଘୋଷିକା ରୂପେ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

**ନିର୍ଦ୍ଧାରିତ ସମୟରେ ମାମଲା ଫଇସଲା ଉପରେ ମୁଖ୍ୟ ବିଚାରପତିଙ୍କ ଗୁରୁତ୍ୱାରୋପ**

# ହୀରାକୁଦ ଜଳସ୍ତର ୬୧୨.୨୫ ଫୁଟ୍

ସମ୍ବଲପୁର, ୪।୮ (ସମିସ): ଉପରମୁଣ୍ଡରେ ବର୍ଷା କମିବା ପରେ ପର୍ଯ୍ୟାୟକ୍ରମେ ହୀରାକୁଦ ଜଳଭଣ୍ଡାରର ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି। ଆଜି ସଂଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୨.୨୫ଫୁଟ୍ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୬୮,୧୩୬ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୬,୦୩୫କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୩୧,୩୯୫ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ୍, କେନାଲ ପାଇଁ ୪,୪୦୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସେହିପରି, ତଳମୁଣ୍ଡରେ ବେଲଗାଁଠାରେ ୧୧,୨୦୦କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପର୍ଥଲାଠାରେ ୨୫,୩୩୨ କ୍ୟୁସେକ୍, ଖଇରମାଲଠାରେ ୭୦,୦୦୦ କ୍ୟୁସେକ୍, ବାରମୁଲଠାରେ ୭୯,୦୦୦କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୯୫,୨୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ନଦୀବନ୍ଧର ଉପରମୁଣ୍ଡରେ ୨.୮୨ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୬୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

# ରେଳ ଧାରଣାରେ କଟି ଯୁବକ ମୃତ

ଭଦ୍ରକ,୪।୮ (ସମିସ): ଧାମରା-ଭଦ୍ରକ ରେଳ ଧାରଣାରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଜଣଙ୍କ ହେଲେ, ଯଶିପୁର ପଞ୍ଚାୟତ ବଳସାହି ଗ୍ରାମର ଶଶିକାନ୍ତ ବେହେରା। ସୂଚନାନୁଯାୟୀ, ସୋମବାର ଭୋର ସମୟରେ ଶଶିକାନ୍ତ ରେଳ ଧାରଣା ପାର ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। କ୍ଷତିପୂରଣ ଦାବିରେ ଗ୍ରାମବାସୀ ରେଳ ଧାରଣା ଉପରେ ବସି ରହିଥିଲେ। ଫଳରେ ରେଳ ଚଳାଚଳ ବନ୍ଦ ରହିଛି। ଖବର ପାଇ ଘଟଣାସ୍ଥଳରେ ବାଂଶଡା ପୁଲିସ ଓ ଧାମରା ଆଦାନୀ କମ୍ପାନୀ କର୍ତ୍ତୃପକ୍ଷ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ତେବେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗିରହିଛି।

# ଧରାପଡ଼ିଲା ୫ ଫୁଟିଆ କୁମ୍ଭୀର

କାଳିମେଳା/ଏମଭି୭୯, ୪।୮ (ସମିସ): ୪ଦିନ ଧରି ଲୁଚକାଳି ପରେ ଶେଷରେ ପୋଖରୀରୁ ଧରା ହେଲା ୫ ଫୁଟିଆ କୁମ୍ଭୀର। ଘଡ଼ିଆଳ ପ୍ରଜାତିର ଏହି କୁମ୍ଭୀରଟିକୁ ଗ୍ରାମବାସୀଙ୍କ ସହାୟତାରେ ଏକ ଜାଲ ଦ୍ୱାରା ଧରାଯାଇଛି। ଗତ ଶୁକ୍ରବାରଠାରୁ କୁମ୍ଭୀରଟି ଏମ୍‌ପିଭି ୮୩ ଗ୍ରାମ ପୋଖରୀରେ ଭାସୁଥିବା ଦେଖିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଖବର ପାଇ ବନବିଭାଗ ଓ ଅଗ୍ନିଶମବାହିନୀ ଜାଲ ଓ ପାୱାର ବୋଟ୍ ଦ୍ୱାରା କୁମ୍ଭୀରକୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସବୁଥର କୁମ୍ଭୀରଟି ଚକ୍‌ମା ଦେଇ ଖସିଯିବାରେ ସଫଳ ହୋଇଥିଲା। ତେବେ ୪ଦିନର ପ୍ରୟାସ ପରେ ଆଜି କୁମ୍ଭୀରଟି ଧରାପଡ଼ିବା ପରେ ଲୋକେ ଆଶ୍ୱସ୍ତ ହୋଇଛନ୍ତି। କୁମ୍ଭୀରଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଛାଡ଼ି ଦିଆଯିବ ବୋଲି ମୋଟୁ ବନପାଳ ରଶ୍ମିରଂଜନ ସ୍ୱାଇଁ ସୂଚନା ଦେଇଛନ୍ତି।



# ଜଳିଗଲା ୨୦ରୁ ଊର୍ଦ୍ଧ୍ୱ ଦୋକାନ



ରାଉରକେଲା, ୪।୮ (ସମିସ): ଝିରପାଣି ଫୁଟବଲ୍ ପଡ଼ିଆଠାରେ ଲାଗିଥିବା ମେଳାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଦୋକାନ ଜଳିଯାଇଛି। ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ରବିବାର ବିଳମ୍ବିତ ରାତିରେ ହଠାତ୍ ନିଆଁ ଲାଗି ଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ବିଳମ୍ବରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଅଭିଯୋଗ ହୋଇଛି। ନିଆଁ ଲାଗିଥିବା ବେଳେ ଦୁଇଟି ଗ୍ୟାସ ସିଲିଣ୍ଡର ଫାଟି ଥିବା ସୂଚନା ମିଳିଛି। ଏଥିରେ କାହାରି କିଛି କ୍ଷତି ହୋଇନାହିଁ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇପାରିନାହିଁ। ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ସ୍ଥାନୀୟ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।

# ମୃତ୍ୟୁଞ୍ଜୟ ମହାପାତ୍ରଙ୍କ କାର୍ଯ୍ୟକାଳ ଆଉ ୨ ବର୍ଷ ବୃଦ୍ଧି

ଭୁବନେଶ୍ୱର,୪।୮ (ସମିସ): ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ କାର୍ଯ୍ୟକାଳ ଆଉ ଦୁଇବର୍ଷ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ପୂର୍ବରୁ ତାଙ୍କ କାର୍ଯ୍ୟକାଳ ଗୋଟିଏ ବର୍ଷ ବୃଦ୍ଧି କରାଯାଇଥିବା ବେଳେ ପୁନର୍ବାର ଦୁଇ ବର୍ଷ ପାଇଁ କାର୍ଯ୍ୟକାଳ ବୃଦ୍ଧି ପାଇଛି। ତାଙ୍କ କାର୍ଯ୍ୟକାଳ ବୃଦ୍ଧିକୁ କ୍ୟାବିନେଟ୍ ନିଯୁକ୍ତି କମିଟି ମଞ୍ଜୁର ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୩୧ ତାରିଖର ଆଇଏମ୍‌ଡି ଡିଜି ଭାବେ ତାଙ୍କର କାର୍ଯ୍ୟକାଳ ଶେଷ ହେବାର ଥିଲା। ଏହା ପୂର୍ବରୁ କେନ୍ଦ୍ର ସରକାର ତାଙ୍କ ନିଯୁକ୍ତିକୁ ବୃଦ୍ଧି କରିଛନ୍ତି। ଡଃ ମହାପାତ୍ର ୨୦୧୯ ମସିହାରେ ନୂଆଦିଲ୍ଲୀର ଆଇଏମ୍‌ଡି ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଭାରତର ବାତ୍ୟାର ପୂର୍ବାନୁମାନ କ୍ଷେତ୍ରରେ ଆଇଏମ୍‌ଡି ଓ ଡଃ ମହାପାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କ୍ରମରେ ଗତ ଜୁନ୍ ମାସରେ ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ବିପର୍ଯ୍ୟୟ ପରିଚାଳନାରେ ନେତୃତ୍ୱକୁ ସ୍ୱୀକୃତି ସ୍ୱରୂପ ମିଳିତ ଜାତିସଂଘର 'ସାସାକାୱା' ପୁରସ୍କାର ପ୍ରଦାନ କରାଯାଇଥିଲା। ଡକ୍ଟର ମହାପାତ୍ର ଚାଷୀ, ଉପକୂଳବାସୀ, ମତ୍ସ୍ୟଜୀବୀ ଏବଂ ଜରୁରୀକାଳୀନ ସେବାରେ ନିୟୋଜିତ ବ୍ୟକ୍ତିଙ୍କ ପାଇଁ ପାଣିପାଗ ସତର୍କସୂଚନା ପ୍ରଦାନ ଓ ଏହାର ପ୍ରସାର କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି।

## ଆଜିର ରାଶିଫଳ

**ମେଷ:** କୋର୍ଟକଚେରୀ ମାମଲାରୁ ଆଶ୍ୱସ୍ତି ମିଳିପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। ମହିଳାମାନେ ଆଳସ୍ୟତା ଅନୁଭବ କରିବେ। ନୂତନ ନିବେଶରୁ କ୍ଷତିଗ୍ରସ୍ତ ହୋଇପାରନ୍ତି।

**ବୃଷ:** ବିଭିନ୍ନ କାର୍ଯ୍ୟରୁ ସଫଳତା ମିଳିବ। କର୍ମକ୍ଷେତ୍ରରେ ଦକ୍ଷତା ପ୍ରମାଣିତ ହେବ । ପରିବାରର ସହାୟତା ପାଇବେ । ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଏତେ ଭଲ ନୁହେଁ।

**ମିଥୁନ:** କୌଣସି ଜରୁରି କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଦାମ୍ପତ୍ୟ ଜୀବନରେ ସମନ୍ୱୟ ରହିବ। ଜୀବନରେ ଆଗକୁ ବଢ଼ିବା ପାଇଁ ସୁଯୋଗ ପାଇବେ। ସନ୍ତାନଙ୍କ ସହ ମୂଲ୍ୟବାନ ସମୟ କଟାଇବେ।

**କର୍କଟ:** ପରିବାର ସମ୍ବନ୍ଧରେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଆର୍ଥିକ ଉନ୍ନତି ପାଇଁ ନୂଆ ଉପାୟ ମିଳିବ। ଲଗାତାର ଚେଷ୍ଟା କରି ସଫଳତା ପାଇବେ। ପଡୋଶୀଙ୍କ ସହ ଭୁଲ୍‌ବୁଝାମଣା ହୋଇପାରେ।

**ସିଂହ:** ଗୁରୁଜନଙ୍କ ପରାମର୍ଶ ନେଇ କାମ ଆରମ୍ଭ କରିବେ। ବ୍ୟବସାୟରେ ସଫଳତା ପାଇବେ। ଦୂରଯାତ୍ରା ପାଇଁ ସୁଯୋଗ ରହିଛି। ପିଲାମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**କନ୍ୟା:** କ୍ୟାରିୟର ପାଇଁ ନୂତନ ଦିଗନ୍ତ ପାଇବେ। କାର୍ଯ୍ୟକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ। ପ୍ରେମ ଓ ଦାମ୍ପତ୍ୟ ଜୀବନ ମଧୁର ରହିବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ତୁଳା:** କୌଣସି କାର୍ଯ୍ୟରେ ସଫଳତା ନପାଇ ନିରାଶ ରହିପାରନ୍ତି। ସୃଜନଶୀଳ କଳା ପ୍ରତି ଆଗ୍ରହ ବୃଦ୍ଧି ପାଇବ। ମହିଳାମାନେ ଉଚିତ ନିଷ୍ପତ୍ତି ଗ୍ରହଣ କରିପାରିବେ। ନୂତନ ଜମିକ୍ରୟ କରିପାରନ୍ତି।

**ବିଛା:** ଅଟକି ରହିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ। ମାନସିକ ଅବସାଦ ବଢ଼ିବ। ପରୀକ୍ଷାର୍ଥୀଙ୍କ ପାଇଁ ଦିନଟି ବହୁତ ଭଲ।

**ଧନୁ:** ପାରିବାରିକ ସମ୍ପର୍କ ମଜଭୁତ ହେବ। ଆର୍ଥିକ ଲାଭ ପାଇବାର କିଛି ସୁଯୋଗ ପାଇବେ। ଜୀବନସାଥୀଙ୍କ ପରାମର୍ଶକ୍ରମେ କାର୍ଯ୍ୟ କରିବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ଆଗକୁ ବଢ଼ିବ।

**ମକର:** ପରିବାର ସହିତ ଆନନ୍ଦଭରା ସମୟକୁ ଅତିବାହିତ କରିବେ। ମହିଳାମାନେ ସ୍ୱାଭିମାନୀ ହୋଇ କାର୍ଯ୍ୟ କରିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** କର୍ମସ୍ଥଳୀରେ କିଛି ନୂତନ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହେବେ। ସୁଯୋଗର ସଠିକ୍ ଉପଯୋଗ କରିବେ। ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ଉଧାର ଟଙ୍କା ଫେରିପାଇବେ।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ। ଉଧାର ଟଙ୍କା ଫେରି ପାଇବେ।

## ଆଜିର ଇତିହାସ

- ୧୭୭୫- ବଙ୍ଗ ନବାବଙ୍କ ଅଧିକାରୀ ନନ୍ଦ କୁମାରଙ୍କୁ କଲିକତାରେ ଫାଶୀ ଦିଆଗଲା।
- ୧୯୧୪- ଆମେରିକାରେ ପ୍ରଥମ ଇଲେକ୍ଟ୍ରିକ୍ ଟ୍ରାଫିକ୍ ଲାଇଟ୍ ଲଗାଗଲା।
- ୧୯୬୩- ରୁଷ୍, ବ୍ରିଟେନ୍, ଆମେରିକା ମସ୍କୋରେ ପରମାଣୁ ପରୀକ୍ଷଣ ନିଷେଧ ସନ୍ଧି କଲେ।
- ୧୯୭୪- ବଲିଉଡ୍ ଅଭିନେତ୍ରୀ କାଜଲଙ୍କ ଜନ୍ମ।
- ୨୦୧୧- ନାସାର ବୈଜ୍ଞାନିକମାନେ ମଙ୍ଗଳ ଗ୍ରହରେ ପାଣିଥିବା କଥା ସାଇନ୍ସ ପତ୍ରିକାରେ ଦାବି କଲେ।



# ନିଆରା ପଦକ୍ଷେପ

ରାସ୍ତାର ଦୁଇ ପାର୍ଶ୍ୱରେ, ପାର୍କଗୁଡ଼ିକରେ ଫୁଲ ଗଛଠାରୁ ଆରମ୍ଭ କରି ଫଳ ଗଛ ସବୁ ଲାଗିଥାଏ। ହେଲେ ଏସବୁ ସ୍ଥାନରୁ ଗଛରୁ ଲୋକଙ୍କୁ ଫୁଲ କି ଫଳ ତୋଳିବାକୁ ବାରଣ କରାଯାଏ। ତେବେ ନ୍ୟୁଜିଲାଣ୍ଡରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳେ। ବୃକ୍ଷରୋପଣକୁ ନେଇ ଏଠାରେ ଏକ ନିଆରା ତଥା ମହାନ ପଦକ୍ଷେପ ଗ୍ରହଣ କରାଯାଇଛି। ଏଠାରେ ଫୁଟ୍‌ପାଥ ଓ ପାର୍କ ଭଳି ସର୍ବସାଧାରଣ ସ୍ଥାନରେ ଲୋକଙ୍କ ଖାଇବା ଉଦ୍ଦେଶ୍ୟରେ ଫଳ ଗଛ ଲଗାଯାଏ। ଅବଶ୍ୟ ଏଭଳି କରିବା ପଛରେ ମହତ ଉଦ୍ଦେଶ୍ୟ ରହିଛି। ରାସ୍ତାରେ ଯିବାବେଳେ କାହାକୁ ଭୋକ ଲାଗିଲେ ଏହି ଗଛଗୁଡ଼ିକରୁ ଲୋକେ ଫଳ ତୋଳି ନିଜ କ୍ଷୁଧା ମେଣ୍ଟାଇ ପାରିବେ। ନ୍ୟୁଜିଲ୍ୟାଣ୍ଡରେ ଏହି 'ଫୁଡ୍ ଫରେଷ୍ଟ'ଟ୍ରେଣ୍ଡ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ଏହା ମାଧ୍ୟମରେ ଲୋକଙ୍କୁ ମାଗଣାରେ ତାଜା ଫଳ ଖାଇବାର ସୁଯୋଗ ମିଳିପାରୁଛି। ସେଓ, କୋଳି, କଦଳୀ ଭଳି ଅନ୍ୟାନ୍ୟ ଫଳଗଛ ସବୁ ସ୍ଥାନୀୟ କାଉନସିଲ ଏବଂ କମ୍ୟୁନିଟି ଟ୍ରଷ୍ଟର ସମର୍ଥନରେ ଲଗାଯାଏ। ଖାଦ୍ୟ କିଣିବାକୁ ଅସମର୍ଥ ଲୋକଙ୍କ ପାଇଁ ଏହା ଏବେ ଏକ ଉତ୍ତମ ବିକଳ୍ପ ହୋଇପାରିଛି। ଏହାଦ୍ୱାରା ଏକଥା ସୁନିଶ୍ଚିତ କରାଯାଏ ଯେ, କେହି ଯେମିତି କ୍ଷୁଧା ଯୋଗୁ ମୃତ୍ୟୁବରଣ କରିବେ ନାହିଁ। ସେହିପରି ସ୍ଥାନୀୟ ଲୋକେ ମିଳିମିଶି ଏହି ଗଛଗୁଡ଼ିକର ଯତ୍ନ ନିଅନ୍ତି। ଫଳ ତଳେ ପଡ଼ି ନଷ୍ଟ ହେବା ପରିବର୍ତ୍ତେ ଏହାଦ୍ୱାରା ଉପଯୋଗରେ ଆସିପାରୁଥିବା କୁହାଯାଉଛି। ଏହିପରି ଭାବେ ଖାଦ୍ୟ ନଷ୍ଟ ବି ଏକପ୍ରକାର ରୋକା ଯାଉଛି। ଏହାବାଦ୍ ଉକ୍ତ ପଦକ୍ଷେପ ଲୋକଙ୍କୁ ଖାଦ୍ୟ ଉତ୍ସ, ଋତୁକାଳୀନ ଫଳ, ଏବଂ ପ୍ରକୃତି ସହିତ ଥିବା ସମ୍ବନ୍ଧ ବାବଦରେ ଶିକ୍ଷା ପ୍ରଦାନ କରୁଛି। ଏହି ପଦକ୍ଷେପ ସ୍ଥାନୀୟ ଅର୍ଥବ୍ୟବସ୍ଥାକୁ ବି ବୃଦ୍ଧି କରିବାରେ ସହାୟକ ହେଉଛି। ଗଛରୁ ମିଳୁଥିବା ଅତିରିକ୍ତ ଫଳକୁ ସ୍ଥାନୀୟ ବଜାରରେ ବିକ୍ରି କରାଯାଏ। ଏହିପରି ଭାବେ ସ୍ୱଳ୍ପସ୍ତରରେ ଏହା ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବା ଦିଗରେ ବି କାର୍ଯ୍ୟ କରୁଛି। ସ୍ଥାନୀୟ ଲୋକେ ଏହି ଗଛଗୁଡ଼ିକର ଯତ୍ନ ନେବା ପାଇଁ 'ବୃକ୍ଷ ରକ୍ଷକ' ଭାବରେ କାର୍ଯ୍ୟ କରୁଛନ୍ତି। ଏହି ପଦକ୍ଷେପ କେବଳ ଖାଦ୍ୟର ସଦୁପଯୋଗକୁ ପ୍ରୋତ୍ସାହିତ କରୁ ନାହିଁ, ବରଂ ସାମୁଦାୟିକ ଭାବନା ଏବଂ ସହଭାଗିତା ଦାୟିତ୍ୱବୋଧକୁ ବି ପ୍ରୋତ୍ସାହିତ କରୁଛି।

# 'ସୈୟାରା' ପାଇଁ ଅଟକିଛି କାର୍ତ୍ତିକ୍‌ଙ୍କ ଫିଲ୍ମ



ବକ୍ସ ଅଫିସ୍‌ରେ ସୁନାମି ଆଣିଛି 'ସୈୟାରା' ଫିଲ୍ମ। ଆହାନ ପାଣ୍ଡେ ଓ ଅନୀତ୍ ପଡ୍ଡାଙ୍କ ଏହି ଫିଲ୍ମ ରିଲିଜ୍ ହେବାର ୯ ଦିନ ମଧ୍ୟରେ ୩୦୦ କୋଟି କ୍ଲବ୍‌ରେ ପହଞ୍ଚିଥିଲା। 'ସୈୟାରା'ର ସଫଳତାକୁ ଦେଖି ଅନେକ ଫିଲ୍ମ ନିର୍ମାତା ସେମାନଙ୍କ ଫିଲ୍ମକୁ ଆଉ ଏବେ ରିଲିଜ୍ କରିବାକୁ ଚାହୁଁନାହାନ୍ତି। ଅନୁରାଗ ବସୁ, କାର୍ତ୍ତିକ୍ ଆର୍ୟନ୍ ଓ ଶ୍ରୀଲୀଲାଙ୍କୁ ନେଇ ଏକ ରୋମାଣ୍ଟିକ୍ ଫିଲ୍ମ ନିର୍ମାଣ କରୁଛନ୍ତି। ଫିଲ୍ମର କାହାଣୀ ମଧ୍ୟ ଲେଖା ସରିଥିଲା। କିନ୍ତୁ ଫିଲ୍ମର କାହାଣୀ କିଛି ମାତ୍ରାରେ 'ସୈୟାରା' ସହ ମିଶି ଯାଉଥିବାରୁ ପୁଣିଥରେ ଅନୁରାଗ ଏହାର କାହାଣୀ ଲେଖୁଥିବା ଚର୍ଚ୍ଚା ହେଉଛି। କିନ୍ତୁ ଅନୁରାଗ ଏହି କଥାକୁ ଖଣ୍ଡନ କରିବା ସହ ସେ କହିଛନ୍ତି, 'ମୁଁ ପୁଣିଥରେ ଫିଲ୍ମର କାହାଣୀ ଲେଖୁନାହିଁ କି ଫିଲ୍ମର ରିସୁଟ୍ ମଧ୍ୟ ହେଉ ନାହିଁ। ଦୁଇଟି ଫିଲ୍ମରେ ଗୋଟିଏ ସମାନତା ରହିଛି ତାହା ହେଲା ଦୁଇଟି ଫିଲ୍ମର ହିରୋ ରକ୍‌ଷ୍ଟାର୍ ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମର ସୁଟିଂ କାର୍ତ୍ତିକ୍‌ଙ୍କ ଲୁକ୍ ପାଇଁ ହିଁ ଅଟକିଛି। ଏବେ କାର୍ତ୍ତିକ୍ 'ତୁ ମେରା ମେ ତେରି ମେ ତେରି ତୁ ମେରା'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ତାଙ୍କ ଲୁକ୍ ଅଲଗା ରହିଛି।' ଅନୁରାଗଙ୍କ ଏହି ଫିଲ୍ମ ଦୀପାବଳି ଅବସରରେ ରିଲିଜ୍ ହେବ ବୋଲି ପୂର୍ବରୁ କୁହାଯାଉଥିଲା। ଏଯାବତ୍ ଫିଲ୍ମର ୪୦% ସୁଟିଂ ସରିଛି। ତେଣୁ ଏହା ଆସନ୍ତା ବର୍ଷ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି।

# ଶଳାର ପୁଅ ହେଲେ ଚିନି ବାଣ୍ଟନ୍ତି ଭିଣୋଇ

ବିଶ୍ୱର ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ପରମ୍ପରା ଓ ସଂସ୍କୃତି ଦେଖିବାକୁ ମିଳେ। ତନ୍ମଧ୍ୟରୁ କିଛି ସ୍ଥାନରେ ଏମିତି ଅଜବ ପରମ୍ପରା ରହିଛି ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଏହି କ୍ରମରେ ମଧ୍ୟପ୍ରଦେଶ, ବୁରହାନପୁର ଜିଲ୍ଲାର ଶ୍ରୀ ଗୁର୍ଜର ସାଲୀ ସକଳ ପଞ୍ଚ ସମାଜରେ ଏକ ଅଜବ ପରମ୍ପରା ଦେଖିବାକୁ ମିଳେ। ସାଧାରଣତଃ ଘରେ ଝିଅ କି ପୁଅଟିଏ ଜନ୍ମ ହେଲେ ବାପା ମାମାନେ ଖୁସିରେ ସାହି ପଡ଼ିଶାରେ ମିଠା ବାଣ୍ଟି ଥାନ୍ତି। ଏମିତି ବି ଅନେକ ଅଛନ୍ତି ଯେଉଁମାନେ ପୁଅ ଜନ୍ମ ହେଲେ ପୁରା ଗାଁ ଯାକ ମିଠା ବାଣ୍ଟିଥାନ୍ତି। ହେଲେ ମଧ୍ୟପ୍ରଦେଶର ଉକ୍ତ ସମ୍ପ୍ରଦାୟରେ ପରମ୍ପରା ଅନୁଯାୟୀ, ଶଶୁରଘରେ ଶଳାର ପୁଅ ହେଲେ ଭିଣୋଇମାନେ ମିଠା ବଦଳରେ ଚିନି ବାଣ୍ଟନ୍ତି। ଏଥିପାଇଁ ଭିଣୋଇମାନେ ବ୍ୟାଣ୍ଡ ବାଜା ସହ ରୋଶଣି କରି ସାହି ବୁଲି ଚିନି ବାଣ୍ଟିଥାନ୍ତି। ତେବେ ଘର ପିଛା ଗିନାଏ ଚିନି ତଥା ୨୦୦ ଗ୍ରାମ୍ ଚିନି ବାଣ୍ଟି ସାହି ଲୋକଙ୍କୁ ଏକ ସାମୂହିକ ଭୋଜନ ପାଇଁ ନିମନ୍ତ୍ରଣ କରାଯାଇଥାଏ। ଏନେଇ ଜଣେ ସ୍ଥାନୀୟ ବାସିନ୍ଦା ରାଜୁ ଜରିଓ୍ୱାଲାଙ୍କ କହିବାନୁସାରେ, 'ଏହି ପ୍ରଥା ପାଖାପାଖି ୫୦୦ ବର୍ଷ ପୁରୁଣା । ପିଢ଼ି ପରେ ପିଢ଼ି ଆମେ ଏହି ପରମ୍ପରାକୁ ପାଳନ କରି ଆସୁଛୁ। ତେଣୁ ଯେତେବେଳେ ଶଶୁରଘରେ ଶଳାର ପୁଅ ହୁଏ ସେ ଘରର ଜ୍ୱାଇଁ ତଥା ଭିଣୋଇ ନିଜ ସଞ୍ଚିତ ଅର୍ଥରୁ ଚିନି ବସ୍ତା କିଣି ପୂରା ସାହିଭାଇରେ ବାଣ୍ଟନ୍ତି। ଚିନି ଦେଇଥିବା ଘରକୁ ନିମନ୍ତ୍ରଣ ମଧ୍ୟ କରିଥାନ୍ତି। ଏହା ପରେ ଶଶୁରଘର ପକ୍ଷରୁ ସାମୂହିକ ଭୋଜନ ବ୍ୟବସ୍ଥା କରାଯାଇଥାଏ।' ଅବଶ୍ୟ ଏଠାରେ ଲୋକେ ପୁଅ ଜନ୍ମ ହେବା ଖୁସିରେ ଏପରି ଆୟୋଜନ କରିଥାନ୍ତି। ତେବେ ଜ୍ୱାଇଁ ବ୍ୟାଣ୍ଡ ବାଜା ସହିତ ଚିନି ବାଣ୍ଟୁଥିବାର ଦୃଶ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଅନ୍ୟପଟେ ପୁଅ ଜନ୍ମ ପାଇଁ ଜ୍ୱାଇଁ ଯେଉଁ ଚିନି ବାଣ୍ଟିଥାନ୍ତି ସେଥିରେ ପାଖ ପଡ଼ୋଶୀମାନେ ଚା' ବନାଇ ପିଅନ୍ତି। ସେମାନଙ୍କ ପାଇଁ ଏହା ମିଠାର ବିକଳ୍ପ।






# ବର୍ଷାରେ ଫସଲର ଯତ୍ନ

**ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ଲଗାଣ ବର୍ଷା ଲାଗି ରହୁଛି। ଏଥିଯୋଗୁଁ ଫସଲରେ ଜଳ ଜମି ରୋଗପୋକ ଲାଗିପାରେ। ଜଳମଗ୍ନ ଫସଲ ନଷ୍ଟ ହେବାର ଆଶଙ୍କା ଅଧିକ ଥାଏ। ତେଣୁ ଚାଷୀମାନେ ଫସଲରେ ପାଣି ଜମିଥିଲେ କିପରି ସୁରକ୍ଷା ପ୍ରଦାନ କରିବେ ଜାଣିବା...**



**ଜଳନିଷ୍କାସନ:** ବର୍ଷାଦିନେ ଫସଲରେ ଜଳ ଜମି ଗଛ ସଢ଼ିଯାଏ। ଫସଲକୁ ବିଭିନ୍ନ ପୋକ ଆକ୍ରମଣ କରନ୍ତି। ତେଣୁ ପ୍ରଥମେ ଫସଲରୁ ଜଳ ନିଷ୍କାସନ ବନ୍ଦୋବସ୍ତ କରିବା ଆବଶ୍ୟକ। କୁଣ୍ଡରୁ ଜଳ ନିଷ୍କାସନ ପାଇଁ ମଧ୍ୟ ବନ୍ଦୋବସ୍ତ ଜରୁରି। ବର୍ଷାପରେ ପତ୍ରରେ ଲାଗିଥିବା ମଳିକୁ ସଫା କରିବା ଦ୍ୱାରା ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ବାଧା ଉପୁଜି ନ ଥାଏ।

**ଫିମ୍ପିଜନିତ ସମସ୍ୟା:** ଗଛମୂଳେ ପାଣି ଜମି ଗଛ ହଳଦିଆ ପଡ଼ିବା ସହ ଗଛ ଝାଉଁଳି ମରି ଯାଇଥାଏ। କାଣ୍ଡ ଅଂଶ ପଚିଯାଇଥାଏ। ତେଣୁ ଏହି ଫିମ୍ପିଜନିତ ସମସ୍ୟା ପରିଲକ୍ଷିତ ହେଉଥିଲେ, କପର ଅକ୍ସିକ୍ଲୋରାଇଡ୍ ଏକ ଲିଟର ପିଛା ପାଞ୍ଚ ଗ୍ରାମ ସିଞ୍ଚନ କରିବା ଆବଶ୍ୟକ। ମାଟିରୁ ଫିମ୍ପି ସମସ୍ୟା ଦୂର କରିବାକୁ ନୂଆ ମାଟି ବ୍ୟବହାର ଜରୁରି। ବର୍ଷାଦିନେ ମାଟିରେ ଆର୍ଦ୍ରତା ଅଧିକ ଥାଏ। ତେଣୁ ମାଟି ନ ଶୁଖିବା ଯାଏଁ ଜଳ ସିଞ୍ଚନ କରିବା ଅନୁଚିତ। ଏତଦ୍‌ଭିନ୍ନ ଗଛଲତାରେ ଉର୍ବରକ, ନିମ୍ବତେଲ ପ୍ରୟୋଗ କରିବା ସର୍ବୋତ୍ତମ। ନିମ୍ବ ତେଲ ବଦଳରେ ନିମ୍ବ ପତ୍ରକୁ ପାଣିରେ ଫୁଟାଇ ସେହି ପାଣିକୁ ଅନୁମୋଦିତ ହାରରେ ବ୍ୟବହାର କରାଯାଇପାରିବ।

**ପୋକ ପ୍ରାଦୁର୍ଭାବ ନିୟନ୍ତ୍ରଣ:** ବର୍ଷାରେ ଗଛକୁ ବିଭିନ୍ନ ପ୍ରକାର ପୋକ ଆକ୍ରମଣ କରିଥାନ୍ତି। ଏଥିରୁ ବର୍ତ୍ତିବା ପାଇଁ ଏକର ପ୍ରତି ନିମ୍ବନାଶକ କୀଟନାଶକ ୧୫୦୦ ପିପିଏମ୍ ୬୦୦ମିଲିକୁ ୨୦୦ ଲିଟର ପାଣିରେ ମିଶାଇ ଗଛରେ ସିଞ୍ଚନ କରିପାରିବେ। ଫସଲରେ ଆଲୋକ ଯନ୍ତା ତଥା ଅଠାଳିଆ ଯନ୍ତା ବସାଇବା ସହ ଜୈବିକ ପ୍ରଣାଳୀରେ କୀଟ ନିୟନ୍ତ୍ରଣ କରାଯାଏ।

**ମାତ୍ରାଧିକ ସାର ପ୍ରୟୋଗକୁ ନା:** ବର୍ଷା ଯୋଗୁଁ ମାଟିର ପୋଷକତତ୍ତ୍ୱ ହ୍ରାସ ପାଏ। ତେଣୁ ନିର୍ଦ୍ଦିଷ୍ଟ ଅନ୍ତରରେ ଖତ ତଥା ଜୈବିକ ଖତ ଉପଯୋଗ କରିପାରିବେ। ଗଛକୁ ଭଲ ଭାବେ ସୂର୍ଯ୍ୟକିରଣ ପଡ଼ିବାକୁ ବନ୍ଦୋବସ୍ତ ଆବଶ୍ୟକ। ମଝିରେ ମଝିରେ ଗଛର ତଳ ପତ୍ରକୁ କାଟିବା ଦ୍ୱାରା ଗଛ ମୂଳରେ ପାଣି ଜମିବା ଭୟ କମ୍ ହୁଏ। ଏହି ଦିନରେ ଗଛମୂଳରେ ମାତ୍ରାଧିକ ସାର ବା କୀଟନାଶକ ପ୍ରୟୋଗ ଅନୁଚିତ। ବର୍ଷା ସମୟରେ କୀଟନାଶକ, ତୃଣନାଶକ କିମ୍ବା ସାର ପ୍ରୟୋଗ ଆଦୌ ଭଲ ନୁହେଁ। ତେଣୁ ଶୁଖିଲା ପାଗରେ ସନ୍ଧ୍ୟା ସମୟରେ ସାର ସିଞ୍ଚନ କରିପାରିବେ। କୁଣ୍ଡରେ ଗଛ ଲଗାଉଥିଲେ, ତିନି ଭାଗ ମାଟି ଏବଂ ଏକ ଭାଗ ଖତ ମିଶାଇବା ଜରୁରି। ୧୦ ଦିନ ଅନ୍ତରରେ ଗଛରେ ଫିମ୍ପିନାଶକ ସିଞ୍ଚନ କରିପାରିବେ।

# ଯନ୍ତ୍ର ତୋଳିବ ଚା' ପତ୍ର



ଚା' ଉତ୍ପାଦନରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତରେ ଦାର୍ଜିଲିଂ, ଆସାମ, କୋଲୁକୁମାଲାଇ, ପାଲମପୁର, ମୁନ୍ନାର, ନୀଳଗିରିରେ ଚା' ଚାଷ ହୁଏ। ଚା'ଚାଷ ପାଇଁ ମୃତ୍ତିକା, ଜଳବାୟୁ ବେଶ ଗୁରୁତ୍ୱପୂର୍ଣ୍ଣ। ତେବେ ଚା' ପତ୍ର ତୋଳାଳିଙ୍କୁ ମୁଖ୍ୟତଃ ଚା ପତ୍ର ତୋଳିବାରେ ସମସ୍ୟା ଅଧିକ ହୋଇଥାଏ। ଏଥିପାଇଁ ଅଧିକ ଖର୍ଚ୍ଚ ମଧ୍ୟ ହୁଏ। ହେଲେ ଏହି ସମସ୍ୟାକୁ ଏବେ ଦୂର କରୁଛି ସ୍ୱୟଂଚାଳିତ ହାଇଡ୍ରୋଲିକ୍ ମେସିନ୍। ଏହି ଯନ୍ତ୍ରଟି ଶ୍ରମିକଙ୍କ କାମକୁ ସହଜ କରିପାରିବ। ଏହାଦ୍ୱାରା ଶ୍ରମ ହ୍ରାସ ସହିତ ସମୟ ମଧ୍ୟ ବଞ୍ଚି ପାରିବ। ଏହି ଯନ୍ତ୍ରରେ ଟ୍ରାନ୍ସମିଶନ ଏବଂ କୁଲିଂ ପ୍ରଣାଳୀର ଫିଚର୍ସ ସଂଯୋଗ କରାଯାଇଥିବାରୁ ଏହା ମେସିନ୍‌ର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିଥାଏ। ସେହିପରି ଏଥିରେ ଥିବା ଡିସ୍କ-ଟାଇପ୍ ନେଗେଟିଭ ବ୍ରେକ୍ ପ୍ରଣାଳୀ ଯନ୍ତ୍ରକୁ ସୁରକ୍ଷିତ ଏବଂ ସ୍ଥିର କରିଥାଏ। ଏହି ଯନ୍ତ୍ରର ଉଚ୍ଚତା ୧.୪ ମିଟର। ବିଭିନ୍ନ ଫସଲର ଆକାର ଅନୁସାରେ କାମ କରିବାକୁ ଏହାକୁ ଡିଜାଇନ୍ କରାଯାଇଛି। ଏହି ଯନ୍ତ୍ରଟି ପ୍ରତି ଘଣ୍ଟା ୨୦ କିମି କାମ କରିଥାଏ। ଏହି ଯନ୍ତ୍ରର ଆଉ ଏକ ସ୍ୱତନ୍ତ୍ରତା ହେଉଛି, ଏହା ପରିବେଶ ଅନୁକୂଳ। ଏହି ଯନ୍ତ୍ର ଶବ୍ଦ ଧ୍ୱନିପ୍ରଦୂଷଣ କମ୍ କରି ବେଶ୍ ଶାନ୍ତ ଭାବେ କାମ କରିଥାଏ।

# ପ୍ରସୂତି ଜ୍ୱର



ଆମ ରାଜ୍ୟର ଅଧିକାଂଶ ଚାଷୀ ଗୋ- ପାଳନ କରନ୍ତି। ଗୋ ପାଳନରେ ସଠିକ୍ ଦେଖାରଖା ନିତାନ୍ତ ଜରୁରି। ତେବେ ଦୁଧିଆଳିଗାଈଙ୍କଠାରେ ବିଭିନ୍ନ ରୋଗ ଦେଖାଯାଉଥିବାବେଳେ ତନ୍ମଧ୍ୟରୁ ପ୍ରସୂତି ଜ୍ୱର ଏକ ମୁଖ୍ୟ ସମସ୍ୟା। ଏହାର ନାଁ ପ୍ରସୂତି ଜ୍ୱର ହୋଇଥିଲେ ମଧ୍ୟ ଏଥିରେ ଜ୍ୱର ନ ଥାଏ। ଗାଈଙ୍କ ଶରୀରର ତାପମାତ୍ରା ସାଧାରଣ ତାପମାତ୍ରାଠାରୁ କମ୍ ଥାଏ। ସାଧାରଣତଃ ଗାଈ, ମଇଁଷି ପ୍ରସବ କଲା ପରେ ଏହି ପ୍ରସୂତି ଜ୍ୱର ହୋଇପାରେ। ପାଣିପାଗ ସହିତ ଏହାର କିଛି ସମ୍ପର୍କ ନ ଥାଏ। ତେଣୁ ଗାଈ ଓ ମଇଁଷି ପ୍ରସବ ପରେ ସେମାନଙ୍କର ଦେଖାଶୁଣା କରିବା ନିହାତି ଆବଶ୍ୟକ। ପ୍ରସୂତି ଜ୍ୱରରେ ଆକ୍ରାନ୍ତ ପ୍ରାଣୀ ମୁଖ୍ୟତଃ ପ୍ରାଥମିକସ୍ତରରେ ଅସ୍ଥିର ହୋଇଯାଆନ୍ତି। ପରେ ଶାରୀରିକ କମ୍‌ଜୋର ହୋଇ ତଳେ ପଡ଼ି ଯାଆନ୍ତି। ଖାଦ୍ୟଗ୍ରହଣ କରନ୍ତିନି। ଗୋଟିଏ ପାଖକୁ ମାଡ଼ିକି ଶୁଅନ୍ତି କିମ୍ବା ବସିଲା ଭଳି ଅବସ୍ଥାରେ ରହି ନିଜ ଥୋମଣିଟିକୁ ବେକ ବଙ୍କେଇ ପେଟ ପାଖରେ ରଖନ୍ତି। ଏହା ସବୁ ଏହି ରୋଗର ଲକ୍ଷଣ। ତେଣୁ ଏପରି ଲକ୍ଷଣ ଦେଖାଗଲେ, ଡାକ୍ତରଙ୍କ ପରାମର୍ଶକ୍ରମେ କ୍ୟାଲ୍‌ସିୟମ ବୋରୋଗ୍ଲୁକୋନେଟ ଔଷଧ ଦେଇ ପାରିବେ। ଆବଶ୍ୟକସ୍ଥଳେ ପ୍ରାଣୀଙ୍କୁ ସାଲାଇନ୍ ଦିଆଯାଇଥାଏ। ଡାକ୍ତରଙ୍କ ତତ୍ତ୍ୱାବଧାନରେ ପ୍ରାଣୀଟିର ଚିକିତ୍ସା କରିବାର କଛି ଘଣ୍ଟା ମଧ୍ୟରେ ପ୍ରାଣୀ ସତେଜ ହୋଇଯାଆନ୍ତି। ସଳଖି ଛିଡ଼ା ହୋଇ ପାରନ୍ତି । ତେଣୁ ପ୍ରସବ ପୂର୍ବରୁ ସନ୍ତୁଳିତ ଖାଦ୍ୟ ଦେବା ଦରକାର। ସନ୍ତୁଳିତ ଖାଦ୍ୟପେୟରେ ଦାନା-ମିଶ୍ରଣ, ସବୁଜ ଚାରା, ଶୁଖିଲା ଚାରା ଦିଆଯାଇ ପାରିବ। ଦାନା ମିଶ୍ରଣରେ ଦୁଇ ପ୍ରତିଶତ ଉଚ୍ଚ ଗୁଣବତ୍ତା ଖଣିଜ ଲବଣ ଗର୍ଭବସ୍ଥାର ଆଠମାସ ପର୍ଯ୍ୟନ୍ତ ଦେଇପାରିବେ। ଏହା ପରେ ବନ୍ଦ କରିବା ଆବଶ୍ୟକ। ପ୍ରସବ ପରେ ପୁଣି ପ୍ରାଣୀଙ୍କୁ ଉପରୋକ୍ତ ଖାଦ୍ୟ ଦେବା ଆରମ୍ଭ କରିପାରିବେ।

# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଖାଲୁଆ ଜମିରେ, ଧାନ ଯଦି ୨୧ ଦିନର ହୋଇ ଯାଇଥାଏ, ତେବେ ମୁଖ୍ୟ ଜମିରେ ପ୍ରତିରୋପଣ କରିଦିଅନ୍ତୁ।
- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରି ଦିଅନ୍ତୁ। ବେଉଷଣ ପରେ ଏକର ପ୍ରତି ୩୫ କିଗ୍ରା ୟୁରିଆ ଶୀର୍ଷ ସାର ପ୍ରୟୋଗ କରନ୍ତୁ।
- ବର୍ଷା ଯୋଗୁଁ ଫସଲରେ ପତ୍ରପୋଡ଼ା, ଝାଉଁଳା ଓ ମୂଳସଢ଼ା ଦେଖା ଦେବାର ସମ୍ଭାବନା ଅଛି। ତେଣୁ ବର୍ଷା ଛାଡ଼ିଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ ମେଟାଲାକ୍ସିଲ+ମାଙ୍କୋଜବ କିମ୍ବା ୨ ଗ୍ରାମ କାର୍ବେଣ୍ଡାଜିମ୍ +ମାଙ୍କୋଜେବ ଓ ୧ ଗ୍ରାମ ପ୍ଲାଣ୍ଟୋମାଇସିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ମକା ମଞ୍ଜି ବୁଣିବାର ୨୦ରୁ ୨୫ ଦିନ ହୋଇଯାଇଥିଲେ ଘାସ ବାଛି ଜମିକୁ କୋଡ଼ାଖୋସା କରି ହୁଡ଼ା ଟେକି ଦିଅନ୍ତୁ। ଏହି ସମୟରେ ଏକର ପ୍ରତି ୫୫ କିଗ୍ରା ୟୁରିଆ ସାର ପ୍ରୟୋଗ କରନ୍ତୁ।
- ମୁଗ ଓ ବିରି ଫସଲରେ ମଞ୍ଜି ବୁଣିବା ସମୟରେ ପ୍ରାକ-ତୃଣକମାରୀ ପ୍ରୟୋଗ କରିନଥିଲେ ମଞ୍ଜି ବୁଣିବାର ୧୫ ଦିନ ମଧ୍ୟରେ ଏକର ପ୍ରତି ୩୦୦ ମିଲି ଇମାଜିଥାଇପର କିମ୍ବା ୪୦୦ ମିଲି କୁଇଜାଲୋଫପ୍ ଇଥାଇଲ୍ ନାମକ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍

# ଶେଷ ଟେଷ୍ଟରେ ଭାରତର ରୋମାଞ୍ଚକ ବିଜୟ



ଓଭାଲ,ଲଣ୍ଡନ, ୪।୮ (ଏଜେନ୍ସି)

ଘରୋଇ ଦଳର ଅଲରାଉଣ୍ଡର ଗସ୍ ଆଟକିନସନଙ୍କୁ ବୋଲ୍ଡ ଆଉଟକରି ମହମ୍ମଦ୍ ସିରାଜ ଇଂଲଣ୍ଡ ବିପକ୍ଷ ୫ମ ତଥା ଶେଷ ଟେଷ୍ଟରେ ଭାରତକୁ ରୋମାଞ୍ଚକ ଓ ଐତିହାସିକ ଟେଷ୍ଟ ବିଜୟ ପ୍ରଦାନ କରିଛନ୍ତି। ଭାରତ ପ୍ରଦତ୍ତ ୩୭୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଏଠାରେ ଅନୁଷ୍ଠିତ ୫ମ ଟେଷ୍ଟର ଶେଷ ଦିନରେ ଇଂଲଣ୍ଡ ୩୬୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏହା ଫଳରେ ଭାରତ ମାତ୍ର ୬ ରନ୍‌ରେ ଶେଷ ଟେଷ୍ଟ ଜିତିବା ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୨-୨ ବରାବର ସ୍ଥିତିରେ ରଖିବାରେ ସଫଳ ହୋଇଛି। ଟେଷ୍ଟ କ୍ରିକେଟରେ ରନ୍ ବ୍ୟବଧାନରେ ଏହା ଭାରତର ସବୁଠାରୁ କମ୍ ରନ୍‌ରେ ବାିଜୟ। ଏହି ସିରିଜ୍‌ର ଲିଡ୍ସରେ ଅନୁଷ୍ଠିତ ପ୍ରଥମ ଓ ଲର୍ଡ୍ସରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଏଜ୍‌ବାଷ୍ଟନରେ ଅନୁଷ୍ଠିତ ଦ୍ୱିତୀୟ ଓ ଏଠାରେ ଅନୁଷ୍ଠିତ ୫ମ ଟେଷ୍ଟରେ ଭାରତ ବିଜୟୀ ହୋଇଛି। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟର ଫଳାଫଳ ମିଳି ପାରି ନ ଥିଲା। ଏଠାରେ ଘାତକ ବୋଲିଂ କରି ଭାରତର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଫାଷ୍ଟ ବୋଲର ମହମ୍ମଦ୍ ସିରାଜ (ମ୍ୟାଚ୍‌ରେ ୯ ୱିକେଟ)ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ୫ଟି ଯାକ ଟେଷ୍ଟରେ ଭାରତ ପକ୍ଷରୁ ସର୍ବାଧିକ ୭୫୪ ଓ ଇଂଲଣ୍ଡ ପକ୍ଷରୁ ୪୮୧ ରନ୍ କରିଥିବା ହ୍ୟାରୀ ବ୍ରୁକ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଦୀର୍ଘ ୨୫ ଦିନ ଧରି ଚାଲିଥିବା ବ୍ୟାଟ୍ ବଲର ସଂଘର୍ଷ ମଧ୍ୟରେ ଏହି ପ୍ରତିଯୋଗିତାମୂଳକ ତଥା ରୋମାଞ୍ଚଭରା ଟେଷ୍ଟ ସିରିଜ୍ ସ୍ମରଣୀୟ ଭାବେ ଶେଷ ହୋଇଛି। ଏହା ପରେ ଭାରତ ୟୁଏଇ'ରେ ଖେଳାଯିବାକୁ ଥିବା ଏସିଆ କପ୍ ଟି-୨୦ରେ ଅଂଶଗ୍ରହଣ କରିବ। ଆଲୋଚନା ଫଳପ୍ରସୂ ହେଲେ ଏହା ପୂର୍ବରୁ ଶ୍ରୀଲଙ୍କା ସହ ଏକ ସୀମିତ ଓଭର ସିରିଜ୍ ଚଳିତ ମାସ ଖେଳିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ।

- ଟେଷ୍ଟ ସିରିଜ୍ ୨-୨ରେ ବରାବର
- ସିରାଜ ମ୍ୟାନ୍ ଅଫ୍ ଦି ମ୍ୟାଚ୍
- ଗିଲ, ବ୍ରୁକ୍ ମ୍ୟାନ୍ ଅଫ୍ ଦି ସିରିଜ୍

ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ୫ମ ମ୍ୟାଚ୍‌ର ପିଚ୍ ଘାସ ଥାଇ ଖେଳାଯାଇଥିଲା। ଯାହାଫଳରେ ଆରମ୍ଭରୁ ବୋଲରମାନେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ପ୍ରଥମ ଇନିଂସରେ ଭାରତ ୨୨୪ ଓ ଇଂଲଣ୍ଡ ୨୪୭ ରନ୍ କରିଥିଲା। ଏଠାରେ ତୃତୀୟ ଇନିଂସରେ ସର୍ବାଧିକ ସ୍କୋର ହେଉଥିଲାବେଳେ ଭାରତ ୩୯୬ ରନ୍‌ରେ ଦ୍ୱିତୀୟ ଇନିଂସ ଶେଷ କରିଥିଲା। ଫଳରେ ଏହି ଟେଷ୍ଟର ତୃତୀୟ ଦିନ ଘରୋଇ ଇଂଲଣ୍ଡ ଆଗରେ ଏହି ଟେଷ୍ଟ ମ୍ୟାଚ୍ ଜିତିବାକୁ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ପ୍ରଥମ ଦିନ ୧ ୱିକେଟରେ ୫୦ ରନ୍ କରିଥିଲା। ଦ୍ୱିତୀୟ ଦିନରେ ଦଳ ୧୦୬ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ଭାରତୀୟ ଶିବିରରେ ଉତ୍ସାହ ସୃଷ୍ଟି ହୋଇଥିଲା। କିନ୍ତୁ ଜୋ ରୁଟ ଓ ହ୍ୟାରୀ ବ୍ରୁକ୍‌ଙ୍କ ୪ର୍ଥ ୱିକେଟରେ ଦମ୍‌ଦାର ବ୍ୟାଟିଂ ଇଂଲଣ୍ଡକୁ ବିଜୟର ନିକଟବର୍ତ୍ତୀ କରାଇବା ସହ ଭାରତକୁ ନିରାଶ କରିଥିଲା। ଦ୍ୱିତୀୟ ଇନିଂସରେ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ଖେଳିବାକୁ ଆସି ୬୬ ରନ୍‌ର ଆକର୍ଷଣୀୟ ଇନିଂସ ଖେଳିଥିବା ଆକାଶ ଦୀପ୍ ୧୧୧ ରନ୍ କରିଥିବା ବ୍ରୁକ୍‌ଙ୍କୁ ଟି' ପୂର୍ବରୁ ଆଉଟ କରି ୧୯୫ ରନ୍‌ର ପାର୍ଟନରସିପ୍‌କୁ ଭାଙ୍ଗିଦେଇଥିଲେ। ଏହା ପରେ ରୁଟ୍ (୧୦୫) ଓ ଜ୍ୟାକବ ବେଥେଲ (୫)ଙ୍କୁ ଆଉଟ କରି ଭାରତକୁ ଜିତିବା ଲାଗି ଏକ ସୁଯୋଗ ଦେଇଥିଲେ। ତୃତୀୟ ଦିନ ଆଲୋକ ଅଭାବ ଓ ବର୍ଷା ହେବାରୁ ଖେଳ ବନ୍ଦ ରହିଲା ବେଳକୁ ୬ ୱିକେଟରେ ୩୩୯ ରନ୍ କରିଥିଲା। ଯାହା ଫଳରେ ମ୍ୟାଚ୍‌ର ୫ମ ତଥା ଶେଷ ଦିନରେ ଇଂଲଣ୍ଡକୁ ଜିତିବା ଲାଗି ବାକିଥିବା ୪ ୱିକେଟ ବିନିମୟରେ ୩୭ ରନ୍ ଓ ଭାରତକୁ ଏହା ମଧ୍ୟରେ ୪ଟି ୱିକେଟ ଆବଶ୍ୟକ ଥିଲା।

## ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ**: ୨୨୪/୧୦, ୬୯.୪ ଓଭର (କରୁନ-୫୭, ସୁଦର୍ଶନ- ୩୮, ଆଟକିସନ-୫/୩୩, ଟଙ୍ଗ୍- ୩/୫୭)।

**ଇଂଲଣ୍ଡ ପ୍ରଥମ ଇନିଂସ**: ୨୪୭/୧୦ (କ୍ରଲୀ- ୬୪, ବ୍ରୁକ୍- ୫୩, ସିରାଜ- ୪/୮୬, ପ୍ରସିଦ୍ଧ- ୪/୬୨)।

**ଭାରତ ଦ୍ୱିତୀୟ ଇନିଂସ**: ୩୯୬/୧୦, ୮୮ ଓଭର (ଜୟସ୍ୱାଲ- ୧୧୮, ଆକାଶଦୀପ୍- ୬୬, ଜାଡେଜା- ୫୩, ସୁନ୍ଦର-୫୩, ଟଙ୍ଗ୍- ୫/୧୨୫, ଆଟକିନସନ- ୩/୧୨୭, ଓଭରଟନ-୨/୯୮)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ**: ୩୬୭/୧୦, ଓଭର (ହ୍ୟାରୀ ବ୍ରୁକ୍-୧୧୧, ଜୋ ରୁଟ-୧୦୫, ବେନ୍ ଡକେଟ-୫୪, ମହମ୍ମଦ୍ ସିରାଜ-୫/୧୦୪, ପ୍ରସିଦ୍ଧ କ୍ରିଷ୍ଣା-୪/୧୨୬, ଆକାଶଦୀପ-୧/୮୫)।

## ରୋମାଞ୍ଚଭରା ଶେଷ ଦିନ


ସାହସିକ କ୍ରିସ୍ ଓକ୍ସ

୬ ୱିକେଟରେ ୩୩୯ ରନ୍‌ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ପକ୍ଷରୁ ଜେମି ଓଭରଟନ ଭାରତର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୨ଟି ଚୌକା ମାରି ଭଲ ଆରମ୍ଭ ଦେଇଥିଲେ। କିନ୍ତୁ ୱିକେଟ ରକ୍ଷକ ଜେମି ସ୍ମିଥ୍‌ଙ୍କୁ ୨ ରନ୍‌ରେ ଓ ଏହା ପରେ ଓଭରଟନ୍‌ଙ୍କୁ ୯ ରନ୍‌ରେ ଆଉଟ କରି ସିରାଜ ଭାରତର ବିଜୟ ରାସ୍ତା ପରିଷ୍କାର କରିଦେଇଥିଲେ। କେବଳ ଗସ୍ ଆଟକିସନସନ ଭାରତର ବିଜୟରେ ପ୍ରତିବନ୍ଧକ ରହିଥିଲେ। ସେ ମଧ୍ୟ ଛକା ମାରି ସୁଯୋଗକୁ ହାତଛଡ଼ା କରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏହି ସମୟରେ ଜୋଶ ଟଙ୍ଗ୍‌ଙ୍କୁ ବୋଲ୍ଡ କରି ପ୍ରସିଦ୍ଧ ଆହତ ଖେଳାଳି କ୍ରିସ୍ ଓକ୍ସଙ୍କୁ ବ୍ୟାଟିଂ କରିବାକୁ ବାଧ୍ୟ କରିଥିଲେ। ଆଟକିନସନ ଭଲ ଖେଳୁଥିବାରୁ ତାଙ୍କୁ କିଛି ସମୟ କ୍ରିଜ୍‌ରେ ରହିବାର ଆବଶ୍ୟକତା ଥିଲା। ୮୬ତମ ଓଭରର ପ୍ରଥମ ବଲ୍‌ରେ ସିରାଜ ଘଣ୍ଟାପ୍ରତି ୧୪୩ କିଲୋମିଟର ବେଗରେ ୟର୍କର ପକାଇ ଆଟକିନସନଙ୍କୁ ବୋଲ୍ଡ କରିଦେଇଥିଲେ। ଏହି ଆଉଟ ସହ ସିରାଜ, ଜୁରେଲ ଓ ଭାରତୀୟ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ରୁଟ୍ ଓ ବ୍ରୁକଙ୍କ ଶତକ କିଛି କାମ ଦେଇ ନ ଥିଲା। ଭାରତ ପକ୍ଷରୁ ସିରାଜ ୫ଟି ଓ ପ୍ରସିଦ୍ଧ କ୍ରିଷ୍ଣା ୪ଟି ୱିକେଟ ନେଇଥିଲେ। କିନ୍ତୁ ବ୍ରୁକ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ୱିକେଟ ଆକାଶଦୀପଙ୍କୁ ମିଳିଥିଲା। ପ୍ରଥମ ଇନିଂସରେ ମଧ୍ୟ ସିରାଜ ଓ ପ୍ରସିଦ୍ଧ ୪ଟି ଲେଖାଏଁ ୱିକେଟ ପାଇଥିଲେ। ଏହି ମ୍ୟାଚ୍‌ରେ ଯଶପ୍ରୀତ୍ ବୁମ୍‌ରା ଖେଳି ନ ଥିଲାବେଳେ ଭାରତୀୟ ଏକାଦଶରେ ସାମିଲ ଥିବା ଦୁଇ ସ୍ପିନ୍‌ର ଜାଡେଜା ଓ ସୁନ୍ଦର ଏହି ଇନିଂସରେ ୮ ଓଭର ଓ ମ୍ୟାଚ୍‌ରେ ୧୦ ଓଭର ବୋଲିଂ କରିବାର ସୁଯୋଗ ପାଇଥିଲେ।

## ଶୀର୍ଷରେ ଗିଲ୍ ଓ ସିରାଜ






ଲଣ୍ଡନ,୪।୮ (ଏଜେନ୍ସି): ଏଠାରେ ଆଜି ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତର ଦୁଇ ଖେଳାଳି ଶୁବମନ ଗିଲ୍ ବ୍ୟାଟିଂରେ ଓ ଫାଷ୍ଟ ବୋଲର ମହମ୍ମଦ୍ ସିରାଜ ବୋଲିଂରେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ଉଭୟ ଖେଳାଳି ସିରିଜ୍‌ରେ ସମସ୍ତ ୫ଟି ଯାକ ଟେଷ୍ଟ ଖେଳିଥିଲେ। ଗିଲ୍ ୫ଟି ଟେଷ୍ଟର ୧୦ଟି ଇନିଂସରେ ସର୍ବାଠଧକ ୭୫୪ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ସେ ୪ଟି ଶତକ ହାସଲ କରିଛନ୍ତି। ଇନିଂସ ପ୍ରତି ୭୫.୪୦ ହାରରେ ସେ ଏହି ରନ୍ ସଂଗ୍ରହ କରିଥିଲାବେଳେ ୨୬୯ ରନ୍ ସର୍ବାଧିକ ହୋଇ ରହିଛି। ତାଙ୍କ ପଛକରୁ ଇଂଲଣ୍ଡର ତାରକା ବ୍ୟାଟର ଜୋ ରୁଟ୍ ୫ଟି ଟେଷ୍ଟର ୯ଟି ଇନିଂସରେ ୫୩୭ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ସେ ୩ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ସାମିଲ ରହିଛି। ଭାରତର ଆଉ ୨ଜଣ ଖେଳାଳି ଲୋକେଶ ରାହୁଲ ୫୩୨ ଓ ରବୀନ୍ଦ୍ର ଜାଡେଜା ୫୧୬ ରନ୍ ସଂଗ୍ରହ କରିଥିଲେ। ହ୍ୟାରୀ ବ୍ରୁକ୍ ୪୮୧ ରନ୍ ୫ମ ସ୍ଥାନରେ ରହିଛନ୍ତି।

ବୋଲିଂରେ ମଧ୍ୟ ଜଣେ ଭାରତୀୟ ଖେଳାଳି ମହମ୍ମଦ୍ ସିରାଜ ସର୍ବାଧିକ ୨୩ଟି ୱିକେଟ ନେଇଛନ୍ତି। ଏଥିଲାଗି ସେ ସିରିଜ୍‌ରେ ସର୍ବାଧିକ ୧୧୧୩ଟି ବଲ ପକାଇ ରେକର୍ଡ କରିଛନ୍ତି। ସେ ଗୋଟିଏ ଇନିଂସରେ ୨ଥର ୫ ୱିକେଟ ନେଇଛନ୍ତି। କିନ୍ତୁ ୫ମ ଟେଷ୍ଟରେ ସେ ୯ଟି ୱିକେଟ ନେଇଥିଲେ ମଧ୍ୟ ଦ୍ୱିତୀୟ ଇନିଂସରେ ୫ଟି ୱିକେଟ ନେଇ ଭାରତର ଅନ୍ୟତମ ଶ୍ରେଷ୍ଠ ବିଜୟରେ ଶ୍ରେଷ୍ଠ ଖେଳାଳି ହୋଇଛନ୍ତି। ତାଙ୍କ ପଛକୁ ଇଂଲଣ୍ଡର ୨ଜଣ ବୋଲର ଜୋଶ ଟଙ୍ଗ ୩ଟି ମ୍ୟାଚ୍‌ରୁ ୧୯ଟି ଓ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ୧୭ଟି ୱିକେଟ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତର ଅନ୍ୟ ଦୁଇ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମରା ଓ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଲେଖାଏଁ ଟେଷ୍ଟ ଖେଳି ୧୪ଟି ଲେଖାଏଁ ୱିକେଟ ନେଇଛନ୍ତି।

## ସର୍ବନିମ୍ନ ବ୍ୟବଧାନରେ ଭାରତର ଟେଷ୍ଟ ବିଜୟ

ଓଭାଲ,୪।୮ (ଏଜେନ୍ସି): ଏଠାରେ ସୋମବାର ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ୫ମ ମ୍ୟାଚ୍‌ରେ ଭାରତ ୬ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି। ଟେଷ୍ଟ କ୍ରିକେଟ ଇତିହାସରେ ଏହା ଭାରତର ସର୍ବନିମ୍ନ ରନ୍ ବ୍ୟବଧାନ ବା ସବୁଠାରୁ କମ୍ ରନ୍ ବ୍ୟବଧାନରେ ବିଜୟୀ ହୋଇ ରେକର୍ଡ କରିଛି। ଏହା ପୂର୍ବରୁ ଦଳ ୨୦୦୪ ୱାଙ୍ଖେଡେ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୧୩ ରନ୍‌ରେ ହରାଇ ସର୍ବନିମ୍ନ ରନ୍ ବ୍ୟବଧାନରେ ମ୍ୟାଚ୍ ଜିତିବାର ରେକର୍ଡ କରିଥିଲେ। ଏହା ବ୍ୟତୀତ ୧୯୭୨ କୋଲକାତା ଟେଷ୍ଟରେ ଇଂଲଣ୍ଡକୁ ୨୮ ଓ ୨୦୧୮ ଆଡିଲେଡ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୩୧ ରନ୍‌ରେ ପରାସ୍ତ କରି କମ୍ ରନ୍ ବ୍ୟବଧାନରେ ବିଜୟୀ ହୋଇଥିଲା।
ତୃତୀୟ ସର୍ବନିମ୍ନ ପରାଜୟ: ଭାରତ ରେକର୍ଡ ବିଜୟ ହାସଲ କରିଥିଲେ ମଧ୍ୟ ଟେଷ୍ଟ କ୍ରିକେଟରେ ଇଂଲଣ୍ଡର ଏହା ତୃତୀୟ ସର୍ବନିମ୍ନ ରନ୍ ବ୍ୟବଧାନରେ ବିଜୟ। ପୂର୍ବରୁ ଦଳ ୨୦୨୩ ୱେଲିଂଟନ ଟେଷ୍ଟରେ ନ୍ୟୁଜିଲାଣ୍ଡଠାରୁ ୧ ରନ୍, ୧୯୦୨ ମାଞ୍ଚେଷ୍ଟର ଟେଷ୍ଟରେ ଅଷ୍ଟ୍ରେଲିଆଠାରୁ ୩ ରନ୍ ବ୍ୟବଧାନରେ ପରାଜିତ ହୋଇଥିଲା। ଭାରତଠାରୁ ୬ ରନ୍‌ରେ ହାରିବା ମଧ୍ୟ ଦ୍ୱିତୀୟଥର। ପୂର୍ବରୁ ୧୮୮୫ ସିଡନୀ ଟେଷ୍ଟରେ ଅଷ୍ଟ୍ରେଲିଆ ନିକଟରୁ ଇଂଲଣ୍ଡ ୬ ରନ୍‌ରେ ହାରିଥିଲା।



**ସିରିଜ୍‌ରେ ରେକର୍ଡ** : ଭାରତ ଓ ଇଂଲଣ୍ଡ ଟେଷ୍ଟ ସିରିଜ୍ ରୋମାଞ୍ଚକ ହୋଇଥିଲା। ଟେଷ୍ଟ କ୍ରିକେଟ ଲାଗି ଏହା ଏକ ଉପଯୁକ୍ତ ଉଦାହରଣ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଲା ସିରିଜ୍‌ର ସମସ୍ତ ୫ଟି ଯାକ ଟେଷ୍ଟ ୫ ଦିନ ଯାଏ ଖେଳାଯାଇଛି। ୨୦୧୮ ଇଂଲଣ୍ଡ-ଅଷ୍ଟ୍ରେଲିଆ ଆସେସ ସିରିଜ୍‌ରେ ଏହା ଶେଷଥର ହୋଇଥିଲା। ଏହି ସିରିଜ୍‌ରେ ଉଭୟ ଦଳର ବ୍ୟାଟିଂ ଦମ୍‌ଦାର ହୋଇଥିଲା ବେଳେ ମୋଟରେ ୭,୧୮୭ ରନ୍ ସଂଗୃହୀତ ହୋଇଛି। ଗୋଟିଏ ସିରିଜ୍‌ରେ ସର୍ବାଧିକ ରନ୍ ସଂଗ୍ରହରେ ଏହା ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଏହି ସିରିଜ୍‌ରେ ମୋଟ ୧୪ଥର ଗୋଟିଏ ଇନିଂସରେ ୩୦୦ କିମ୍ବା ତା'ଠାରୁ ଅଧିକ ରନ୍ ହୋଇଛି। ଗୋଟିଏ ସିରିଜ୍‌ରେ ଏହା ଯୁଗ୍ମ ସର୍ବାଧିକ। ଏହି ସିରିଜ୍‌ରେ ସର୍ବାଧିକ ୯ ଜଣ ବ୍ୟାଟର ୪୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ଗୋଟିଏ ସିରିଜ୍‌ରେ ଏହା ସର୍ବାଧିକ। ଏହି ସିରିଜ୍‌ରେ ମୋଟ ୫୦ଥର ଖେଳାଳିମାନେ ୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିବାରେ ଯୁଗ୍ମ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ସିରିଜ୍‌ରେ ୨୧ଟି ବ୍ୟକ୍ତିଗତ ଶତକ ଓ ୧୯ଟି ସେଞ୍ଚୁରୀ ପାର୍ଟନରସିପ୍ ହୋଇଛି। ଗୋଟିଏ ସିରିଜ୍‌ରେ ଏହା ଯୁଗ୍ମ ପ୍ରଥମ ସ୍ଥାନରେ ରହିଛି।

## ଶୁଭଙ୍କର ହେଲା ଗାଭାସ୍କରଙ୍କ ଧଳା ଜ୍ୟାକେଟ



ଲଣ୍ଡନ,୪।୮ (ଏଜେନ୍ସି): ଭାରତ ଯେଉଁଠାରେ କ୍ରିକେଟ ଖେଳିଲେ ମଧ୍ୟ କିଂମ୍ବଦନ୍ତୀ ଖେଳାଳି ସୁନୀଲ ଗାଭାସ୍କର ଖେଳ ଦେଖିବାକୁ ଯାଇଥାନ୍ତି। ଇଂଲଣ୍ଡରେ ସେ ଜଣେ ଟେଲିଭିଜନ ଭାଷ୍ୟକାର ଭାବେ ଉପସ୍ଥିତ ଥିଲେ। ଏହି ସମୟରେ ସେ ନିଜ ରେକର୍ଡ (ସିରିଜ୍‌ରେ ସର୍ବାଧିକ ରନ୍) ଭାଙ୍ଗିବାକୁ ଭାରତର ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଆଗୁଆ ଶୁଭେଚ୍ଛା ଜଣାଇଥିଲେ। ଜଣେ ଖେଳାଳିମାନେ ସିରିଜ୍‌ରେ ଗାଭାସ୍କରଙ୍କ ନାମରେ ଥିବା ସର୍ବାଧିକ ରନର ରେକର୍ଡ ଗିଲ ଭାଙ୍ଗିପାରି ନ ଥିଲେ। କିନ୍ତୁ ସେ ଦେଇଥିବା ପ୍ରତିଶ୍ରୁତି ଭାରତ ଲାଗି ଶୁଭଙ୍କର ସାବ୍ୟସ୍ତ ହୋଇଥିଲା। ପ୍ରସାରଣ ବେଳେ ସେ କହିଥିଲେ ମୋର (ଗାଭାସ୍କରଙ୍କ) ଲକି ଧଳା ଜ୍ୟାକେଟ ଭାରତରୁ ମଗାଇଛି। ଏହି ଜ୍ୟାକେଟ ପିନ୍ଧି ଏଠାରେ ଉପସ୍ଥିତ ରହିଲେ ଭାରତ ନିଶ୍ଚିତ ମ୍ୟାଚ୍ ଜିତିବ ବୋଲି ଗାଭାସ୍କର କହିଥିଲେ। ସୌଭାଗ୍ୟବଶତଃ ଗାଭାସ୍କର ମ୍ୟାଚ୍ ବେଳେ ତାଙ୍କ ଲକି ଜ୍ୟାକେଟ ପିନ୍ଧି ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଦିନ ଭାରତ ମଧ୍ୟ ମ୍ୟାଚ୍ ଜିତିଥିଲା। ଗାଭାସ୍କରଙ୍କ ଧଳା ଜ୍ୟାକେଟ ଭାରତ ଲାଗି ଶୁଭଙ୍କର ସାବ୍ୟସ୍ତ ହୋଇଛି ବୋଲି ଏହି ମ୍ୟାଚ୍ ବିଜୟରୁ ଜଣାଯାଇଛି।

ଭାରତୀୟ ହକି ଦଳର ଅଷ୍ଟ୍ରେଲିଆ ଗସ୍ତ

## ଓଡ଼ିଶାରୁ ଅମିତ, ସଞ୍ଜୀପ ଓ ଶିଳାନନ୍ଦ

ନୂଆଦିଲ୍ଲୀ,୪।୮ (ଏଜେନ୍ସି)



ଏସିଆ କପ୍ ପୂର୍ବରୁ ଲଢ଼େଇ ଲାଗି ପ୍ରସ୍ତୁତ ହେବା ସକାଶେ ଏକ ୨୪ ଜଣିଆ ଭାରତୀୟ ହକି ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ଡିଫେଣ୍ଡର ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ ଓ ଫରୱାର୍ଡ ଖେଳାଳି ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ଅଗଷ୍ଟ ୧୫ରୁ ୨୧ ଯାଏ ଅଷ୍ଟ୍ରେଲିଆର ପର୍ଥରେ ଭାରତୀୟ ହକି ଦଳ ୪ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଏହି ଟୁର୍‌ରେ ନିଜର ଦକ୍ଷତା ଓ ଦୁର୍ବଳତା ପରୀକ୍ଷା କରିବା ପରେ ତାହାକୁ ସଜାଡି ନେଇ ଭାରତ ବିହାରର ରାଜଗିରିଠାରେ ଅଗଷ୍ଟ ୨୯ରୁ ଖେଳାଯିବାକୁ ଥିବା ଏସିଆ କପ୍ ଲାଗି ଏ ସବୁ ପ୍ରସ୍ତୁତି ବୋଲି ହେଡ୍ କୋଚ୍ କ୍ରେଗ୍ ଫୁଲଟନ କହିଛନ୍ତି। ଏସିଆ କପ୍ ଚାମ୍ପିଅନ ହେବା ଦଳ ସିଧାସଳଖ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ଟିକଟ ପାଇବ। ଅଗଷ୍ଟ ୮ରେ ଭାରତୀୟ ଦଳ ପର୍ଥ ଅଭିମୁଖେ ଯାତ୍ରା କରିବ।

## ଆଇଏସ୍‌ଏଲ ସିଇଓ-ଏଆଇଏଫ୍‌ଏଫ୍ ବୈଠକ ୭ରେ

ନୂଆଦିଲ୍ଲୀ,୪।୮ (ଏଜେନ୍ସି): ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲର ଆୟୋଜନ ଯେପରି ଜାରି ରୁହେ ସେଥିଲାଗି ଅଗଷ୍ଟ ୭ରେ ଏଥିରେ ସାମିଲ ଥିବା ଫ୍ରାଞ୍ଚାଇଜ୍‌ଗୁଡ଼ିକର ସିଇଓ ଏବଂ ସର୍ବଭାରତୀୟ ଫୁଟବଲ ମହାସଂଘ ମଧ୍ୟରେ ବୈଠକ ଆସନ୍ତା ୭ରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ କିପରି ଆୟୋଜିତ ହେବ ସେଥିଲାଗି ଉଭୟ ପକ୍ଷ ଆଲୋଚନା କରିବେ। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ଫୁଟବଲ ସ୍ପୋର୍ଟ୍ସ ଡେଭଲେପମେଣ୍ଟ ଲିଃ ପକ୍ଷରୁ ୨୦୨୫-୨୬ ଆଇଏସ୍‌ଏଲ ସ୍ଥଗିତ ରହିଲା ବୋଲି କହିଥିଲା। କିନ୍ତୁ ଏହାକୁ ଆୟୋଜନ କରିବାକୁ ଏଆଇଏଫ୍‌ଏଫ୍ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବ ବୋଲି ଘୋଷଣା କରିଥିଲା। ଏହା ସତ୍ତ୍ୱେ ଆଇଏସ୍‌ଏଲ୍‌ର ଆୟୋଜନ ନେଇ ଅନିଶ୍ଚିତତା ରହିବାରୁ ପ୍ରଥମ ଫ୍ରାଞ୍ଚାଇଜ୍ ଭାବେ ଓଡ଼ିଶା ଏଫ୍‌ସି ଖେଳାଳି ଓ କର୍ମକର୍ତ୍ତାଙ୍କ ସହ କରିଥିବା ଚୁକ୍ତିକୁ ବାତିଲ କରିଦେଇଛି।

## ଏସୀୟ ଜୁନିଅର କାଂସ୍ୟ ବିଜେତା ଶ୍ୱେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା



ଭୁବନେଶ୍ୱର,୪।୮ (ସମିସ): ଏସୀୟ ଜୁନିଅର ୪୮ କିଲୋଗ୍ରାମ୍ ଶ୍ରେଣୀରେ କାଂସ୍ୟ ପଦକ ବିଜେତା ଶ୍ୱେତାରାଣୀ ମହାନ୍ତଙ୍କୁ କେନ୍ଦୁଝରଠାରେ ଅନୁଷ୍ଠିତ ସାହାଣୀ କପ୍ ଫୁଟବଲ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି। ଜିନ୍ଦଲର ସ୍ପୋର୍ଟ୍ସ ହଷ୍ଟେଲରେ ଶ୍ୱେତା ପ୍ରଶିକ୍ଷଣ ନେଉଛନ୍ତି। ଏହି ସମ୍ବର୍ଦ୍ଧନା ପାଇବା ପରେ ଆନନ୍ଦିତ ଶ୍ୱେତା ଜିନ୍ଦଲ ଫାଉଣ୍ଡେସନ ଓ ଏହାର ଅଧ୍ୟକ୍ଷ ଶାଲୁ ଜିନ୍ଦଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗ୍ରାମୀଣ କ୍ରୀଡ଼ା ପ୍ରତିଭାକୁ ଲୋକଲୋଚନକୁ ଆଣି ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା କରାଇବା ଆମର ଲକ୍ଷ୍ୟ ବୋଲି ଶ୍ରୀମତୀ ଜିନ୍ଦଲ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS